- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-252 ♦BHUBANESWAR ♦THURSDAY ♦7 MARCH 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୫୨ ♦ଭୁବନେଶ୍ୱର ♦ଗୁରୁବାର ♦୭ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦





▶▶ 'ବିଏସ୍‌କେୱାଇ ନବୀନ କାର୍ଡ'ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ମୋ' ପହିଲାରୁ ଚିକିତ୍ସା ସୁବିଧା





■ **ଭୁବନେଶ୍ୱର, ୬।୩ (ସମିସ):** ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ନବୀନ କାର୍ଡର ସୁବିଧା ମେ ପହିଲାରୁ ହିତାଧିକାରୀମାନେ ପାଇବେ। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟରେ ବୁଧବାର ଏହି କାର୍ଡର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାଢେ ୪ କୋଟି ଓଡ଼ିଶାବାସୀ ହେଉଛନ୍ତି ମୋ ପରିବାର। ସେମାନଙ୍କ ସୁଖ ଦୁଃଖରେ ମୁଁ ସବୁବେଳେ ରହିଛି ଓ ରହିଥିବି। ସେମାନଙ୍କ ଖୁସି ହିଁ ମୋ ଖୁସି। ରାଜ୍ୟ ସରକାରଙ୍କ '୫-ଟି' ଉପକ୍ରମରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି।

ସୁସ୍ଥ ସମାଜ ଏକ ସମୃଦ୍ଧ ରାଷ୍ଟ୍ରର ଆଧାର ଏବଂ ସ୍ୱାସ୍ଥ୍ୟ ସହିତ ଏହାର ଗଭୀର ସଂପର୍କ ରହିଛି। ରାଜ୍ୟବାସୀଙ୍କୁ ଉତ୍ତମ ଓ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସରକାରଙ୍କ ପ୍ରାଥମିକତା ପାଲଟିଛି। ଏହି ଯୋଜନାରେ ନିୟମିତ ସରକାରୀ କର୍ମଚାରୀ ଓ ଆୟକର ଦେଉଥିବା ଲୋକଙ୍କୁ ଛାଡ଼ି ଗାଁର ସବୁ ଲୋକ ସୁବିଧା ପାଇ ପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। '୫-ଟି' ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଲେ ଯେ ରାଜ୍ୟର ପ୍ରତ୍ୟେକ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ସୁରକ୍ଷା ଯୋଗାଇଦେବା ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ। ପରବର୍ତ୍ତୀ ପର୍ଯ୍ୟାୟରେ ସହରାଞ୍ଚଳର ପ୍ରାୟ ସମସ୍ତଙ୍କୁ ଏହି ବିଏସ୍‌କେୱାଇ ନବୀନ କାର୍ଡରେ ସାମିଲ କରାଯିବ। ଏହି ଯୋଜନାକୁ ରେକର୍ଡ ସମୟ ମଧ୍ୟରେ କାର୍ଯ୍ୟକାରୀ କରିଥିବାରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ସୂଚନା ପ୍ରଯୁକ୍ତି ବିଭାଗ ଶ୍ରୀ ପାଣ୍ଡିଆନ ଧନ୍ୟବାଦ ଜଣାଇଥିଲେ।

ସୂଚନାଯୋଗ୍ୟ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟର ୧ କୋଟିରୁ ଅଧିକ ପରିବାର (ଯାହାକି ରାଜ୍ୟ ଜନସଂଖ୍ୟାର ୮୦ ଭାଗ) ବିନା ଦେୟରେ ଚିକିତ୍ସା ସୁବିଧା ପାଉଛନ୍ତି। ରାଜ୍ୟ ସରକାର ମହିଳାମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା କରିଥିବାବେଳେ ପରିବାରର ଅନ୍ୟ ସଦସ୍ୟଙ୍କ ପାଇଁ ୫ ଲକ୍ଷ ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପ୍ରଦାନ କରାଯାଉଛି। ▶ପୃଷ୍ଠା-୧୩

**୮୧୬ ପଞ୍ଜିକୃତ ବେସରକାରୀ ହସ୍‌ପିଟାଲରେ ମାସକୁ ୧.୩ ଲକ୍ଷ ହିତାଧିକାରୀ ଉପକୃତ**

**ନିୟମିତ ସରକାରୀ କର୍ମଚାରୀ ଓ ଆୟକରଦାତାଙ୍କୁ ଛାଡ଼ି ଗାଁର ସବୁଲୋକ ପାଇବେ ସୁବିଧା**

**ସରକାର ନିଜ ପାଣ୍ଠିରୁ ମାସକୁ ବିଏସ୍‌କେୱାଇ ବାବଦରେ ଖର୍ଚ୍ଚ କରୁଛନ୍ତି ୨୭୦ କୋଟି**

**ମା'ମାନଙ୍କ ପାଇଁ ୧୦ ଲକ୍ଷ, ପରିବାରର ଅନ୍ୟ ସଦସ୍ୟଙ୍କ ପାଇଁ ୫ ଲକ୍ଷ ଟଙ୍କା ସହାୟତା**

**ରାଜ୍ୟରେ 'ନବୀନ' ଇତିହାସ**

# ଲୋକ କଲ୍ୟାଣ ଲାଗି ତ୍ୱରିତ ନିଷ୍ପତ୍ତି

## ଗୋଟିଏ ଦିନରେ ମୁଖ୍ୟମନ୍ତ୍ରୀ ସମାଧାନ କଲେ ସାଧାରଣ ଲୋକଙ୍କ ସମସ୍ୟା

- ଅନୁଗୋଳ ଜିଲ୍ଲାର ୨୮୩ଟି ପ୍ରକଳ୍ପ ପାଇଁ ୧୦.୪୭ କୋଟି ଟଙ୍କା ମଞ୍ଜୁର
- ସମ୍ବଲପୁର ଜିଲ୍ଲା ପାଇଁ ୪୦୮ଟି ପ୍ରକଳ୍ପ ବାବଦରେ ୧୨.୫୯ କୋଟି ଟଙ୍କା
- ଆବେଦନକାରୀଙ୍କ ମୋବାଇଲକୁ ପଠାଗଲା ମଞ୍ଜୁରୀ ସମ୍ପର୍କିତ ଆଦେଶନାମା
- ଉଭୟ ଜିଲ୍ଲାର ଲୋକଙ୍କ ସହ ଆଭାସୀ ଯୋଗେ କଥାହେଲେ '୫-ଟି' ଅଧ୍ୟକ୍ଷ
- ଗତ ୬ ମାସରେ ଉଭୟ ଜିଲ୍ଲା ପାଇଁ ମୁଖ୍ୟମନ୍ତ୍ରୀ ଦେଇଛନ୍ତି ୮୮୬ କୋଟି
- 'ମମତା' ହିତାଧିକାରୀଙ୍କ ସହାୟତା ରାଶି ୫ ହଜାରରୁ ୧୦ ହଜାରକୁ ବୃଦ୍ଧି





■ **ଭୁବନେଶ୍ୱର, ୬।୩ (ସମିସ):** ଓଡ଼ିଶା ଇତିହାସରେ ବିକାଶ ଓ ସାଧାରଣ ଲୋକଙ୍କ ସମସ୍ୟା କ୍ଷେତ୍ରରେ ନୂଆ ଇତିହାସ ସୃଷ୍ଟି କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସାଧାରଣ ଲୋକଙ୍କ ଆପତ୍ତି ଅଭିଯୋଗ ଓ ଦାବିକୁ ଗୋଟିଏ ଦିନରେ ସମାଧାନ କରିବା ସହ ଏଥିପାଇଁ ଆବଶ୍ୟକୀୟ ଅର୍ଥ ମଞ୍ଜୁର କରିଛନ୍ତି । ଅନୁଗୋଳ ଜିଲ୍ଲାର ୨୮୩ଟି ପ୍ରକଳ୍ପ ପାଇଁ ୧୦.୪୭ କୋଟି ଟଙ୍କା ଓ ସମ୍ବଲପୁର ଜିଲ୍ଲାର ୪୦୮ଟି ପ୍ରକଳ୍ପ ନିମନ୍ତେ ୧୨.୫୯ କୋଟି ଟଙ୍କା ଅନୁଦାନ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଛନ୍ତି। କେବଳ ଏତିକି ନୁହେଁ, ଆବେଦନକାରୀଙ୍କ ମୋବାଇଲ୍‌କୁ ପ୍ରକଳ୍ପଗୁଡ଼ିକର ମଞ୍ଜୁରୀ ସଂକ୍ରାନ୍ତ ଆଦେଶନାମା ମଧ୍ୟ ପ୍ରଦାନ କରାଯାଇଛି। ▶ପୃଷ୍ଠା-୧୩

# ଦେଶର ପ୍ରଥମ ପାଣିତଳ 'ମେଟ୍ରୋ' ଉଦ୍‌ଘାଟିତ

■ **କୋଲକାତା, ୬।୩ (ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର କୋଲକାତାରେ ଦେଶର ପ୍ରଥଣ ଅଣ୍ଡରୱାଟର (ପାଣି ତଳେ ଚାଲୁଥିବା) ମେଟ୍ରୋର ଉଦ୍‌ଘାଟନ କରିଛନ୍ତି। ଏହି ମେଟ୍ରୋ ଭୂପୃଷ୍ଠରୁ ୩୩ ମିଟର ତଳେ ରହିଛି। ହୁଗଳୀ ନଦୀ ପୃଷ୍ଠରୁ ୧୩ ମିଟର ତଳେ ଏହି ରେଳଧାରଣା ନିର୍ମାଣ କରାଯାଇଛି। ୧୯୮୪ରେ ଦେଶର ପ୍ରଥମ ମେଟ୍ରୋ ଟ୍ରେନ୍ କୋଲକାତାରେ ଆରମ୍ଭ ହୋଇଥିଲା। ଏହା ଉତ୍ତର କୋଲକାତା-ଦକ୍ଷିଣ କରିଡ଼ର (ବ୍ଲୁ ଲାଇନ) ମଧ୍ୟରେ ଦୌଡ଼ି ଥିଲା। ▶ପୃଷ୍ଠା-୧୩



**ଭାରତ ବିଶ୍ୱର ତୃତୀୟ ରାଷ୍ଟ୍ର**
- ପାଣିର ୧୩ ମିଟର ତଳେ ଚାଲିବ ମେଟ୍ରୋ
- ୪୫ ସେକେଣ୍ଡରେ ସମ୍ପୂର୍ଣ୍ଣ ହେବ ୫୨୦ ମିଟରର ଯାତ୍ରା
- କମ୍ପାନୀ କର୍ମଚାରୀଙ୍କ ଝିଅଙ୍କ ନାମରେ ରଖାଯାଇଛି ବେରିଂ ମେସିନ




## ପୃଥକ ଦୁର୍ଘଟଣାରେ ନବଦମ୍ପତିଙ୍କ ସମେତ ୧୦ ଜଣଙ୍କ ମୃତ୍ୟୁ

ଚଣ୍ଡିଗଡ଼, ୬।୩ (ଏଜେନ୍ସି): ପୃଥକ ପୃଥକ ସଡ଼କ ଦୁର୍ଘଟଣାରେ ବୁଧବାର ନବ ଦମ୍ପତିଙ୍କ ସମେତ ୧୦ ଜଣଙ୍କ ମୃତ୍ୟୁ ହୋଇଛି । ଆନ୍ଧ୍ରପ୍ରଦେଶ ନନ୍ଦ୍ୟାଲାର ନଲଗଟଲା ଗ୍ରାମ ନିକଟରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ କାର୍ ପଛପଟୁ ଧକ୍କା ଦେଇଛି । ଏଥିରେ ନବ ଦମ୍ପତିଙ୍କ ସହିତ ଗୋଟିଏ ପରିବାର ୫ ଜଣଙ୍କ ମୃତ୍ୟୁ ହୋଇଥିଲା । ଏହି ପରିବାର ତିରୁପତିରୁ ଦର୍ଶନ ସାରି ଫେରୁଥିଲା ବୋଲି ପୁଲିସ ପକ୍ଷରୁ କୁହାଯାଇଛି । ଅନ୍ୟପଟେ ହରିୟାଣା ରେୱାଡ଼ିର ସିହା ଗ୍ରାମ ନିକଟରେ ଏକ ସରକାରୀ ବସ୍ ଏବଂ କାର୍ ମଧ୍ୟରେ ଧକ୍କା ହୋଇଛି । ଏଥିରେ କାର୍‌ରେ ଯାଉଥିବା ୫ ଜଣ ବରଯାତ୍ରୀଙ୍କ ମୃତ୍ୟୁ ହୋଇଛି ।

## ରାଷ୍ଟ୍ରପତି ନିର୍ବାଚନରୁ ଓହରିବେ ନିକି ହେଲି



ୱାଶିଂଟନ, ୬।୩ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ପ୍ରାର୍ଥୀ ହେବା ପାଇଁ ରିପବ୍ଲିକାନ ଏବଂ ଡେମୋକ୍ରାଟିକ ପାର୍ଟିରେ ନିର୍ବାଚନ ଚାଲିଛି । ଭାରତୀୟ ସମୟାନୁଯାୟୀ ବୁଧବାର ୧୫ ରାଜ୍ୟରେ ମତଦାନ ହୋଇଛି । ଏଥିରୁ ଡେମୋକ୍ରାଟିକ ଦଳ ପକ୍ଷରୁ ରାଷ୍ଟ୍ରପତି ଜୋ ବାଇଡେନ ସବୁ ଆସନରୁ ବିଜୟୀ ହୋଇଛନ୍ତି । ତେବେ ରିପବ୍ଲିକାନ ପାର୍ଟି ପକ୍ଷରୁ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୧୪ ଆସନରେ ଜିତିଛନ୍ତି । ସେ ଭାରତୀୟ ବଂଶୋଦ୍ଭବ ପ୍ରାର୍ଥୀ ନିକି ହେଲିଙ୍କୁ ପରାସ୍ତ କରିଛନ୍ତି । ହେଲି ମାତ୍ର ଗୋଟିଏ ଆସନରେ ଜିତି ପାରିଥିଲେ । ଏହି ପରାଜୟ ପରେ ନିକି ନିର୍ବାଚନରୁ ନାମ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛନ୍ତି । ଦ୍ୱିତୀୟ ଭାରତୀୟ ବଂଶୋଦ୍ଭବ ଭାବେ ସେ ରାଷ୍ଟ୍ରପତି ନିର୍ବାଚନ ଦୌଡ଼ରୁ ବାହାରି ଯାଇଛନ୍ତି ।

## ଚାଷୀଙ୍କୁ ରୋକିବାକୁ କଡ଼ା ସୁରକ୍ଷାବଳୟ

ନୂଆଦିଲ୍ଲୀ, ୬।୩(ଏଜେନ୍ସି): ମାର୍ଚ୍ଚ ୬ ତାରିଖରେ ଦିଲ୍ଲୀରେ ବିକ୍ଷୋଭ ପାଇଁ ଦେଶର ବିଭିନ୍ନ ସ୍ଥାନରୁ ଚାଷୀ ଏକାଠି ହେବା ପାଇଁ ବିଭିନ୍ନ ଚାଷୀ ସଂଗଠନ ପକ୍ଷରୁ ଡକରା ଦିଆଯାଇଥିଲା । ସେହି କ୍ରମରେ ରାଜସ୍ଥାନ, ପଞ୍ଜାବ, ହରିୟାଣା ଏବଂ ଉତ୍ତରପ୍ରଦେଶରୁ ବହୁ ସଂଖ୍ୟାରେ ଚାଷୀ ବସ୍ ଏବଂ ଟ୍ରେନ ଯୋଗେ ଦିଲ୍ଲୀ ଅଭିମୁଖେ ବାହାରିଛନ୍ତି । କିନ୍ତୁ ଚାଷୀଙ୍କୁ ଦିଲ୍ଲୀ ସହର ମଧ୍ୟକୁ ପ୍ରବେଶ ନ କରାଇ ଦେବା ଲକ୍ଷ୍ୟରେ ସିଂଘୁ, ଗାଜିପୁର ଏବଂ ଟିକିରି ସୀମାରେ ବ୍ୟାପକ ସୁରକ୍ଷାବଳ ମୁତୟନ କରାଯାଇଛି । ଚାଷୀମାନେ ଯନ୍ତରମନ୍ତର ଠାରେ ବିକ୍ଷୋଭ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ଦିଲ୍ଲୀ ପୁଲିସ ଏଥିପାଇଁ ସେମାନଙ୍କୁ ଅନୁମତି ଦେଇ ନାହିଁ । ଗତ ଫେବୃଆରୀ ୨୬ ତାରିଖରେ ଦିଲ୍ଲୀ ପୁଲିସ ପକ୍ଷରୁ ଯେଉଁ ମାର୍ଗଦର୍ଶିକା ଜାରି କରାଯାଇଥିଲା ତାହାକୁ ପୁଲିସ ଏବେ ମଧ୍ୟ କାଏମ ରଖିଥିବା କହିଛି ।

## ବିଜେପି ନେତାଙ୍କୁ ମାଓବାଦୀଙ୍କ ହତ୍ୟା

ବିଜାପୁର, ୬।୩ (ଏଜେନ୍ସି): ଛତିଶଗଡ଼ ବିଜାପୁରରେ ମାଓବାଦୀ ବୁଧବାର ପୁଣି ଜଣେ ବିଜେପି ନେତାଙ୍କୁ ହତ୍ୟା କରିଛନ୍ତି । ଜାଙ୍ଗଲା ଥାନା ଅନ୍ତର୍ଗତ କୋଟାମେଦରେ ଏହି ଜଘନ୍ୟ କାଣ୍ଡ ଘଟିଛି । ପୁଲିସ ସୂଚନା ଅନୁଯାୟୀ ଥାନାରୁ ପ୍ରାୟ ୧୨ କିମି ଦୂର ଭୁରିପାଣିରେ ବନ ବିଭାଗ ପକ୍ଷରୁ ଏକ ପୋଖରୀ ନିର୍ମାଣ କରାଯାଉଥିଲା । ସନ୍ଧ୍ୟା ପ୍ରାୟ ୪ଟା୩୦ରୁ ୫ଟା ମଧ୍ୟରେ ସେଠାରେ କିଛି ଲୋକ ପହଞ୍ଚି ଥିଲେ । ପରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଜେସିବିକୁ ଜାଳି ଦେଇଥିଲେ । ଏହାର ମାଲିକ ତଥା ବିଜେପି ବେପାରି ପ୍ରକୋଷ୍ଠର ମଣ୍ଡଳ ଉପାଧ୍ୟକ୍ଷ କୈଳାଶ ନାଗ (୪୦) କୁ ଅପହରଣ କରି ନେଇ ପରେ ହତ୍ୟା କରିଥିଲେ । ମୃତଦେହକୁ ଫୁରିପାଣି ଏବଂ କୋକୋମେଣ୍ଟ ମଧ୍ୟରେ ଫୋପାଡ଼ି ପଳାଇ ଥିଲେ । ଏହା ପୂର୍ବରୁ ୫ ଦିନ ତଳେ ଅନ୍ୟ ଜଣେ ବିଜେପି ନେତାଙ୍କୁ ହତ୍ୟା କରିଥିଲେ ।

## ସିଲିଣ୍ଡର ବିସ୍ଫୋରଣ; ୫ ଜୀବନ୍ତ ଦଗ୍ଧ

ଲକ୍ଷ୍ନୌ, ୬।୩ (ଏଜେନ୍ସି): ଉତ୍ତରପ୍ରଦେଶ ଲକ୍ଷ୍ନୌର ହଜରାତ ସାହବ ନିକଟସ୍ଥ ଏକ ଦୁଇ ମହଲା କୋଠାରେ ମଙ୍ଗଳବାର ବିଳମ୍ବିତ ରାତିରେ ନିଆଁ ଲାଗି ଯାଇଥିଲା । ଲୋକେ ନିଆଁ ଲିଭାଇବାକୁ ଉଦ୍ୟମ କରୁଥିବାବେଳେ ଘରେ ରଖାଯାଇଥିବା ୨ ଗ୍ୟାସ୍ ସିଲିଣ୍ଡରରେ ବିସ୍ଫୋରଣ ହୋଇଥିଲା । ଏହା ସଂସ୍ପର୍ଶରେ ଆସିବାରୁ ସ୍ୱାମୀ , ସ୍ତ୍ରୀ ଏବଂ ୫ ବର୍ଷରୁ କମ୍ ବୟସର ୩ ଶିଶୁଙ୍କ ମୃତ୍ୟୁ ହୋଇଛି । ଉଦ୍ଧାର ପାଇଁ ଉଦ୍ୟମ କରିଥିବା ଆଉ ୪ ଜଣ ଲୋକ ଗୁରୁତର ଆହତ ହୋଇଛନ୍ତି । ବିସ୍ଫୋରଣରେ ଛାତ ଏବଂ କାନ୍ଥ ଭୁଶୁଡ଼ି ଯାଇଛି ।

### ୨୬ ଘଣ୍ଟା ପରେ ହସ୍ତାନ୍ତରକଲା ପୁଲିସ

# ସିବିଆଇ ହାତରେ ସନ୍ଦେଶଖାଲି ମୁଖ୍ୟ ଅଭିଯୁକ୍ତ

କୋଲକାତା, ୬।୩(ଏଜେନ୍ସି)

ପଶ୍ଚିମବଙ୍ଗର ବହୁ ଚର୍ଚ୍ଚିତ ସନ୍ଦେଶଖାଲି ଘଟଣା ବୁଧବାର ସନ୍ଧ୍ୟାରେ ନୂଆ ମୋଡ଼ ନେଇଛି । ଇଡି ଅଧିକାରୀଙ୍କ ଉପରେ ଆକ୍ରମଣ ସହିତ ସନ୍ଦେଶଖାଲି ଅଞ୍ଚଳର ମହିଳାଙ୍କୁ ଯୌନ ଶୋଷଣ ଏବଂ ଜୋର ଜବରଦସ୍ତି ଜମି ହଡ଼ପ ଘଟଣାର ମୁଖ୍ୟ ଅଭିଯୁକ୍ତ ଶାହାଜାହାନ ଶେଖକୁ ସିବିଆଇ ନିଜ ହେପାଜତକୁ ନେଇଛି । ଏହି ଘଟଣାକୁ ନେଇ କୋଲକାତା ହାଇକୋର୍ଟ ରାଜ୍ୟ ସରକାରଙ୍କୁ ତୀବ୍ର ଭର୍ତ୍ସନା କରିବା ସହିତ ମୁଖ୍ୟ ଅଭିଯୁକ୍ତକୁ ରାଜ୍ୟ ପୁଲିସ ଗିରଫ ନ କଲେ ସିବିଆଇ କିମ୍ବା ଇଡି ଗିରଫ କରିପାରିବ ବୋଲି କହିଥିଲେ ।

ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ଦୀର୍ଘ ଦୁଇ ମାସ ଧରି ଫେରାର ଥିବା ଶାହାଜାହାନକୁ ପଶ୍ଚିମବଙ୍ଗ ପୁଲିସ ଗିରଫ କରିଥିଲା । କିନ୍ତୁ ଶାହାଜାହାନକୁ ସିବିଆଇ ହାତରେ ନ୍ୟସ୍ତ କରିବାକୁ ଗତକାଲି ହାଇକୋର୍ଟ ରାଜ୍ୟ ସରକାରଙ୍କୁ କହିଥିଲେ । ସେହି ଅନୁସାରେ ସିବିଆଇ ଅଧିକାରୀମାନେ ପୁଲିସ ମୁଖ୍ୟାଳୟରେ ପହଞ୍ଚିଥିଲେ । ହେଲେ ଦୀର୍ଘ ଦୁଇ ଘଣ୍ଟାର ଅପେକ୍ଷା ସତ୍ତ୍ୱେ ପୁଲିସ ଶାହାଜାହାନକୁ ସିବିଆଇକୁ ହସ୍ତାନ୍ତର କରି ନଥିଲା । ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ସୁପ୍ରିମକୋର୍ଟ ଯାଇଥିବାରୁ ଶାହାଜାହାନକୁ ହସ୍ତାନ୍ତର କରାଯାଇପାରିବ ନାହିଁ ବୋଲି ପଶ୍ଚିମବଙ୍ଗ ସିଆଇଡି କହିଥିଲା । ଏଭଳି ଘଟଣାକୁ ନେଇ ହାଇକୋର୍ଟ କ୍ଷୁବ୍ଧ ହେବା ସହିତ ରାଜ୍ୟ ସରକାରଙ୍କୁ ବୁଧବାର ଅଦାଲତ ଅବମାନନା ନୋଟିସ୍



**ପଶ୍ଚିମବଙ୍ଗ ସରକାରଙ୍କ ଆବେଦନର ତ୍ୱରିତ ଶୁଣାଣିକୁ ସୁପ୍ରିମକୋର୍ଟଙ୍କ ନା**

ଜାରି କରିଥିଲେ । ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ କୌଣସି ସ୍ଥଗିତାଦେଶ ନ ଥିବାରୁ ତୁରନ୍ତ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହି ଅନୁସାରେ ବୁଧବାର ଅପରାହ୍ନ ୪ଟା ସୁଦ୍ଧା ଶାହାଜାହନକୁ ସିବିଆଇ ହାତରେ ଦେବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା । ସେପଟେ ହାଇକୋର୍ଟଙ୍କୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ସୁପ୍ରିମକୋର୍ଟରେ ପହଞ୍ଚିଥିଲେ ହେଁ ଏହି ପ୍ରସଙ୍ଗରେ ତୁରନ୍ତ ଶୁଣାଣି କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ମନା କରିଦେଇଥିଲେ । ଯାହାକୁ ନେଇ ରାଜ୍ୟ ସରକାରଙ୍କ ଅକଲ ଗୁଡ଼ୁମ୍ ହୋଇଯାଇଥିଲା । ଶାହାଜାହାନକୁ ସିବିଆଇ ହାତରେ ନ୍ୟସ୍ତ କରିବା ଛଡ଼ା ଅନ୍ୟ ପନ୍ଥା ନଥିବାରୁ ବୁଧବାର ସନ୍ଧ୍ୟା ପ୍ରାୟ ୬.୩୦ ମିନିଟ୍‌ରେ ତାକୁ ସିବିଆଇ ଅଧିକାରୀମାନଙ୍କୁ ହସ୍ତାନ୍ତର କରାଯାଇଛି । ଶାହାଜାହନକୁ ନିଜ ହେପାଜତକୁ ନେବା ପରେ ସିବିଆଇ ତାହାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ଆସନ୍ତାକାଲି ଶାହାଜାହାନକୁ ସିବିଆଇ କୋର୍ଟରେ ହାଜର କରାଯିବ ବୋଲି ସୂଚନା ମିଳିଛି । ଅନ୍ୟପକ୍ଷରେ ଇଡି ମଧ୍ୟ ଶାହାଜାହନକୁ ରିମାଣ୍ଡରେ ନେଇପାରେ ବୋଲି କୁହାଯାଉଛି ।

### ୫ ପୀଡ଼ିତା ମହିଳାଙ୍କୁ ଭେଟିଲେ ମୋଦୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ପଶ୍ଚିମବଙ୍ଗ ଗସ୍ତ କରିଥିଲା ବେଳେ ବରସାତ୍‌ରେ ଏକ ଜନସଭାରେ ଯୋଗ ଦେଇଥିଲେ । ଏହି ସମୟରେ ସନ୍ଦେଶଖାଲିର ୫ ପୀଡ଼ିତା ମହିଳା ମୋଦୀଙ୍କୁ ଭେଟିଥିଲେ । ମୁଖ୍ୟ ଅଭିଯୁକ୍ତ ଶାହାଜାହନକୁ ଗିରଫ କରାଯାଇଥିଲେ ହେଁ ଏବେ ବି ସେହି ଅଞ୍ଚଳରେ ଶାହାଜାହନର ଗୁଣ୍ଡାମାନଙ୍କ ଦ୍ୱାରା ଲୋକଙ୍କୁ ଧମକଚମକ ଦିଆଯାଉଛି ବୋଲି ସେମାନେ କହିଥିଲେ । ମୋଦୀଙ୍କୁ ଏହି ମହିଳାମାନେ ସେମାନଙ୍କ ଦୁଃଖ ବଖାଣିବା ବେଳେ ଅତ୍ୟନ୍ତ ଭାବପ୍ରବଣ ହୋଇପଡ଼ିଥିଲେ । କିନ୍ତୁ ମୋଦୀ ସେମାନଙ୍କ କଥା ଧୈର୍ଯ୍ୟର ସହ ଶୁଣିବା ସହିତ କୌଣସି ଅଭିଯୁକ୍ତକୁ ଛଡାଯିବ ନାହିଁ ବୋଲି କହିଥିଲେ । ସନ୍ଦେଶଖାଲି ଘଟଣାକୁ ନେଇ ସେ ଜନସଭାରେ ଟିଏମସି ଉପରେ ବର୍ଷିଥିଲେ । କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ମଧ୍ୟ ଟିଏମସି ଉପରେ ବର୍ଷିବା ସହିତ ଶାହାଜାହାନକୁ ପୁଲିସ ସୁରକ୍ଷା ଦେବା ପଛରେ ମମତା ସରକାରଙ୍କ କି ସ୍ୱାର୍ଥ ଜଡ଼ିତ ରହିଛି ବୋଲି ପ୍ରଶ୍ନ କରିଛନ୍ତି ।

## ନବାଜୁଦ୍ଦିନ ପତ୍ନୀଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ

ମୁମ୍ବାଇ, ୬।୩ (ଏଜେନ୍ସି): ବଲିଉଡ ଅଭିନେତା ନବାଜୁଦ୍ଦିନ ସିଦ୍ଦିକିଙ୍କ ପତ୍ନୀ ଆଲିଆ ସିଦ୍ଦିକିଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି ହୋଇଛି । ଏହି ମାମଲାରେ ୨୦୨୨ରେ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ର 'ହୋଲି କାଉ' ସମ୍ବନ୍ଧିତ । ସେ ଏହି ଫିଲ୍ମର ନିର୍ମାତା ଥିଲେ । ଆଲିଆଙ୍କ ପୂର୍ବତନ ବାନ୍ଧବୀ ମଞ୍ଜୁ ଏମ ଗଡ଼ୱାଲ ପ୍ରାରମ୍ଭରେ ଏହି ଚଳଚ୍ଚିତ୍ର ସହ-ନିର୍ମାତା ଥିଲେ । ଆଲିଆ ତାଙ୍କର ୩୧ ଲକ୍ଷ ୬୮ ହଜାର ଟଙ୍କା ଫେରାଇ ନ ଥିଲେ । ତେଣୁ ସେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଗତ ୨୯ ତାରିଖରେ ମାମଲାର ଶୁଣାଣି କରି ଅନ୍ଧେରି କୋର୍ଟ ଆଲିଆଙ୍କୁ ଏହି ନୋଟିସ ଜାରି କରିଥିଲେ । ଏବେ ଏହା ସାମ୍ନାକୁ ଆସିଛି ।

## ଆମେଥିରେ ରାହୁଲ, ରାୟବରେଲିରୁ ଲଢ଼ିବେ ପ୍ରିୟଙ୍କା

ନୂଆଦିଲ୍ଲୀ, ୬।୩(ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀ ଉତ୍ତରପ୍ରଦେଶର ଆମେଥି ଓ କେରଳର ୱାୟନାଡରୁ ଲୋକସଭା ନିର୍ବାଚନ ଲଢ଼ିବେ । ପ୍ରିୟଙ୍କା ଗାନ୍ଧୀ ରାୟବରେଲିରୁ ନିର୍ବାଚନ ଲଢ଼ିବେ ବୋଲି ଏକ ବିଶେଷ ରିପୋର୍ଟ ସୂତ୍ରରୁ ଜଣାପଡ଼ିଛି । ଫଳରେ ଏଥର ଆମେଥିରେ ରାହୁଲ ଏବଂ ବିଜେପି ନେତ୍ରୀ ସ୍ମୃତି ଇରାନୀ ନିର୍ବାଚନ ଲଢେଇରେ ପୁଣି ମୁହାଁମୁହିଁ ହେବେ । ଆମେଥିରୁ ସ୍ମୃତି ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ପୂର୍ବରୁ ବିଜେପି ଘୋଷଣା କରିସାରିଛି । କିନ୍ତୁ କଂଗ୍ରେସ ଏହି ନିର୍ବାଚନୀ ମଣ୍ଡଳୀରେ କାହାକୁ ଛିଡା କରିବ ତାହା ସ୍ପଷ୍ଟ କରି ନଥିଲା । ଯାହାକୁ ନେଇ ସ୍ମୃତି ଇରାନୀ ବାରମ୍ବାର କଂଗ୍ରେସକୁ କଟାକ୍ଷ କରିଥିଲେ । ତେବେ ରିପୋର୍ଟ ଅନୁସାରେ ରାହୁଲ ହିଁ ସ୍ମୃତିଙ୍କ



ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ ଯେ, ରାହୁଲ ୨୦୦୪ରେ ଆମେଥିରୁ ନିଜର ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ । ଏହି ସମୟରେ ସେ ବିପୁଳ ଭୋଟରେ ବିଜୟୀ ହୋଇଥିଲେ । କିନ୍ତୁ ୨୦୧୯ ନିର୍ବାଚନରେ ସେ ସ୍ମୃତି ଇରାନୀଙ୍କ ଠାରୁ ହାରି ଯାଇଥିଲେ । କଂଗ୍ରେସ ୨୦୨୪ ନିର୍ବାଚନରେ ବିଜେପିକୁ ଟକ୍କର ଦେବା ଲାଗି ନିର୍ବାଚନୀ ଘୋଷଣାପତ୍ର ପ୍ରସ୍ତୁତ କରିସାରିଛି । ମିଳିଥିବା ସୂଚନା ଅନୁସାରେ କେନ୍ଦ୍ରରେ ଖାଲି ପଡ଼ିଥିବା ୩୦ ଲକ୍ଷ ନିଯୁକ୍ତି ସହ ଚାଷୀଙ୍କୁ ଏମଏସପି ଗ୍ୟାରେଣ୍ଟି ଏବଂ ଜାତିଭିତ୍ତିକ ଜନଗଣନାକୁ ଦଳ ଗୁରୁତ୍ୱ ଦେଇଛି । ଏହା ବ୍ୟତୀତ କେନ୍ଦ୍ରରେ ୩୦ ପ୍ରତିଶତ ମହିଳାଙ୍କୁ ସଂରକ୍ଷଣ ଏବଂ ମାସିକ ୬ ହଜାର ଟଙ୍କା ଦେବାକୁ ମଧ୍ୟ ଦଳ ନିଜ ଘୋଷଣାପତ୍ରରେ ପ୍ରତିଶ୍ରୁତି ଦେଇଥିବା କୁହାଯାଇଛି । ତେବେ ସିଡବ୍ଲୁସିର ଅନୁମୋଦନ ପରେ କଂଗ୍ରେସ ଖୁବଶୀଘ୍ର ନିଜର ଘୋଷଣାପତ୍ର ଜାରି କରିବ ବୋଲି କୁହାଯାଇଛି ।

### ରାମେଶ୍ୱରମ୍ କାଫେ ବିସ୍ଫୋରଣ

## ସନ୍ଦିଗ୍ଧର ସ୍କେଚ୍ ଜାରି, ଖବର ଦେଲେ ୧୦ଲକ୍ଷ ପୁରସ୍କାର



ବେଙ୍ଗାଲୁରୁ, ୬।୩(ଏଜେନ୍ସି): ରାମେଶ୍ୱରମ୍ କାଫେରେ ଗତ ୧ ତାରିଖରେ କମ୍ ଶକ୍ତିଶାଳୀ ଇମ୍ପ୍ରୋଭାଇଜଡ ଏକ୍ସପ୍ଲୋସିଭ୍ ଡିଭାଇସ(ଆଇଇଡି) ବିସ୍ଫୋରଣ ଘଟାଇଥିବା ସନ୍ଦିଗ୍ଧ ବ୍ୟକ୍ତିର ସ୍କେଚ୍ ଆଜି ଜାତୀୟ ତଦନ୍ତ ସଂସ୍ଥା(ଏନଆଇଏ) ପକ୍ଷରୁ ଜାରି କରାଯାଇଛି । ଏନଆଇଏ'ର ୱାଣ୍ଟେଡ ପୋଷ୍ଟରରେ ବ୍ୟକ୍ତି ଜଣକ ଟୋପି ଓ ଚଷମା ପିନ୍ଧିଛି । ଏହି ବ୍ୟକ୍ତିଙ୍କ ସମ୍ପର୍କରେ ଖବର ଦେଲେ ଖବରଦାତାଙ୍କ ପରିଚୟ ଗୋପନ ରଖାଯିବ ଓ ତାଙ୍କୁ ୧୦ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଆଜି ଏନଆଇଏ ପକ୍ଷରୁ ଘୋଷଣା କରାଯାଇଛି । ଏହି ଘଟଣାରେ ଏଯାଏ କାହାରିକୁ ଗିରଫ କରାଯାଇପାରିନାହିଁ । ସେଣ୍ଟ୍ରାଲ କ୍ରାଇମ୍ ବ୍ରାଞ୍ଚ ଓ ଏନଆଇଏ ସନ୍ଦିଗ୍ଧ ଅପରାଧୀକୁ ଖୋଜିବାରେ ଲାଗିଛନ୍ତି । ଗତକାଲି କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶରେ ଏନଆଇଏ ଏହି ବିସ୍ଫୋରଣ ଘଟଣାର ତଦନ୍ତ ଭାର ହାତକୁ ନେଇଛି । ମାର୍ଚ୍ଚ ୧ ତାରିଖରେ ବିସ୍ଫୋରଣ ଘଟିବା ପରଠାରୁ ରାମେଶ୍ୱରମ୍ କାଫେ ବନ୍ଦ ରହିଛି । ଏହି କାଫେ ମାର୍ଚ୍ଚ ୮ ତାରିଖରେ ଖୋଲିବ ବୋଲି କୁହାଯାଇଛି । ମାର୍ଚ୍ଚ ୧ ତାରିଖରେ ଲୋକାଦୃତ ଏହି କାଫେରେ ମଧ୍ୟାହ୍ନ ଭୋଜନ ପାଇଁ ଗହଳି ଲାଗିଥିବା ବେଳେ ଅଚାନକ ବିସ୍ଫୋରଣ ଘଟି ଅନ୍ୟୁନ ୧୦ଜଣ ଗ୍ରାହକ ଆହତ ହୋଇଥିଲେ । ସିସିଟିଭି ଫୁଟେଜରୁ ଜଣାପଡ଼ିଛି ଯେ ବିସ୍ଫୋରଣ ଘଟିବାର ଘଣ୍ଟାକ ପୂର୍ବରୁ ସନ୍ଦିଗ୍ଧ ବ୍ୟକ୍ତି କାଫେରେ ପ୍ରବେଶ କରି ରାୱା ଇଡଲୀ ଏକ ପ୍ଲେଟ ପାଇଁ ଅର୍ଡର ଦେଇଥିଲା, କିନ୍ତୁ ତାହା ନଖାଇ କିମ୍ବା ନନେଇ ସେ ଆସିବାର କିଛି ମିନିଟ ପରେ ହିଁ କାଫେରୁ ବାହାରକୁ ଚାଲିଯାଇଥିଲା । ଯିବା ପୂର୍ବରୁ ସେ କାଫେରେ ଟାଇମର ଯୁକ୍ତ ଆଇଇଡି ଥିବା ବ୍ୟାଗ୍ ଛାଡ଼ିଯାଇଥିଲା । ସନ୍ଦିଗ୍ଧ ବ୍ୟକ୍ତି ଜଣକ ଲମ୍ବା ଓ ପତଳା ହୋଇଥିବା ବେଳେ ତାର ବୟସ ୩୦ରୁ ୪୦ ଭିତରେ ହେବ । ସିସିଟିଭି ଫୁଟେଜରେ ସେ ମୁଖା (ମାସ୍କ) ପିନ୍ଧିଥିବା ବେଳେ ଏନଆଇଏ ସ୍କେଚରେ ତା'ର ମୁହଁ ଅଧିକ ଦେଖାଯାଉଛି ।

### ରୁଷ୍ ବୁଲି ଯାଇଥିଲେ ୭ ଭାରତୀୟ

# ୟୁକ୍ରେନ ଯୁଦ୍ଧକୁ ଠେଲିଦେଲା ସେନା

ନୂଆଦିଲ୍ଲୀ, ୬।୩(ଏଜେନ୍ସି)

ରୁଷ୍ ଅନେକ ଭାରତୀୟଙ୍କୁ ଧୋକା ଦେଇ ଜୋର ଜବରଦସ୍ତି ନିଜ ସେନାରେ ଭର୍ତ୍ତି କରିଛି । ପରେ ୟୁକ୍ରେନ ଯୁଦ୍ଧରେ ଲଢ଼ିବା ପାଇଁ ପ୍ରଶିକ୍ଷଣ ଦେଇଛି । ପଞ୍ଜାବ ଏବଂ ହରିୟାଣାରେ ୭ ଜଣ ଲୋକ ସାମାଜିକ ଗଣମାଧ୍ୟମରେ ସୋମବାର ଏକ ଭିଡିଓ ଜାରି କରି ଏହି ସୂଚନା ଦେଇଛନ୍ତି ।



ଏମାନେ ରୁଷରେ ଫସି ରହିଛନ୍ତି । ସହାୟତା ପାଇଁ ଭାରତ ସରକାର ଏବଂ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କୁ ନିବେଦନ କରିଛନ୍ତି । ୧୦୫ ସେକେଣ୍ଡର ଏହି ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି । ଯେକୌଣସି ସମୟରେ ତାଙ୍କୁ ରୁଷ୍ ପାଇଁ ଯୁଦ୍ଧ ଲଢ଼ିବାକୁ ୟୁକ୍ରେନକୁ ପଠା ଯାଇପାରେ ବୋଲି କହିଛନ୍ତି । ଭିଡିଓରେ ଦେଖାଯାଉଛି ଯେ ୭ ଜଣ ଲୋକ ଏକ ଅପରିଷ୍କାର ପ୍ରକୋଷ୍ଠରେ ଛିଡ଼ା ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ଗଗନଦୀପ ସିଂହ ନାମକ ବ୍ୟକ୍ତି ତାଙ୍କ ସହ ଘଟିଥିବା ଘଟଣା ବିଷୟରେ ସୂଚନା ଦେଉଛନ୍ତି । ଅନ୍ୟ ୬ ଜଣ ଗୋଟିଏ କ'ଣରେ ରହିଛନ୍ତି । କର୍ଣ୍ଣାଲର ହର୍ଷ ଭିଡିଓ ରେକର୍ଡିଂ କରୁଛନ୍ତି । ଗଗନଦୀପ କହୁଛନ୍ତି ଯେ ଜଣେ ଏଜେଣ୍ଟ ତାଙ୍କୁ ଅନେକ ସ୍ଥାନରେ ବୁଲାଇ ଥିଲା । ପରେ ବେଲାରୁଷ ବୁଲାଇ ନେବା ପାଇଁ କହିଥିଲା । ଏହି ଦେଶକୁ ଯିବା ପାଇଁ ଭିସା ଲାଗି ବୋଲି ସେମାନେ ଜାଣି ନ ଥିଲେ । ଏହାର ପରେ ଏଜେଣ୍ଟ ଟଙ୍କା ମାଗିଥିଲା । ସମସ୍ତେ ନିଜ ପାଖରେ ଥିବା ଟଙ୍କା ଏଜେଣ୍ଟକୁ ଦେଇ ଦେଇଥିଲେ । ଆଉ ଟଙ୍କା ନ ଦେବାରୁ ଛାଡ଼ି ପଳାଇ ଥିଲା । ଏହା ପରେ ପୁଲିସ ଭାରତୀୟଙ୍କୁ ଧରିଥିଲା ଏବଂ ପରେ ସେନାକୁ ପ୍ରଦାନ କରିଥିଲା ।

ରୁଷ୍ ସେନା ସମସ୍ତଙ୍କୁ ଧମକ ଦେଇ ଚାକିରି ଚୁକ୍ତିରେ ସ୍ୱାକ୍ଷର କରାଇ ନେଇଥିଲା । ସ୍ୱାକ୍ଷର ନ କଲେ ୧୦ ବର୍ଷ ଜେଲ୍ ଦଣ୍ଡ ହେବ ବୋଲି କହିଥିଲା । ଏହା ପରେ ସେନାରେ ପ୍ରଶିକ୍ଷଣ ଦେବା ଆରମ୍ଭ କରିଥିଲା । ଏଠାରେ ଠକେଇର ଶିକାର ହୋଇଛନ୍ତି ବୋଲି ଭାରତୀୟ ଭାବି ଥିଲେ । ଗଗନଦୀପକୁ ବନ୍ଧୁକ ଚଳାଇ ଆସିନି । ତଥାପି ଯେକୌଣସି ସମୟରେ ତାଙ୍କୁ ୟୁକ୍ରେନ ଯୁଦ୍ଧକୁ ପଠା ଯାଇପାରେ ବୋଲି କହିଛନ୍ତି । ପୂର୍ବରୁ ଅନେକ ଭାରତୀୟଙ୍କୁ ଧୋକା ଦେଇ ଯୁଦ୍ଧକୁ ପଠାଯାଇଥିବା ସେ ଦାବି କରିଛନ୍ତି ।

**ଲଢ଼ିବା ପାଇଁ ଦେଇଥିଲା ପ୍ରଶିକ୍ଷଣ**

**ଭିଡିଓ ଜାରି କରି ମାଗିଲେ ସହାୟତା**

ହର୍ଷଙ୍କ ମାଆ ପୁଅକୁ ଉଦ୍ଧାର କରିବା ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି । ତାଙ୍କ ପୁଅ ଚାକିରି ପାଇଁ ଡିସେମ୍ବର ୨୩ରେ ବିଦେଶ ଯାଇଥିଲା । ରୁଷିଆରେ ତାଙ୍କ ପାସପୋର୍ଟ ଛଡ଼ାଇ ନିଆଯାଇଥିଲା । ଡୋନେସ୍କରେ ମୁତୟନ କରିବା ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା ବୋଲି କହିଛନ୍ତି । ଏହା ପୂର୍ବରୁ ୬୦ ଭାରତୀୟଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ୱାଗନର ଆର୍ମିରେ ଭର୍ତ୍ତି କରାଯାଇଥିଲା । ମହାରାଷ୍ଟ୍ରର ଜଣେ ବ୍ୟକ୍ତି ଏହି ଲୋକଙ୍କଠାରୁ ରୁଷ୍ ଭାଷାରେ ଲେଖା ଯାଇଥିବା ଏକ ଚୁକ୍ତି ସ୍ୱାକ୍ଷର କରାଇ ନେଇଥିଲେ । ଏମାନଙ୍କୁ ସହାୟକ ଭାବେ ନିଯୁକ୍ତି ଦେବାକୁ କୁହାଯାଇଥିଲା ।

### ଯୁଦ୍ଧରେ ପ୍ରାଣ ହାରିଲେ ହାଇଦରାବାଦ୍ ଯୁବକ

**ରୁଷିଆରେ ଚାକିରି ପାଇଁ ଦଲାଲ ହାବୁଡ଼ରେ ପଡ଼ିଥିଲେ**



ରୁଷିଆକୁ ବୁଲି ଯାଇଥିବା ଏହି ୭ ଭାରତୀୟଙ୍କ ବ୍ୟତୀତ ହାଇଦରାବାଦର ଜଣେ ଯୁବକ ଚାକିରି କରିବା ଉଦ୍ଦେଶ୍ୟରେ ରୁଷିଆ ଯାଇ ପ୍ରାଣ ହରାଇଛନ୍ତି । ସେଠାରେ ରୁଷ ସେନାଙ୍କ ସହ ୟୁକ୍ରେନ ବିରୋଧରେ ଯୁଦ୍ଧ କରିବା ବେଳେ ତାଙ୍କର ମୃତ୍ୟୁ ହୋଇଛି । ମିଳିଥିବା ସୂଚନା ଅନୁସାରେ ହାଇଦରାବାଦ୍‌ର ୩୦ ବର୍ଷୀୟ ଯୁବକ ମହମ୍ମଦ ଆଫସାନ ଏକ ଲୁଗା ଦୋକାନରେ କାମ କରୁଥିଲେ । କିନ୍ତୁ ଉଚ୍ଚ ଦରମା ସହ ସ୍ଥାୟୀ ଭିସା ଭଳି ଲୋଭନୀୟ ଅଫର ଥାଇ ରୁଷିଆ ସରକାରଙ୍କ ଅଧୀନରେ ଚାକିରି କରିବାକୁ ଏକ ବିଜ୍ଞାପନ ଦେଖିବା ପରେ ସେ ରୁଷ ଯିବାକୁ ମନ ବଳାଇଥିଲେ । ସେହି ଅନୁସାରେ ସେ ଗତ ନଭେମ୍ବର ମାସରେ ରୁଷିଆ ପଳାଇଥିଲେ । ହେଲେ ସେ ସେଠାରେ ପହଞ୍ଚିବା ପରେ ତାଙ୍କୁ ରୁଷ ସେନା ସହ କାର୍ଯ୍ୟ କରିବାକୁ ବାଧ କରାଯାଇଥିଲା । କିନ୍ତୁ ୟୁକ୍ରେନ ସହ ଫ୍ରଣ୍ଟ ୱାର୍‌ରେ ତାଙ୍କର ମୃତ୍ୟୁ ହୋଇଛି ।

## ଉଦୟନିଧି ଷ୍ଟାଲିନଙ୍କ ବିରୋଧରେ ଦାଏର ପିଟିସନ୍ ଖାରଜ



ନୂଆଦିଲ୍ଲୀ, ୬।୩(ଏଜେନ୍ସି): ମାଡ୍ରାସ ହାଇକୋର୍ଟ ଆଜି ତାମିଲନାଡୁର ମନ୍ତ୍ରୀ ଉଦୟନିଧି ଷ୍ଟାଲିନଙ୍କ ବିରୋଧରେ ଦାଏର ଏକ ପିଟିସନକୁ ଖାରଜ କରିଦେଇଛନ୍ତି । ମନ୍ତ୍ରୀ ଉଦୟନିଧି, ମନ୍ତ୍ରୀ ପିକେ ଶେଖରବାବୁ ଏବଂ ଡିଏମକେ ସାଂସଦ ଏ ରାଜା ଲୋକପ୍ରତିନିଧି ଭାବେ ନିର୍ବାଚିତ ହୋଇ ସାମ୍ବିଧାନିକ ପଦବୀରେ ଥାଇ(ପବ୍ଲିକ୍ ଅଫିସ୍ ଧାରଣ କରି) ସନାତନ-ବିରୋଧୀ ବୈଠକରେ ଅଂଶଗ୍ରହଣ କରି ଅଶୋଭନୀୟ, ଅସୂୟାସୂଚକ ମନ୍ତବ୍ୟ ଦେଇଛନ୍ତି । ତେଣୁ ସେମାନଙ୍କ ବିରୋଧରେ କ୍ୱୋ ୱାରେଣ୍ଟୋ ଜାରି କରାଯିବା ନିମନ୍ତେ ହିନ୍ଦୁ ମୁନାନି କାର୍ଯ୍ୟକର୍ତ୍ତା ଟି ମନୋହର ଓ ଅନ୍ୟ ଦୁଇଜଣ ବ୍ୟକ୍ତି ମାଡ୍ରାସ ହାଇକୋର୍ଟରେ ପିଟିସନ୍ ଦାଏର କରିଥିଲେ । କ୍ୱୋ ୱାରେଣ୍ଟୋ ରିଟ୍ ପିଟିସନ ହେଉଛି କେଉଁ ଅଧିକାର ବଳରେ ବା କେଉଁଠାରୁ ଶକ୍ତି ପାଇ ଜଣେ ଏପରି କହିଲେ ବା କାର୍ଯ୍ୟକଲେ ତାହାର ଉତ୍ତର ଦେବା ନିମନ୍ତେ ଅଦାଲତଙ୍କ ନିର୍ଦ୍ଦେଶନାମା । ହାଇକୋର୍ଟ ବିଚାରପତି ଅନିତା ସୁମନ୍ଥ ମାମଲାର ଶୁଣାଣି କରି କହିଥିଲେ, ସନାତନ ଧର୍ମକୁ ନେଇ ଅପ୍ରମାଣିତ ତଥ୍ୟ ଉପସ୍ଥାପନ କରାଯିବା ହେଉଛି ଅସତ୍ୟର ପ୍ରଚାର ପ୍ରସାର କରାଯିବା । ତେବେ ଏଥିପାଇଁ ମନ୍ତ୍ରୀ ଉଦୟନିଧି, ମନ୍ତ୍ରୀ ପିକେ ଶେଖରବାବୁ ଏବଂ ସାଂସଦ ଏ ରାଜାଙ୍କ ନାମରେ କ୍ୱୋ ୱାରେଣ୍ଟୋ ଜାରି କରାଯିବ ନାହିଁ । ଏଭଳି ରୁଲିଂ ସହ ବିଚାରପତି ସୁମନ୍ଥ ଉଦୟନିଧି ଓ ଅନ୍ୟମାନଙ୍କ ବିରୋଧରେ ଦାଏର ପିଟିସନକୁ ଖାରଜ କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ମନ୍ତ୍ରୀ ଉଦୟନିଧି 'ସନାତନ ଧର୍ମକୁ ନିନ୍ଦା ବା ବିରୋଧ ଯଥେଷ୍ଟ ନୁହେଁ, ତାହାର ମୂଳୋତ୍ପାଟନ ଜରୁରୀ' ବୋଲି ବିବାଦୀୟ ମନ୍ତବ୍ୟ ଦେଇ ସନାତନ ପ୍ରେମୀଙ୍କ ଭାବାବେଗକୁ ଆଘାତ ପହଞ୍ଚାଇବା ଭଳି ଅପରାଧ କରିଛନ୍ତି ତେଣୁ ତାଙ୍କୁ ସମୁଚିତ ଦଣ୍ଡ ମିଳୁ ପ୍ରାର୍ଥନା କରି ସନାତନୀମାନେ ବିଭିନ୍ନ ଅଦାଲତରେ ଅନେକ ସଂଖ୍ୟାରେ ଅପରାଧିକ ମାମଲା ଦାଏର କରିଛନ୍ତି । ସମାନ ଅଭିଯୋଗର ଏହି ସମସ୍ତ ମାମଲାର ଏକତ୍ର ବିଚାର ପାଇଁ ନିବେଦନ କରି ଉଦୟନିଧି ସୁପ୍ରିମକୋର୍ଟରେ ଯାଚିକା ଦାଏର କରିଛନ୍ତି । ଯାଚିକାର ଶୁଣାଣି କରି ସୁପ୍ରିମକୋର୍ଟ ଗତ ୪ତାରିଖରେ କହିଥିଲେ ଯେ ଜଣେ ମନ୍ତ୍ରୀ ଭାବେ ସନାତନ ଧର୍ମ ସମ୍ପର୍କରେ ଟିପ୍ପଣୀ ଦେବା ପୂର୍ବରୁ ତାହାର ପ୍ରତିକ୍ରିୟା କ'ଣ ହୋଇପାରେ ତାହା ତୁମର ଭାବିବାର ଥିଲା ।'

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-252 ♦BHUBANESWAR ♦THURSDAY ♦7 MARCH 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୫୨ ♦ଭୁବନେଶ୍ୱର ♦ଗୁରୁବାର ♦୭ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦


**୧୦ ବର୍ଷ ତଳର ହତ୍ୟା ମାମଲା**

## ୫ ଜଣଙ୍କୁ ଫାଶୀ ଦଣ୍ଡାଦେଶ

■ **ଆନନ୍ଦପୁର/ କେନ୍ଦୁଝର,୬।୩ (ସମିସ):** ବହୁ ଚର୍ଚ୍ଚିତ କେନ୍ଦୁଝର ଜିଲ୍ଲା ଆନନ୍ଦପୁରର ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଧକୋଠା ଗ୍ରାମର ରାମଚନ୍ଦ୍ର ବେହେରା ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ଏହି ମାମଲାରେ ସମ୍ପୃକ୍ତ ୫ ଜଣ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି ଅତିରିକ୍ତ ଜିଲ୍ଲା ଦୌରାଜଜ୍ ।

ସୂଚନା ଅନୁସାରେ ଆନନ୍ଦପୁର ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ତଥା ୨୦୧୪ରେ ଘଷିପୁରା ନିର୍ବାଚନମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ହୋଇଥିବା ରାମଚନ୍ଦ୍ର ବେହେରାଙ୍କୁ ୨୦୧୯ ମସିହା ମାର୍ଚ୍ଚ ୨୫ ତାରିଖ ରାତି ୧୦ ଟାବେଳେ ନିଜ ବାସଭବନ ସମ୍ମୁଖରେ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏପରିକି ଦୁର୍ବୃତ୍ତମାନେ ତାଙ୍କର ଗୋଟିଏ ହାତ କାଟି ନିକଟସ୍ଥ ପୋଖରୀରେ ଫିଙ୍ଗି ଦେଇଥିଲେ। ମାର୍ଚ୍ଚ ୨୬ରେ ରାମଚନ୍ଦ୍ର ନିଜର ହଜାର ହଜାର ସମର୍ଥକଙ୍କୁ ନେଇ ନବୀନ

**ଆନନ୍ଦପୁର କୋର୍ଟର ଐତିହାସିକ ରାୟ**

ନିବାସରେ ବିଜେଡିରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଥିଲା। ପୂର୍ବଦିନ ରାତିରେ ତାଙ୍କୁ ଘର ବାହାରକୁ ଡାକି ଦୁର୍ବୃତ୍ତମାନେ ଖଣ୍ଡା, ଭୁଜାଲିରେ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରିଥିଲେ। ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ରାମଚନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଘଷିପୁରା ଥାନାରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ବିଚାର କରି ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଜ୍ୟୋତି ରାଉତ ସମସ୍ତ ଅଭିଯୁକ୍ତଙ୍କୁ ୫ ତାରିଖରେ ଦୋଷୀ ସାବ୍ୟସ୍ତ କରିଥିବାବେଳେ ଆଜି ଅଭିଯୁକ୍ତ ୫ ଜଣଙ୍କୁ ଫାଶୀ ଦଣ୍ଡାଦେଶ ଦେଇ ଏହି ଐତିହାସିକ ରାୟ ପ୍ରକାଶ କରିଛନ୍ତି। ଏହି ମାମଲାରେ ବଡ଼ଏକତାଳି ଗ୍ରାମର ଅଜିତ ପୃଷ୍ଟି, ସଞ୍ଜୀବ ପୃଷ୍ଟି, ଅଲେଖ ପୃଷ୍ଟି, ଅରୁଣ ପୃଷ୍ଟି, ଦୋଳ ବୋଇତେଇ ଓ ଜଣେ ନାବାଳକ ଗିରଫ ହୋଇଥିଲେ। ସରକାରଙ୍କ ପକ୍ଷରୁ ଏପିପି ଅଶ୍ୱିନୀ କୁମାର ମଲିକ ଓ ସ୍ପେଶାଲ ଏପିପି ବାଇଧର ସେଠୀ ଏହି ମୋକଦ୍ଦମାକୁ ପରିଚାଳନା କରିଥିଲେ।

**ରାଜ୍ୟରେ ରାଜନୈତିକ ହଲଚଲ ମଧ୍ୟରେ ନବୀନ ନିବାସରେ ବିଜେଡିର ଗୁରୁତ୍ୱପୂର୍ଣ୍ଣ ବୈଠକ**

## ରାଜ୍ୟ ସ୍ୱାର୍ଥ ଆଗ; ରାଜନୀତି ପଛ

■ **ଭୁବନେଶ୍ୱର,୬।୩(ସମିସ):** ସାରା ରାଜ୍ୟରେ ରାଜନୈତିକ ହଲଚଲ ମଧ୍ୟରେ ନବୀନ ନିବାସରେ ଅନୁଷ୍ଠିତ ହୋଇଛି ବିଜୁ ଜନତା ଦଳର ଗୁରୁତ୍ୱପୂର୍ଣ୍ଣ ବୈଠକ । ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମୃଦ୍ଧ ଓଡ଼ିଶା ଗଠନ ଓ ଆଗାମୀ ନିର୍ବାଚନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି । ମୁଖ୍ୟମନ୍ତ୍ରୀ ଏହି ଅବସରରେ ଦଳର ନେତାମାନଙ୍କ ସହ ଦଳର କାର୍ଯ୍ୟକ୍ରମ, ରଣନୀତି ସମ୍ପର୍କରେ ଆଲୋଚନା କରିଛନ୍ତି । ଅପରାହ୍ନ ୩.୩୦ରୁ ଦୀର୍ଘ ୪ ଘଣ୍ଟା ଧରି ବିଭିନ୍ନ ଦଳୀୟ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନେତାମାନଙ୍କ ସହ ମତାମତ ନେବା ସହ ବିସ୍ତୃତ କଥା ହୋଇଛନ୍ତି । ୨୦୩୬ରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବର୍ଷ ପୂରଣ କରିବ। ଏହି ଅବଧି ସୁଦ୍ଧା ଓଡ଼ିଶାକୁ ଏକ ସ୍ୱୟଂ ସମ୍ପୂର୍ଣ୍ଣ ଓ ସମୃଦ୍ଧ ରାଜ୍ୟରେ ପରିଣତ କରିବା ନିମନ୍ତେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଦଳର ନେତାଙ୍କୁ ପରାମର୍ଶ ଦେଇଛନ୍ତି।

ବୈଠକରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର, ବିକ୍ରମ କେଶରୀ ଆରୁଖ, ଉଷା ଦେବୀ, ଅରୁଣ ସାହୁ, ସଞ୍ଜୟ କୁମାର ଦାସବର୍ମା, ପ୍ରଫୁଲ୍ଲ ସାମଲ, ଅତନୁ ସବ୍ୟସାଚୀ ନାୟକ, ପ୍ରଫୁଲ୍ଲ ମଲ୍ଲିକ, ଅଶୋକ ପଣ୍ଡା,

**ବୈଠକରେ ୨୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନେତା ଉପସ୍ଥିତ**

**ଓଡ଼ିଶାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦଳ ନେବ ପଦକ୍ଷେପ**

ଜଗନ୍ନାଥ ସାରକା, ଟୁକୁନି ସାହୁ, ପ୍ରଦୀପ ଅମାତ, ପ୍ରୀତିରଞ୍ଜନ ଘଡ଼େଇ ପ୍ରଣବ ବଳବନ୍ତରାୟ, ସସ୍ମିତ ପାତ୍ର, ସ୍ନେହାଙ୍ଗିନୀ ଛୁରିଆ, ସୁଶାନ୍ତ ରାଉତଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ନେତା ପ୍ରମୁଖ ଉପସ୍ଥିତ ଥିବା ସୂଚନା ମିଳିଛି । ଦୀର୍ଘ ୪ ଘଣ୍ଟା ଧରି ବୈଠକରେ ଦଳର ଆଗାମୀ ରଣନୀତି ସହ ଓଡ଼ିଶାର ବିକାଶ ସଂକ୍ରାନ୍ତ ଦଳୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଛି ।

ବୈଠକ ସମ୍ପର୍କରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ବରିଷ୍ଠ ସାଧାରଣ ସମ୍ପାଦକ ଅରୁଣ କୁମାର ସାହୁ ଗଣମାଧ୍ୟମକୁ ମଧ୍ୟ ସୂଚନା ଦେଇଛନ୍ତି। ରାଜ୍ୟ ତଥା ରାଜ୍ୟବାସୀଙ୍କ ବୃହତ୍ତର ସ୍ୱାର୍ଥକୁ ନଜରରେ ରଖି ଯାହା ଆବଶ୍ୟକ, ତାହା କରାଯିବ ଏବଂ ମୁଖ୍ୟମନ୍ତ୍ରୀ ସଠିକ୍ ସମୟରେ ନିଷ୍ପତ୍ତି ନେବେ ବୋଲି ଉଭୟ ନେତା କହିଛନ୍ତି। ଅନ୍ୟପକ୍ଷରେ ଦଳର ସାଧାରଣ ସମ୍ପାଦକ ତଥା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଏକ ପ୍ରେସ ବିବୃତିରେ ଆଗାମୀ ଲୋକସଭା ଏବଂ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିବା ସୂଚନା ଦେଇଛନ୍ତି । ପ୍ରେସ ବିବୃତି ଅନୁସାରେ ଅନୁଷ୍ଠିତ ବୈଠକରେ ଦଳର ବହୁ ବରିଷ୍ଠ ନେତା ଯୋଗ ଦେଇଥିବା ବେଳେ ଆଗାମୀ ନିର୍ବାଚନକୁ ନେଇ ବ୍ୟାପକ ଆଲୋଚନା ହୋଇଛି । ଆଗାମୀ ୨୦୩୬ ସୁଦ୍ଧା ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବାକୁ ୧୦୦ ବର୍ଷ ପୂରଣ କରିବ। ଏହି ଅବଧି ମଧ୍ୟରେ ବିଜେଡି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବହୁ ପ୍ରମୁଖ ▶ପୃଷ୍ଠା-୧୩

## ୧୦୦ କୋଟିରେ ଆଦିବାସୀ ଭବନ

■ **ଭୁବନେଶ୍ୱର, ୬।୩ (ସମିସ):** ଜନଜାତିଙ୍କ କଲ୍ୟାଣ ତଥା ସେମାନଙ୍କ କଳା ଓ ସଂସ୍କୃତିର ବିକାଶ ପାଇଁ ରାଜ୍ୟ ସରକାର ନିଜର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛନ୍ତି। ସେମାନଙ୍କ ସାଂସ୍କୃତିକ ସମ୍ବେଦନଶୀଳତାକୁ ମଧ୍ୟ ସମ୍ମାନ ଦେଇ ବୁଧବାର ଭୁବନେଶ୍ୱରର ଗୋଠପାଟଣାଠାରେ 'ଆଦିବାସୀ ଭବନ'ର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା ଏହି ଭବନ ଆଦିବାସୀ କଳା, ସଂସ୍କୃତି ଓ ବିକାଶର ବିଚାରବିମର୍ଶ, ବୈଠକ, ସମ୍ମିଳନୀ ଓ ପ୍ରଦର୍ଶନ ପାଇଁ ଏକ ବହୁମୁଖୀ କେନ୍ଦ୍ର ଭାବେ

> **ଆଦିବାସୀ କଳା, ସଂସ୍କୃତି ଓ ବିକାଶର ବିଚାରବିମର୍ଶ, ବୈଠକ, ସମ୍ମିଳନୀ ଓ ପ୍ରଦର୍ଶନ ପାଇଁ ଏହି ଭବନ ଏକ ବହୁମୁଖୀ କେନ୍ଦ୍ର ଭାବେ ପରିଗଣିତ ହେବ: ମୁଖ୍ୟମନ୍ତ୍ରୀ**

ପରିଗଣିତ ହେବ ବୋଲି ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ଆଦିବାସୀ ଲୋକଙ୍କ ଉଦ୍ଦେଶ୍ୟରେ ସମର୍ପିତ ଏହି ଭବନ ନବୀନ ଓଡ଼ିଶା ସଶକ୍ତ ଓଡ଼ିଶାର ପରିକଳ୍ପନାକୁ ସାକାର କରିବା ଦିଗରେ ସହାୟକ ହେବ। ଏହା କାର୍ଯ୍ୟକ୍ଷମ ହେଲେ ଆଦିମ ଜନଜାତି ସମେତ ୬୪ଟି ଅନୁସୂଚିତ ଜନଜାତି ବର୍ଗର ଆଦିବାସୀ ଲୋକ ଉପକୃତ ହେବେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଇଁ ରାଜ୍ୟସ୍ତରୀୟ ପ୍ରଶାସନର ଏକ ପ୍ରକଳ୍ପ ଭାବରେ ବିକଶିତ ହେବାକୁ ଥିବା ଏହି ବହୁମୁଖୀ ସୁବିଧା କେନ୍ଦ୍ର ଆଦିବାସୀଙ୍କ ଆବଶ୍ୟକତାକୁ ପୂରଣ କରିବାରେ ମଧ୍ୟ

**ରାଜଧାନୀରେ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ**



ସହାୟକ ହେବ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଆଦିବାସୀ ସମ୍ପ୍ରଦାୟର ସଦସ୍ୟମାନଙ୍କ ପାଇଁ ସୁବିଧାରେ ରହିବାର ବ୍ୟବସ୍ଥା କରିବ ଏହି 'ଆଦିବାସୀ ଭବନ'। ଏଥି ସହିତ ଅନୁସୂଚିତ ଜନଜାତି ସମୁଦାୟ ପ୍ରାୟତଃ ଭିନ୍ନ ଭିନ୍ନ ସାଂସ୍କୃତିକ ପ୍ରଥା, ଖାଦ୍ୟ ପସନ୍ଦ ଏବଂ ସାମାଜିକ ମାନଦଣ୍ଡ ବଜାୟ ରଖନ୍ତି। ଏହି ଭବନ ସେମାନଙ୍କ ସେମାନଙ୍କ ପାଇଁ ଏକ ଆନନ୍ଦଦାୟକ ରହିବା ସୁବିଧା ମଧ୍ୟ ଉପଲବ୍ଧ କରିବ। 'ଆଦିବାସୀ ଭବନ'ରେ ରହିବାର ସୁବିଧା ସହ ସମ୍ମିଳନୀ କକ୍ଷ, କୋରାପୁଟ କଫି କାଫେ ଏବଂ 'ଆଦିଶା'ର ଦ୍ୱିତୀୟ ବିକ୍ରୟ କେନ୍ଦ୍ର ମଧ୍ୟ ରହିବ।

ପ୍ରସ୍ତାବିତ 'ଆଦିବାସୀ ଭବନ' ଭୁବନେଶ୍ୱରରେ ଅତ୍ୟାବଶ୍ୟକ ସେବା ଓ ସମ୍ବଳ ଉପଲବ୍ଧ କରାଇବା ପାଇଁ ସେମାନଙ୍କ ପାଇଁ ଏକ ସୁବିଧାଜନକ ଭିତ୍ତିଭୂମି ଭାବେ କାର୍ଯ୍ୟ କରିବ। ଏଠାରେ ସ୍ୱାସ୍ଥ୍ୟ ସେବା ସୁବିଧା, ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ସୂଚନା ଓ ସହାୟତା ମିଳିପାରିବ। ଏଠାରେ ଆଦିବାସୀମାନଙ୍କ କଳାକୃତି ଏବଂ ପାରମ୍ପରିକ ବସ୍ତ୍ର ଉଭୟ ପ୍ରଦର୍ଶନ ଏବଂ ବିକ୍ରୟ ପାଇଁ ସୁଯୋଗ ରହିବ।

କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ରୂପାରୋଶନ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜ୍ୟ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା, ନିର୍ଦ୍ଦେଶକ ଅନୁସୂଚିତ ଜନଜାତି ଇନ୍ଦ୍ରମଣୀ ତ୍ରିପାଠୀ ଏବଂ ବିଭାଗୀୟ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ପ୍ରସ୍ତାବିତ ଭବନର ଆବଶ୍ୟକତା ବିଷୟରେ ବିଭିନ୍ନ ଜନଜାତି ଗୋଷ୍ଠୀ ପକ୍ଷରୁ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।




# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-252 •BHUBANESWAR •THURSDAY •7 MARCH 2024 •PAGE-20 •₹ 6.00

•ବର୍ଷ-୪୧ •ସଂଖ୍ୟା-୨୫୨ •ଭୁବନେଶ୍ୱର •ଗୁରୁବାର •୭ ମାର୍ଚ୍ଚ ୨୦୨୪ •ପୃଷ୍ଠା-୨୦ •ଟ.୬.୦୦


## ୧୨ ଯାଏଁ 'ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋସିପ୍' ଆବେଦନ

**ଭୁବନେଶ୍ୱର, ୬ ।୩(ସମିସ):** ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ 'ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋସିପ୍'ର ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଆବେଦନ ପ୍ରକ୍ରିୟା ମାର୍ଚ୍ଚ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଆଶାୟୀମାନେ https://nua.skillodisha.gov.in/cmskillfelloship.php ୱେବ୍‌ସାଇଟ୍‌ରେ ଆବେଦନ କରିପାରିବେ । ଯେ କୌଣସି ବିଷୟରେ ସ୍ନାତକ ପାଶ୍ କରି ନିଯୁକ୍ତି ସନ୍ଧାନରେ ଥିବା ଯୁବକଙ୍କୁ ମାସିକ ୫ହଜାର ଟଙ୍କା ବୃତ୍ତି ପ୍ରଦାନ କରାଯିବ । ଯେଉଁ ବିଷୟରେ ସେମାନେ ଜ୍ଞାନ ଆହରଣ କରୁଥିବେ ସେହି କ୍ଷେତ୍ରରେ ଅନ୍ୟୁନ ୩ ବର୍ଷ ଅଭିଜ୍ଞତା ଥିବା ଆବଶ୍ୟକ । ଏହି ଫେଲୋସିପ୍ ଆଶାୟୀମାନଙ୍କୁ ନୂଆ-ଓ ଫ୍ଲାଗସିପ୍ ଯୋଜନାରେ ପ୍ରଦାନ କରାଯିବ । ଦଶମ, ଦ୍ୱାଦଶ ଓ ସ୍ନାତକରେ ୫୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ୨୧ରୁ ୩୦ ବର୍ଷର ଯୁବକମାନେ ଏଥିପାଇଁ ଆବେଦନ କରିପାରିବେ ।






### ସଡ଼କ ସୁରକ୍ଷା ଦିଗରେ ରାଜ୍ୟ ସରକାରଙ୍କ ଏକାଧିକ ପ୍ରଭାବୀ ପଦକ୍ଷେପ

# ସ୍ୱୟଂଚାଳିତ 'ଡ୍ରାଇଭିଂ ଟେଷ୍ଟିଂ ସିଷ୍ଟମ୍' ଲୋକାର୍ପିତ

**ଭୁବନେଶ୍ୱର,୬ ।୩(ସମିସ):** ସଡ଼କ ଦୁର୍ଘଟଣାକୁ ରୋକିବା ସହ ଏ ସମ୍ବନ୍ଧୀୟ ଭିତ୍ତିଭୂମିର ସୁଦୃଢ଼ୀକରଣ ପାଇଁ ରାଜ୍ୟ ସରକାର ଅନେକ ପ୍ରଭାବୀ ପଦକ୍ଷେପ ଗ୍ରହଣ କରିଛନ୍ତି । ବୁଧବାର ପୂର୍ବାହ୍ନରେ ଲୋକସେବା ଭବନର କନଭେନସନ୍ ହଲରେ ବାଣିଜ୍ୟ ଏବଂ ପରିବହନ ବିଭାଗ ଓ ଏନସିସି ନିର୍ଦ୍ଦେଶାଳୟ ମଧ୍ୟରେ 'ଜୁନିଅର ରକ୍ଷକ' ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଅତିରିକ୍ତ କମିଶନର୍ ଟ୍ରାନ୍ସପୋର୍ଟ (ସଡ଼କ

- ■ ୬୩ ହଜାର କ୍ୟାଡେଟ୍ 'ଜୁନିଅର ରକ୍ଷକ' ଭାବେ କାର୍ଯ୍ୟ କରିବେ
- ■ ରାଜ୍ୟର ୨୩ଟି ସ୍ଥାନରେ ଟ୍ରକ୍ ଟର୍ମିନାଲ୍‌ର ଶିଳାନ୍ୟାସ

ସୁରକ୍ଷା) ଲାଲ୍‌ମୋହନ ସେଠୀ ଏବଂ ରାଜ୍ୟ ଏନ୍‌ସିସି ନିର୍ଦ୍ଦେଶକ ସାଗର କେ ମହାନ୍ତି ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି । ଏହାସହ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ୫-ଟି ପଦକ୍ଷେପ ଅଧୀନରେ ସାରା ରାଜ୍ୟରେ ୨୩ଟି ସ୍ଥାନରେ ଟ୍ରକ୍ ଟର୍ମିନାଲ୍ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସେହିପରି ସେ ରାଜ୍ୟର ୬ଟି ସ୍ଥାନ ଯଥା ଅନୁଗୁଳ, ଢେଙ୍କାନାଳ, ରାଉରକେଲା, ସୁନ୍ଦରଗଡ଼, କେନ୍ଦୁଝର ଓ ଗଞ୍ଜାମରେ ସ୍ୱୟଂଚାଳିତ ଡ୍ରାଇଭିଂ ଟେଷ୍ଟିଂ ସିଷ୍ଟମ୍‌ର ମଧ୍ୟ ଲୋକାର୍ପଣ କରିଛନ୍ତି । ସୂଚନାଯୋଗ୍ୟ ଯେ ଜାତୀୟ ସମର ଶିକ୍ଷାର୍ଥୀ



ପରିବହନ ବିଭାଗ ଓ ଏନ୍‌ସିସି ନିର୍ଦ୍ଦେଶାଳୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ବାହିନୀର ପ୍ରାୟ ୬୩ ହଜାର କ୍ୟାଡେଟ ସଡକ ସୁରକ୍ଷା ସଡ଼କ ଦିଗରେ 'ଜୁନିଅର ରକ୍ଷକ' ଭାବେ କାର୍ଯ୍ୟ କରିବେ । ସେମାନେ ସଡ଼କ ଦୁର୍ଘଟଣାର ଆଶଙ୍କାକୁ ରୋକିବା ଏବଂ ଅମୂଲ୍ୟ ଜୀବନ ରକ୍ଷା କରିବା ପାଇଁ ଏକ ସଂକଳ୍ପବଦ୍ଧ ପ୍ରତିବଦ୍ଧତାକୁ ଆପଣେଇ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ଶିକ୍ଷା, ତାଲିମ ହାସଲ କରିବେ । ଏହି ଏନ୍‌ସିସି କ୍ୟାଡେଟ-କମ ଜୁନିଅର ରକ୍ଷକ ଆମର ଭବିଷ୍ୟତର ସଡ଼କ ସୁରକ୍ଷା ରାଷ୍ଟ୍ରଦୂତ ହେବେ ଯେଉଁମାନେ ସେମାନଙ୍କ ବନ୍ଧୁ, ପରିବାର ଏବଂ ଜନସାଧାରଣଙ୍କ ମଧ୍ୟରେ ସଡକ ସୁରକ୍ଷା ସଚେତନତାର ଜାଗରୁକତା ବିସ୍ତାର କରିବାରେ ପ୍ରମୁଖ ଭୂମିକା ନେବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତା ଯୋଗେ ମତବ୍ୟକ୍ତ କରିଛନ୍ତି ।

ଏହି ଅବସରରେ ଶ୍ରୀମତି ସାହୁ କହିଛନ୍ତି ଯେ ଟ୍ରାଫିକ୍ ନିୟମ ଏବଂ ସଡ଼କ ଚିହ୍ନ ବିଷୟରେ ପର୍ଯ୍ୟାପ୍ତ ଜ୍ଞାନର ଅଭାବ ହେତୁ ଅଧିକାଂଶ ଦୁର୍ଘଟଣା ଘଟୁଛି । ୫-ଟି ପଦକ୍ଷେପ ଅଧୀନରେ ଏହି ସ୍ୱୟଂଚାଳିତ ଡ୍ରାଇଭିଂ ଟେଷ୍ଟିଂ ସିଷ୍ଟମ୍ କାର୍ଯ୍ୟକାରୀ ହେବାକୁ ଯାଉଛି । ସ୍ୱୟଂଚାଳିତ ଡ୍ରାଇଭିଂ ଟେଷ୍ଟିଂ ସିଷ୍ଟମ୍ ବଳରେ ଯୋଗ୍ୟ ବ୍ୟକ୍ତିମାନେ ଡ୍ରାଇଭିଂ ଲାଇସେନ୍ସ ଯୋଗୁଁ ଦୁର୍ଘଟଣା ହ୍ରାସ କରିବାରେ ସାହାଯ୍ୟ କରିବେ । ଏହା ଡ୍ରାଇଭିଂ ଲାଇସେନ୍ସ ଆବେଦନକାରୀଙ୍କ ପାଇଁ ପରୀକ୍ଷା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ଓ ମାନୁଆଲ ପରୀକ୍ଷା ପ୍ରକ୍ରିୟା ତୁଳନାରେ ଅଧିକ ଦକ୍ଷ ଏବଂ ସ୍ୱଚ୍ଛ ହେବ । ଧାର୍ଯ୍ୟ ସମୟ ମଧ୍ୟରେ ଏହି ବ୍ୟବସ୍ଥା ରାଜ୍ୟର ସମସ୍ତ ଅଞ୍ଚଳରେ କାର୍ଯ୍ୟକାରୀ ହେବ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ ପ୍ରକାଶ କରିଥିଲେ । ସେହିପରି ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ୫-ଟି ପଦକ୍ଷେପ ଅଧୀନରେ ସାରା ରାଜ୍ୟରେ ୨୩ଟି ସ୍ଥାନରେ ଟ୍ରକ୍ ଟର୍ମିନାଲ୍ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ରାସ୍ତା କଡ଼ରେ ବେଆଇନ ପାର୍କିଂ ହେଉଛି ସଡ଼କ ଦୁର୍ଘଟଣାର ଏକ ପ୍ରମୁଖ କାରଣ । ବିଗତ ୨-୩ ବର୍ଷ ମଧ୍ୟରେ ରାସ୍ତା ପାର୍ଶ୍ୱରେ ପାର୍କିଂ ଯାନ ସହିତ ଜଡିତ ଦୁର୍ଘଟଣା ୨୨୦ ପ୍ରତିଶତ ବଢ଼ିଛି ଓ ୮୫୨ ଜଣଙ୍କର ମୃତ୍ୟୁ ଘଟିଛି । ଜିଲ୍ଲା ମଧ୍ୟରେ ପାର୍କିଂ ସୁବିଧା ନଥିବାରୁ ଭାରୀଯାନ ଗୁଡ଼ିକ ବାରମ୍ବାର ରାସ୍ତା କଡ଼ରେ ଅଟକି ରହିଥାଏ । ଏଥିପାଇଁ ବାଣିଜ୍ୟ ଏବଂ ପରିବହନ ବିଭାଗ ଡ୍ରାଇଭରମାନଙ୍କୁ କାର୍ଗୋ, ଇନ୍ଧନ ଆଦି ସୁବିଧା ସହିତ ଅନ୍ୟ ସୁବିଧା ଯୋଗାଇବା ପାଇଁ ସାରା ରାଜ୍ୟରେ ଟ୍ରକ୍ ଟର୍ମିନାଲ୍ ନିର୍ମାଣ କରିବାକୁ ଯାଉଛି ।

ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଅନୁ ଗର୍ଗ ଗଭୀର ନିଷ୍ଠା ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ୬୩ ହଜାର କ୍ୟାଡେଟଙ୍କ ସହଯୋଗ ବଳରେ ଆମର ସଡ଼କ ଦୁର୍ଘଟଣା ମୃତ୍ୟୁକୁ ଆମେ ହ୍ରାସ କରି ପାରିବା ବୋଲି ମତବ୍ୟକ୍ତ କରିଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସାଧାରଣ ଜନତାଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତା ସୃଷ୍ଟି ପାଇଁ ଛାତ୍ରଛାତ୍ରୀଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ପରିବହନ କମିଶନର ଅମିତାଭ ଠାକୁର ଧନ୍ୟବାଦ ଅର୍ପଣ କରି ସମସ୍ତ ଅଂଶଗ୍ରହଣକାରୀଙ୍କୁ ସଡକ ସୁରକ୍ଷା ଦିଗରେ ନିରନ୍ତର ପ୍ରତିବଦ୍ଧତା ପାଇଁ କୃତଜ୍ଞତା ଜଣାଇଥିଲେ ।

# ଆଦେଶ ପ୍ରକାଶ ପୂର୍ବରୁ ସାକ୍ଷୀଙ୍କୁ ଜେରା ଆବେଦନ ଖାରଜ ନ୍ୟାୟିକ ଉଲ୍ଲଘଂନ: ହାଇକୋର୍ଟ

**କଟକ,୬ ।୩(ସମିସ):** ଆଦେଶନାମା ପ୍ରକାଶ ପାଇବା ପୂର୍ବରୁ ସାକ୍ଷୀଙ୍କୁ ଜେରା ପାଇଁ ହୋଇଥିବା ଆବେଦନକୁ ଖାରଜ କରିବା ନ୍ୟାୟିକ ଉଲ୍ଲଘଂନ ବୋଲି ଓଡ଼ିଶା ହାଇକୋର୍ଟ କହିଛନ୍ତି । ଆଦେଶ ପ୍ରକାଶ ପୂର୍ବରୁ ସାକ୍ଷୀଙ୍କୁ ଜେରା ପାଇଁ ନ୍ୟାୟସଂଗତ ସୁଯୋଗ ଦିଆଯିବା ଉଚିତ । ଆବେଦନକାରୀଙ୍କ ପକ୍ଷରୁ ସାକ୍ଷୀଙ୍କୁ ଜେରା ପାଇଁ ହୋଇଥିବା ଆବେଦନକୁ ରେଳବାଇ କ୍ଲେମ ଟ୍ରିବ୍ୟୁନାଲ ପ୍ରତ୍ୟାଖ୍ୟାନ କରି ପ୍ରଦାନ କରିଥିବା ଆଦେଶକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି । ଦେବରାଜ ସାହୁ ଓ ଅନ୍ୟ ମାନଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି ।

**ରେଳବାଇ ଟ୍ରିବ୍ୟୁନାଲ ଆଦେଶ ଖାରଜ**

ଟ୍ରିବ୍ୟୁନାଲର ଏପରି ଆଦେଶ ଦ୍ୱାରା ଆବେଦନକାରୀଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେବ ଓ ଏଥିରେ ସେ ପ୍ରଭାବିତ ହେବେ ବୋଲି ହାଇକୋର୍ଟ କହିଛନ୍ତି । ଏଣୁ ଆବେଦନକାରୀଙ୍କ ଆଇନଜୀବୀଙ୍କ ଦ୍ୱାରା ସମ୍ପୃକ୍ତ ସାକ୍ଷୀଙ୍କୁ ଜେରା କରିବା ପାଇଁ ରେଳବାଇ ଟ୍ରିବ୍ୟୁନାଲ ଆସନ୍ତା ଏକ ମାସ ମଧ୍ୟରେ ବନ୍ଦୋବସ୍ତ କରିବେ ବୋଲି ହାଇକୋର୍ଟ କହିଛନ୍ତି । ପ୍ରକାଶଥାଉକି ଆବେଦନକାରୀ ମାନେ ଏକ ରେଳ ଦୁର୍ଘଟଣାରେ ରେଳବାଇ କ୍ଲେମ୍ ଟ୍ରିବ୍ୟୁନାଲ, ଭୁବନେଶ୍ୱରରେ ୧୦ଲକ୍ଷଟଙ୍କା କ୍ଷତିପୂରଣ ରାଶି ପ୍ରଦାନ ପାଇଁ ପ୍ରାର୍ଥନା କରିଥିଲେ । ଆବେଦନକାରୀଙ୍କ ଅଭିଯୋଗକୁ ବିଚାର କରି ଟ୍ରିବ୍ୟୁନାଲ ଉତ୍ତରଦାତାଙ୍କୁ ନୋଟିସ ଜାରି କରିଥିଲେ ଏବଂ ଶୁଣାଣି ପାଇଁ ମାମଲା ସ୍ଥିର କରାଯାଇଥିଲା । ଗତ ୨୦୨୩ ଅଗଷ୍ଟ୧୭ରେ ସାକ୍ଷୀଙ୍କ ଜେରା ପାଇଁ ସ୍ଥିର କରାଯାଇଥିଲା । ତେବେ ଅସୁସ୍ଥତା ହେତୁ ଆବେଦନକାରୀଙ୍କ ଆଇନଜୀବୀ ଟ୍ରିବ୍ୟୁନାଲରୁ ସ୍ଥଗିତାଦେଶ ମାଗିଥିଲେ । ପରେ ସେ ଜାଣିବାକୁ ପାଇଲେ ଯେ ପ୍ରତିପକ୍ଷ ଦୁଇଜଣ ସାକ୍ଷୀଙ୍କ ଯାଞ୍ଚ ଟ୍ରିବ୍ୟୁନାଲରେ ଶେଷ ହୋଇ ଯୁକ୍ତି ଉପସ୍ଥାପନ ପାଇଁ ମାମଲା ୨୦୨୩ ସେପ୍ଟେମ୍ବର ୨୭କୁ ସ୍ଥିର କରାଯାଇଛି । ତେବେ ସାକ୍ଷୀଙ୍କୁ ଜେରା ପାଇଁ ଆବେଦନକାରୀ ଆବେଦନ କରିଥିଲେ ହେଁ ଟ୍ରିବ୍ୟୁନାଲ ଏହାକୁ ଗତ ୨୦୨୩ସେପ୍ଟେମ୍ବର୨୭ରେ ଖାରଜ କରିଦେଇଥିଲେ । ଆଦେଶ ପ୍ରକାଶ ପୂର୍ବରୁ ସାକ୍ଷୀଙ୍କୁ ଜେରା ପାଇଁ ଅନୁମତି ନମିଳିବା ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

### ■ ଅର୍ଥ ସବ୍ କମିଟି ବୈଠକ

# ଶ୍ରୀମନ୍ଦିର ବଜେଟ୍ ଉପରେ ଆଲୋଚନା

**ପୁରୀ,୬।୩(ସମିସ):** ବୁଧବାର ଅନୁଷ୍ଠିତ ହୋଇଛି ଶ୍ରୀମନ୍ଦିର ଅର୍ଥ ସବ୍ କମିଟି ବୈଠକ । ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ମଧ୍ୟାହ୍ନ ୧୨ଟାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ପ୍ରଶାସକ ସମର୍ଥ ବର୍ମା ଅଧ୍ୟକ୍ଷତା କରିଥିଲେ । ଏଥିରେ ମୁଖ୍ୟତଃ ଶ୍ରୀମନ୍ଦିରର ୨୦୨୪-୨୫ ଆର୍ଥିକ ବର୍ଷ ବଜେଟ୍ ଉପରେ ଆଲୋଚନା କରାଯାଇଥିଲା ।

ଏତଦ୍‌ବ୍ୟତୀତ ଶ୍ରୀଜଗନ୍ନାଥ ଟେମ୍ପୁଲ କର୍ପସ ଫଣ୍ଡ, ଶ୍ରୀଜଗନ୍ନାଥ ଟେମ୍ପୁଲ ଫଣ୍ଡରେ ଥିବା ସ୍ଥାୟୀ ଜମା ଉପରେ ଆଲୋଚନା କରାଯାଇଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ଅଧୀନସ୍ଥ ବିଭିନ୍ନ ମାହାଲ ଉପରେ ମଧ୍ୟ ତର୍ଜମା ହୋଇଥିଲା । ଶ୍ରୀମନ୍ଦିର ପାଇଁ ୨୦୨୪-୨୫ ଆର୍ଥିକ ବର୍ଷ ବଜେଟ୍ ପ୍ରସ୍ତୁତ ହୋଇଥିବା ବେଳେ ଏହା ଆସନ୍ତା ପରିଚାଳନା କମିଟି ବୈଠକରେ ଏଥିରେ ମୋହର ବାଜିବ ।

ସୂଚନାଥାଉ କି, ଶ୍ରୀମନ୍ଦିର ପାଇଁ ୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ୨୭୧କୋଟି ୭ ଲକ୍ଷ ଟଙ୍କାର ବଜେଟ୍ ଗୃହୀତ ହୋଇଥିଲା । ତେବେ ପ୍ରସ୍ତୁତ ବଜେଟ୍ ଅନୁଯାୟୀ ବିଭିନ୍ନ ଉତ୍ସରୁ ୨୭୧ କୋଟି ୭ ଲକ୍ଷ ଟଙ୍କା ଆୟ ଲକ୍ଷ୍ୟ ରଖାଯାଇଥିବା ବେଳେ ୨୬୨ କୋଟି ୧୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା ।

## ଲୋକକଥା



ଓଡ଼ିଶାର ଗତି ପ୍ରଗତିକୁ ଦେଖି
ମୋଦୀ ପାରିଲେନି ରହି,
ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ
ସ୍ୱୀକାର କରିଲେ କହି !
ଶାସନଶଇଳୀ ପାଇଁ,
ଏ ରାଇଜ ଦିନେ ଏକ ନମ୍ବର ହେବ
ଜଳ ଜଳ ଦିଶୁଥାଇ ॥

# କଂଗ୍ରେସକୁ ଫେରିଲେ ଶ୍ରୀକାନ୍ତ ଜେନା

**ଭୁବନେଶ୍ୱର, ୬ ।୩(ସମିସ):** କଂଗ୍ରେସକୁ ଫେରିଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା । ନୂଆଦିଲ୍ଲୀ ସ୍ଥିତ ଅଖିଳ ଭାରତ କଂଗ୍ରେସ କମିଟି କାର୍ଯ୍ୟାଳୟରେ ରାଜ୍ୟ କଂଗ୍ରେସ ପ୍ରଭାରୀ ଡଃ ଅଜୟ କୁମାରଙ୍କ ଉପସ୍ଥିତିରେ ଶ୍ରୀ ଜେନା ବିଧିବଦ୍ଧ ଭାବେ କଂଗ୍ରେସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଶ୍ରୀ ଜେନାଙ୍କ କଂଗ୍ରେସରେ ଯୋଜନା ଦଳକୁ ସଂଗଠିତ ଓ ସୁଦୃଢ଼ କରିବା ସହ ରାଜ୍ୟରେ ଦଳର ଏକ୍‌ତି ବୃଦ୍ଧି ହେବ ବୋଲି ରାଜ୍ୟ ପ୍ରଭାରୀ ଡଃ ଅଜୟ କୁମାର କହିଛନ୍ତି । ଶ୍ରେ ଜେନା ଦଳ ପାଇଁ ପୂର୍ବରୁ ଅନେକ କାର୍ଯ୍ୟ କରିଛନ୍ତି ଓ ଆଗାମୀ ଦିନରେ ତାଙ୍କର ଉପସ୍ଥିତି କଂଗ୍ରେସ ପାଇଁ ସଫଳତା ଆଣିଦେବ ବୋଲି ଡଃ କୁମାର ଆଶା ପ୍ରକାଶ କରିଛନ୍ତି । କଂଗ୍ରେସ ଦଳକୁ ପ୍ରତ୍ୟାବର୍ତ୍ତନ କରି ଶ୍ରୀ ଜେନା ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେଇ କହିଥିଲେ ଅନ୍ୟାୟ ବିରୋଧରେ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ନ୍ୟାୟ ଯାତ୍ରା ପ୍ରତି ଲୋକଙ୍କ ସମର୍ଥନ ବଢୁଛି । ଓଡ଼ିଶାର ଲୋକମାନେ ରାହୁଲ ଗାନ୍ଧୀଙ୍କ ଏହି ଯାତ୍ରାକୁ ଗ୍ରହମ କରିବା ସହ ବିଜେଡି ଓ ବିଜେପି ମଧ୍ୟରେ ଥିବା ଗଠବନ୍ଧନକୁ ପ୍ରତ୍ୟାଖାନ କରିବେ । ଓଡ଼ିଶାରେ କଂଗ୍ରେସ ସରକାର କରିବ ବୋଲି ଶ୍ରୀ ଜେନା କହିଛନ୍ତି ।

### ■ ଏନ୍‌ଜିଟିରେ କୋଇଲା ପରିବହନ ପାଇଁ ତାଳଚେର ସହର ପ୍ରଦୂଷଣ ମାମଲା

# ୩ଜଣିଆ ଯାଞ୍ଚ କମିଟି ରିପୋର୍ଟ ଦେବାକୁ ନିର୍ଦ୍ଦେଶ

**କଟକ,୬ ।୩(ସମିସ):** ଅନୁଗୁଳ ଜିଲ୍ଲା ତାଳଚେର ସହର ସମେତ ବିଭିନ୍ନ ଗ୍ରାମ ଦେଇ ଦୈନନ୍ଦିନ ୫ରୁ ୧୦ହଜାର କୋଇଲା ବୋଝେଇ ଟ୍ରକ ଚଳାଚଳ କରିବା ଦ୍ୱାରା ପ୍ରଦୂଷଣ ସ୍ଥିତି ଉଦବେଗଜନକ ରହିଛି । ଏପରିକି କୋଇଲା ପରିବହନ ବେଳେ ଟ୍ରକ ଗୁଡିକରୁ କୋଇଲା ଗୁଣ୍ଡ ଉଡି ଘର ଦ୍ୱାର ଚାରିଆଡେ ପଶୁଥିବା ବେଳେ ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉନଥିବା ଅଭିଯୋଗରେ ଦାୟର ଆବେଦନକୁ ଜାତୀୟ ଗ୍ରିନ ଟ୍ରିବ୍ୟୁନାଲ (ଏନଜିଟି) ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି । ଅନୁଧ୍ୟାନ ନିମନ୍ତେ ଏକ ୩ଜଣିଆ ଯାଞ୍ଚ କମିଟି ଗଠନ ପାଇଁ ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀଧର ସାମଲଙ୍କ ଆବେଦନର ଶୁଣାଣି କରି ଏନଜିଟି ପୂର୍ବାଞ୍ଚଳ ବେଞ୍ଚର ବିଚାର ବିଭାଗୀୟ ସଦସ୍ୟ ଜଷ୍ଟିସ ବି.ଅମିତ ସ୍ଥାଲେକର ଓ ବିଶେଷଜ୍ଞ ସଦସ୍ୟ ଅରୁଣ କୁମାର ବର୍ମା ଏପରି ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ପ୍ରଦୂଷଣ



ନିୟନ୍ତ୍ରଣ ବୋର୍ଡ (ଓଏସପିସିବି)ର ଜଣେ ବରିଷ୍ଠ ବୈଜ୍ଞାନିକ, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ବରିଷ୍ଠ ବୈଜ୍ଞାନିକ ଓ ଅନୁଗୁଳ ଜିଲ୍ଲାପାଳ ଅବା ଜଣେଏଡିଏମ୍ ପାହ୍ୟା ଅଧିକାରୀଙ୍କୁ ନେଇ କମିଟି ଗଠନ କରାଯିବ । କମିଟି ଘଟଣାସ୍ଥଳ ପରିଦର୍ଶନ କରି ୪ସପ୍ତାହ ଭିତରେ ରିପୋର୍ଟ ସହ ସତ୍ୟପାଠ ଦେବ । ଅନୁଗୁଳ ଜିଲ୍ଲାପାଳ ଏହି କମିଟିର ନୋଡାଲ ଅଧିକାରୀ ଭାବେ ରହିବେ ଓ କମିଟି ତରଫରୁ ଏହି ରିପୋର୍ଟକୁ ସେ ଦାଖଲ କରିବେ ବୋଲି ଏନଜିଟି କହିଛନ୍ତି । ମାମଲାରେ ପ୍ରତିପକ୍ଷ ଥିବା କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ରାଜ୍ୟ ସରକାର, ମହାନଦୀ କୋଲଫିଲଡସ(ଏମସିଏଲ), ଅନୁଗୁଳ ଜିଲ୍ଲାପାଳ, ରାଜ୍ୟ ଓ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଅନ୍ୟ ମାନଙ୍କୁ ନୋଟିସ୍ ଜାରି ହୋଇଛି । ସମସ୍ତ ପ୍ରତିପକ୍ଷ ଏହି ପ୍ରସଂଗରେ ଆସନ୍ତା ୪ ସପ୍ତାହ ଭିତରେ ଜବାବ ଦାଖଲ ପାଇଁ ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି । ମାମଲାରୁ ପ୍ରକାଶ ଯେ ତାଳଚେର କୋଲଫିଲ୍ଡ ଅନ୍ତର୍ଗତ ଏମସିଏଲ ୩୮.୬୫ବିଲିଅନ ଟଟନ କୋଇଲା ଗଚ୍ଛିତ ରଖିଛି । ଏହା ମହାରାଷ୍ଟ୍ର, ପଶ୍ଚିମବଂଗ ଓ ତାମିଲନାଡୁ ଆଦି ରାଜ୍ୟକୁ ଯାଉଛି । ତେବେ ତାଳଚେର ସହର ମଧ୍ୟ ଦେଇ ଏହା ଜାତୀୟ ରାଜପଥ ନଂ ୧୪୯ ରେ ପହଞ୍ଚୁଛି । ତାଳଚେରର ବଲଧର, ଲିଙ୍ଗରାଜ, ନନ୍ଦିରା, ତେନ୍ତୁଲେଇ, ବଡଦାଣ୍ଡ ସାହି, ବାଘମରା, ଦିଅଝରଣା ଆଦି ଗ୍ରାମରେ କୋଇଲା ଖଣି ଉତ୍ତୋଳନ ଓ ପରିବହନ ପାଇଁ କଳା ଆସ୍ତରଣ ସୃଷ୍ଟି ହୋଇଛି । ତାଳଚେର ମ୍ୟୁନିସପାଲଟି ପକ୍ଷରୁ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ୨୦୨୧ରୁ ହାତକୁ ନିଆଯାଇଥିଲେ ମଧ୍ୟ ଏହା ପ୍ରଭାବୀ ହୋଇପାରୁନି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଫରାଜ ସୁହେଲ ମାମଲା ପରିଚାଳନା କରୁଛନ୍ତି । ଏପ୍ରିଲ୧୦ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ ହୋଇଛି ।




PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-252 ◆BHUBANESWAR ◆THURSDAY ◆7 MARCH 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୫୨ ◆ଭୁବନେଶ୍ୱର ◆ଗୁରୁବାର ◆୭ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦

**ନଡ୍ଡାଙ୍କ ଅଧ୍ୟକ୍ଷତାରେ ବିଜେପିର ଗୁରୁତ୍ୱପୂର୍ଣ୍ଣ ବୈଠକ**

# ଓଡ଼ିଶା ବିଜେପିର ବହୁ ନେତାଙ୍କ ଯୋଗଦାନ

**ଭୁବନେଶ୍ୱର, ୬।୩(ସମିସ):** ରାଜ୍ୟରେ ବିଜେଡି ଓ ବିଜେପି ମଧ୍ୟରେ ସମ୍ଭାବ୍ୟ ମେଣ୍ଟ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଚାଲିଥିବାବେଳେ ବୁଧବାର ସନ୍ଧ୍ୟାରେ ଦିଲ୍ଲୀରେ ଓଡ଼ିଶା ବିଜେପିର କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଛି। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ ପି ନଡ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ବିଶ୍ୱେଶ୍ୱର ଟୁଡୁ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ସଂଗଠନ ସମ୍ପାଦକ ମାନସ ମହାନ୍ତି, ସାଂସଦ ଜୁଏଲ ଓରାମ, ବସନ୍ତ ପଣ୍ଡା ଓ ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର ଉପସ୍ଥିତ ଥିଲେ। ବୈଠକ ସମ୍ପର୍କରେ ସାଂସଦ ଜୁଏଲ ଓରାମ କହିଛନ୍ତି ଯେ ବୈଠକରେ ଅନେକ ପ୍ରସଙ୍ଗରେ ଆଲୋଚନା ହୋଇଛି। ରାଜନୈତିକ ସ୍ଥିତି ଉପରେ ଆଲୋଚନା ହୋଇଛି। ତେବେ ମେଣ୍ଟ ଉପରେ ନିର୍ଦ୍ଦିଷ୍ଟ ଆଲୋଚନା ହୋଇନାହିଁ। ମେଣ୍ଟ ସମ୍ପର୍କରେ ଶେଷ ନିଷ୍ପତ୍ତି ଶୀର୍ଷ ନେତୃତ୍ୱ ନେବେ। କେନ୍ଦ୍ର ଯେଉଁ ନିଷ୍ପତ୍ତି ନେବ, ତାହାହିଁ ହେବ ବୋଲି ସେ କହିଛନ୍ତି।




**ବିପର୍ଯ୍ୟୟ ପରିଚାଳନାରେ ଆଉ ପାଦେ ଆଗକୁ ବଢ଼ିଲା ଓଡ଼ିଶା**

# ବିପର୍ଯ୍ୟୟ ମୁକାବିଲା ପାଇଁ ଦିନକରେ ୨ଟି ବୁଝାମଣା

**ଭୁବନେଶ୍ୱର,୬।୩(ସମିସ):** ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଆଉ ପାଦେ ଆଗକୁ ବଢ଼ିଛି ଓଡ଼ିଶା। ଗୋଟିଏ ଦିନରେ ଦୁଇ ଦୁଇଟି ଅନ୍ତର୍ଜାତୀୟସ୍ତରର ସଂସ୍ଥା ସହ ବୁଝାମଣା କରି ରାଜ୍ୟରେ 'ଜିରୋ କାଜୁଆଲଟି' ଓ 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ଉକ୍ତିକୁ ରାଜ୍ୟ ସରକାର ଦୃଢ଼ ନିଶ୍ଚିତ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ମୁଖ୍ୟତଃ ରାଜ୍ୟର କିଛି ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ନେଇ ସୃଷ୍ଟି ହୋଇଥିବା ବିପଦକୁ ରାଜ୍ୟ ସରକାର ଗୁରୁତ୍ୱର ସହ ନେଇ ଏହାର ସମାଧାନ ଓ ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏଥିପାଇଁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ



■ ଭୂସ୍ଖଳନ ମୁକାବିଲା ପାଇଁ ଅମୃତା ବିଶ୍ୱ ବିଦ୍ୟାପୀଠମ୍ କରିବ ସହଯୋଗ
■ ବିପର୍ଯ୍ୟୟ ପୂର୍ବାନୁମାନ ନେଇ ବ୍ୟାଙ୍କକ୍ ସ୍ଥିତ 'ରାଇମ୍‌ସ' ସହ ଏମ୍ଓୟୁ
■ 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ଉଦ୍ୟମକୁ ସଫଳ ପାଇଁ ବିଭାଗର ପ୍ରୟାସ

ପରିଚାଳନା କର୍ତ୍ତୃପକ୍ଷ କେରଳର ଅମୃତା ବିଶ୍ୱ ବିଦ୍ୟାପୀଠମ୍ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଅମୃତା ବିଶ୍ୱ ବିଦ୍ୟାପୀଠମ୍ ଭୂସ୍ଖଳନ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ପ୍ରାଥମିକ ଓ ଆଗୁଆ ସତର୍କ ସୂଚନା ପ୍ରଦାନ କରିବ ଏବଂ ଏହାର ପ୍ରସାରଣ ମଧ୍ୟ କରିବ। ଏହି ସଂସ୍ଥା ଓଡ଼ିଶାର ଜନସାଧାରଣଙ୍କୁ ଏହାର ପୂର୍ବାନୁମାନ ଦର୍ଶାଇବା ଦ୍ୱାରା ଭୂସ୍ଖଳନ ଜନିତ କ୍ଷୟକ୍ଷତି ଆଶଙ୍କାରୁ ଅନେକାଂଶରେ ଲାଭ ମିଳିପାରିବ।

ଅନୁରୂପ ଭାବରେ ବ୍ୟାଙ୍କକ୍‌ରେ ମୁଖ୍ୟ କାର୍ଯ୍ୟାଳୟରେ ଥିବା ଆଞ୍ଚଳିକ ସମନ୍ୱିତ ବହୁମୁଖୀ-ବିପର୍ଯ୍ୟୟ ସମ୍ପର୍କରେ ଆଗୁଆ ସତର୍କ ସୂଚନା ବ୍ୟବସ୍ଥା ଅନୁଷ୍ଠାନ (ରାଇମସ୍) ସହିତ ମଧ୍ୟ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଛି। ବହୁମୁଖୀ ପ୍ରଭାବ ଆଧାରିତ ବିପର୍ଯ୍ୟୟ ପୂର୍ବାନୁମାନ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଏବଂ ବିଶ୍ୱବ୍ୟାଙ୍କ ସମର୍ଥିତ ଓଡ଼ିଶା ରାଜ୍ୟ ସାମର୍ଥ୍ୟ ଓ ସହନଶୀଳ ଅଭିବୃଦ୍ଧି କାର୍ଯ୍ୟକ୍ରମ (ଓଏସସିଆରଜିପି) ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ଜ୍ଞାନକୌଶଳ ପ୍ରଦାନ କରିବା ବ୍ୟବସ୍ଥାକୁ ସମନ୍ୱିତ କରିବାରେ 'ରାଇମସ୍' ଓସ୍‌ଡମା ସହ ମିଳିତ ଭାବେ କାର୍ଯ୍ୟ କରିବ। ଏହି ଏମ୍ଓୟୁ ଦ୍ୱାରା ସରକାରଙ୍କର ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ସୁଦୃଢ଼ ହେବା ସହ ଓଡ଼ିଶାର ଜନସାଧାରଣଙ୍କୁ ବିପର୍ଯ୍ୟୟର ପୂର୍ବାନୁମାନ ତଥା ପ୍ରାରମ୍ଭିକ ଚେତାବନୀ ଦର୍ଶାଯାଇ ପାରିବ। ଓଡ଼ିଶାର ଜନସାଧାରଣଙ୍କୁ ବିପର୍ଯ୍ୟୟ ପ୍ରସ୍ତୁତିର ମୁଖ୍ୟସ୍ରୋତରେ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି ସଶକ୍ତ ଓଡ଼ିଶା ଗଠନ କରିବାରେ ଏହା ସହାୟକ ହେବ। ବୁଝାମଣା ପତ୍ରଗୁଡ଼ିକ ସରକାରଙ୍କ 'ମିଶନ ଜିରୋ କାଜୁଆଲିଟି' ଏବଂ 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ଉଦ୍ୟମକୁ ସଫଳ କରାଇବା ଦିଗରେ ସଚେଷ୍ଟିତ ହେବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି। ଓସଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁସ୍ମିତା ବେହେରା ଏବଂ ଅମୃତା ବିଶ୍ୱ ବିଦ୍ୟାପୀଠମ୍‌ର ନିର୍ଦ୍ଦେଶକ ଡଃ ମନିଷା ବିନୋଦିନୀ ରମେଶ ଏକ ବୁଝାମଣାରେ ସ୍ୱାକ୍ଷର କରିଥିବାବେଳେ ଅନ୍ୟ ବୁଝାମଣା ପତ୍ରରେ ରାଇମସ୍ ଅନୁଷ୍ଠାନ ପକ୍ଷରୁ ବରିଷ୍ଠ ଉପଦେଷ୍ଟା ଡଃ କେଜେ. ରମେଶ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛନ୍ତି।

ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଶ୍ରୀ ଜେନା କହିଛନ୍ତି ଯେ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟ ଭାବେ ପରିଚିତ ହୋଇଛି। ବିପର୍ଯ୍ୟୟ ପ୍ରାକ୍ ପ୍ରସ୍ତୁତି ହେଉ, ବିପର୍ଯ୍ୟୟ ସମୟରେ ପରିଚାଳନା ହେଉ, ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ ହେଉ କିମ୍ବା ବିପର୍ଯ୍ୟୟ ମୁକାବିଲା ରଣନୀତି ଆପଣାଇବା ହେଉ, ଆମେ ପ୍ରତ୍ୟେକ ଥର ଆମର ସର୍ବୋତ୍ତମ ପ୍ରଦର୍ଶନ କରିବାକୁ ଚେଷ୍ଟା କରୁଛୁ। ସ୍ୱାକ୍ଷରିତ ବୁଝାମଣା ପତ୍ର ବିପର୍ଯ୍ୟୟ ପ୍ରସ୍ତୁତି ଦିଗରେ ଯୁବପିଢ଼ିଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହେବ ବୋଲି। ସେହିପରି କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପରିଚାଳନା ନିର୍ଦ୍ଦେଶକ ସତ୍ୟବ୍ରତ ସାହୁ କହିଥିଲେ ଯେ, ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ଭାବେ ସୁନାମ ଅର୍ଜନ କରିଛି। ଆଜିର ସ୍ୱାକ୍ଷରିତ ଉଭୟ ବୁଝାମଣାପତ୍ର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏହାର କାର୍ଯ୍ୟକାରିତା ପାଇଁ ସେ ସମସ୍ତ ଅଂଶୀଦାରମାନଙ୍କ ସହଯୋଗ କାମନା କରିଥିଲେ। ଏହି ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ଓସଡମାର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜ୍ଞାନ ଦାସ ଉପସ୍ଥିତ ଥିଲେ।

■ **ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାର ସିବିଆଇ ତଦନ୍ତ ପ୍ରସଙ୍ଗରେ ସରକାରଙ୍କ ସତ୍ୟପାଠ**

# ଅଭିଯୁକ୍ତମାନେ ଦୋଷୀସାବ୍ୟସ୍ତ ହୋଇଥିବାରୁ ଆବେଦନ ଖାରଜ ହେଉ

**କଟକ, ୬। ୩(ସମିସ):** ବହୁଚର୍ଚ୍ଚିତ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାର ସିବିଆଇ ତଦନ୍ତ ଦାବିରେ ରୁଜୁ ଆବେଦନର ଶୁଣାଣି ଆସନ୍ତା ମାର୍ଚ୍ଚ ୧୩ରେ ହେବ ବୋଲି ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ଆଇନଜୀବୀ ଇଂ. ଦେବାଶିଷ ହୋତାଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ଭି.ନରସିଂହ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଗୋଟିଏପଟରେ ଏହି ମାମଲାରେ ସରକାରଙ୍କ ପକ୍ଷରୁ ଗୃହ ବିଭାଗର ଅତିରିକ୍ତ ସଚିବ ଏକ ସତ୍ୟପାଠ ଦେଇଛନ୍ତି। ସେହିପରି କରି ଆବେଦନକାରୀ ମଧ୍ୟ ସତ୍ୟପାଠ ଜରିଆରେ ଏହା ଉପରେ ଆପତ୍ତି ଜଣାଇଛନ୍ତି। ରାଜ୍ୟ ସରକାର ଦେଇଥିବା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି ଯେ ଏହି ସମ୍ବେଦନଶୀଳ ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ କରିଥିଲା। ଅଭିଯୁକ୍ତ ମାନଙ୍କୁ ଗତ ୨୦୧୩ମସିହାରୁ ଫୁଲବାଣୀ ଅତିରିକ୍ତ ଦୌରା ଜଜ୍ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏପରିକି ଏହି ରାୟ ବିରୋଧରେ ଅଭିଯୁକ୍ତ ମାନେ ହାଇକୋର୍ଟରେ କ୍ରିମିନାଲ ଅପିଲ ରୁଜୁ କରିଛନ୍ତି ଯାହା ବିଚାରାଧିନ ରହିଛି ବୋଲି ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଏଣୁ ଆବେଦନକାରୀ ସିବିଆଇ ତଦନ୍ତ ଦାବିରେ ୨୦୨୩ରେ କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରନ୍ତୁ ବୋଲି ସରକାର ସତ୍ୟପାଠରେ ଦର୍ଶାଇଛନ୍ତି। ସୂଚନା ଯୋଗ୍ୟ ଯେ, ଗତ ୨୦୨୪ ଜାନୁଆରୀ୨ରେ ଏହି ହତ୍ୟାକାଣ୍ଡର ସିବିଆଇ ତଦନ୍ତ କାହିଁକି କରାନଯିବ ସେ ନେଇ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ଜବାବ ତଲବ କରିଥିଲେ। ମାମଲାରୁ ପ୍ରକାଶ ଯେ ୨୦୦୮ ଅଗଷ୍ଟ ୨୩ରେ ଚକାପାଦ ଜଲେଶପଟା ଆଶ୍ରମରେ ଜନ୍ମାଷ୍ଟମୀ ପାଳନ ବେଳେ ଦୁର୍ବୃତ୍ତ ମାନେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ଗୁଳି କରି ହତ୍ୟା କରିଥିଲେ।

**ଗୋଶାଳାକୁ ସ୍ୱାବଲମ୍ବୀ କରାଇବ ଭର୍ମି କମ୍ପୋଷ୍ଟ**

# ୫୮ ଗୋଶାଳାକୁ ମିଳିଲା ଅନୁମତି

**ଭୁବନେଶ୍ୱର, ୬।୩(ସମିସ):** ଜିଆଖତ ଗୋଧନ କେନ୍ଦ୍ର ଗୋପାଳକମାନଙ୍କୁ ରୋଜଗାର ପ୍ରଦାନ କରିବ। ଏହା ସହ ବିଭିନ୍ନ ଗୋଶାଳାଗୁଡ଼ିକ ସ୍ୱୟଂସମ୍ପନ୍ନ ଓ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ଗୋଶାଳା ଓ ଗୋପାଳକମାନଙ୍କୁ ଜିଆଖତ ଗୋଧନ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ପ୍ରୋତ୍ସାହିତ କରିବା ସହିତ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ରାଜ୍ୟର ଗୋଶାଳା ଓ ଗୋପାଳକମାନଙ୍କୁ ଜିଆଖତ ଗୋଧନ କେନ୍ଦ୍ର (ଭର୍ମିକମ୍ପୋଷ୍ଟ) ୟୁନିଟ୍ ପ୍ରତିଷ୍ଠା ପାଇଁ ଅନୁମତି ପତ୍ର (ଗୋ ଆହେଡ ଲେଟର) ପ୍ରଦାନ କରାଯାଇଛି। କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୁଧବାର ରାଜ୍ୟର ୫୮ଗୋଶାଳାକୁ ଏହି ଅନୁମତି ପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ କୃଷି ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ, ପ୍ରାଣୀକଲ୍ୟାଣ ଓ ଗୋପାଳକଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତିବଦ୍ଧତା ସ୍ୱରୂପ ଗୋଶାଳାରେ ଜିଆଖତ ଗୋଧନ କେନ୍ଦ୍ର ସ୍ଥାପନ ରାଜ୍ୟ ସରକାରଙ୍କ ଏକ ଅଭିନବ ପଦକ୍ଷେପ। ଜିଆଖତ ଉତ୍ପାଦନ କରି ଗୋଶାଳାଗୁଡ଼ିକ ସ୍ୱାବଲମ୍ବୀ ହୋଇପାରିବେ। ଗୋପାଳକମାନେ ସେମାନଙ୍କ ଆୟକୁ ଅନେକାଂଶରେ



ବୃଦ୍ଧି କରିପାରିବେ। ଜିଆଖତ ରାଜ୍ୟର ଜୈବିକ କୃଷିକୁ ପ୍ରୋତ୍ସାହିତ କରିବ। ମୃତ୍ତିକାର ଉର୍ବରତା ଓ ସ୍ୱାସ୍ଥ୍ୟରକ୍ଷା ଦିଗରେ ଉପଯୋଗୀ ହୋଇପାରିବ। ଗୋବର ଓ ଗୋମୂତ୍ର ଆଦି ବର୍ଜ୍ୟବସ୍ତୁର ସୁପରିଚାଳନା କରି ସେଥିରୁ ଭର୍ମିକମ୍ପୋଷ୍ଟ ପ୍ରସ୍ତୁତ କରିବା ପାଇଁ ଗୋଶାଳା, ପ୍ରାଥମିକ ଦୁଗ୍ଧ ଉତ୍ପାଦକ ସମବାୟ ସମିତିର ସଦସ୍ୟ ଓ ଗୋପାଳକମାନଙ୍କ ଗୋଧନ ୟୁନିଟ୍ ପ୍ରତିଷ୍ଠା ପାଇଁ ୫୦ ପ୍ରତିଶତ ସହାୟତା ଓ ସର୍ବାଧିକ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ରାଜ୍ୟ ସରକାର ପ୍ରାଣୀସମ୍ପଦ ଓ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ଓ ଚିକିତ୍ସା ସୁବିଧାକୁ ପ୍ରାଥମିକତା ପ୍ରଦାନ କରୁଛନ୍ତି। ଦୁଃସ୍ଥ ଓ ଅସହାୟ ବୁଲା ଷଣ୍ଢ, ବଳଦ ଇତ୍ୟାଦିଙ୍କ ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ନିରାପଦ ଆଶ୍ରୟସ୍ଥଳ ହେଉଛି ଗୋଶାଳା। ବେସରକାରୀ ସ୍ତରରେ ସ୍ଥାପିତ ହୋଇଥିବା ଗୋଶାଳାଗୁଡ଼ିକରେ ଗାଈଗୋରୁଙ୍କ ରକ୍ଷଣାବେକ୍ଷଣ ଓ ନୂତନ ଗୋଶାଳା ପ୍ରତିଷ୍ଠା ଦିଗରେ ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ଚଳିତ ବର୍ଷ ଏ ବାବଦରେ ପ୍ରାୟ ୯ କୋଟି ଟଙ୍କା ବଣ୍ଟନ କରାଯାଇଛି। ରାଜ୍ୟର ସମସ୍ତ ୩୧୪ଟି ବ୍ଲକରେ ମୁଖ୍ୟମନ୍ତ୍ରୀ ଭ୍ରାମ୍ୟମାଣ ପ୍ରାଣିସେବା ଯାନର ବ୍ୟବସ୍ଥା ହୋଇଛି ଏବଂ ସହରାଞ୍ଚଳରେ ତୁରନ୍ତ ପ୍ରାଣିଚିକିତ୍ସା ପାଇଁ ମଧ୍ୟ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ଶ୍ରୀ ରାମାଶିଷ ହାଜରା ସ୍ୱାଗତ ଭାଷଣ ପ୍ରଦାନ କରି କହିଲେ ଭର୍ମିକମ୍ପୋଷ୍ଟ ଗୋଧନ କେନ୍ଦ୍ର ପ୍ରତିଷ୍ଠା ଦ୍ୱାରା ଗୋଶାଳାରୁ ଉତ୍ପାଦିତ ବର୍ଜ୍ୟବସ୍ତୁର ସୁପରିଚାଳନା ହେବା ସହିତ ଏଥିରୁ କୃଷି ଉପଯୋଗୀ ମୂଲ୍ୟବାନ ଜିଆଖତ ଉତ୍ପାଦନ ହୋଇପାରିବ। ଏହି ଅବସରରେ ବିଭାଗ ପକ୍ଷରୁ ଆୟୋଜିତ ପ୍ରଶିକ୍ଷଣ କର୍ମଶାଳାରେ ବିଭିନ୍ନ ଗୋଶାଳା ଓ ଗୋପାଳକମାନଙ୍କୁ ଜିଆଖତ ଗୋଧନ କେନ୍ଦ୍ର ସ୍ଥାପନ ଓ ପରିଚାଳନା ଏବଂ ଗୋବରୁ ଜିଆଖତର ଉତ୍ପାଦନର ବୈଷୟିକ ଦିଗ ସମ୍ପର୍କରେ ବିଶଦ ଭାବରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଗୋଶାଳାର କର୍ମକର୍ତ୍ତା, ଗୋପାଳକ ଓ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

# ଭିଜିଲାନ୍ସ ଜାଲରେ ରାଜସ୍ୱ ନିରୀକ୍ଷକ

**ଜଗନ୍ନାଥପ୍ରସାଦ, ୬।୩(ସମିସ):** ଭିଜିଲାନ୍ସ ଜାଲରେ ରାଜସ୍ୱ ନିରୀକ୍ଷକ। ଜଣେ ଅଭିଯୋଗକାରୀଙ୍କ ଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମାଡ଼ିବସିଲା ଭିଜିଲାନ୍ସ ଟିମ। ଅଭିଯୁକ୍ତ ହେଲେ ଜଗନ୍ନାଥ ପ୍ରସାଦ ତହସିଲର ରାଜସ୍ୱ ନିରୀକ୍ଷକ ପ୍ରମୋଦ କୁମାର ବେହେରା। ସୂଚନା ଅନୁଯାୟୀ ଜିରାବାଡି

**ସହଯୋଗୀ ମାଧ୍ୟମରେ ଟଙ୍କା ନେଉଥିଲେ**

ପଞ୍ଚାୟତ ଅଧୀନ ରାଣୀଭୂମି ଗ୍ରାମର ମାନସ ରଞ୍ଜନ ଗୌଡ଼ (୪୨) ଜଗନ୍ନାଥପ୍ରସାଦ ତହସିଲ ଅଧୀନ ଚିକିଲି ମୌଜା ତାଳପଙ୍କା ଗ୍ରାମରେ ଥିବା ୩ ଏକର ୫୪ ଡିସିମିଲ ପଡ଼ିଆ ଜମିର ଡିମାର୍ଗେସନ ପାଇଁ ଗତ ୨୫ ତାରିଖରେ ଆବେଦନ କରିଥିଲେ। ଏହି କାର୍ଯ୍ୟ କରିବା ପାଇଁ ରାଜସ୍ୱ ନିରୀକ୍ଷକଙ୍କ ପାଖରେ କାର୍ଯ୍ୟ କରୁଥିବା ସହଯୋଗୀ କୋକୋଳାବା ଗ୍ରାମର ବିଦ୍ୟାଧର ପ୍ରଧାନ ଓରଫ ବାନା ୫ହଜାର ଟଙ୍କା ଲାଞ୍ଚ ଦେବା ପାଇଁ ମଧ୍ୟସ୍ଥତା କରିଥିଲେ। କିନ୍ତୁ ଅଭିଯୋଗକାରୀ ମାନସ ଗୌଡ଼ ଏନେଇ ଅକ୍ଷମତା ପ୍ରକାଶ କରିବା ସହ ବ୍ରହ୍ମପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଯୋଜନା ମୁତାବକ ଅଭିଯୋଗକାରୀ ମାନସ ବୁଧବାର ଅପରାହ୍ନ୧୨ରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଠାରେ ଆରଆଇ ପ୍ରମୋଦ କୁମାର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଜଗନ୍ନାଥପ୍ରସାଦ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଆରଆଇ ଶ୍ରୀ ବେହେରାଙ୍କ ଦ୍ୱାରା ନିୟୋଜିତ ଦଲାଲ ବିଦ୍ୟାଧର ପ୍ରଧାନକୁ ମାନସ ରଙ୍ଗ ପ୍ରଲେପ ଦିଆଯାଇଥିବା ଲାଞ୍ଚ ଟଙ୍କା ଦେଇଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ଛକିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ



ମାଡ଼ିବସିଥିଲା। ସହଯୋଗୀ ବାନା ଠାରୁ ୫ ହଜାର ଟଙ୍କା ଜବତ କରିଥିଲେ। ପରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି ଭିଜିଲାନ୍ସ ଟିମ୍। ଅଧିକ ତଦନ୍ତ ପାଇଁ ଆର.ଆଇ ଶ୍ରୀ ବେହେରାଙ୍କୁ ସ୍ଥାନୀୟ ତହସିଲ କାର୍ଯ୍ୟାଳୟକୁ ଆଣି ପଚରା ଉଚୁରା ଜାରିରଖିଛି। ଏନେଇ ବ୍ରହ୍ମପୁର ଶାଖା ଭିଜିଲାନ୍ସରେ ୫/୨୦୨୪ ପ୍ରକାରେ ମାମଲା ରୁଜୁ ହୋଇଛି। ଚଢ଼ଉବେଳେ ଭିଜିଲାନ୍ସ ଟିମ ପକ୍ଷରୁ ଡିଏସପି ସବିତାଞ୍ଜଳି ନାୟକ, ଏସଆଇ ସନ୍ତୋଷ କୁମାର ଶତପଥୀ, ଏଏସଆଇ ଦୁର୍ଗାପ୍ରସାଦ ହୋତା, କନେଷ୍ଟବଳ ଦିଲ୍ଲୀପ କୁମାର ଦାସଙ୍କ ସମେତ ଦୁଇ ଅଧିକାରୀ ଉପସ୍ଥିତ ରହିଥିଲେ।

# ୩୬ ଡିଗ୍ରୀ ଉପରେ ୧୧ ସହର

**ଭୁବନେଶ୍ୱର, ୬।୩(ସମିସ):** ରାଜ୍ୟରେ ବର୍ତ୍ତମାନ ମିଶ୍ରିତ ପାଣିପାଗ ସ୍ଥିତି ଅନୁଭୂତ ହେଉଛି। କେତେକ ଅଞ୍ଚଳରେ ପାଗ ମେଘୁଆ ରହୁଥିବା ବେଳେ କେତେକ ଅଞ୍ଚଳରେ ଟାଣ ଖରା ଜାରି ରହିଛି। ଏଭଳି ସ୍ଥିତି ଆହୁରି ୩-୪ ଦିନ ପର୍ଯ୍ୟନ୍ତ ଜାରି ରହିବା ପରେ ସମ୍ଭବତଃ ୧୧ ଠାରୁ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ଉପରମୁହାଁ ହେବ ବୋଲି ପୂର୍ବାନୁମାନ କରାଯାଇଛି। ବୁଧବାର ରାଜ୍ୟର ୧୧ ଟି ସହରରେ ତାପମାତ୍ରା ୩୬ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଥିବା ବେଳେ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିରେ ସର୍ବୋଚ୍ଚ ଦିନର ତାପମାତ୍ରା ୩୮ ଡିଗ୍ରୀ ରେକର୍ଡ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୁଧବାର କଟକରେ ତାପମାତ୍ରା ୩୪.୮ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଭୁବନେଶ୍ୱରରେ ୩୪.୭ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ତେବେ ଝାରସୁଗୁଡ଼ାରେ ୩୬.୮ ଡିଗ୍ରୀ, ତାଳଚେରରେ ୩୬.୦ ଡିଗ୍ରୀ, ଭବାନୀପାଟଣାରେ ୩୬.୨ ଡିଗ୍ରୀ, ବଲାଙ୍ଗିରରେ ୩୬.୯ ଡିଗ୍ରୀ, ଟିଟିଲାଗଡ଼ରେ ୩୬.୫ ଡିଗ୍ରୀ, ମାଲକାନଗିରିରେ ୩୬.୭ ଡିଗ୍ରୀ, ସୋନପୁରରେ ୩୬.୨ ଡିଗ୍ରୀ, ନୟାଗଡ଼ରେ ୩୬.୦ ଡିଗ୍ରୀ, ବୌଦ୍ଧରେ ୩୬.୦ ଡିଗ୍ରୀ, ପାରଳାଖେମୁଣ୍ଡିରେ ୩୮.୦ ଡିଗ୍ରୀ ଓ ରାୟଗଡ଼ାରେ ୩୬.୨ ଡିଗ୍ରୀ ତାପମାତ୍ରା ରହିଛି। ବର୍ତ୍ତମାନ ରାଜ୍ୟ ଉପରେ ଏକ ଘୂର୍ଣ୍ଣିବଳୟର ପ୍ରଭାବ ରହୁଛି। ଏହାଦ୍ୱାରା କିଛି କିଛି ସ୍ଥାନରେ ପାଗ ମେଘୁଆ ସହ ସ୍ୱଳ୍ପ ବର୍ଷା ହେଉଛି। ଗୁରୁବାର ଏହି ସ୍ଥିତି କିଛି ଜିଲ୍ଲାରେ ଜାରି ରହିବାର ସମ୍ଭାବନା ରହିଛି। ବିଶେଷ କରି କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ନବରଙ୍ଗପୁର, ବୌଦ୍ଧ ଆଦି ଜିଲ୍ଲା ସହ ଉପକୂଳବର୍ତ୍ତୀ ଅଞ୍ଚଳରେ ସ୍ୱଳ୍ପ ବର୍ଷା ଆଶଙ୍କା ରହିଥିବା ପାଣିପାଗ କେନ୍ଦ୍ର କହିଛି।

# ଶୁକ୍ରବାରଠାରୁ ନିୟମିତ ଗଡ଼ିବ ପାରାଦୀପ-କେନ୍ଦୁଝରଗଡ଼ ପାସେଞ୍ଜର

## ଶନିବାର କେନ୍ଦୁଝରଗଡ଼ ମାର୍ଗ ଦେଇ ପୁରୀ-ଆନନ୍ଦ ବିହାର ଏକ୍ସପ୍ରେସ ସେବା

**ଭୁବନେଶ୍ୱର,୬।୩(ସମିସ):** ବହୁ ପ୍ରତୀକ୍ଷିତ ହରିଦାସପୁର-ପାରାଦୀପ ରେଳ ଲାଇନ ଓ କେନ୍ଦୁଝରଗଡ଼ ମାର୍ଗ ଦେଇ ପୁରୀରୁ ନୂଆଦିଲ୍ଲୀ ଅଭିମୁଖେ ପାସେଞ୍ଜର ପରିବହନ କ୍ଷେତ୍ରରେ ଏକ୍ସପ୍ରେସ ସେବା ପୂରଣ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ପାରାଦୀପ - କେନ୍ଦୁଝରଗଡ଼ ଏବଂ ପୁରୀ - ଆନନ୍ଦ ବିହାର ଏକ୍ସପ୍ରେସ ଭାୟା କେନ୍ଦୁଝରଗଡ଼ ଟ୍ରେନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଶ୍ୱେଶ୍ୱର ଟୁଡୁଙ୍କ ଉପସ୍ଥିତ ଥିଲେ। ଉଭୟ ଟ୍ରେନ୍ ସ୍ୱତନ୍ତ୍ର ଟ୍ରେନ୍ ଭାବରେ ଚଳାଚଳ କରାଯାଇଥିଲା। ତେବେ ପାରାଦୀପ-କେନ୍ଦୁଝରଗଡ଼ ପାସେଞ୍ଜର ଟ୍ରେନର ନିୟମିତ ସେବା ଉଭୟ ଦିଗରୁ ୮ ମାର୍ଚ୍ଚ ୨୦୨୪ରୁ ଆରମ୍ଭ ହେବ। ସେହିଭଳି କେନ୍ଦୁଝରଗଡ଼ ମାର୍ଗ ଦେଇ ପୁରୀ-ଆନନ୍ଦ ବିହାର-ପୁରୀ ଏକ୍ସପ୍ରେସ ପୁରୀଠାରୁ ୯ ମାର୍ଚ୍ଚ ୨୦୨୪ ଠାରୁ ଏବଂ ଆନନ୍ଦ ବିହାର ଠାରୁ ୧୦ ମାର୍ଚ୍ଚ ୨୦୨୪ ରୁ କାର୍ଯ୍ୟକାରୀ ହେବ।

### ପାରାଦୀପ-କେନ୍ଦୁଝରଗଡ଼- ପାରାଦୀପ ମେମୁ ବିଶେଷ ପାସେଞ୍ଜର

ପାରାଦୀପ-କେନ୍ଦୁଝର ଗଡ଼-ପାରାଦୀପ ମେମୁ ପାସେଞ୍ଜର ସ୍ପେଶାଲ୍ ପାରାଦୀପଠାରୁ ଭୋର ୫ଟା ୩୦ରେ ଛାଡି କେନ୍ଦୁଝରଗଡ଼ ଠାରେ ଅପରାହ୍ନ ୧୧ଟା୨୫ରେ ପହଞ୍ଚିବ। ଫେରିବା ମାର୍ଗରେ ଏହି ଟ୍ରେନ କେନ୍ଦୁଝରଗଡ଼ ଠାରୁ ଅପରାହ୍ନ ୪ଟା ୩୦ରେ ଛାଡ଼ି ପାରାଦୀପ ଠାରେ ରାତି ୯ଟା ୩୦ରେ ପହଞ୍ଚିବ। ଏହି ଟ୍ରେନରେ ପାରାଦୀପ ଓ କେନ୍ଦୁଝରଗଡ଼ ଉଭୟରେ ସିଜୁ, ନୁଆଗାଓଁ, କଳାଘର, ମାର୍ଶାଘାଇ ରୋଡ, କେନ୍ଦ୍ରାପଡ଼ା, ବାଜିପଡ଼ା, ଲଳିତଗିରି, ଉଦୟଗିରି ରତ୍ନଗିରି ରୋଡ, ଚଣ୍ଡିଖୋଲ, ହରିଦାସପୁର, ନୂଆ ଗଡ଼ ମଧୁପୁର, ଜେନାପୁର, ବ୍ରାହ୍ମଣୀ ପିଏଚ, ଯଖପୁରା, ଯାଜପୁର କେନ୍ଦୁଝର ରୋଡ଼, ସୁକିନ୍ଦା ରୋଡ, ବାଘୁଆପାଳ, ଟମକା, ଟାଙ୍ଗିରିଆପାଲ, ସଗଡ଼ପଟା, ଚିଲିକଦାରା, ହରିଚନ୍ଦନପୁର, ନୀଳକଣ୍ଠେଶ୍ୱର, ସୀତାବିଞ୍ଜି, ବସନ୍ତପୁର ଏବଂ ନରଣପୁର ଷ୍ଟେସନ ମାନଙ୍କରେ ଉଭୟ ପାର୍ଶ୍ୱରୁ ରହଣି କରିବ।

### କେନ୍ଦୁଝରଗଡ଼ ମାର୍ଗ ଦେଇ ପୁରୀ-ଆନନ୍ଦ ବିହାର-ପୁରୀ ଏକ୍ସପ୍ରେସ

କେନ୍ଦୁଝରଗଡ଼ ମାର୍ଗ ଦେଇ ପୁରୀ-ଆନନ୍ଦ ବିହାର-ପୁରୀ ଏକ୍ସପ୍ରେସ ପୁରୀ ଠାରୁ ପ୍ରତି ଶନିବାର ଦିନ ଭୋର ୪ଟା ୧୫ରେ ଛାଡି ପ୍ରତ୍ୟେକ ରବିବାର ଦିନ ଅପରାହ୍ନ ୧ଟା ୧୦ରେ ଆନନ୍ଦ ବିହାରରେ ପହଞ୍ଚିବ। ଫେରିବା ମାର୍ଗରେ ଏହି ଟ୍ରେନ ଆନନ୍ଦ ବିହାରରୁ ପ୍ରତ୍ୟେକ ରବିବାର ଦିନ ସନ୍ଧ୍ୟା ୫ଟା ୨୦ରେ ଛାଡି ପ୍ରତ୍ୟେକ ସୋମବାର ଦିନ ରାତି ୧୧ଟା ୫୫ରେ ପୁରୀରେ ପହଞ୍ଚିବ। ଏହି ଟ୍ରେନରେ ଗୋଟିଏ ଏସି -୧ମ ଶ୍ରେଣୀ, ଦୁଇଟି ଏସି-୨ ଟାୟାର, ପାଞ୍ଚଟି ଏସି -୩ ଟାୟାର, ଗୋଟିଏ ଏସି -୩ ଟାୟାର (ଇକୋନୋମି), ଛଅ ଟି ସ୍ଲିପର ଶ୍ରେଣୀ, ଚାରିଟି ଦ୍ୱିତୀୟ ଶ୍ରେଣୀ ସିଟିଙ୍ଗ, ଗୋଟିଏ ଗାର୍ଡ ତଥା ଦିବ୍ୟାଙ୍ଗଜନ କୋଚ, ଗୋଟିଏ ଗାର୍ଡ ତଥା ଜେନେରେଟର କୋଚ ଏବଂ ଗୋଟିଏ ପ୍ୟାଣ୍ଟ୍ରିକାର ରହିଛି। ଏହା ପୁରୀ ଓ ଆନନ୍ଦ ବିହାର ମଧ୍ୟରେ ସାକ୍ଷୀଗୋପାଳ, ଖୋର୍ଦ୍ଧା ରୋଡ, ଭୁବନେଶ୍ୱର, କଟକ, ଯଖପୁରା, ହରିଚନ୍ଦନପୁର, କେନ୍ଦୁଝରଗଡ଼, ନୟାଗଡ଼, ବାଂଶପାଣି, ଡଙ୍ଗୋଆପୋସି, ଚାଇବାସା, ଚଂଡିଲ, ମୁରି, ବୋକରୋ ଷ୍ଟିଲ ସିଟି, ରାଜାବେରା, ଏନଏସସି ଗୋମୋ, କୋଡ଼ର୍ମା, ଗୟା, ସାସାରାମ, ଡ଼ିଡ଼ିୟୁ ପ୍ରୟାଗରାଜ, କାନପୁର ସେଣ୍ଟ୍ରାଲ୍, ଟୁଣ୍ଡଲା ଏବଂ ଚିପିୟାନା ବୁଜର୍ଗ ଷ୍ଟେସନମାନଙ୍କରେ ଉଭୟ ପାର୍ଶ୍ୱରୁ ରହଣି କରିବ।

‘ଧନ୍ୟବାଦ ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ

# ‘ବିଜେଡି ସରକାର ଅମଳରେ କେବଳ ବିକାଶ ହୋଇଛି’

କିଶୋରନଗର, ୬ ।୩(ସମିସ)

କିଶୋରନଗର ବ୍ଲକକୁ ବୁଧବାର ଦି ୫- ଟି ଅଧକ୍ଷ ଭିକେ ପାଣ୍ଡିଆନ ଗସ୍ତ କରିବାର କାର୍ଯ୍ୟକ୍ରମ ଥିବା ବେଳେ ହଠାତ ତାଙ୍କ ଗସ୍ତ ବାତିଲ ହୋଇଯାଇଥିଲା। କେବଳ ବିଜେଡିର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଅତିଥି ଭାବରେ ଯୋଗ ଦେଇଥିଲେ। ଏ ନେଇ ବିଜେଡି ପକ୍ଷରୁ ଆୟୋଜିତ ସାଧାରଣ ସଭାରେ ଭିଡିଓ କନର୍ଫ୍ରେ ମାଧ୍ୟମରେ ଭିକେ ପାଣ୍ଡିଆନ ଲୋକଙ୍କୁ ବାର୍ତ୍ତା ଦେଇଥିଲେ। ସେ କହିଥିଲେ ଯେ, ଓଡ଼ିଶାରେ ବିଜେଡି ସରକାର ଲୋକଙ୍କ କାମ କରୁଛନ୍ତି। କିଭଳି ସମସ୍ତଙ୍କ ବିକାଶ ହେବ ସେ ନେଇ ଯୋଜନା ପରେ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏ ପରିକି ମହିଳାମାନଙ୍କ ପାଇଁ ଅନେକ ଯୋଜନା କରିଛନ୍ତି। ସେମାନେ କିଭଳି ରୋଜଗାରକ୍ଷମ ହେବେ ସେ ନେଇ ଅନେକ କ୍ଷେତ୍ରରେ ମହିଳାମାନଙ୍କୁ ନିଯୁକ୍ତି କରାଯାଉଛି। ଅନେକ ସରକାରୀ ଯୋଜନାରେ ମଧ ମହିଳା ସଂଘମାନଙ୍କୁ କାମ ଯୋଗାଇ ଦିଆଯାଉଛି। ଅନେକ ମହିଳା ସଂଘର ସଦସ୍ୟମାନେ ବିଭିନ୍ନ ବ୍ୟାଙ୍କରୁ ଋଣ ନେଇ ବିଭିନ୍ନ ଚାଷ କରି ସଫଳ ଚାଷୀ





ମଧ ହୋଇପାରିଛନ୍ତି। ସେମାନ ଗମନାଗମନ ପାଇଁ ସରକାର ବିନା ସୁଧରେ ସ୍କୁଟି ଯୋଗାଇ ଦେଉଛନ୍ତି। ପଞ୍ଚାୟତରୁ ବ୍ଲକକୁ ଯିବା ପାଇଁ ଲକ୍ଷ୍ମୀ ଯୋଜନାରେ ବସ୍ ସେବା ଆରମ୍ଭ କରିଛନ୍ତି। ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ଅନେକ କାର୍ଯ୍ୟକ୍ରମ କରାଯାଇଛି। ସେମାନେ ନିଜର ଦକ୍ଷତା ପ୍ରଦର୍ଶନ କରି ରାଜ୍ୟ ସ୍ତରରେ ଭାଗ ନେଇ ନିଜ ନିଜ ଅଞ୍ଚଳର ନା ସୃଷ୍ଟି କରିଛନ୍ତି। ସେମାନଙ୍କୁ ବୃତ୍ତି ମାଧ୍ୟମରେ ସହାୟତା ଯୋଗାଇ ଦିଆଯାଇଛି। ଯାହାକି ଉଚ୍ଚ ଶିକ୍ଷା ପଢିବାରେ ସହାୟକ ହେବ। ସେହିପରି ବିଜୁ ସ୍ୱାସ୍ଥ୍ୟ କାର୍ଡ ଓ ନବୀନ କାର୍ଡ କରାଯାଇଛି। ଯାହାକି ସମସ୍ତଙ୍କୁ କିଭଳି ମାଗଣା ସବୁ ଘରୋଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ମିଳି ପାରିବ ସେ ନେଇ ବ୍ୟବସ୍ଥା କରାଯାଇଛି। ଅନେକ ରୋଗୀ ଏହି କାର୍ଡ ଜରିଆରେ ବଡ଼ ବଡ଼ ଅପରେସନ ହୋଇ ନିଜକୁ ସୁସ୍ଥ କରିପାରିଛନ୍ତି। ଯାହାକି ଅନ୍ୟ ରାଜ୍ୟ ମାନଙ୍କରେ ନବୀନ ସରକାର ଙ୍କର ଯୋଜନା ଉଦାହରଣ ସୃଷ୍ଟି କରିପାରିଛି। ଆପଣମାନେ ଯାହା ଅଭିଯୋଗ ପତ୍ର ଦେଇଛନ୍ତି, ସେ ଗୁଡିକ ଶୀଘ୍ର ସମାଧାନ କରାଯିବ। ମନ୍ଦିର, ମଠ ସମ୍ପର୍କରେ କରାଯାଇଥିବା ଅଭିଯୋଗ ଗୁଡିକ ସନ୍ଧ୍ୟା ସୁଧା ବିଚାର କରାଯାଇ ସମାଧାନ କରାଯିବ ଓ ବିଜେଡି ସରକାର ଯାହା କରିଛି ଅନ୍ୟ ସରକାର ତାହା କରିପାରିବେନାହିଁ ବୋଲି କହିଥିଲେ।

ମଞ୍ଚରେ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ କହିଲେ ନବୀନ ସରକାର ସାଧାରଣ ଲୋକଙ୍କ ସରକାର। ଏହି ସରକାର ଅମଳ ରେ ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀର ବିକାଶ ହୋଇଛି। ଯାହାକି ଆଗରୁ କୌଣସି ସରକାର କରିନଥିଲେ। ସବୁ ପରିବାର ଠାରେ କିଭଳି ଯୋଜନା ପହଂଚିବ ସେ ନେଇ ସରକାର ପଦକ୍ଷେପ ନେଉଛନ୍ତି। ବିଜେଡି ସବୁବେଳେ କାମରେ ବିଶ୍ୱାସ କରେ। ନବୀନ ବାବୁଙ୍କ ହାତ ମୁଠାକୁ ଟାଣ କରିବା ସହ ଏକତ୍ରିତ ହୋଇ ଦଳ ପାଇଁ କାମ କରିବାକୁ ଉପସ୍ଥିତ ଥିବା ସମସ୍ତ ଜନସାଧାରଣ ଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ବିଜେଡି ନେତା ନଳିନୀ କାନ୍ତ ପ୍ରଧାନ, ଜିଲ୍ଲା ସହ ପର୍ଯ୍ୟବେକ୍ଷକ କୁନୁ ବିହାରୀ ଦାସ, ଆଠମଲ୍ଲିକ ବିଜେଡି ପର୍ଯ୍ୟବେକ୍ଷକ ଚିନ୍ମୟ ସାହୁ, ଜିଲ୍ଲା ପରିଷଦ ଅଧକ୍ଷା ବବିତା ପ୍ରଧାନ, ଆଠମଲ୍ଲିକ ଏନଏସି ଅଧକ୍ଷା ଆଶା କୁମାର ସାହୁ, କିଶୋରନଗର ବ୍ଲକ ଅଧକ୍ଷା ଶୈରେନ୍ଦ୍ରି ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ଅନୁପମା ସାହୁ, ବିଷ୍ଣୁପ୍ରିୟା ପ୍ରଧାନ, ବିଜେଡି ନେତା ସନ୍ତୋଷ ପ୍ରଧାନ, ସରପଞ୍ଚ ଜିତେନ୍ଦ୍ର ସାହୁ, ସଞ୍ଜୀବ ପ୍ରଧାନ, ବ୍ଲକ ବିଜେଡି ସଭାପତି କୁମୁଦ ଚନ୍ଦ୍ର ପ୍ରଧାନ, ବିଜେଡି ନେତା ମହେନ୍ଦ୍ର ସାହୁ, ସରପଞ୍ଚ ସଂଜୀତ ସାହୁ, ଆଠମଲ୍ଲିକ ବ୍ଲକ ପୂର୍ବତନ ବିଜେଡି ସଭାପତି ମହେଶ୍ୱର ଦେହୁରୀ, ଆଠମଲ୍ଲିକ ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତରଂଜନ କର୍ଣ୍ଣଙ୍କ ସମେତ ବହୁ ବିଜେଡି ନେତା ଯୋଗ ଦେଇଥିଲେ।

## ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ପାଳିତ

**ଅନୁଗୋଳ, ୬ ।୩(ସମିସ):** ଆଜି ପୂର୍ବାହ୍ନରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ମାର୍ଚ୍ଚ ୮ ତାରିଖରେ ପାଳନ ହେବାକୁ ଥିବା ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଓ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମା’ ଓ ଭଉଣୀମାନଙ୍କ ପାଖରେ ଯେଉଁ ପ୍ରତିଭା, ଦକ୍ଷତା ଓ ସାହସିକତା ରହିଛି ତାହାକୁ ଆଗକୁ ଆଣିବା ଏବଂ ସବୁ କ୍ଷେତ୍ର ରେ ସେମାନଙ୍କୁ ପ୍ରୋତ୍ସାହନ ଦେବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଅଭିଯୋଗ କମିଟିର ଅଧକ୍ଷା ଡ. ଇନ୍ଦିରା ଦାସ, ଶିଶୁ ମଙ୍ଗଳ କମିଟି ଅଧକ୍ଷା ସୁଶ୍ରୀ ଦୀପ୍ତିମୟୀ ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଶିଶୁ ମଙ୍ଗଳ କମିଟି ସଭ୍ୟ କଲ୍ୟାଣ ମହାନ୍ତି ଓ ଜେଏସପିଏଲର ଜେଏସପି ଆଶୁତୋଷ ମିଶ୍ର ଯୋଗଦେଇଥିଲେ। ଜିଲ୍ଲାରେ ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମରେ ନିଜର ଦକ୍ଷତା ଓ ପାରଦର୍ଶିତା ପ୍ରତିପାଦନ କରିଥିବା ଅଙ୍ଗନବାଡ଼ି ସହାୟିକା, କର୍ମୀ, ଶିଶୁ ବିକାଶ ପ୍ରକଳ୍ପର ବିଭିନ୍ନ ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା।

## ବଅଁରପାଳ ଡିଗ୍ରୀ କଲେଜରେ ସାରସ୍ୱତ ଆଲୋଚନାଚକ୍ର

**ବଅଁରପାଳ,୬ ।୩(ସମିସ):** ସ୍ଥାନୀୟ ପାଞ୍ଚଗଡ଼ ସୋମନାଥ ସିଂହ ଜଗଦ୍ଦେବ ସ୍ନାତକ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ବାର୍ଷିକ ସାରସ୍ୱତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଗୋକୁଳାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ଆଲୋଚନାଚକ୍ରରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ସର ମୁଖ୍ୟ ଅତିଥି ଓ ଆଧୁନିକ ଓଡ଼ିଆ ନାଟକ, ବିଶିଷ୍ଟ ଅଭିନେତା ଗୋବିନ୍ଦ ଚନ୍ଦ୍ର ଥମ୍ବ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଆ ଲୋକ ନାଟକ ଉପରେ ତତ୍ତ୍ୱଭିତ୍ତିକ ବକ୍ତବ୍ୟ ରଖିଥିଲେ। ଡକ୍ଟର ରାଜଶ୍ରୀ ବାଘ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମନୋରଞ୍ଜନ ଦାସଙ୍କ ନାଟ୍ୟ ମାନସ ଉପରେ ଗଭୀର ଆଲୋକପାତ କରିଥିଲେ। ଓଡ଼ିଆ ବିଭାଗ ଅଧାପକ ମନୋଜ କୁମାର ବେହେରା ମଞ୍ଚ



ପରିଚାଳନା କରିଥିବା ବେଳେ ଅଧାପକ ପୂର୍ଣ୍ଣେନ୍ଦୁ ଭୂତିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସାରସ୍ୱତ ସଭାରେ ଏହି ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ହୋଇ ଉଚ୍ଚ ଶିକ୍ଷା ହାସଲ କରୁଥିବା ତିନିଜଣ ଛାତ୍ରଙ୍କୁ ସମ୍ବର୍ଦ୍ଧନା ଦେବା ସହ ଓଡ଼ିଆ ଭାଷା ସାହିତ୍ୟ ଜ୍ଞାନ, ବକ୍ତୃତା, କବିତା ଆବୃତ୍ତି ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ଅଧାପକ, ଅଧାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

## ଜିଲ୍ଲାସ୍ତରୀୟ ଉଦ୍ୟୋଗୀ ଦିବସ ପାଳିତ

**ଅନୁଗୋଳ, ୬ ।୩(ସମିସ):** ଜିଲ୍ଲାସ୍ତରୀୟ ଉଦ୍ୟୋଗୀ ଦିବସ ୨୦୨୪ ସ୍ଥାନୀୟ ଜିଲ୍ଲା ପରିଷଦ ସଭାଗୃହଠାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ବୈଜ୍ଞାନିକ ତଥା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ଦେବାଶିଷ ମିଶ୍ର ଯୋଗ ଦେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ସେହିପରି ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପ୍ରବନ୍ଧକ ଶିବାଶିଷ କାନୁନଗୋ ଯୋଗ ଦେଇ ଉଦ୍ୟୋଗୀମାନେ ସମୟ ସହ ତାଳ ଦେଇ କାର୍ଯ୍ୟ ପ୍ରଣାଳୀ ପ୍ରସ୍ତୁତ କରି ପାଳନ କଲେ, ଏହି କ୍ଷେତ୍ରରେ ନିଶ୍ଚୟ ସଫଳତା ହାସଲ କରିପାରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ୟୁକୋ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ବଳରାମ ସେଠୀ, ନାବାର୍ଡ ଡିଡିଏମ ଆଶୁତୋଷ ରାୟ, ଏଲ୍ଡିଏମ୍ ଚୌଧୁରୀ ଦୀପକ ମିଶ୍ର ସମେତ ଜିଲ୍ଲା ଉଦ୍ୟୋଗ ଆସୋସିଏସନର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ।

## ୧୪,୮୦୫ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ

**କଣିହାଁ, ୬ ।୩(ସମିସ):** ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକରେ ୩ଦିନ ଧରି ଚାଲିଥିବା ପୋଲିଓ ପ୍ରଦାନ କାର୍ଯ୍ୟକ୍ରମ ଶେଷ ହୋଇଛି। ପୋଲିଓ ମୁକ୍ତ ଯୋଜନାକୁ ନେଇ ଓଡ଼ିଶା ସଫଳତା ଲାଭ କରିଥିବା ବେଳେ ନୂତନ ପୋଲିଓ ଆକ୍ରାନ୍ତ କେହି ନହେବା ପାଇଁ ପୁନଃ ୧ବର୍ଷରୁ ୫ବର୍ଷ ଭିତରେ ଥିବା ଶିଶୁମାନଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଉଥିଲା। କଣିହାଁ ବ୍ଲକର ୧୪ହଜାର ୮ ଶହ ୫ଜଣ ଶିଶୁକୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ୩ଶହରୁ ଅଧିକ ମେଡିକାଲ କର୍ମଚାରୀଙ୍କ ସହିତ ଆଶା ଓ ଅଙ୍ଗନବାଡ଼ି କର୍ମୀ ସହଯୋଗ କରିଥିଲେ ବୋଲି ବିପିଏମ୍ ସରୋଜ କୁମାର ଦାସ ସୂଚନା ଦେଇଛନ୍ତି।

## ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ପାଳିତ



**ପାଲଲହଡ଼ା, ୬ ।୩(ସମିସ):** ପାଲଲହଡ଼ା ବିଜୁ ଜନତା ଦଳ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ରିନାରାଣୀ ନାଏକଙ୍କ ନେତୃତ୍ୱରେ ପାଲଲହଡ଼ା ସଦର ମହକୁମା ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଦଳୀୟ କର୍ମୀମାନେ ମାଲ୍ୟାର୍ପଣ କରିଥିଲେ। ପରେ ଉପଖଣ୍ଡ ଚିକିତ୍ସାଳୟରେ ଥିବା ରୋଗୀମାନଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ବରିଷ୍ଠ ବିଜେଡି ନେତା ହେମନ୍ତ ଦାଶ, ନରେନ୍ଦ୍ର ଭୁକ୍ତା, ଅଶୋକ ପାଣି, ସୁଶିଲ ସାମଲଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ‘ଆମେ ବଞ୍ଚିଛୁ’ର ଦଶମ ନାଟକ ଉତ୍ସବ ଉଦ୍‌ଘାଟିତ

**ତାଳଚେର, ୬ ।୩(ସମିସ):** ତାଳଚେରର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ‘ଆମେ ବଞ୍ଚିଛୁ’ ପକ୍ଷରୁ ଆୟୋଜିତ ଦଶମ ନାଟକ ଉତ୍ସବ ଦେଉଳବେଡ଼ାସ୍ଥିତ ମଙ୍ଗଳମ୍ ଅଡିଟରିୟମ୍ ପରିସରରେ ଉଦ୍ଘାଟିତ ହୋଇଯାଇଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଏମ୍ସିଏଲ୍ ଓ ଆମେ ବଞ୍ଚିଛୁ ଅନୁଷ୍ଠାନର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ନାଟକ ଉତ୍ସବରେ ଅନୁଷ୍ଠାନର ସଭାପତି ବିଶିଷ୍ଟ ମଞ୍ଚ ଅଭିନେତା ହେମନ୍ତ ଦାସ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବରେ ନାଟ୍ୟ ଗବେଷକ ଡ. ପ୍ରସନ୍ନ କୁମାର ବରାଳ, ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ନବଦୀପ ମହାଲିକ, ଶିବଲାଲ ସାଗର, ଶ୍ରମିକ ନେତା ସୌଭାଗ୍ୟ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ସହ ଉତ୍ସବକୁ ଉଦ୍ଘାଟନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ମୁକୁନ୍ଦ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଶିଷ୍ଟ ନାଟ୍ୟକାର ଫକୀର ସିଂହ, ପ୍ରଶାନ୍ତ ମହାରଣା ଓ ସରୋଜ ତପ୍ପଙ୍କୁ ମାନପତ୍ର, ଉତରୀୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ସମ୍ବଲପୁରର ଅଗ୍ରଣୀ ନାଟ୍ୟସଂସ୍ଥା ‘ସ୍ୱର’ର କଳାକାରମାନଙ୍କ ଦ୍ୱାରା ଅଭିନୀତ ନାଟ୍ୟଶ୍ରୀ ଡ.ପଞ୍ଚାନନ ମିଶ୍ରଙ୍କ ରଚିତ ଓ ମାନସ ମିଶ୍ରଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ ‘କଥାନୀ’ ମଞ୍ଚସ୍ଥ ହୋଇଥିଲା। ଭୁବନେଶ୍ୱରର ଲାବଣ୍ୟ ଥିଏଟରର କଳାକାରମାନଙ୍କ ଦ୍ୱାରା ନାଟକ ‘ଅନାଗତ’ ମଞ୍ଚସ୍ଥ ହୋଇ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଭ୍ରୂଣ ହତ୍ୟା ଉପରେ ଲିଖିତ ଏହି ନାଟକକୁ ଡଃ ନାରାୟଣ ସାହୁ ରଚନା କରିଥିବା ବେଳେ ଯୁବ ନିର୍ଦ୍ଦେଶକ ସତ୍ୟ ଜେନା ଏହାକୁ ନିର୍ଦ୍ଦେଶନା ଦେଇଥିଲେ। ସମସ୍ତ କଳାକାରଙ୍କ ଜୀବନ୍ତ ଅଭିନୟ ଉପସ୍ଥିତ କଳାପ୍ରେମୀଙ୍କୁ ଭାବବିହ୍ୱଳ କରିଦେଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ରଜନୀକାନ୍ତ ପ୍ରଧାନ, ସୁବ୍ରତ କୁମାର ପ୍ରଧାନ, ମନୋଜ ସାହୁ, ଅରୁଣ ଗଡ଼ନାୟକ, ମାନସ ନନ୍ଦ, ମାୟାଧର ପ୍ରଧାନ, ତୃପ୍ତିରଞ୍ଜନ ସାହୁ, ହରିହର ଗଡ଼ନାୟକ, ବସନ୍ତ କୁମାର ପ୍ରଧାନ, ସମାଜସେବୀ ବିଭୂତି ଭୂଷଣ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।



## ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ପାଳିତ



**କିଶୋରନଗର, ୬ ।୩(ସମିସ):** କିଶୋରନଗର ବ୍ଲକ ଝରାବେରଣୀ ପଞ୍ଚାୟତର ବବର୍ତୀପାଲ୍ଲୀ ଆମ୍ବତୋଟା ଠାରେ ସ୍ୱର୍ଗତ ବିଜୁବାବୁଙ୍କ ଜୟନ୍ତୀ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ଏଥିରେ ବିଧାୟକଙ୍କ ପ୍ରତିନିଧି କାଳନ୍ଦୀ ତରଣ ପ୍ରଧାନଙ୍କ ସଭାପତିତ୍ୱରେ ବିଧାୟକ ଶ୍ରୀ ସାଏ ଯୋଗଦେଇଥିଲେ। ପ୍ରାରମ୍ଭରେ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମରେ ଆଠମଲ୍ଲିକ ବିଜେଡି ବ୍ଲକ ସଭାପତି ବୃନ୍ଦାବନ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଯୁଧିଷ୍ଠିର ସିଂହ, ବରିଷ୍ଠ ବିଜେଡି ନେତା ସଚ୍ଚିଦାନନ୍ଦ ମହାନ୍ତି, ବୃଷଭ ସ୍ୱାଇଁ, ପ୍ରଦୀପ ବୀର, ବିଧାୟକଙ୍କ ପ୍ରତିନିଧି ନିରଞ୍ଜନ ରଣା, କୃଷକ ନେତା ଦେବେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୧୦୦୦ରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ।

# ବିଭିନ୍ନ ସ୍ଥାନରେ ବିଜୁ ଜୟନ୍ତୀ ପାଳିତ




**ଅନୁଗୋଳ, ୬ ।୩(ସମିସ):** ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ପାଳନ ଅବସରରେ ଅନୁଗୋଳ ନଗର ବିଜେଡି ପକ୍ଷରୁ ଅନୁଗୋଳର ଅଧିଷ୍ଠାତ୍ରୀ ଦେବୀ ମା’ ବୁଢ଼ୀ ଠାକୁରାଣୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ସହିତ ବିଜୁ ମଇଦାନ ସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ବଅଁରପାଳ ବ୍ଲକ ବଳରାମପ୍ରସାଦ ପଞ୍ଚାୟତ ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୬୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଅପରାହ୍ନ ୩ ଘଟିକା ସମୟରେ ଅଙ୍ଗାରବନ୍ଧ ସ୍ଥିତ ଆମ୍ବତୋଟା ଠାରେ ନିର୍ବାଚନ ମଣ୍ଡଳୀ ସ୍ତରୀୟ ସଭାରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ମୁଖ୍ୟ ଅତିଥି, ଅନୁଗୋଳ ଜିଲ୍ଲା ବିଜେଡି ସହ ପର୍ଯ୍ୟବେକ୍ଷକ କୁନ ବିହାରୀ ଦାସ, ଅନୁଗୋଳ ନିର୍ବାଚନ ମଣ୍ଡଳୀ ବିଜେଡି ସହ ପର୍ଯ୍ୟବେକ୍ଷକ ଚିନ୍ମୟ ସାହୁ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ଉକ୍ତ ସଭାରେ ଅନୁଗୋଳ ପୌରପାଳିକା ବିଜେଡି ପକ୍ଷରୁ ୩୦୦ରୁ ଉର୍ଦ୍ଧ୍ୱ ବାଇକ୍ ସହର ପରିକ୍ରମା କରି ସାଧାରଣ ସଭାରେ ସାମିଲ ହୋଇଥିଲେ। ଜିଲ୍ଲା ପରିଷଦ ସଭ୍ୟ ପ୍ରିୟଦର୍ଶୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବଅଁରପାଳ ବ୍ଲକ ଅଧକ୍ଷ ବିଜୟ କୁମାର ନାଥ, ଅନୁଗୋଳ ବ୍ଲକ ଅଧକ୍ଷା ରାଜଶ୍ରୀ ସାହୁ, ଅନୁଗୋଳ ନଗରପାଳ ଅକ୍ଷୟ ସାମନ୍ତ, ରାଜ୍ୟ ବିଜେଡି ସମ୍ପାଦକ ଦୁର୍ଗା ଚରଣ ପ୍ରଧାନ, ଅନୁଗୋଳ ଜିଲ୍ଲା ବିଜେଡି ଉପ ସଭାପତି ଭାଗିରଥି ମାଝୀ ଓ ବାଉରୀ ବନ୍ଧୁ ସାହୁ, ଅନୁଗୋଳ ବ୍ଲକ ବିଜେଡି ସଭାପତି ସରୋଜ ସାହୁ, ଅନୁଗୋଳ ନଗର ବିଜେଡି ସଭାପତି ବୃନ୍ଦାବନ ସ୍ୱାଇଁ ଜିଲ୍ଲା ପରିଷଦ ସଭ୍ୟ ଧ୍ରୁବଚରଣ ଦେହୁରୀ, ଜିଲ୍ଲା ପରିଷଦ ସଭ୍ୟ ଗୋପାଳ ନାଏକ, ଜିଲ୍ଲା ପରିଷଦ ସଭ୍ୟା ମୀରା ଗଡ଼ନାୟକ, ୫ ଗୋଟି ଜିଲ୍ଲା ପରିଷଦ ଜୋନର ଓ ନଗର ବିଜେଡି ପର୍ଯ୍ୟବେକ୍ଷକ ବୃନ୍ଦ, ବିଭିନ୍ନ ୱାର୍ଡର ବିଜେଡି କାଉନସିଲର ବୃନ୍ଦ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ନାଏବ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।

**ପବିତ୍ରନଗର :** କଣିହାଁ ବ୍ଲକ ଅନ୍ତର୍ଗତ ବୁରୁକୁନା ପଞ୍ଚାୟତ ମହୀଧରପୁରଠାରେ ସ୍ଥାପିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିଠାରୁ ବିପ୍ଳବୀ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ଯୁବ ବିଧାୟକ ମୁକେଶ କୁମାର ପାଳ ଯୋଗଦେଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ କଣିହାଁ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ ସଂଯୋଜନା କରିଥିଲେ। ପ୍ରଥମେ ମହୀଧରପୁର ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସମସ୍ତ ଯୁବ, ଛାତ୍ର, ବିଜୁ ଜନତା ଦଳର ସକ୍ରିୟ କର୍ମୀମାନେ ବିଧାୟକଙ୍କ ସହିତ ୬କିମି ଦୌଡ଼ି ପବିତ୍ରନଗର ଠାରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବଜାର ପରିକ୍ରମା କରି ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଶେଷରେ ପବିତ୍ରନଗର ଡାକ୍ତରଖାନାରେ ବିଧାୟକ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କଣିହାଁ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ବୁରୁକୁନା ସମିତି ସଭ୍ୟ ଯୁଗଳ କିଶୋର ସାହୁ, କଣିହାଁ ବ୍ଲକ ଯୁବ ସଭାପତି ଗଗନ ରାଉତ, ପରାବିଲ ପଞ୍ଚାୟତ ବିଜେଡି ସଭାପତି ପର୍ଶୁରାମ ବିଶ୍ୱାଳ, ବିରୁ ପଞ୍ଚାୟତ ସଭାପତି ଅବନୀ ଦେହୁରୀ, ହରିହରପୁର ପଞ୍ଚାୟତ ସଭାପତି ସୌଭାଗ୍ୟ ଚନ୍ଦ୍ର ସାହୁ, ଯୁବନେତା ପ୍ରଦୀପ ସାମଲ, ଧର୍ମେନ୍ଦ୍ର ସାମଲ, ଅଜିତ ସାମଲ, ଧନେଶ୍ୱର ବିଶ୍ୱାଳ, ସୁକାନ୍ତ ମହାନ୍ତି, ବିରଞ୍ଚି ନାରାୟଣ ସାହୁ, ଧ୍ରୁବଚରଣ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।



ସାତକୋଶିଆରେ ସରିଲା ପକ୍ଷୀ ପର୍ଯ୍ୟବେକ୍ଷଣ

# ସ୍ଥଳଚର ପକ୍ଷୀ ୩୧୦ ପ୍ରଜାତିକୁ ବଢ଼ିଛି

ଅନୁଗୋଳ, ୬ ।୩ (ସମିସ)

ସାତକୋଶିଆ ଅଭୟାରଣ୍ୟରେ ଶନିବାରଠାରୁ ଆରମ୍ଭ ହୋଇଥିବା ସ୍ଥଳ ପକ୍ଷୀ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଅପରାହ୍ନରେ ଶେଷ ହୋଇଛି। ଏହି କାର୍ଯ୍ୟ ଗତବର୍ଷ ପ୍ରଥମ ଥର ପାଇଁ ସାତକୋଶିଆରେ ଆରମ୍ଭ କରାଯାଇଥିଲା। ଏହି ସ୍ଥଳ ପକ୍ଷୀ ପର୍ଯ୍ୟବେକ୍ଷଣ ପାଇଁ ଭାରତରୁ ୨ ଶହରୁ ଅଧିକ ପକ୍ଷୀ ବିଶେଷଜ୍ଞ ସାମିଲ ହେବା ପାଇଁ ଆବେଦନ କରିଥିଲେ। କିନ୍ତୁ ରାଜ୍ୟ ବନ ବିଭାଗ ପକ୍ଷରୁ ସେମାନଙ୍କ ମଧ୍ୟରୁ ବଛା ବଛା ୩୨ଜଣ ବିଶେଷଜ୍ଞଙ୍କୁ ବଛାଯାଇଥିଲା। ଏହି ସ୍ଥଳ ପକ୍ଷୀ ପର୍ଯ୍ୟବେକ୍ଷଣ ପାଇଁ ସାତକୋଶିଆ ଅଭୟାରଣ୍ୟର ଟିକରପଡ଼ା, ମଝିପଡ଼ା, ରାଇଗୁଡ଼ା, ତରଭା, ଗଇନ୍ଦୀ ପ୍ରଭୃତି ୧୬ଟି ଜାଗାରେ ବିଶେଷଜ୍ଞମାନେ ସ୍ଥଳ ପକ୍ଷୀ ପର୍ଯ୍ୟବେକ୍ଷଣ କରିଥିଲେ। ଏହି ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମରେ ମହାରାଷ୍ଟ୍ର, ଆସାମ, ଗୋଆ, ଗୁଜରାଟ, ପଶ୍ଚିମବଙ୍ଗ ଏବଂ ତାମିଲନାଡୁ ରାଜ୍ୟରୁ ବିଶେଷଜ୍ଞମାନେ ଭାଗ ନେଇଥିଲେ। ଓଡ଼ିଶାରେ କେବଳ ସାତକୋଶିଆ ଅଭୟାରଣ୍ୟରେ ଏହି ସ୍ଥଳ ପକ୍ଷୀ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା ବୋଲି ସାତକୋଶିଆ ବନ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି। ମଙ୍ଗଳବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସୁଧାଂଶୁ ଶେଖର ଖୋରା, ବନ୍ୟପ୍ରାଣୀ ବିଭାଗ ଡିଏଫଓ ସରୋଜ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଗତବର୍ଷ ୨୪୮ ପ୍ରଜାତିର ପକ୍ଷୀ ସାତକୋଶିଆ ଅଭୟାରଣ୍ୟରେ ବାସ କରୁଥିବା ଗଣନା ହୋଇଥିଲା। କିନ୍ତୁ ଚଳିତବର୍ଷ ଏହି ପ୍ରଜାତି ବଢିଥିବା ବିଶେଷଜ୍ଞମାନେ କହିଥିଲେ। ପ୍ରାୟ ୩୧୦ ପ୍ରଜାତିର ପକ୍ଷୀ ସାତକୋଶିଆରେ ଥିବା ଚଳିତ ବର୍ଷ ସର୍ବେକ୍ଷଣରୁ ଜଣାପଡିଛି। କିଛି ନୂଆ ପ୍ରଜାତିର ସ୍ଥଳ ପକ୍ଷୀ ସାତକୋଶିଆକୁ ଆସିଥିବା ବିଶେଷଜ୍ଞମାନେ କହିଛନ୍ତି। ଯାହାକି ସାତକୋଶିଆ ପାଇଁ ଏକ ଶୁଭ ଖବର। ସାତକୋଶିଆର ଜୈବ ବିବିଧତା ସାରା ଦେଶରେ ବିରଳ ବୋଲି ଏହି ପକ୍ଷୀ ପର୍ଯ୍ୟବେକ୍ଷଣରେ ଯୋଗଦେଇଥିବା ବିଶେଷଜ୍ଞମାନେ ପ୍ରକାଶ କରିଥିଲେ।



# ‘ନୂଆ-ଓ’ ଛାତ୍ରବୃତ୍ତି ପ୍ରଦାନ ଉତ୍ସବ



**କେନ୍ଦ୍ରାପଡ଼ା,୭।୩(ସମିସ):** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ‘ନୂଆ-ଓ’ ଛାତ୍ରବୃତ୍ତି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅଧ୍ୟକ୍ଷତା କରି ମହାବିଦ୍ୟାଳୟର ଅଧ୍ୟକ୍ଷ ସ୍ୱାଗତ ସହିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା ଯୋଗଦେଇ ଛାତ୍ରଛାତ୍ରୀମାନେ ପାଇଥିବା ଛାତ୍ର ବୃତ୍ତିକୁ ସଦୁପଯୋଗ କରି ଉଚ୍ଚଶିକ୍ଷାରେ ଆହୁରି ଆଗକୁ ଯାଇ ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲାପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ, ଅନ୍ୟତମ ସମ୍ମାନୀତ ଅତିଥି ଭାବେ କେନ୍ଦ୍ରାପଡାର ପୌରପାଳିକାର ଅଧ୍ୟକ୍ଷା ସରିତା ସାହୁ ଯୋଗ ଦେଇଥିଲେ। ପ୍ରାଧ୍ୟାପକ ରଞ୍ଜିତ ଦାସ ସଭାପରିଚାଳନା କରିବା ସଙ୍ଗେ ସଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କୁ ବୃତ୍ତି ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

**ରାଜନଗର:** ରାଜନଗରସ୍ଥିତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ସ୍ନାତକ ଛାତ୍ର ଛାତ୍ରୀମାନଙ୍କୁ ‘ନୂଆ-ଓ’ ବୃତ୍ତି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଅତୁଳ ବଳଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି



ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ମହାବିଦ୍ୟାଳୟର ୯୪୪ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୮୯୪ ଜଣ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡିଜିଟାଲ ପେମେଣ୍ଟ କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ନୋଡାଲ ଅଫିସର ସୂର୍ଯ୍ୟକାନ୍ତ ସ୍ୱାଇଁ, ଅଧ୍ୟାପକ ପ୍ରତାପ କୁମାର ସ୍ୱାଇଁ, ସନ୍ଦିପ ମହାପାତ୍ର, ଅଭିମନ୍ୟୁ ରାଉତ, ପ୍ରଣୟ କୁମାର ବେହେରା, ଅନୁସୂୟା ବେହେରା, ପ୍ରଦୀପ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ରାଜକନିକା/ଓଲାଭର:** ଓଲାଭର ମହାବିଦ୍ୟାଳୟରେ ଅଧକ୍ଷ ହଳଧର ବେହେରାଙ୍କ ସଭାପତିତ୍ୱ ତଥା ଓ ଇଂରାଜୀ ବିଭାଗୀୟ ମୁଖ୍ୟ ଉଷାରାଣି ରଥଙ୍କ ସଂଯୋଜନାରେ ‘ନୂଆ-ଓ’ ବୃତ୍ତି ପ୍ରଦାନ କରାଯାଇଛି। ପ୍ରାରମ୍ଭରେ ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ମୁରଲୀଧର କର ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ଅତିଥି ପରିଚୟ ପ୍ରଦାନ କରିଥିଲେ।



ଏହାପରେ ଇଂରାଜୀ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ରଥ ସରକାରଙ୍କ ଦ୍ୱାରା ‘ନୂଆ-ଓ’ ବୃତ୍ତି ବଣ୍ଟନର ଉଦ୍ଦେଶ୍ୟ ସମ୍ପର୍କରେ ନିଜର ମତ ରଖିଥିଲେ। ଅଧକ୍ଷ ବେହେରା ବୃତ୍ତି ପାଇଥିବା ମହାବିଦ୍ୟାଳୟର ୫୨୦ଛାତ୍ରଛାତ୍ରୀ କିପରି ଏହି ଅର୍ଥରାଶିକୁ ସେମାନଙ୍କ ଉଚ୍ଚଶିକ୍ଷାରେ ବିନିଯୋଗ ହେବ ସେ ସମ୍ପର୍କରେ କହିଥିଲେ। ମୁଖ୍ୟ ଅତିଥି ଅଧକ୍ଷ୍ୟା, ରାଜକନିକା ପଞ୍ଚାୟତ ସମିତି ମିନତୀ ରାଉତ ‘ନୂଆ-ଓ’ ବୃତ୍ତି କିପରି ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ କହିଥିବାବେଳେ ମୁଖ୍ୟବକ୍ତା ନହୁଷ ନାୟକ (ସରପଞ୍ଚ ଓଲାଭର ଗ୍ରାମ ପଞ୍ଚାୟତ) ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶିକ୍ଷା ପ୍ରତି ଥିବା ରୁଚି ନୂଆ -ଓ ବୃତ୍ତି ତାହାର କିପରି ଜ୍ୱଳନ୍ତ ଉଦାହରଣ କହିଥିଲେ।ଅନ୍ୟତମ ସମ୍ମାନିତ ଅତିଥି ଭାବେ ସ୍ୱର୍ଣଲତା ବେହେରା (ସରପଞ୍ଚ, ବଳରାମପୁର) ଛାତ୍ରଛାତ୍ରୀଙ୍କ ବୃତ୍ତିକୁ ସଠିକ ବିନିଯୋଗ ପାଇଁ ପରାମର୍ଶ ଦେଇଥିଲେ।

**ଡେରାବିଶ:** ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଡେରାବିଶ ଡିଗ୍ରୀ ମହିଳା ମହାବିଦ୍ୟାଳୟ ପରିସରରେ ‘ନୂଆ-ଓ’ ଛାତ୍ରବୃତି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଭକ୍ତକବି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଭାକର ସାମଲ, ମୁଖ୍ୟବକ୍ତା ଭାବେ ତୁଳସୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଗୋଲଖ ଚନ୍ଦ୍ର




ମହାଭୋଇ, ପରିଚାଳନା ସମିତିର ସଦସ୍ୟ ରଜନୀକାନ୍ତ ମହାନ୍ତି ଛାତ୍ରଛାତ୍ରୀମାନଙ୍କ ଉଚ୍ଚଶିକ୍ଷା ନିମନ୍ତେ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ ଓ ପ୍ରେରଣାଦାୟକ ଏବଂ ଏହାର ସଦୁପଯୋଗ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷା ସ୍ନେହଲତା ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିଲାବେଳେ ଶେଷରେ ଅଧ୍ୟାପିକା ଜ୍ୟୋତିର୍ମୟୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ୧୦୮ ଜଣ ଛାତ୍ରୀଙ୍କୁ ଅତିଥିମାନେ ମେଧାବୃତି ପ୍ରଦାନ କରିଥିଲେ।

**ଡେରାବିଶ:** ଡେରାବିଶ ବ୍ଲକ ଗୁଆଲସିଂ ପଞ୍ଚାୟତ କେନ୍ଦ୍ରାପଡ଼ା ସାନ୍ଧ୍ୟା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଆଜି ନୂଆ-ଓ ମେଧାବୃତି ଓ ପ୍ରମାଣପତ୍ର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଆଦ୍ୟାରଶ୍ମି ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ମ୍ୟୁନିସିପାଲିଟି ଅଧ୍ୟକ୍ଷା ସରିତା ସାହୁ, ମୁଖ୍ୟବକ୍ତା ଭାବେ ଗୁଆଲସିଂ ସରପଞ୍ଚ ମଧୁସ୍ମିତା ଦାସ, ସମ୍ମାନିତ




ଅତିଥିଭାବେ ନୂଆ-ଓ ଜିଲ୍ଲା ସଂଯୋଜକ ପ୍ରମୋଦ କୁମାର ବେହେରା ଯୋଗଦେଇ ଛାତ୍ରଛାତ୍ରୀମାନେ ମେଧାବୃତି ଅର୍ଥରାଶିକୁ ସୁବିନିଯୋଗ କରିବା ପାଇଁ ପ୍ରେରଣା ଦେବା ସହ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଛାତ୍ରଛାତ୍ରୀମାନଙ୍କ ଉଚ୍ଚଶିକ୍ଷା ପାଇଁ ଏହି ପଦକ୍ଷେପ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟର ୫୦୦ରୁ ଊର୍ଦ୍ଧ୍ୱର୍ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ସହ ମେଧାବୃତି ପ୍ରଦାନ କରାଯାଇଥିଲା।

ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ

# ‘ମହିଳାମାନେ ସମାଜ ପ୍ରଗତିର ଉତ୍ସ’

**କେନ୍ଦ୍ରାପଡା,୭।୩(ସମିସ)**




ମହିଳାମାନଙ୍କ ସାମ୍ବିଧାନିକ ଅଧିକାର, ସାମାଜିକ ସୁରକ୍ଷା ଓ ସର୍ବବିଧ ବିକାଶ ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଇଥାଏ। ଏ ବର୍ଷ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ବୁଧବାର ପାଳିତ ହୋଇଯାଇଛି। ଚଳିତ ବର୍ଷର ଥିମ୍ ରହିଛି “ଇନ୍‌ସ୍ପାୟାର୍ ଇନ୍‌କ୍ଲୁଜନ୍”। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସତ୍ୟଭାମା ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗ ଦେଇଥିଲେ।

ସାମାଜିକ, ସାଂସ୍କୃତିକ, ରାଜନୈତିକ, ଆର୍ଥିକ କ୍ଷେତ୍ରରେ ମହିଳାମାନଙ୍କ ଭାଗିଦାରୀକୁ ସୁନିଶ୍ଚିତ କରିବା ପାଇଁ ସରକାରୀ ସ୍ତରରେ ପର୍ଯ୍ୟାପ୍ତ ବ୍ୟବସ୍ଥା ଥିଲେ ମଧ୍ୟ ସହଭାଗିତାର ଅଭାବ ଯୋଗୁଁ ଏହାର ସୁଫଳ ମହିଳାମାନଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଆମେରିକା ଭଳି ଉନ୍ନତ ଦେଶରେ ରାଷ୍ଟ୍ରପତି ପଦ ଏ ପର୍ଯ୍ୟନ୍ତ ମହିଳାଙ୍କୁ ମିଳି ପାରିନଥିବା ବେଳେ ଭାରତ ଭଳି ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ରାଷ୍ଟ୍ରପତି ପଦବୀ ଦୁଇ ଦୁଇଜଣ ମହିଳା ଅଳଂକୃତ କରିବାର ସୌଭାଗ୍ୟ ମହିଳାମାନଙ୍କୁ ଆଗକୁ ଅଗ୍ରସର ହେବାର ପ୍ରେରଣା ଯୋଗାଉଛି ବୋଲି ସେ ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ବ୍ୟଙ୍ଗ ଚିତ୍ରକାର ଆର୍. କେ ଲକ୍ଷ୍ମଣଙ୍କ ବ୍ୟଙ୍ଗଚିତ୍ରରେ ସ୍ଥାନିତ ‘କମନ୍ ମ୍ୟାନ୍’ର ଉଦାହରଣ ଦେଇ ନାରୀଙ୍କୁ ସମ୍ମାନ ପ୍ରଦର୍ଶନ ଉଦ୍ଦେଶ୍ୟରେ ସେ କହିଥିଲେ ଯେ, ନାରୀ କେବେ ସାଧାରଣ ନୁହେଁ। ଅନ୍ୟତମ ଅତିଥି ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷା ସ୍ୱାଗତିକା ପାତ୍ର କହିଥିଲେ ଯେ, ମହିଳାମାନେ ସମାଜର ପ୍ରଗତିର ଉତ୍ସ। ସେ ହିଁ ସୃଷ୍ଟି କର୍ତ୍ତା ଓ ଶକ୍ତିସ୍ୱରୂପା। ଆମ ଭାରତୀୟ ସମାଜର ଲିଙ୍ଗଗତ ତାରତମ୍ୟ ଓ ସଂକୀର୍ଣ୍ଣ ମନୋଭାବ ମହିଳାଙ୍କୁ ବହୁ ସୁଯୋଗରୁ ବଂଚିତ କରିଥାଏ। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅନୀତା ପଟ୍ଟନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଉପଖଣ୍ଡ ସୂଚନା ଲୋକ ସଂପର୍କ ଅଧିକାରୀ ଅଶୋକ ବଳିଆରସିଂହ, ଡିପିସି (ମମତା) ମନୋରଞ୍ଜନ ଦାସ, ବିଜ୍ଞାନ ପରିଦର୍ଶକ ନିଶିଥ ବାରିକ, ନେଚରର୍ସ କ୍ଲବ୍‌ର ସମ୍ପାଦକ ବିରଜା ପ୍ରସନ୍ନ ପତି ପ୍ରମୂଖ ଯୋଗ ଦେଇ ଭାରତୀୟ ସଂସ୍କୃତି ଓ ଇତିହାସରେ ବିଦୂଷୀ ଓ ବୀରାଙ୍ଗନା ମହିଳାମାନଙ୍କ ଗରିମାମୟ ତ୍ୟାଗ ଓ ବିଶ୍ୱାସର ସ୍ମୃତିଚାରଣ କରିବା ସହ ମହିଳା ଦିବସର ଶୁଭେଚ୍ଛା ଜ୍ଞାପନ କରିଥିଲେ। ନାରୀ ସଶକ୍ତିକରଣ ଓ ରାଜ୍ୟ ସରକାରଙ୍କ ଯୋଜନାକୁ ସଫଳ ରୂପାୟନ କରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଥିବା ମୋଟ୍ ୨୧ଜଣ ସିଡିପିଓ, ସୁପରଭାଇଜର୍, ଅଙ୍ଗନୱାଡି କର୍ମୀ, ସହାୟିକା, ଆଶାକର୍ମୀଙ୍କୁ ଜିଲ୍ଲାପାଳ ଉତ୍ତରୀୟ, ଉପଢୌକନ, ପ୍ରମାଣପତ୍ର ଓ ପୁଷ୍ପଗୁଚ୍ଛ ଦେଇ ପୁରସ୍କୃତ କରିଥିଲେ। ପ୍ରଦୀପ ପ୍ରଜ୍ୱଳନପୂର୍ବକ ସମାରୋହ ଜିଲ୍ଲାପାଳଙ୍କ ଦ୍ୱାରା ଶୁଭ ଉଦ୍‌ଘାଟନ ପରେ ‘ବନ୍ଦେ ଉତ୍କଳ ଜନନୀ’ ସଙ୍ଗୀତ ଗାନ କରାଯାଇଥିଲା। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରାରମ୍ଭରେ ଦିବସ ପାଳନର ଆଭିମୁଖ୍ୟ ବିଷୟରେ ବର୍ଣ୍ଣନା କରିଥିଲେ ଏବଂ ଶେଷରେ ପୋଗ୍ରାମ୍ ଅଫିସର ସଂଯୁକ୍ତା ମିଶ୍ର ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

# ସମବାୟ ସମିତି ବହୁମୁଖୀ କୋଠାର ଶିଳାନ୍ୟାସ

**ମାର୍ଶାଘାଇ,୭।୩(ସମିସ):** ମାର୍ଶାଘାଇ ପ୍ରାଥମିକ କୃଷି ସମବାୟ ସମିତିର ନୂତନ ମଲ୍ଟି ପର୍ପୋଜ ବିଲଡିଂର ଶିଳାନ୍ୟାସ ଉତ୍ସବରେ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ସମବାୟ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସଚ୍ଚିଦାନନ୍ଦ ଜେନା, ଏଆର୍‌ସିଏସ ସନ୍ତୋଷ କୁମାର ଦାସ, ସମିତି ସଭାପତି ପ୍ରଦୀପ୍ତ କୁମାର ଗାହାଣ, ଉପସଭାନେତ୍ରୀ ନମିତା ଚଇନି, କଟକ କେନ୍ଦ୍ର ବ୍ୟାଙ୍କ ଶାଖା ପରିଚାଳକ ଦୁର୍ଗା ମାଧବ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ଗୋବର୍ଦ୍ଧନ ସାହୁ, ବରିଷ୍ଠ ନିର୍ଦ୍ଦେଶକ ମନୋରଞ୍ଜନ ସାମଲ, ଉପେନ୍ଦ୍ର ବେହେରା, ବିଚିତ୍ରାନନ୍ଦ ବେହେରା, ଗୁରୁଚରଣ ସ୍ୱାଇଁ, ବିଜ୍ଞାନ ଦାସ, ରମାକାନ୍ତ ମଲିକ,ଗୀତାଞ୍ଜଳି ସାହୁ, ସହ ସମ୍ପାଦକ ପ୍ରଦ୍ୟୁମ୍ନ ଦାସ, ସଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ୨୬ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ବିଲଡିଂରେ ଗୋଦାମ ଗୃହ, ଅଫିସ ଗୃହ, ଶୌଚାଳୟ ଇତ୍ୟାଦି ନିର୍ମାଣ ହେବ।



# ସେକ୍ଟର୍ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର

**କେନ୍ଦ୍ରାପଡା,୭।୩(ସମିସ):** ସାଧାରଣ ନିର୍ବାଚନ-୨୦୨୪ ପାଇଁ ପାଟକୁରା, କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସେକ୍ଟର ଅଧିକାରୀମାନଙ୍କର ଦ୍ୱିତୀୟ ରାଉଣ୍ଡ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗ ଦେଇ କହିଥିଲେ “ନିର୍ବାଚନକୁ ମୁକ୍ତ, ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣଭାବେ ପରିଚାଳନା କରିବାକୁ ହେଲେ ସମସ୍ତଙ୍କ ସହଯୋଗ ଏବଂ ପ୍ରଶିକ୍ଷଣ ଅତ୍ୟନ୍ତ ଜରୁରୀ। ଭାରତୀୟ ନିର୍ବାଚନ ଆୟୋଗଙ୍କ ନୀତିନିୟମ ହିଁ ଆମ ପାଇଁ ମାର୍ଗ ଦର୍ଶକ। ସେଇ ଅନୁସାରେ ନିର୍ବାଚନ ପରିଚାଳନା କରିବାକୁ ସେ ସେକ୍ଟର ଅଧିକାରୀମାନଙ୍କୁ ଆହ୍ୱାନ ଜଣାଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ଉପ-ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଉପ-ଜିଲ୍ଲାପାଳ ଅଶୋକ କୁମାର ଦାସ, ଡେପୁଟି କଲେକ୍ଟର (ନିର୍ବାଚନ) ରମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇ ପାଟକୁରା, କେନ୍ଦ୍ରାପଡା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସେକ୍ଟର ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।




# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ପୁରାତନ ଛାତ୍ର

**ଫତୁପାଣ୍ଡବ,୭।୩(ସମିସ):** ଡେରାବିଶ ବ୍ଲକ ବେଣିପୁର ପଂଚାୟତ ଅନ୍ତର୍ଗତ ବଜାର ସ୍ଥିତ ଦାମୋଦରଜୀଉ ବିଦ୍ୟାପୀଠର ପୁରାତନ ଛାତ୍ରମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ମାର୍ଟ ଶ୍ରେଣୀଗୃହ, ଇ-ଲାଇବ୍ରେରୀ, ବିଜ୍ଞାନଗାର, ଖେଳପଡ଼ିଆର ଉନ୍ନତିକରଣ, ବିଶୁଦ୍ଧ ପାନୀୟଜଳ ଓ ଶୌଚାଳୟର ବ୍ୟବସ୍ଥା ପାଇଁ ଅର୍ଥଦାନ କରି ବିଦ୍ୟାଳୟର ଭିତ୍ତିଭୂମିରେ ଢ଼େର ଉନ୍ନତି ଆଣିଥିବା ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ମିଶ୍ର ପ୍ରକାଶ କରିଛନ୍ତି। ଏହି ଅବସରରେ ମୋ ସ୍କୁଲର ସଭାପତି ରାଧାକୃଷ୍ଣ ପୃଷ୍ଟି, ଗିରିଶ ପ୍ରସାଦ ବେହୁରା, ବିଜୟ କୁମାର ସାହୁ, ଶୁଭେନ୍ଦୁ ମୋହନ ଶ୍ରୀଚନ୍ଦନ ସାହୁ, ପ୍ରସାଦ କୁମାର ପରିଡ଼ା, ରଶ୍ମିରନ ପ୍ରଧାନ, ଦୀପକ ନାୟକ ଓ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ‘ନୂଆ-ଓ’ ଛାତ୍ରବୃତ୍ତି ଅନୁଦାନ ପତ୍ର ବିତରଣ ଉତ୍ସବ

**ଡେରାବିଶ, ୭।୩ (ସମିସ):** ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ସଭାକକ୍ଷରେ ଓଡ଼ିଶା ରାଜ୍ୟ ସରକାରଙ୍କ ନୂଆ-ଓ ଛାତ୍ରବୃତ୍ତି ଅନୁଦାନପତ୍ର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମହାବିଦ୍ୟାଳୟରଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମଣ କୁମାର ଦାଶ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ଗିରିଜାନନ୍ଦ ନାୟକ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳ, ସହ-ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଦିଲ୍ଲୀପ କୁମାର ଭୂୟାଁ, ନୂଆ-ଓ କାର୍ଯ୍ୟକ୍ରମ ପ୍ରମୁଖ ଅଧିକାରୀ ଅଧାପିକା ଶ୍ରୀମତୀ ଦାସ, ଛାତ୍ରବୃତି ପ୍ରଦାନର ମୁଖ୍ୟ ଅଧିକାରୀ ଅଧାପକ ସଂଜୟ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବରେ ଯୋଗ ଦେଇଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ଅଧ୍ୟାପକ ବିଶ୍ୱରନ ମିଶ୍ର ବେଦପାଠ ସହ ଅତିଥିଗଣ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ନାୟକ ଛାତ୍ରଛାତ୍ରୀମାନଙ୍କୁ ନୂଆ-ଓ ଛାତ୍ରବୃତି ଅନୁଦାନ ପତ୍ର ବିତରଣ କରିଥିଲେ। ସଭାପତି ଅଧ୍ୟକ୍ଷ ଶ୍ରୀ ଦାସ ଛାତ୍ରଛାତ୍ରୀମାନଙ୍କୁ ଆଶିର୍ବାଦ କରିବା ସହିତ ତାଙ୍କ ଉତରୋତର ଉନ୍ନତି କାମନା କରିଥିଲେ। ଶେଷରେ ଅଧ୍ୟାପିକା ମିନାକ୍ଷୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ଝରାଶ୍ରୀ ପରିଜା, ସୁକନ୍ୟା ମହାନ୍ତି, ଲୋପାମୁଦ୍ରା ଦାସ, ତେଜସ୍ୱିନୀ ଦାସ, ମନିଷା ମହାରଣା, ଅଧ୍ୟାପକ ପ୍ରଭାକର ଦାସ, ପ୍ରହ୍ଲାଦ ମାଝି, ଦେବାଶିଷ ମହନ୍ତ, ଶଷିଭୂଷଣ ଜେନା, ବରଦା ପ୍ରସାଦ ଜେନା ପ୍ରମୁଖ ପରିଚାଳନା କରିଥିଲେ।




# ଗରଦପୁର ପାର୍କରେ ଚାରାରୋପଣ



**ଗରଦପୁର,୭।୩(ସମିସ):** ପଞ୍ଚାୟତରାଜ ଦିବସ ପାଳନ ଅବସରରେ ଆଜି ଗରଦପୁରର ଗାନ୍ଧୀ ପାର୍କରେ ଦିବ୍ୟଶକ୍ତି ଟ୍ରଷ୍ଟ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗରଦପୁର ବିଡ଼ିଓ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇଥିଲେ। ବର୍ତ୍ତମାନ ସମୟରେ ବୃକ୍ଷହିଁ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ କରିବାରେ ସହାୟକ ହେବ ବୋଲି ଉପସ୍ଥିତ ଅତିଥି ମାନେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ମନୋରଞ୍ଜନ ଦାସ, ନବାବ ପଣ୍ଡା,ସୁରେନ୍ଦ୍ର ନାଥ ଜେନା,ଉପେନ୍ଦ୍ର ନାଥ ବାରିକ, ମୂରଲୀଧର ମଲ୍ଲିକ, ଟ୍ରଷ୍ଟର ଅଧ୍ୟକ୍ଷ ତଥା ପ୍ରକୃତିବନ୍ଧୁ ଦ୍ୱାରିକା ନାଥ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୭୫କୋଟି ଟଙ୍କାର ୧୨ଟି ପ୍ରକଳ୍ପ ଶିଳାନ୍ୟାସ କଲେ ବିଧାୟକ

**ରାଜନଗର,୭।୩(ସମିସ)**



ସାଧାରଣ ନିର୍ବାଚନ ଘୋଷଣା ପୂର୍ବରୁ ବୁଧବାର ରାଜନଗରରେ ବିଜେଡିର ବିରାଟ ଶୋଭାଯାତ୍ରା ରାଜନୈତିକ ଉଷ୍ମତା ଭରିଦେଇଛି। ଆଜି ରାଜନଗର ବ୍ଲକର ମହିଁଷାସୁର ପଡିଆରେ ୧୨ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା। ବଗପାଟିଆ ଅନ୍ତର୍ଗତ ସାତଭାୟାଠାରେ ଥଇଥାନସ୍ଥଳୀରେ ସଂଯୋଗୀକରଣ ରାସ୍ତା ପାଇଁ ଦୁଇଟି ପ୍ରକଳ୍ପ ନିମନ୍ତେ ୬ କୋଟି ୫୦ ହଜାର ଟଙ୍କା, ମୁଗକଣି ପୂର୍ତ୍ତବିଭାଗ ରାସ୍ତା ଠାରୁ ବଧିଭାୟା ପରିପାଙ୍ଗରା, ଗୋଖଣୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୯ କୋଟି ୧୧ ଲକ୍ଷ ୫୮ ହଜାର ଟଙ୍କା, ହାତିନା, ଗୁପ୍ତି ଓ ମହିଁଷାସୁରଠାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ଆବାସ ନିର୍ମାଣ ପାଇଁ ୪ କୋଟି ୭୭ ଲକ୍ଷ ୨୩ ହଜାର ଟଙ୍କା, ରାଜନଗର-ଗୋପାଳପୁର ଲୁଣା ଘେରିବନ୍ଧର ୨ କିମି ୫ଶହ ମିଟର ଠାରୁ ୧୭ କିମି ୧୪୦ମିଟର ଯାଏଁ ରାସ୍ତାର ଉନ୍ନତୀକରଣ ପାଇଁ ୯ କୋଟି ୯୯ ଲକ୍ଷ ୬୬ହଜାର ଟଙ୍କା, ରାଜନଗର-ଗୁପ୍ତି ପୂର୍ତ୍ତବିଭାଗ ରାସ୍ତାର ପ୍ରଶସ୍ତିକରଣ ପାଇଁ ୪୪ କୋଟି ୮୩ ଲକ୍ଷ ୯୬ ହଜାର ଟଙ୍କା, କେରେଡାଗଡସ୍ଥିତ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ମଠର ଉନ୍ନତୀକରଣ ପାଇଁ ୩ କୋଟି ୭୦ ଲକ୍ଷ ୫୦ ହଜାର ଟଙ୍କା, ସାତଭାୟାବାସୀଙ୍କ ଥଇଥାନସ୍ଥଳୀ ବଗପାଟିଆଠାରେ ମା' ପଞ୍ଚୁବରାହୀ ମନ୍ଦିରର ଉନ୍ନତୀକରଣ ପାଇଁ ୩ କୋଟି ୪୨ ଲକ୍ଷ ୨୮ହଜାର ଟଙ୍କା, କେରେଡାଗଡସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରର ଉନ୍ନତୀକରଣ ପାଇଁ ୨ କୋଟି ୪୪ ଲକ୍ଷ ୫୨ ହଜାର ଟଙ୍କା ପ୍ରଭୃତି ୧୨ଟି ପ୍ରକଳ୍ପ ପାଇଁ ୭୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ମାନ୍ୟବର ବିଧାୟକ ଧ୍ରୁବ ସାହୁ କରିଛନ୍ତି।

ତ୍ରିନାଥବଜାରସ୍ଥିତ ପୂର୍ତ୍ତବିଭାଗ ଡାକବଙ୍ଗଳା ନିକଟରୁ ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ବିଧାୟକ ରାଜନଗର ବଜାର ଓ ଗାଁ ପରିକ୍ରମା କରି ମହିଁଷାସୁର ପଡିଆ ନିକଟରେ ପହଁଚିଥିଲେ। ବିଧାୟକଙ୍କ ସହିତ ଶିଳାନ୍ୟାସ ଉତ୍ସବରେ ପୂର୍ତ୍ତବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ନଟବର ପ୍ରଧାନ, ସହକାରୀ ଯନ୍ତ୍ରୀ ବିଶ୍ୱ ରଂଜନ ସ୍ୱାଇଁ, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ସୁବାଷ ଚନ୍ଦ୍ର ସାହୁ, ତଟବନ୍ଧ ବିଭାଗର ସହକାରୀ ଯନ୍ତ୍ରୀ ଭଂଜ କିଶୋର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଶିଳାନ୍ୟାସ ପରେ ବ୍ଲକ ବିଜେଡି ସଭାପତି ତଥା ଡେରା ପଂଚାୟତର ସରପଂଚ ନିରଂଜନ ରାଉତଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ବିଧାୟକ ଶ୍ରୀ ସାହୁ ଯୋଗଦେଇ ରାଜନଗରରେ ବିକାଶ ପକ୍ରିୟା ଜାରି ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆର୍ଶୀବାଦ ଯୋଗୁ ଏବେ ନିର୍ବାଚନମଣ୍ଡଳୀରେ ପାଖାପାଖି ୧୫ଶହ କୋଟି ଟଙ୍କା ଅନୁଦାନରେ ନିର୍ମାଣ କାର୍ଯ୍ୟ ଚାଲିଛି। ଆଜିର ୭୫ କୋଟି ଟଙ୍କାର ପ୍ରକଳ୍ପ ଯୋଡିହେବା ପରେ ବିକାଶଧାରା ଆହୁରି ଆଗକୁ ବଢିବ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ପଂଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପଧ୍ୟକ୍ଷ ଗଣେଷ ଚନ୍ଦ୍ର ଗୁଡିଆ, ୩୨ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ଖୁକୁମିନା କୁଅଁର, ୩୦ ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ଆମ୍ବ କମିଟିର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ ସାହୁ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିଜୟ ନାୟକ, ବରିଷ୍ଠ ନେତା ନରହରି ଜେନା, ଶ୍ରୀକାନ୍ତ କୁମାର ପ୍ରଧାନ, ସୁଦର୍ଶନ ଦାସ, ରମେଶ ଚନ୍ଦ୍ର ବେହେରା, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ଛାତ୍ର ବିଜେଡି ସଭାପତି ମନୋଜ ମଲ୍ଲିକ, ମହିଳା ବିଜେଡି ସଭାନେତ୍ରୀ ରଶ୍ମି ରଞ୍ଜିତା ସ୍ୱାଇଁ, ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଯାଦବ ମହାସଂଘ, ଆମ୍ବେଦକର ଲୋହିଆ ମଂଚ, ତାଳଚୁଆ ନାଗରିକ କମିଟି ଓ ସାତଭାୟା ଥଇଥାନ କମିଟି ପକ୍ଷରୁ ସେମାନଙ୍କ ସଂଗଠନ ଓ ଅଂଚଳର ବିକାଶ ପାଇଁ ଆର୍ଥିକ ଅନୁଦାନ ମିଳିଥିବାରୁ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଯେତେବେଳେ ପ୍ରତ୍ୟେକ ସ୍ୱାବଲମ୍ବୀ ଗ୍ରାମବାସୀ ବୁଝିବେ ଯେ ସେମାନେ ହେଉଛନ୍ତି ନିଜ ଭାଗ୍ୟ ନିୟନ୍ତା ଓ ଠିକଣା ପ୍ରତିନିଧି ବାଛି ନିଜେ ନିଜକୁ ଶାସନ କରିବା କ୍ଷେତ୍ରରେ ଯୋଗ୍ୟ, ସେତେବେଳେ ଯାଇ ବାସ୍ତବ ସ୍ୱାଧୀନତା ଆସିବ।
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## କଟକ ରୁପା ତାରକସି ଜିଆଇ ସୂଚକ ଘୋଷିତ

# ଉତ୍କଳଗୌରବଙ୍କ ସଂକଳ୍ପକୁ ରାଷ୍ଟ୍ରୀୟ ମାନ୍ୟତା

ନିକଟରେ କଟକର ରୁପା ତାରକସି କାମକୁ ଭାରତ ସରକାର ଭୌଗୋଳିକ ସୂଚକ ଚିହ୍ନରେ ପଞ୍ଜିକୃତ କରି ସମଗ୍ର ଓଡ଼ିଆ ଜାତିର ଲୋକଙ୍କ ମନରେ ଅପାର ଆନନ୍ଦ ସୃଷ୍ଟି କରିଛନ୍ତି। ଉତ୍କଳର ଗୌରବାବହ ଅତୀତରେ ଆମ ରାଜ୍ୟର ସାଧବମାନେ ବୋଇତ ଧରି ହସ୍ତକଳା ଚାରୁଶିଳ୍ପ ଆଦି ଉଚ୍ଚମାନର ପଣ୍ୟଦ୍ରବ୍ୟ ନେଇ ସୁଦୂର ଜାଭା, ସୁମାତ୍ରା, ବାଲି, ମାଳୟ, ଶ୍ୟାମ ଦେଶ, କାମ୍ବୋଜ ଓ ସିଂହଳ ଆଦି ବିସ୍ତୀର୍ଣ୍ଣ ଅଞ୍ଚଳରେ ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଥିଲେ। ଯେଉଁ କଳା ପ୍ରାଚୀନ କାଳରୁ ଦେଶ ବିଦେଶରେ ପ୍ରଶଂସିତ ହୋଇ ଆସୁଥିଲା, ସେହି ଚାନ୍ଦି ତାରକସି କାମକୁ ବହୁଦିନର ଦାବି ପୂରଣ କରି ଭାରତ ସରକାର ଯେଉଁ ଭୌଗୋଳିକ ସୂଚକ ମାନ୍ୟତା ପ୍ରଦାନ କରିଛନ୍ତି ସେଥିପାଇଁ ପ୍ରତ୍ୟେକ ଓଡ଼ିଆ ଉତ୍ଫୁଲ୍ଲିତ ଓ ଗର୍ବିତ। ଏହି ଅତୁଳନୀୟ କଳାକୌଶଳରେ ନିର୍ମିତ କୋଣାର୍କ ଚକ, ମୁକ୍ତେଶ୍ୱର ତୋରଣ, ଶ୍ରୀଜଗନ୍ନାଥ ଚତୁର୍ଦ୍ଧା ମୂରତି, ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ପ୍ରତିକୃତି, ରଥାରୁଢ଼ ଶ୍ରୀକୃଷ୍ଣାର୍ଜୁନ ସମ୍ବାଦର ରୂପାୟନ ଆଦି ସାରା ଦେଶ ତଥା ବିଶ୍ୱର କୋଣେ ଅନୁକୋଣେ ଓଡ଼ିଆ ପୁଅର କଳାକୃତିର କାହାଣୀ ବଖାଣୁଛି। ତେଣୁ ଓଡ଼ିଶାର ପୁରାତନ ରାଜଧାନୀ କଳାନୈପୁଣ୍ୟର କୁହୁକ ନଗରୀ କଟକ ଆଜି ପୁଣି ରାଷ୍ଟ୍ରୀୟ ସମ୍ମାନରେ ସୁଶୋଭିତ।

ଉତ୍କର୍ଷ କଳାର ଦେଶ ବୋଲି ଆମ ରାଜ୍ୟର କେତେକ ନାମ ମଧ୍ୟରୁ 'ଉତ୍କଳ' ଅନ୍ୟତମ। ସାଂସ୍କୃତିକ ସମ୍ପଦରେ ପରିପୂର୍ଣ୍ଣ କଳିଙ୍ଗ, ଉତ୍କଳ ଓ ଓଡ଼ିଶା ବହୁକାଳରୁ ଦେଶବିଦେଶରେ ପ୍ରସିଦ୍ଧି ଲାଭ କରିଆସିଛି। ଉତ୍କୃଷ୍ଟ ଭାସ୍କର୍ଯ୍ୟ ଶିଳ୍ପ ବିମଣ୍ଡିତ ମନ୍ଦିରରାଜି, ଯାହାକି ଉପକୂଳ ଓଡ଼ିଶାରେ ବହୁଳ ଭାବରେ ଆଜି ବି ବିରାଜମାନ, ତାହା ଉତ୍କଳର ଚାରୁକଳା ପରମ୍ପରା ବିଶେଷଭାବେ କଳିଙ୍ଗ ମନ୍ଦିର ନିର୍ମାଣ ଶୈଳୀ ଭାବେ ଇତିହାସ ପ୍ରସିଦ୍ଧ। କୋଣାର୍କର ସୂର୍ଯ୍ୟମନ୍ଦିର, ମୁକ୍ତେଶ୍ୱର ତୋରଣ, ରାଜାରାଣୀ ମନ୍ଦିରର ଅନନ୍ୟ ଭାସ୍କର୍ଯ୍ୟ, ଶ୍ରୀକ୍ଷେତ୍ର, ଏକାମ୍ର କ୍ଷେତ୍ର ଓ ବିରଜା କ୍ଷେତ୍ରର ଅସଂଖ୍ୟ ମନ୍ଦିର ଓ ଅନ୍ୟାନ୍ୟ ଭାସ୍କର୍ଯ୍ୟ କୀର୍ତ୍ତି ଏବେ ବି ଏକ ମହାନ ସାଂସ୍କୃତିକ ଇତିହାସର ପରିଚୟ ବହନ କରେ। ସେହିପରି ସମଗ୍ର ଓଡ଼ିଶାରେ ଉତ୍କୃଷ୍ଟ ବୟନ ଶିଳ୍ପର ଅତୁଳନୀୟ ନମୁନା ଯୁଗ ଯୁଗ ଧରି ଆଜିପର୍ଯ୍ୟନ୍ତ ଜୀବିତ ରହି ଆସିଛି। ନୂଆପାଟଣାର ଖଣ୍ଡୁଆ ପାଟ ଓ ଗୀତଗୋବିନ୍ଦ ଶାଢ଼ି, ବରହମ୍ପୁରୀ ପାଟ, ବୋମକେଇ ଶାଢ଼ି, ହବସ୍‌ପୁରୀ କଳାପଥର ପରଦା, କୋଟପାଡ଼ର ପ୍ରାଚୀନ ଜୈବିକ ପଦ୍ଧତି ଅନୁସୃତ ବୟନ ଶିଳ୍ପ, ସୋନପୁରୀ ଓ ସମ୍ବଲପୁରୀ ବାନ୍ଧକଳା ଓ ଏହିପରି ସାରା ରାଜ୍ୟରେ ବିଭିନ୍ନ ଅଞ୍ଚଳରେ ତୁଳା ଓ ରେଶମ ସୂତାରେ ବଂଶାନୁକ୍ରମିକ ମନୋମୁଗ୍ଧକାରୀ ବିଚିତ୍ର ବୟନ ଶିଳ୍ପ ଉଦାହରଣକୁ ବିଶ୍ୱ ବିସ୍ଫାରିତ ନୟନରେ ଦେଖି ପୁଲକିତ ହୁଏ। ତା'ସାଙ୍ଗକୁ କଟକର ସୁନା ରୁପା ତାରକସି କାରିଗରୀ, ଗଜପତି ଜିଲ୍ଲାର ସିଂହ ନିର୍ମିତ କଳାକୃତି, ପୁରୀ ଓ ଗଞ୍ଜାମ ଜିଲ୍ଲାର ପଟ୍ଟଚିତ୍ର ଓ ଗଞ୍ଜାପା, ପିପିଲିର ଚାନ୍ଦୁଆ - ଏମିତି ଗଣିବସିଲେ ଆଶ୍ଚର୍ଯ୍ୟ ଲାଗେ ଯେ ଓଡ଼ିଶା ଭୂଇଁରେ କେତେ ଜାତିର ଚାରୁଶିଳ୍ପକଳା କେଉଁ ଆବହମାନ କାଳରୁ ଜୀବନ ଜୀବିକା ସହ ତାଳ ମିଳାଇ ବିଶ୍ୱ ବଜାରରେ ଉତ୍କଳୀୟ କଳା ନୈପୁଣ୍ୟକୁ ଉଜ୍ଜୀବିତ କରି ରଖିଛି।

ସ୍ୱାଧୀନ ଭାରତରେ ଦେଶର ବିଭିନ୍ନ ପ୍ରାନ୍ତରେ ପ୍ରସ୍ଫୁଟିତ ହେଉଥିବା ଏପରି ଅନନ୍ୟ କଳା ଭାସ୍କର୍ଯ୍ୟ ସମ୍ପଦର ମାନକୀକରଣ ଓ ସମ୍ମାନବର୍ଦ୍ଧନର ପ୍ରକ୍ରିୟା ଆରମ୍ଭ ହୋଇଥିଲା ୧୯୯୯ ମସିହାରେ। ଏହିକ୍ରମରେ ବିଭିନ୍ନ ସ୍ଥାନର ଉତ୍କୃଷ୍ଟ କଳା, ହସ୍ତଶିଳ୍ପ ଓ ଖାଦ୍ୟପଦାର୍ଥ ଆଦି ଦୃଶ୍ୟମାନ ଓ ଅସ୍ପର୍ଶନୀୟ(ଟାଞ୍ଜିବଲ୍ ଆଣ୍ଡ ଇନ୍‌ଟାଞ୍ଜିବଲ୍)ର ଐତିହ୍ୟକୁ ଚିହ୍ନଟ କରି ଏହାର ସଂରକ୍ଷଣ ଓ ସମ୍ପ୍ରସାରଣ ନିମନ୍ତେ ଆବଶ୍ୟକୀୟ ସରକାରୀ ପ୍ରୋତ୍ସାହନର ବ୍ୟବସ୍ଥା କରାଗଲା। କେନ୍ଦ୍ର ସରକାର ୧୯୯୯ ମସିହାରେ ଏ ସଂକ୍ରାନ୍ତ ଆଇନ ଆଣିଥିଲେ ମଧ୍ୟ ତାହା ଯାଇ ୨୦୦୩ ସେପ୍ଟେମ୍ବର ମାସରେ କାର୍ଯ୍ୟକାରୀ ହେବାର ବାଟ ଫିଟିଲା। ଭୌଗୋଳିକ ସୂଚକ ଚିହ୍ନିତ କଳା ଓ ହସ୍ତଶିଳ୍ପ ସାମଗ୍ରୀ ଆଦିର ଆଇନ ଅନୁସାରେ ପଞ୍ଜିକରଣ କରାଗଲା। ଏଥିପାଇଁ କେନ୍ଦ୍ର ସରକାରଙ୍କ ଅଧୀନରେ ଚେନ୍ନାଇଠାରେ ଏକ ପଞ୍ଜିକରଣ କାର୍ଯ୍ୟାଳୟ ସ୍ଥାପନ କରାଗଲା। ୨୦୦୪-୦୫ରେ ଏହି ମାନ୍ୟତା ପାଇବାର ପ୍ରଥମ ଉତ୍ପାଦ ଥିଲା ଦାର୍ଜିଲିଂ ଚା'। ସେବେଠାରୁ ଏବେ ପର୍ଯ୍ୟନ୍ତ ଭାରତର ବିଭିନ୍ନ ଅଞ୍ଚଳର ପ୍ରାୟ ୫୦୦ ଉତ୍ପାଦ ଜିଆଇ ମାନ୍ୟତା ପାଇଥିବା ବେଳେ ସେଥିମଧ୍ୟରୁ ଏ ପର୍ଯ୍ୟନ୍ତ ଓଡ଼ିଶାର ୨୬ଟି ଅନନ୍ୟ ହସ୍ତଶିଳ୍ପ ଓ କଳାସମ୍ପଦକୁ ଭୌଗୋଳିକ ସୂଚକ ଚିହ୍ନ ପ୍ରଦାନ କରାଯାଇଛି।

ନିକଟରେ କଟକର ପ୍ରସିଦ୍ଧ ରୁପା ତାରକସି ଶିଳ୍ପକୁ ଏହି ମାନ୍ୟତା ମିଳିବାର ପୃଷ୍ଠଭୂମିରେ ମନେପଡ଼େ ଉତ୍କଳ ଗୌରବ ମଧୁସୂଦନଙ୍କ ମହାର୍ଘ ସାଧନା ଏବଂ ଏହି କଟକର ସୁନା, ରୁପା ତାରକସି ଶିଳ୍ପକୁ ପୁନରୁଦ୍ଧାର ଓ ସମ୍ପ୍ରସାରଣ କରିବା ପାଇଁ ତାଙ୍କର ଦୃଢ଼ ସଂକଳ୍ପ। ସେ ୧୮୯୭ ମସିହାରେ କଟକ ଓ ଆଖପାଖ ଅଞ୍ଚଳର ୧୫୦ ଜଣ ତାରକସି ଶିଳ୍ପୀଙ୍କୁ କଟକସ୍ଥିତ ନିଜ ବାସଭବନ ପରିସରରେ 'ଓଡ଼ିଆ ଆର୍ଟ ୱେୟାରସ୍' ନାମକ କର୍ମଶାଳାରେ ରଖି ସେମାନଙ୍କ ଦ୍ୱାରା ସୁନା ଓ ରୁପା ତାରକସି ଉନ୍ନତ ଉତ୍ପାଦମାନ ତିଆରି କରୁଥିଲେ। ଏହିକ୍ରମରେ ଶିଳ୍ପୀମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରାଇବା ସହିତ ଦେଶବିଦେଶର ବିଭିନ୍ନ ହସ୍ତଶିଳ୍ପ ପ୍ରଦର୍ଶନୀରେ ସେମାନଙ୍କୁ ଭାଗ ନେବାକୁ ପ୍ରୋତ୍ସାହିତ କରୁଥିଲେ। ତତ୍କାଳୀନ ବ୍ରିଟିଶ ସରକାର ତଥା ଦେଶର ବିଭିନ୍ନ ପ୍ରାନ୍ତରେ ଥିବା ମହାନ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କୁ ସୁନା ଚାନ୍ଦି ତାରକସି ପ୍ରତିକୃତିମାନ ଉପହାର ଦେଇ ସେ ପୁଣି ଥରେ ଓଡ଼ିଶାର ଏହି ଅମୂଲ୍ୟ ହସ୍ତଶିଳ୍ପକୁ ବିଶ୍ୱ ଦରବାରରେ ପ୍ରଶଂସିତ କରାଇପାରିଥିଲେ।

ଏଠାରେ ଆଉ ଗୋଟିଏ କଥା ମନକୁ ଆସେ ଯେ ଇତିହାସ ପ୍ରସିଦ୍ଧ ସୁନା ଓ ରୁପା ତାରକସି ଆଜି ମଧ୍ୟ କଟକର ବାଉନ ବଜାର ତେପନ ଗଳିରେ ନିର୍ମାଣ ଓ ବିପଣନ ହେଉଥିବା ବେଳେ କେଉଁ ତର୍କରେ ଏହି ଭୌଗୋଳିକ ସୂଚକ ପଞ୍ଜିକରଣ ପାଇଁ କେବଳ ରୁପା ତାରକସି କାମ ଉଲ୍ଲେଖ କରାଯାଇ ଆବେଦନ କରାଗଲା। ପ୍ରାଚୀନ କଟକ ନଗରର ଐତିହ୍ୟ ବିଷୟରେ ସତରେ କ'ଣ ଆବେଦନକାରୀ ଅପରିଚିତ ଥିଲେ? ଯେହେତୁ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ବିଭାଗ ଏହି ପ୍ରକରଣକୁ ପ୍ରୋତ୍ସାହନ ଓ ସହାୟତା ପ୍ରଦାନ କରିଥା'ନ୍ତି ତେଣୁ ସୁନା ତାରକସି କାମ ନିମନ୍ତେ ଆବେଦନ କରା ନ ଯିବାର କାରଣ ବୁଝା ପଡୁନାହିଁ। ଏ କ୍ଷେତ୍ରରେ କାର୍ଯ୍ୟରତ ଗବେଷକଙ୍କ ମତ ଯେ ଏବେ ମଧ୍ୟ ସୁନା ରୁପା ଉଭୟ ତାରକସିର ଜିଆଇ ମାନ୍ୟତା ପାଇଁ ସଂଶୋଧିତ ଆବେଦନପତ୍ର ଦାଖଲ କରାଯାଇପାରିବ ଏବଂ ପୂର୍ବରୁ ଏଭଳି ସଂଶୋଧନର ଦୃଷ୍ଟାନ୍ତ ମଧ୍ୟ ରହିଛି। ଉତ୍କଳୀୟ ହସ୍ତଶିଳ୍ପର ପ୍ରାଚୀନ ଐତିହ୍ୟ ତଥା ଏ ଯାବତ୍ ଜୀବନ୍ତ ପରମ୍ପରାକୁ ସମ୍ମାନ ଦେଇ ଏଭଳି ଏକ ଉଦ୍ୟମ କରାଗଲେ ଆମ ରାଜ୍ୟର ସୁଦକ୍ଷ କାରିଗରଙ୍କ କଳା ନୈପୁଣ୍ୟକୁ ଆଂଶିକ ପରିବର୍ତ୍ତେ ସମ୍ପୂର୍ଣ୍ଣ ମାନ୍ୟତା ମିଳିପାରିବ।

ବନ୍ଦେ ଉତ୍କଳ ଜନନୀ।

# ଆମ ସମ୍ବିଧାନରେ ଗ୍ରାମସଭା



ଅରବିନ୍ଦ ରାଉତ
ଭଦ୍ରକ, ମୋ: ୯୪୩୭୦୭୦୭୪୦୭

ସ୍ଥାନୀୟ ସ୍ୱ-ଶାସନ, ଗ୍ରାମ ଗୋଷ୍ଠୀର ସଶକ୍ତୀକରଣ ଏବଂ ତୃଣମୂଳ ସ୍ତରରେ ଗଣତନ୍ତ୍ରର ଏକ ପ୍ରକ୍ରିୟା ଭାବରେ ଗ୍ରାମସଭାର ସଶକ୍ତୀକରଣକୁ ବିଶିଷ୍ଟ ବ୍ୟକ୍ତିମାନେ ସ୍ୱୀକୃତି ଦେଇଛନ୍ତି। ସେମାନଙ୍କର ଦୃଷ୍ଟିକୋଣ ହେଉଛି ବିକେନ୍ଦ୍ରୀକରଣ ଶାସନର ବିସ୍ତାରିତ ମୂଲ୍ୟ ଏବଂ ସେହି ବିକେନ୍ଦ୍ରୀକରଣ ଶାସନ ବ୍ୟବସ୍ଥାରେ ଗୋଷ୍ଠୀମାନେ ନିଜ ଭବିଷ୍ୟତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା। ଜାତିର ପିତା ମହାତ୍ମା ଗାନ୍ଧୀ ଗ୍ରାମସଭାକୁ ଏକ ଫୋରମ୍ ଭାବରେ କଳ୍ପନା କରିଥିଲେ, ଯେଉଁଠାରେ ସ୍ଥାନୀୟ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇପାରିବ, ସାମୂହିକ ଭାବରେ ନିଷ୍ପତ୍ତି ନିଆଯିବ ଏବଂ ଯଥାର୍ଥ ଭାବରେ ନ୍ୟାୟ ମିଳିବ। ଭାରତୀୟ ସମ୍ବିଧାନର ସ୍ଥପତି ବି. ଆର. ଆମ୍ବେଦକର ବିକେନ୍ଦ୍ରୀକରଣ ଶାସନର ମହତ୍ତ୍ୱକୁ ସ୍ୱୀକୃତି ଦେଇଛନ୍ତି।

୧୯୯୨ରେ ୭୩ ତମ ସାମ୍ବିଧାନିକ ସଂଶୋଧନ ଅଧିନିୟମ ପୂର୍ବରୁ ଗ୍ରାମସଭା ମୁଖ୍ୟତଃ ଭାରତର ଗ୍ରାମାଞ୍ଚଳରେ ଏକ ପାରମ୍ପରିକ ଗ୍ରାମ୍ୟ ଅନୁଷ୍ଠାନ ଭାବରେ ବିଦିତ ଥିଲା। ଏହାର ଉତ୍ସ ରହିଥିଲା ପ୍ରାଚୀନ ଭାରତୀୟ ସମାଜରେ। ପ୍ରାୟତଃ ଗ୍ରାମ ସ୍ତରରେ ସେତେବେଳେ ଏହା ଏକ ପ୍ରାଥମିକ ନିଷ୍ପତ୍ତି ଗ୍ରହଣକାରୀ ଅନୁଷ୍ଠାନ ଥିଲା। ଗ୍ରାମସଭା ସାଧାରଣତଃ ଏକ ଗାଁର ସମସ୍ତ ବୟସ୍କ ସଦସ୍ୟା ସଦସ୍ୟ କିମ୍ବା ଗାଁର ଏକ ଗୋଷ୍ଠୀକୁ ନେଇ ଗଠିତ ହୋଇଥିଲା ଏବଂ ଜଣେ ଗ୍ରାମ ମୁଖିଆଙ୍କ ଦ୍ୱାରା ଏହା ପରିଚାଳିତ ହେଉଥିଲା। ସେତେବେଳର ଗ୍ରାମସଭା ସ୍ଥାନୀୟ ଶାସନ ଏବଂ ନିଷ୍ପତ୍ତି ନେବାରେ କିଛି ମହତ୍ତ୍ୱ ରଖିଥିବା ବେଳେ ଏହାର କ୍ଷମତା ଏବଂ କାର୍ଯ୍ୟଗୁଡ଼ିକ ଆଇନରେ ସ୍ପଷ୍ଟ ଭାବରେ କୌଣସି ମାନ୍ୟତା ପାଇନଥିଲା। ବିବାଦର ସମାଧାନ, ଗୋଷ୍ଠୀ ସମ୍ବଳ ପରିଚାଳନା ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନୀୟ ବିଷୟ ଉପରେ ଆଲୋଚନା କରିବାରେ ପ୍ରାୟତଃ ସେତେବେଳେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। କିନ୍ତୁ ଏହାର ପ୍ରାଧିକରଣ ଓ ସ୍ୱରୂପ ଅଞ୍ଚଳ ଅନୁସାରେ ଭିନ୍ନ ଭିନ୍ନ ଏବଂ ଅନୌପଚାରିକ ଥିଲା।

ଗ୍ରାମସଭା ଓଡ଼ିଶାରେ ପଲ୍ଲୀସଭା ଭାବରେ ବିଦିତ। ଏପରି ଏକ ଗ୍ରାମ୍ୟ ଅନୁଷ୍ଠାନ ବିଚାରର ମୂଳ ଉତ୍ସ ଭାରତୀୟ ସମ୍ବିଧାନରେ ରହିଛି, ଯାହାକି ପଞ୍ଚାୟତିରାଜ ବ୍ୟବସ୍ଥାରେ ସ୍ଥାନୀୟ ସ୍ୱାୟତ୍ତ ଶାସନ ରୂପରେ ପରିକଳ୍ପିତ। ଗ୍ରାମସଭା ସମ୍ବନ୍ଧରେ ସମ୍ବିଧାନରେ ବିସ୍ତୃତ ଭାବରେ ଉଲ୍ଲେଖ କରା ନ ଯାଇଥିଲେ ମଧ୍ୟ ପଞ୍ଚାୟତ ସମ୍ବନ୍ଧୀୟ ଧାରା 'ନ୍ଧ୪୩ ଏ' ରୁ '୨୪୩ ଓ' ମଧ୍ୟରେ ଥିବା ପ୍ରବଧାନଗୁଡ଼ିକ ମଧ୍ୟରୁ ଗ୍ରାମସଭାର କ୍ଷମତାକୁ ଉଦ୍ଧୃତ କରାଯାଇପାରେ। ଏହି ଧାରାଗୁଡ଼ିକ ଗ୍ରାମାଞ୍ଚଳରେ ସ୍ୱୟଂ ଶାସନର ଅନୁଷ୍ଠାନ ଭାବରେ ପଞ୍ଚାୟତ ପ୍ରତିଷ୍ଠା ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ ଏବଂ ପଞ୍ଚାୟତର ଯାବତୀୟ କାର୍ଯ୍ୟରେ ଗ୍ରାମସଭାର ଅଂଶଗ୍ରହଣକୁ ଗୁରୁତ୍ୱ ଦେଇଥାଏ। ଅନ୍ୟପକ୍ଷରେ ଗ୍ରାମସଭା ସମେତ ଅନ୍ୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ସେମାନଙ୍କର ସାମ୍ବିଧାନିକ ମାନ୍ୟତା ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି ଗୁରୁତ୍ୱପୂର୍ଣ୍ଣ ୭୩ ତମ ସାମ୍ବିଧାନିକ ସଂଶୋଧନ ଅଧିନିୟମ ୧୯୯୨ ଆସିଥିଲା। ଏହା ପ୍ରଥମ କରି ନିୟମିତ ନିର୍ବାଚନ, ଦଳିତ ସମ୍ପ୍ରଦାୟ ପାଇଁ ସଂରକ୍ଷିତ ଆସନ ଏବଂ ସ୍ଥାନୀୟ ଅନୁଷ୍ଠାନକୁ କ୍ଷମତା, କାର୍ଯ୍ୟକ୍ଷମ ଏବଂ ଆର୍ଥିକ ଦାୟିତ୍ୱସମ୍ପନ୍ନ କରିବାକୁ ତ୍ୱରାନ୍ୱିତ କରିଥିଲା। ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ବର୍ଗର ଲୋକମାନଙ୍କ



ମଧ୍ୟରେ ଜାତିଗତ ଐତିହାସିକ ସୀମାବଦ୍ଧତାକୁ ଦୂର କରିବା ପାଇଁ ଏବଂ ଗ୍ରାମ ପଞ୍ଚାୟତ ଓ ଗ୍ରାମସଭାରେ ମହିଳାମାନଙ୍କ ଗୁରୁତ୍ୱରେ ସମାନତା ଆଣିବା ପାଇଁ ସଂରକ୍ଷଣ ବ୍ୟବସ୍ଥା କରାଯାଇଥିଲା।

ଗ୍ରାମସଭାର ଆଉ ଏକ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସାମାଜିକ ଅନ୍ତର୍ଭୁକ୍ତୀ ବା ଭାଗିଦାରିତା ଏବଂ ସମାନତାକୁ ସୁନିଶ୍ଚିତ କରିବା। ଗ୍ରାମସଭାଗୁଡ଼ିକ ସରକାରୀ ଯୋଜନା, ନୀତି ଏବଂ ଗାଁକୁ ଆବଣ୍ଟିତ ପାଣ୍ଠି ବିଷୟରେ ସୂଚନା ପ୍ରସାରଣ ପାଇଁ ମଞ୍ଚ ଭାବରେ କାର୍ଯ୍ୟ କରନ୍ତି। ଏହା ସ୍ଥାନୀୟ ଶାସନରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱକୁ ପ୍ରୋତ୍ସାହିତ କରେ। ଏକ କ୍ଷମତାସମ୍ପନ୍ନ ଗ୍ରାମସଭା ସ୍ଥାନୀୟ ଶାସନ, ଅଂଶଗ୍ରହଣକାରୀ ଗଣତନ୍ତ୍ର ଏବଂ ସ୍ଥାୟୀ ବିକାଶ ପ୍ରସଙ୍ଗରେ ବିଶେଷ ମହତ୍ତ୍ୱ ରଖେ। ସଶକ୍ତ ଗ୍ରାମସଭାଗୁଡ଼ିକ ତୃଣମୂଳ ଗଣତନ୍ତ୍ରର ମୂଳତଃ ପ୍ରତିନିଧିତ୍ୱ କରନ୍ତି, ଯେଉଁଠାରେ ସିଧାସଳଖ ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ନିଷ୍ପତ୍ତି ଗ୍ରହଣ କରାଯାଇଥାଏ। ଗୋଟିଏ ଗାଁର ସଦସ୍ୟମାନେ ମିଳିତ ହୋଇ ସେମାନଙ୍କ ଗ୍ରାମର ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ଏକ ଭାଇଚାରା ତିଆରି କରନ୍ତି, ଯାହା କି ସମସ୍ତ ପ୍ରକାର ସମସ୍ୟାର ଏକ ସ୍ଥାୟୀ ସମାଧାନ ନିଶ୍ଚିତ କରେ।

ଆଦିବାସୀ ଅଞ୍ଚଳରେ ସଶକ୍ତ ଗ୍ରାମସଭା ଜଳ, ଜମି ଓ ଜଙ୍ଗଲ ପରି ପ୍ରାକୃତିକ ସମ୍ପଦର ନିରନ୍ତର ପରିଚାଳନାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଗ୍ରାମସଭାକୁ ଯେତେ ଅଧିକ କ୍ଷମତା ପ୍ରଦାନ କରାଯାଇଛି, ଭବିଷ୍ୟତ ପିଢ଼ିଙ୍କ ଜୀବନଶୈଳୀ, ଗୋଷ୍ଠୀ ମଧ୍ୟରେ ସୁବଣ୍ଟନ ପ୍ରକ୍ରିୟା ଓ ନିଷ୍ପତ୍ତି ଗ୍ରହଣ କ୍ଷମତା ସେତେ ଅଧିକ ସୁଦୃଢ଼ ହୋଇପାରିଛି। ଭାରତର ଦୁଇଟି ପ୍ରମୁଖ ଆଇନରେ ଗ୍ରାମସଭାଗୁଡ଼ିକର କ୍ଷମତାକୁ ଅଧିକ ମଜଭୂତ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଗୋଟିଏ ହେଲା 'ଅନୁସୂଚିତ ଅଞ୍ଚଳରେ ପଞ୍ଚାୟତ ସମ୍ପ୍ରସାରଣ ଆଇନ (ପେସା) ୧୯୯୬' ଓ ଅନ୍ୟଟି 'ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ ୨୦୦୬'।

ଅଧିକ ଆଦିବାସୀ ଜନସଂଖ୍ୟା ଥିବା ନଅଟି ରାଜ୍ୟର ଅନୁସୂଚିତ ଅଞ୍ଚଳରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ଉନ୍ନତ କରିବା ପାଇଁ ପେସା ଆଇନ ୧୯୯୬ ଲାଗୁ କରାଯାଇଥିଲା। ପେସା ଆଇନ ୧୯୯୬ ଅଧୀନରେ ଥିବା ଗ୍ରାମସଭାଗୁଡ଼ିକୁ ସେମାନଙ୍କ ଅଧୀନରେ ପ୍ରାକୃତିକ ସମ୍ପଦ, ସ୍ଥାନୀୟ ବଜାର, ସାମାଜିକ ନ୍ୟାୟ ଏବଂ ବିବାଦର ସମାଧାନ ପାଇଁ ଯଥେଷ୍ଟ କ୍ଷମତା ଦିଆଯାଇଛି। ପେସା ଆଇନ ୧୯୯୬ ଅଧୀନରେ ଗ୍ରାମ ସଭାଗୁଡ଼ିକର କେତେକ ପ୍ରମୁଖ କ୍ଷମତା ଅନ୍ତର୍ଭୁକ୍ତ। ଯଥା- ଲଘୁ ବନଜାତ ଉତ୍ପାଦନ ଉପରେ ମାଲିକାନା, ଗାଁର ଅନୁଷ୍ଠାନ ଓ ଅନୁଷ୍ଠାନର କାର୍ଯ୍ୟକର୍ତ୍ତାମାନଙ୍କ ହାତରେ ନିୟନ୍ତ୍ରଣ କ୍ଷମତା, ଗୋଷ୍ଠୀ ସମ୍ବଳକୁ ନିୟନ୍ତ୍ରଣ କରୁଥିବା ପାରମ୍ପରିକ ଅଭ୍ୟାସଗୁଡ଼ିକର ନିୟମାବଳୀକୁ ଗୁରୁତ୍ୱ, ଗାଁରେ ବିକାଶ ପ୍ରକଳ୍ପ ଓ ଯୋଜନାଗୁଡ଼ିକର ଗ୍ରାମସଭାରେ ହିଁ ଅନୁମୋଦନ। କିନ୍ତୁ ଏପରି ଏକ ଯୁଗାନ୍ତକାରୀ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଆଜି ପର୍ଯ୍ୟନ୍ତ ନିୟମାବଳୀ ଚୂଡ଼ାନ୍ତ ହୋଇ ପାରି ନଥିବା ଜଣାପଡ଼ିଛି। କେବଳ ସମସ୍ତ ଜଙ୍ଗଲ ଅଧିକାରର ସ୍ୱରୂପ ନିର୍ଣ୍ଣୟ କରିବା ଓ ଚୂଡ଼ାନ୍ତ ନିଷ୍ପତ୍ତି ନେବାର କ୍ଷମତା ଗ୍ରାମସଭାକୁ ପ୍ରଦାନ କରାଯାଇଛି। ଜଙ୍ଗଲ ଅଧିକାର ଆଇନର କାର୍ଯ୍ୟକାରିତାରେ ଜଙ୍ଗଲ ଅଧିକାରକୁ ଚିହ୍ନଟ କରିବା ଏବଂ ସ୍ୱୀକୃତି ଦେବା ପ୍ରକ୍ରିୟାରେ ଗ୍ରାମସଭା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ପାଇଁ ଦାବିକୁ ଅନୁମୋଦନ କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ଗ୍ରାମସଭାଗୁଡ଼ିକର କ୍ଷମତା ପରିସରଭୁକ୍ତ। ଜଙ୍ଗଲର ସ୍ଥାୟୀ ଉପଯୋଗ ପାଇଁ ଜଙ୍ଗଲ ସମ୍ବଳ ପାରମ୍ପରିକ ଭାବରେ ଲୋକମାନଙ୍କ ଅଧୀନରେ ଅଛି। ଜଙ୍ଗଲ ଅଧିକାର ନିୟମ ନିର୍ଦ୍ଦିଷ୍ଟ କରିଛି ଯେ ଧାରା ୫ ରେ ଦର୍ଶାଯାଇଥିବା ନିୟମାବଳୀକୁ କାର୍ଯ୍ୟକାରୀ କରିବା ପାଇଁ ଗ୍ରାମସଭା ସଦସ୍ୟମାନଙ୍କ ମଧ୍ୟରେ 'ବନ୍ୟଜନ୍ତୁ, ଜଙ୍ଗଲ ଏବଂ ଜୈବ ବିବିଧତାର ସୁରକ୍ଷା ପାଇଁ ଏକ କମିଟି' ଗଠନ କରିବ। ଏହା ସହିତ ନିୟମ ଅନୁଯାୟୀ ଗଠିତ କମିଟିକୁ ଗୋଷ୍ଠୀ ଜଙ୍ଗଲ ସମ୍ବଳର ସଂରକ୍ଷଣ ଏବଂ ପରିଚାଳନା ଯୋଜନା ପ୍ରସ୍ତୁତ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ଏହି ଯୋଜନାର ଲକ୍ଷ୍ୟ ହେଉଛି ଗ୍ରାମସଭାର ସଶକ୍ତୀକରଣ ଓ ବନବାସୀମାନଙ୍କର ହିତ ପାଇଁ ଏହି ସମ୍ବଳଗୁଡ଼ିକର ସ୍ଥାୟୀ ଏବଂ ସମାନ ପରିଚାଳନାକୁ ସୁନିଶ୍ଚିତ କରିବା।

ଆମ ରାଜ୍ୟରେ କଳାହାଣ୍ଡି ଜିଲ୍ଲାର ଜାମୁଗୁଡ଼ା ଗାଁ ଜଙ୍ଗଲଜାତ ଦ୍ରବ୍ୟକୁ ବିକ୍ରି କରିବା ପାଇଁ ଗ୍ରାମସଭାର କ୍ଷମତାକୁ ବ୍ୟବହାର ପ୍ରୟାସ କରିଥିଲା। ନିୟମଗିରିର ଯୁଗାନ୍ତକାରୀ ଗ୍ରାମସଭା ନିଷ୍ପତ୍ତି ନିୟମଗିରିର ଜୈବବିବିଧତାକୁ ନଷ୍ଟ କରି କାରଖାନା ତିଆରି କରିବା ପାଇଁ ବେଦାନ୍ତ ପରି କମ୍ପାନୀକୁ ଆଉ ଆଗକୁ ବଢ଼ିବାକୁ ଦେଲା ନାହିଁ। କିନ୍ତୁ ଆନ୍ତରିକତାର ଅଭାବରୁ ଏହି ପ୍ରୟାସ ମାତ୍ର ଏଇ କେତେଗୁଡ଼ିଏ ହାତଗଣତି ଦୃଷ୍ଟାନ୍ତ ଭିତରେ ସୀମିତ ରହିଗଲା। ଏକ କ୍ଷମତାପନ୍ନ ଗ୍ରାମସଭା ମାଧ୍ୟମରେ ସାମାଜିକ ନ୍ୟାୟ ଏବଂ ନିରନ୍ତର ବିକାଶକୁ ପ୍ରୋତ୍ସାହିତ କରିବାରେ ବିଭିନ୍ନ ଗୋଷ୍ଠୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଏଗୁଡ଼ିକ ହେଉଛି ଆଇନର କଥା, କିନ୍ତୁ ବାସ୍ତବରେ ଯେପର୍ଯ୍ୟନ୍ତ ଲୋକମାନେ ସେମାନଙ୍କ ଦାୟିତ୍ୱ ଓ କ୍ଷମତା ବିଷୟରେ ସଠିକ ଭାବରେ ଅବଗତ ନ ହୋଇଛନ୍ତି, ସେପର୍ଯ୍ୟନ୍ତ ଗ୍ରାମସଭା ପ୍ରକୃତ କ୍ଷମତା ହାସଲ କରିପାରିବ ନାହିଁ। ଲୋକମାନେ ନିଜେ ନିଜେ ଏହି ଆଇନର ପ୍ରାବଧାନଗୁଡ଼ିକ ପଢ଼ି ବୁଝିବା ଓ କ୍ଷମତାକୁ ବ୍ୟବହାର କରିବା କେବେ ସମ୍ଭବ ନୁହେଁ। ଲୋକମାନଙ୍କୁ ଆଇନର ପ୍ରାବଧାନ ବିଷୟରେ ଏବଂ ଗ୍ରାମସଭାର ଦାୟିତ୍ୱ ଓ କ୍ଷମତା ବିଷୟରେ ସଚେତନ କରାଇବା ଦାୟିତ୍ୱ ହେଉଛି ସରକାରଙ୍କର। ଯେବେ ଲୋକମାନେ ସେମାନଙ୍କ ଦାୟିତ୍ୱ ଓ କ୍ଷମତା ବିଷୟରେ ସଠିକ ଭାବରେ ଅବଗତ ହେବେ ସେତେବେଳେ ଏସବୁ ଆଇନର ଉପଯୁକ୍ତ ଉଦ୍ଦେଶ୍ୟ ସଫଳ ହେବ। ନହେଲେ ଆଇନ କେବଳ ଆଇନ ବହି ଭିତରେ ହିଁ ରହିଯିବ।

# କୃତଜ୍ଞତାର ଆଭୂଷଣ



ଦୁର୍ଗାପ୍ରସାଦ ଆଚାର୍ଯ୍ୟ
ଜଗତ୍‌ସିଂହପୁର, ମୋ: ୯୮୫୩୩୫୫୧୦୭

ବିପୁଳ ଉଦର ଥିବା ଏକ ପ୍ରକାଣ୍ଡକାୟ ପ୍ରାଣୀକୁ ଦେଖି ବିସ୍ମିତ, ଶଙ୍କିତ କୁନି କୁନି ବେଙ୍ଗପିଲାମାନେ ମା' ବେଙ୍ଗକୁ କହନ୍ତେ, ପ୍ରଚଣ୍ଡ ହୀନମନ୍ୟତାରେ ସର୍ବଦା ଶଢ଼ି ଚାଲୁଥିବା ମା'ବେଙ୍ଗ ତତ୍‌କ୍ଷଣାତ୍ ଆପଣା ପେଟ ଫୁଲାଇବା ଆରମ୍ଭ କରିଦେଲା ଏବଂ ପିଲାମାନଙ୍କୁ କହିଲା, 'ଅଃ, ତମେମାନେ ଯେଉଁଟାକୁ ଦେଖିଲ, ସେଇଟା ଗୋଟାଏ ହାତୀ ହୋଇଥିବ। ହେଲେ ସେ କ'ଣ ମୋ ଠାରୁ ଅଧିକ ବିପୁଳ ଉଦରସମ୍ପନ୍ନ ହୋଇଥିବ?' ମା' ବେଙ୍ଗର ସେ ଆସ୍ୱାଳନର ପରିଣତି ଅବଶ୍ୟ ଖୁବ୍ କରୁଣ, ଦୁଃଖଦ ଥିଲା। କିନ୍ତୁ ତଥାପି ବି ଆମେ ଆଦୌ ଜୋର ଦେଇ କହିପାରିବାନି -ଆପଣାର ଜାତି ଭଉଣୀଙ୍କ ମଧ୍ୟରୁ ଜଣଙ୍କର ଏ ଦୁର୍ଭାଗ୍ୟ ପରେ ଅନ୍ୟ ବେଙ୍ଗମାନେ ଆଉ କେବେ ଉଦରଫୁଲା ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇନଥିବେ। ଆପଣମାନେ କହିପାରନ୍ତି - ପ୍ରାଣୀଜଗତର ତଳ ପାହାଚରେ ଥିବା ବେଙ୍ଗଟିଏ ସିନା ଆପଣାର ବଡ଼ିମା, ପତିଆରା ଦେଖାଇବା ପାଇଁ ଲଗାତର ଉଦରଫୁଲାଇ ଚାଲିବା ପରି ଏ ନିର୍ବୋଧ, ହାସ୍ୟକର କର୍ମରେ ପ୍ରବୃତ୍ତ ହୋଇପାରେ, ମାତ୍ର ସବା ଉପର ପାହାଚର ମଣିଷ ନାମଧାରୀ ପ୍ରାଣୀଟି ଏଇମିତି ଅପରିଣାମଦର୍ଶୀ କାର୍ଯ୍ୟ କରିବା ସଚରାଚରେ କାହିଁ ଦେଖାଯାଏ ନାହିଁ। ନା ଆଜ୍ଞା। ବହୁଦିନ ତଳୁ ଶତକଡ଼ା ଅନେଶ୍ୱତ ଭାଗ ମଣିଷ ବେଙ୍ଗଧର୍ମା ପାଲଟି ଯାଉଥିବା ଆମେ ବେଳଅବେଳରେ ପ୍ରତ୍ୟକ୍ଷ କରି ଚାଲିଛେ। ପ୍ରତ୍ୟକ୍ଷ କରି ଚାଲିଛେ କିପରି ସ୍ଥାନକାଳପାତ୍ର ନିର୍ବିଶେଷରେ ସବୁଠି, ସଭିଙ୍କ ଆଖି ଆଗରେ ଏଇ ଜାତୀୟ ମଣିଷମାନ ନିଜ ନିଜ ଅଳ୍ପସ୍ଫୀତ ଉଦରକୁ ଆହୁରି ଆହୁରି ସ୍ଫୀତ କରି ଗଜରାଜ ସମ ଝୁଲି ଝୁଲି ଚାଲିବାକୁ ବିକଳ ପ୍ରୟାସ କରି ଚାଲିଛନ୍ତି।

ଏହି ଜାତୀୟ କୂପମଣ୍ଡୁକ ମାନସିକତାର ମଣିଷମାନଙ୍କୁ ଆମେ ଏବେ ସବୁ ମଞ୍ଚରେ, ସବୁ ମହଲରେ ନାନା ପ୍ରକାରର ଅଙ୍ଗବିନ୍ୟାସ, ସ୍ୱରବିନ୍ୟାସ କରୁଥିବା ଦେଖିବାକୁ ପାଉଛେ। ଏମାନେ 'ସବ୍ ଜାନ୍‌ତା' ଗୋଷ୍ଠୀର ପଞ୍ଜିକୃତ ସଭ୍ୟ ସଭ୍ୟା ହୋଇଥିବାରୁ ଆପଣା ଆପଣା ବକ୍ଷଦେଶରେ ଗୋଟିଏ ଗୋଟିଏ 'ମହାଜ୍ଞାନୀ ବା ମହାପ୍ରତିପତ୍ତିଶାଳୀ' ଭଳି କିଛି ଚମକପ୍ରଦ ଶବ୍ଦାବଳୀ ଖୋଦିତ ହୋଇଥିବା ତାମ୍ରଫଳକ ଝୁଲାଇ ଦେଇଥା'ନ୍ତି। ଏମାନେ ତ କେବେ ଆଦିଗନ୍ତ ବ୍ୟାପ୍ତ ସମୁଦ୍ର ମହାସମୁଦ୍ରର ବେଳାଭୂମିରେ ବିଚରଣ କରିନଥା'ନ୍ତି; ଏଣୁ ଜଣେ ନିଉଟନ୍‌ଙ୍କ ପରି ଏମାନେ କେବେ କ'ଣ କହିପାରିବେ ଯେ ଏ ବିପୁଳ ଧରଣୀ, ଏ ଅସୀମ ବିଶ୍ୱ ସମ୍ପର୍କରେ ଯେଉଁ ଜ୍ଞାନ ଧାରଣା ଏମାନେ ହାସଲ କରିଛନ୍ତି ତାହା କ୍ଷୁଦ୍ରାତିକ୍ଷୁଦ୍ର ବାଲି କଣିକାଟିଏ ମାତ୍ର? ଏମାନେ ଉଦରଫୁଲା କର୍ମରେ ପ୍ରବୃତ୍ତ ହେବାରେ ଓ ଆପଣାର ସ୍ୱରତନ୍ତ୍ର ଉପରେ ଘୋର ଚାପ ଦେଇ ରଡ଼ି କରିବାରେ ଆଦୌ ବିଚିତ୍ରତା ନାହିଁ। ତେବେ ଯେଉଁ ମୁଷ୍ଟିମେୟ ମଣିଷ ଆକାଶ ବନାନି ସମୁଦ୍ରର ବ୍ୟାପକତା ଓ ଗଭୀରତାକୁ ଠିକ୍ ଚିହ୍ନିଥା'ନ୍ତି, ସେମାନଙ୍କ ପାଇଁ ଏକ କୂପମଣ୍ଡୁକ - ଜାତୀୟ ଅଳ୍ପିକିଆ ମଣିଷମାନେ ଭୟଙ୍କର ଅସ୍ୱସ୍ତିର କାରଣ ହୋଇଥା'ନ୍ତି।

ଅଳ୍ପିକିଆ ମଣିଷମାନେ ଯେତେବେଳେ କୌଣସି କ୍ଷେତ୍ରର ଉଚ୍ଚ ଆସନ, ଉଚ୍ଚ ପଦ ପଦବୀରେ ଆସୀନ ହୋଇଯା'ନ୍ତି, ସେମାନଙ୍କ ଭିତରେ ଥିବା ମଣ୍ଡୁକୀୟ ସତ୍ତାଟି ଗର୍ବ, ଅହଂକାର ଓ ଔଦ୍ଧତ୍ୟରେ ସ୍ଫୀତ ହୋଇ ଯାଇଥାଏ ଓ ନାନା ପ୍ରକାରର ସ୍ଫୀତଗ୍ରୀବା ଓ ସ୍ଫୀତ ଉଦର ଭଳି ଉଭଟ ହଟଚମଟ ଆରମ୍ଭ କରି ଦେଇଥାଏ। ଏମନ୍ତ କାର୍ଯ୍ୟ, ଏମନ୍ତ ପ୍ରଦର୍ଶନରେ ପଟୁତା ହାସଲ କରିବା ପାଇଁ ଏମାନଙ୍କ ପ୍ରଥମେ ଲଜ୍ଜାବୋଧ ତ୍ୟାଗ କରିବାକୁ ପଡ଼ିଥାଏ। କାରଣ ଅପ୍ରଶସ୍ତ, ଅଗଭୀର ଚେତନାର ମଣିଷ ଯେଉଁ ଉଦ୍ଧତ ପତିଆରାପଣ ଜାହିର କରିଥାଏ, ସେଥିପାଇଁ ତା'ର ଗୋଟାଏ ପ୍ରକାର ନିର୍ଲ୍ଲଜ ଆତ୍ମବିଭୋରତା ସର୍ବାଗ୍ରେ ଲୋଡ଼ା ପଡ଼ିଥାଏ। ଏମାନଙ୍କ ଭିତରୁ ସଂଖ୍ୟାଧିକ ଯାହା ଯେମିତି କରୁଛନ୍ତି, ସେମିତି ବଞ୍ଚୁଛନ୍ତି ଓ ଯେଉଁ ତମ ଅଳଙ୍କାରମାନ ପରିଧାନ କରୁଛନ୍ତି, ସେ ସବୁର ମୂଲ୍ୟ ଗୁଣବତ୍ତା ଓ ଉପଯୋଗିତା ନେଇ ତିଳେମାତ୍ର ସଂଶୟ ପୋଷଣ କରିନଥା'ନ୍ତି। ଶୂକରଟିଏ ଯେପରି ସାରା ଜୀବନକାଳ ଉପରକୁ ମୁହଁଟି ଉଠାଇନପାରି ଆକାଶର ଅସୀମ ବ୍ୟାପ୍ତିକୁ କେବେ ଦେଖି ନଥାଏ ଓ କର୍ଦ୍ଦମରେ ଘାଣ୍ଟି ହେବାଟା ପରମ ସୁଖକର ମନେ କରିଥାଏ, ଏମାନେ ଅନୁରୂପ ବୈକଲ୍ୟ ହିଁ ଭୋଗିଥା'ନ୍ତି ଏବଂ ଏଇ ନିରୁତା ବୈକଲ୍ୟକୁ ପରମ ଆହ୍ଲାଦ ମନେ କରିଥା'ନ୍ତି। ଉଚ୍ଚ ଆସନରେ ଆସୀନ, ଉଚ୍ଚ ପଦ ପଦବିରେ ଅବସ୍ଥାପିତ କିମ୍ବା କିଛିଟା ପାର୍ଥିବିକ ସାଫଲ୍ୟ ଅର୍ଜନ କରିଥିବା ମଣିଷଙ୍କ ଆଚାର, ବ୍ୟବହାର ନମ୍ର, କୋମଳ, ଦରଦୀ ହେବା ପରିବର୍ତ୍ତେ ରୁକ୍ଷ, କର୍କଶ ଓ ଅମାନବିକ ହେବାଟା ହିଁ ଏ ସଂସାରର ସବୁଠାରୁ ଦୁଃଖଦାୟକ ବିଡ଼ମ୍ବନା। ପାହାଡ଼ର ଶୀର୍ଷ ଦେଶରେ ପହଞ୍ଚିଥିବା ମଣିଷ ତ ସର୍ବଦା ଯୋଡ଼ହସ୍ତ ହୋଇ ତଳର ଧରଣୀ ଓ ଉପରର ଆକାଶକୁ ପ୍ରଣମ୍ୟ ଦୃଷ୍ଟିରେ ଦେଖିବା କଥା। ଶୀର୍ଷତାକୁ ସ୍ପର୍ଶ କରି ପାରିଥିବା ସିଦ୍ଧିଟି ପାଇଁ ସେ ତ ସାରାଜୀବନ କୃତଜ୍ଞତାବୋଧରେ ନଇଁ ଯିବା କଥା। ଜଣେ ଖାଦହୀନ କୃତଜ୍ଞ ମଣିଷର ହୃଦୟରେ ମାନବିକ ପ୍ରେମ, କରୁଣାର ନିର୍ଝରଟି ଉଚ୍ଛୁଳି ଉଠିଥାଏ ଓ ସେଇ ବାସ୍ନାୟିତ ଝରରେ ନିତ୍ୟ ଅବଗାହନ କରି ସେ ଆଭାଦୀପ୍ତ ହୋଇଯାଇଥାଏ। ଏଇ ଶାଶ୍ୱତ ସତ୍ୟଟି ମଣିଷ ଆଜି ପର୍ଯ୍ୟନ୍ତ କାହିଁକି ଯେ ସ୍ମରଣ ରଖି ପାରୁନାହିଁ କିଏ ଜାଣେ। ଆଜି ଆମେ ଯେଉଁମାନଙ୍କୁ କିଛି କିଛି ଶୀର୍ଷ, ସଫଳତା, ଛୁଇଁଥିବାର ଦେଖୁଛେ, ସେମାନେ କୂପମଣ୍ଡୁକ ସମ ଆପଣା ଆପଣାକୁ ଶ୍ରେଷ୍ଠ, ଗରିଷ୍ଠ ଓ ବିପୁଳ ବପୁସମ୍ପନ୍ନ ବୋଲି ପ୍ରଦର୍ଶିତ କରିବା ପାଇଁ ଅନବରଣ ବୀଭତ୍ସ ତଥା ହାସ୍ୟକର ପ୍ରଚେଷ୍ଟା ଜାରି ରଖିବାଟା କେଡ଼େ ଅରୁଚିକର, ଅଭଦ୍ର, ଅଶ୍ଳୀଳ ନୁହେଁ ସତେ!

ଜୀବନର ପ୍ରତିଟି ପର୍ଯ୍ୟାୟରେ ମଣିଷ କାହାରି ନା କାହାରି ସାହାଯ୍ୟ, ସହଯୋଗ ଓ ସଦିଚ୍ଛାର ଆଶୀର୍ବାଦ ପାଇ ଜୀବନର ପିଚ୍ଛିଳ ପଥରେ ଆପଣାର ଯାତ୍ରା ଜାରି ରଖିଥାଏ। ଯେଉଁମାନଙ୍କ ସହାୟତା, ପ୍ରେରଣା, ପ୍ରଚୋଦନା ସେ ପାଇଥାଏ, ଯେଉଁମାନଙ୍କ ପାଖରୁ ସେ ତା'ର ଜୀବନଯାତ୍ରା ନିରବଚ୍ଛିନ୍ନ ଜାରି ରଖିବାକୁ ଗୋଟିଏ ଗୋଟିଏ ଆଶାବାଡ଼ି ପାଇଥାଏ, ସେମାନେ ଯେ ନିଶ୍ଚୟ ଜଣେ ଜଣେ ପ୍ରତିଷ୍ଠିତ ଉଦାହରଣସ୍ତରୀୟ କେହି ହୋଇଥିବେ, ଏପରି ନୁହେଁ। ଅହଂକାର ଔଦ୍ଧତ୍ୟର ସକଳ ନିର୍ମୋକ ଉତାରି ଦେଇ ଜଣେ ତଥାକଥିତ ସଫଳ ଓ ପ୍ରତିଷ୍ଠିତ ମଣିଷ ଯଦି ଦରଦୀ ମନ ଓ ହୃଦୟରେ ଆପଣାର ପ୍ରତିଷ୍ଠା, ସଫଳତା ପଛରେ କେଉଁମାନଙ୍କ ଭୂମିକା, ସ୍ୱାର୍ଥହୀନ ଅବଦାନ ରହିଛି ଜାଣିବାକୁ ଚେଷ୍ଟା କରେ, ତେବେ ସେ ଜାଣିବ ଯେ ସେଇମାନଙ୍କ ମଧ୍ୟରୁ ଅନେଶ୍ୱ ପ୍ରତିଶତ ଖୁବ୍ ସାଧାରଣ ଓ ଅନାମଧେୟ ପଦବାଚ୍ୟ। ସେ କେତେ କେତେ କାନ୍ଧ ଉପରେ ପାଦ ଦେଇ ଧାପେ ଧାପେ ଉପରକୁ ଉଠିଛି। ସେ କାନ୍ଧ ବାପ, ମାଙ୍କ, ଗୁରୁ-ଗୁରୁଜନମାନଙ୍କ ଯେମିତି ହୋଇଥାଏ, ସେମିତି ମଧ୍ୟ ହୋଇଥାଏ ଜଣା ଅଜଣା କେଉଁ ସହଯାତ୍ରୀମାନଙ୍କର କିମ୍ବା ସେ ବେଶ୍ ସଚେତନତାର ସହ ଦେୟ ମନେ କରୁଥିବା କେଉଁ ଦୁଃସ୍ଥ, ନିଃସ୍ୱ ବ୍ୟକ୍ତି ବିଶେଷଙ୍କର। ପ୍ରତ୍ୟେକଟି କାନ୍ଧ ତା'ର ଭାରକୁ ସମ୍ଭାଳି ନେଇଥିଲା। ସେ ତେଣୁ ସେଇମାନଙ୍କ ପାଖରେ ସବୁବେଳେ ମୁଣ୍ଡ ନୁଆଁଇ କୃତଜ୍ଞତା ପ୍ରକାଶ କରିବା କଥା। ପ୍ରସିଦ୍ଧ ରୋମାନ୍ ଦାର୍ଶନିକ - ସମ୍ରାଟ ମାର୍କସ୍ ଅରେଲିୟସ୍ ତାଙ୍କ ସେଇ ଅନବଦ୍ୟ ଦିନଲିପି - ପୁସ୍ତକ 'ମେଡିଟେସନ୍‌ସ'ରେ ପ୍ରଥମେ ସେଇମାନଙ୍କୁ ସ୍ମରଣ କରିଥିଲେ, ଯେଉଁମାନଙ୍କ ପାଖରେ ସେ ନାନା କାରଣରୁ ଋଣୀ ବୋଲି ବିଚାର କରୁଥିଲେ। 'ମେଡିଟେସନ୍‌ସ୍'ର ପ୍ରଥମ କେଇଟି ପୃଷ୍ଠାରେ ସେ ଜଣ ଜଣ କରି ପ୍ରତ୍ୟେକଙ୍କର ନାମ ନେଇଛନ୍ତି, ଯେଉଁମାନଙ୍କ ପାଖରେ ସେ କୃତଜ୍ଞ। ଏମାନଙ୍କ ମଧ୍ୟରେ ମହାନ୍ ଚିନ୍ତକ, ଦାର୍ଶନିକଙ୍କଠାରୁ ଆରମ୍ଭ କରି ଖୁବ୍ ସାଧାରଣ, ଅଖ୍ୟାତ ମଣିଷ ମଧ୍ୟ ଅଛନ୍ତି। ପ୍ରାଚୀନ ରୋମ୍‌ର ଏଇ ପ୍ରତାପଶାଳୀ ସମ୍ରାଟଙ୍କ ସ୍ନିଗ୍ଧ ନମ୍ରତାର ଉଦାହରଣ ଆମ ପାଖରେ ଥିଲେ ମଧ୍ୟ ଆମେ ଆମର ସାମାନ୍ୟ ପ୍ରତିଷ୍ଠା, ସାମାନ୍ୟ ସଫଳତାର ଅନ୍ଧମୋହରେ ଆଚ୍ଛନ୍ନ ହୋଇ ଯେଉଁ ଯେଉଁ କାନ୍ଧ-ସିଡ଼ି ସବୁ ଆରୋହଣ କରି ଶୀର୍ଷକୁ ଉଠି ଯାଇ ସେଇଗୁଡ଼ିକୁ ପୂରାପୂରି ବିସ୍ମୃତ ହୋଇଯାଇଛେ। ଅକୃତଜ୍ଞ ମଣିଷ ହିଁ ସବୁକାଳେ ବେଙ୍ଗଧର୍ମୀ ମଣିଷଟିଏ। ଗର୍ବ, ଔଦ୍ଧତ୍ୟ ଓ ଅହଂକାର ହିଁ ହେଉଛି ଜଣେ ଅକୃତଜ୍ଞ ମଣିଷର ପାପଭୂଷଣ।

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 I 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ହାତରେ ନ ମାରି ଭାତରେ ମାରିବ ଭାରତ

# ପାକିସ୍ତାନକୁ ରାବି ଜଳ ବନ୍ଦ




ପାକିସ୍ତାନରେ ନିର୍ବାଚନ ଶେଷ ହେବାର ପ୍ରାୟ ତିନି ସପ୍ତାହ ପରେ ରାଜନୈତିକ ସଙ୍କଟ ଶେଷ ହୋଇଛି ସତ ; ହେଲେ ବିଗତ ତିନି ବର୍ଷରୁ ଅଧିକ ସମୟ ଧରି ଲାଗି ରହିଥିବା ଆର୍ଥିକ ସଙ୍କଟ ଦୂର ହୋଇ ନାହିଁ। ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହୋଇଥିବା ଶାହାବାଜ୍ ସରିଫ ନିଜର ଶପଥ ଗ୍ରହଣ ପରେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଯାହା କିଛି କହିଥିଲେ ସେଥିରେ ପାକିସ୍ତାନର ଅର୍ଥନୀତିର ସ୍ଥିତି କିଭଳି ରହିଛି ତାହା ସ୍ପଷ୍ଟ ହୋଇଛି। ଆଗାମୀ ୭ ବର୍ଷ ମଧ୍ୟରେ କୃଷି, ଶିଳ୍ପ ଉତ୍ପାଦନ, ଆମଦାନୀ , ରପ୍ତାନି ସହ ଔଦ୍ୟୋଗିକ କ୍ଷେତ୍ରରେ ଅଭୁତପୂର୍ବ ପରିବର୍ତ୍ତନ ଆଣି ସ୍ଥିତିକୁ ବଦଳାଇବା ଲାଗି ଶାହାବାଜ୍ ପଣ କରିଛନ୍ତି। କିନ୍ତୁ ପ୍ରକୃତରେ ଏହାକୁ ବାସ୍ତବାୟିତ କରିବାକୁ ପାକିସ୍ତାନ ସକ୍ଷମ ହେବ କି ନା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ପାକିସ୍ତାନ ପାଇଁ ସବୁଠୁ ପ୍ରତିବନ୍ଧକ ସାଜିଛି ଏହାର ପର୍ଯ୍ୟାପ୍ତ ଋଣ ବୋଝ। ୨୦୨୩ ଜୁନ୍ ଶେଷ ସୁଦ୍ଧା ଏହାର ମୋଟ ଦରିଆପାରି ଋଣ ପରିମାଣ ୨୨୪ ବିଲିୟନ ଡଲାର ବା ୬୨.୮୮୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି ଯାହାକି ପାକିସ୍ତାନର ମୋଟ ଜିଡିପିର ପ୍ରାୟ ୭୫ ପ୍ରତିଶତ। ପ୍ରତ୍ୟେକ ମାସରେ ପାକିସ୍ତାନକୁ କେବଳ ସୁଧ ବାବଦରେ ହଜାର ହଜାର କୋଟି ଟଙ୍କା ପରିଶୋଧ କରିବାକୁ ପଡୁଛି। ଯଦି ପାକିସ୍ତାନ ଏହାକୁ ପରିଶୋଧ ନ କରେ କୌଣସି ମୁହୂର୍ତ୍ତରେ ଆଇଏମଏଫ ଏହାକୁ ଦେବାଳିଆ ରାଷ୍ଟ୍ର ଭାବେ ଘୋଷଣା କରିବାର ଆଶଙ୍କା ରହିଛି। ସେପଟେ ଚାଇନା-ପାକିସ୍ତାନ ଇକୋନୋମିକ୍ କରିଡର(ସିପେକ୍)କୁ ନେଇ ପାକିସ୍ତାନ ଚୀନ୍‌ର ଋଣ ଗୋଲକ ଧନ୍ଦାରୁ ମୁକ୍ତି ପାଇ ପାରୁନାହିଁ। ଏହି ସ୍ଥିତିରେ ଭାରତ ପାକସ୍ତାନକୁ ରାବି ନଦୀ ଜଳ ବନ୍ଦ କରି ଦେବା ବିଷୟ ପାକିସ୍ତାନ ପାଇଁ ଆହୁରି ସଙ୍କଟ ସୃଷ୍ଟି କରିବାର ଆଶଙ୍କା ବଢାଇଛି। ଗୋଟିଏ ପଟେ ଦୀର୍ଘ ବର୍ଷ ହେଲା ଭାରତସହ ପାକିସ୍ତାନର ବାଣିଜ୍ୟିକ କାରବାର ବନ୍ଦ ଥିବାରୁ ପାକିସ୍ତାନକୁ ବିଭିନ୍ନ କ୍ଷେତ୍ରରେ କ୍ଷତି ସହିବାକୁ ପଡୁଛି। ପୁଣି ରାବି ନଦୀ ଜଳ ବନ୍ଦ ହେଲେ ପାକିସ୍ତାନରେ ଜଳ ସଙ୍କଟ ସହ କୃଷି କ୍ଷେତ୍ର ଭାରୀ ମାତ୍ରାରେ ପ୍ରଭାବିତ ହେବ ବୋଲି କୁହାଯାଉଛି। ରାବି ଜଳ ବନ୍ଦ କରିବାକୁ ନେଇ ପାକିସ୍ତାନ ଭାରତ ଉପରେ ଦୋଷ ଲଦିଛି। ଏଥିପାଇଁ ପାକିସ୍ତାନ ସରକାର ଜାତିସଂଘ ଏବଂ ଅନ୍ୟ ଆନ୍ତର୍ଜାତିକ ସଂସ୍ଥାଙ୍କ ନିକଟରେ ଫେରାଦ ହେବାକୁ ଯୋଜନା କରିଛି। କିନ୍ତୁ ବାସ୍ତବରେ ଭାରତ ଯାହା ଦୀର୍ଘ ୬୦ ବର୍ଷ ତଳେ କରିବାର ଥିଲା ,ଆଜି ତାହା କରିବାକୁ ଯାଉଛି। ପାକିସ୍ତାନର ସବୁଠାରୁ ସମୃଦ୍ଧ ପ୍ରଦେଶ ଏବଂ ଏହାର ଐତିହାସିକ ସହର ଲାହୋର ଅଞ୍ଚଳ ଦେଇ ରାବି ନଦୀ ପ୍ରବାହିତ ହେଉଛି। ୧୯୬୦ ମସିହାରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ସିନ୍ଧୁ ନଦୀ ଚୁକ୍ତି ଅନୁଯାୟୀ ହିମାଳୟର ପଶ୍ଚିମ ଭାଗରେ ପ୍ରବାହିତ ତିନି ନଦୀ ଝେଲମ,ଚେନାବ ଏବଂ ସିନ୍ଧୁ ନଦୀ ଜଳ ପାକିସ୍ତାନକୁ ଛଡାଯିବ ବୋଲି ବୁଝାମଣା ହୋଇଥିଲା। ସେହିପରି ପୂର୍ବ ଭାଗରେ ପ୍ରବାହିତ ରାବି, ସତଲେଜ ଏବଂ ବ୍ୟାସ୍ ନଦୀ ଜଳ ଭାରତରେ ଉପଯୋଗ ହେବ ବୋଲି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ତେବେ ରାବି ନଦୀ ଜଳକୁ ଭାରତରେ ରୋକିବାକୁ ସେତେବେଳେ ଏକ ଡ୍ୟାମ ନିର୍ମାଣ କରିବାକୁ ଯୋଜନା କରାଯାଇଥିଲା। ପଞ୍ଜାବର ପଠାନକୋଟ ଜିଲ୍ଲାରେ ଶାହାପୁର କାଣ୍ଡି ବ୍ୟାରେଜ୍ ଏବଂ ରଣଜିତ ସାଗର ଡ୍ୟାମ ନିର୍ମାଣ କରିବାକୁ ୧୯୭୯ରେ ନିଷ୍ପତ୍ତି ନିଆଗଲା। କିନ୍ତୁ ପାକିସ୍ତାନ ହିତକୁ ଦୃଷ୍ଟିରେ ରଖି ଜମ୍ମୁ କାଶ୍ମୀର ସରକାର ଏହି ଡ୍ୟାମ ନିର୍ମାଣ ପାଇଁ କୌଣସି ସମୟରେ ଆଗ୍ରହ ଦେଖାଇ ନଥିଲେ। ଧାରା ୩୭୦ ହଟିବା ପୂର୍ବରୁ ଏହି ରାଜ୍ୟକୁ ବର୍ଷକୁ ହଜାର ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଦିଆଯାଉଥିଲେ ମଧ୍ୟ ଏହି ଡ୍ୟାମ ନିର୍ମାଣ ହୋଇ ନଥିଲା। ପାକିସ୍ତାନକୁ ରାବି ନଦୀର ସର୍ବାଧିକ ଜଳ ପ୍ରବାହିତ ହେଉଥିବାରୁ ଜାଣି ଶୁଣି କାଶ୍ମୀର ସରକାର ଏହାକୁ କରୁ ନଥିଲେ ବୋଲି ରାଜନୀତିକ ବିଶେଷଜ୍ଞମାନେ ମତ ଦିଅନ୍ତି। ଏହି ନଦୀ ଜଳ ଦ୍ୱାରା ଲାହୋର ସହରକୁ ପର୍ଯ୍ୟାପ୍ତ ପାଣି ମିଳିବା ସହିତ ସେଠାକାର ପଞ୍ଜାବ ପ୍ରଦେଶର ବହୁ ଭାଗ ଶସ୍ୟଶ୍ୟାମଳ ହେଉଥିଲା। ତେବେ କେନ୍ଦ୍ରରେ ମୋଦୀ ସରକାର ଆସିବା ପରେ ଏହି ଡ୍ୟାମ ନିର୍ମାଣ ପାଇଁ ଗୁରୁତ୍ୱ ଦେଇଥିଲେ ଏବଂ ଯୁଦ୍ଧକାଳୀନ ଭିତ୍ତିରେ ଏକ ଜାତୀୟ ପ୍ରକଳ୍ପ ଭାବେ ଏହାର ନିର୍ମାଣ କାର୍ଯ୍ୟ ଶେଷ କରାଯାଇଥିଲା। ଏହି ଡ୍ୟାମ ନିର୍ମାଣ ଦ୍ୱାରା ଏବେ ରାବି ନଦୀ ଜଳକୁ ରୋକାଯିବା ସହିତ ଏହାର ଜଳକୁ ଜମ୍ମୁ ଏବଂ ପଞ୍ଜାବ ପ୍ରଦେଶର ବିଭିନ୍ନ ଭାଗକୁ ପର୍ଯ୍ୟାପ୍ତ ଜଳ ଯୋଗାଇ ଦିଆଯାଇପାରିବ। ଏହାବ୍ୟତୀତ ଏଥିରୁ ବିଦ୍ୟୁତ ଶକ୍ତି ଉତ୍ପାଦନ କରାଯାଇ ଏହାକୁ ମଧ୍ୟ ଏହି ଦୁଇ ରାଜ୍ୟକୁ ଯୋଗାଇ ଦିଆଯିବ।

## କୃତ୍ରିମ ହିମବାହ ତିଆରି କଲେ କିର୍‌ଗିଜ୍ ଚାଷୀ

କିରଗୀଜସ୍ତାନର ଗ୍ରାମୀଣ ପଶୁପାଳକ ଓ କୃଷକମାନେ ତିଆନ-ସାନ ପର୍ବତରେ ୨୦ମିଟର ଲମ୍ବ ଓ ୧୬ ଫୁଟ ଉଚ୍ଚତାର କୃତ୍ରିମ ହିମବାହ(ଗ୍ଲାସିୟର) ତିଆରି କରିଛନ୍ତି। ଏହି ଅଞ୍ଚଳରେ ଆଉ ଦୁଇ ତିନୋଟି କୃତ୍ରିମ ହିମବାହ ତିଆରି କରାଯିବା ନିମନ୍ତେ ପ୍ରସ୍ତୁତି ଚାଲିଛି। ଗୋଟିଏ କୃତ୍ରିମ ହିମବାହ ତିଆରି କରିବାରେ ୬୨୦୦ ଡଲାର ଖର୍ଚ୍ଚ ହେଉଛି। ବର୍ତ୍ତମାନ କିରଗୀଜସ୍ତାନରେ ମୋଟ ୨୪ଟି କୃତ୍ରିମ ହିମବାହ ତିଆରି ହୋଇ ରହିଛି। ଗ୍ରୀଷ୍ମ ଋତୁରେ ଏହି କୃତ୍ରିମ ହିମବାହ ତରଳି କୃଷକ ଓ ପଶୁପାଳକମାନଙ୍କ ମରୁଡ଼ିପ୍ରବଣ ଚାଷ ଜମିକୁ ଓ ଗୃହପାଳିତ ପଶୁଙ୍କୁ ପାଣି ମିଳିପାରିବ। ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟାର ନିରାକରଣ ପାଇଁ ଏହି କୃତ୍ରିମ ହିମବାହ ତିଆରି କରିବାକୁ ପଡ଼ିଲା ବୋଲି ସ୍ଥାନୀୟ ଜଣେ ଚାଷୀ କହିଛନ୍ତି। ଗତବର୍ଷ ଏହି ଅଞ୍ଚଳରେ ଅସ୍ୱାଭାବିକ ଭାବେ ଗରମ ପଡ଼ିବାରୁ ମରୁଡ଼ି ସମସ୍ୟା ଦେଖାଦେଇଥିଲା ଓ ପଶୁମାନଙ୍କୁ ପାଣି ଯୋଗାଇବା ସହଜ ହୋଇନଥିଲା। ତେଣୁ ଏବର୍ଷ କୃଷକ ଓ ପଶୁପାଳକମାନେ ଦୁଇ ସପ୍ତାହ ଶ୍ରମଦାନ କରି ୪୦୦୦ ମିଟର ଉଚ୍ଚ ତିଆନ-ସାନ ପର୍ବତର ଶିଖରରୁ ପାଣିକୁ ୩ କିଲୋମିଟର ଦୂରରୁ ପାଇପ ଯୋଗେ ଆଣି କୃତ୍ରିମ ହିମବାହ ସୃଷ୍ଟି କରିଛନ୍ତି। କେନ୍ଦ୍ର ଏସିଆରେ ପ୍ରାକୃତିକ ହିମବାହଗୁଡ଼ିକ ହିଁ ଜଳ ଯୋଗାଣର ମୁଖ୍ୟ ସ୍ରୋତ ହୋଇଥିବା ବେଳେ ଗତ କିଛିବର୍ଷ ଧରି ବିଶ୍ୱ ତାପାୟନର ପ୍ରଭାବରେ ହିମବାହ ଓ ଝରଣାଗୁଡ଼ିକ ଅଦିନରେ ତରଳିଯାଇ ଶେଷରେ ଶୁଖିଯାଉଛି କିମ୍ବା ସଙ୍କୁଚିତ ହୋଇଯାଉଛି। ଫଳରେ କିରଗୀଜସ୍ତାନ, କାଜାକସ୍ତାନ, ତୁର୍କମେନିସ୍ତାନ ଓ ଉଜବେକିସ୍ତାନ ଭଳି କେନ୍ଦ୍ର ଏସିଆ ଦେଶମାନଙ୍କରେ

# ବିଳାସପୂର୍ଣ୍ଣ ଜେଲ୍



ଜେଲ ଶବ୍ଦ ଶୁଣିଲେ, ବନ୍ଦୀ ଜୀବନ କଥା ଭାବିଲେ, କାରାଗାରରେ କାଳ କାଟିବା ଅବଶ୍ୟମ୍ଭାବୀ ଜାଣିଲେ ଅନେକଙ୍କ ମନ ସିହରି ଉଠେ, ହୃତକମ୍ପ ଜାତହୁଏ। କିନ୍ତୁ ଅନେକ ଦେଶରେ ଏପରି ଅନେକ କାରାଗାର ଅଛି ଯେଉଁଠାରେ ବନ୍ଦୀମାନେ ବିଳାସପୂର୍ଣ୍ଣ ଜୀବନ ବିତାଇବାର ସୁଯୋଗ ଓ ସୌଭାଗ୍ୟ ପାଇଥାନ୍ତି। ଫିଲିପାଇନ୍ସର ସେବୁ ପ୍ରୋଭିନସିଆଲ ଡିଟେନସନ୍ ଆଣ୍ଡ ରିହେବିଲିଟେସନ୍ ସେଣ୍ଟର(ସିପିଡିଆରସି)ରେ ବନ୍ଦୀମାନେ ସେଲିବ୍ରିଟିଙ୍କ ଷ୍ଟାଟସ୍ ଉପଭୋଗ କରନ୍ତି। ଏହି ମାକ୍ସିମମ୍ ସିକ୍ୟୁରିଟି କାରାଗାରର ୧୬୦୦ ବନ୍ଦୀଙ୍କ ମନୋରଞ୍ଜନ ପାଇଁ ଅନେକ ବ୍ୟବସ୍ଥା ରହିଛି ଓ ସୃଜନାତ୍ମକ କାର୍ଯ୍ୟକଳାପରେ ବନ୍ଦୀ ଯେପରି ମନୋନିବେଶ କରି ସୁସ୍ଥ ରହିବେ ତାହାର ସୁବନ୍ଦୋବସ୍ତ ରହିଛି। ଏହି କାରାଗାରରେ ବନ୍ଦୀମାନେ ୪ତାରକା ହୋଟେଲରେ ରହିବା ଭଳି ଚଳିବା, ଭିଡିଓ ଗେମ୍ ଖେଳିବା, ନୃତ୍ୟସଙ୍ଗୀତରେ ନିମଜ୍ଜିତ ହେବା, ଇଣ୍ଟରନେଟ ବ୍ୟବହାରର ସୁଯୋଗ ପାଇବା ଓ ଓପନ୍ କିଚେନ୍ ସୁବିଧା ସାଙ୍ଗକୁ ବ୍ୟକ୍ତିଗତ ଗୋପନୀୟତା (ପ୍ରାଇଭେସୀ) ମଧ୍ୟ ପାଇଥାନ୍ତି। ସିପିଡିଆରସି ଏହି କାରଣରୁ ଏବେ ବହୁସଂଖ୍ୟାରେ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି। ଏଠାରେ ବନ୍ଦୀମାନଙ୍କ ନୃତ୍ୟସଙ୍ଗୀତ ଏତେ ଲୋକପ୍ରିୟତା ହାସଲ କରିଛି ଯେ ତାହା ଟେଲିଭିଜନରେ ପ୍ରଦର୍ଶିତ ଓ ପ୍ରସାରିତ ହୋଇଥାଏ। ୟୁଟ୍ୟୁବରେ ୨୦୦୭ରେ ସିପିଡିଆରସି ବନ୍ଦୀମାନଙ୍କ ସାମୁହିକ ନୃତ୍ୟସଙ୍ଗୀତ କାର୍ଯ୍ୟକ୍ରମ ଅପଲୋଡ କରାଗଲା ପରେ ତାହାକୁ ୩ସପ୍ତାହରେ ୬୦ଲକ୍ଷ ଭ୍ୟୁ ମିଳିଥିଲା। ଟାଇମ୍ସ ମ୍ୟାଗାଜିନ ପ୍ରକାଶ କରିଥିବା ସେବର୍ଷର ପ୍ରଥମ ୧୦ ଭାଇରାଲ ଭିଡିଓ ମଧ୍ୟରେ ସିପିଡିଆରସି ବନ୍ଦୀଙ୍କ ନୃତ୍ୟ ଥିଲା ୫ମ ସ୍ଥାନରେ। କୁହାଯାଉଛି ଯେ ସିପିଡିଆରସି'ରେ ଅପରାଧୀମାନେ ଷ୍ଟାରଡମକୁ ପ୍ରବେଶାନୁମତି ପାଇଛନ୍ତି। କୋଭିଡ-୧୯ ଆସିବା ପରେ ସିପିଡିଆରସି'ରେ ଅପରାଧୀମାନଙ୍କ ସାମୁହିକ ନୃତ୍ୟାଭ୍ୟାସ ୨୦୨୨ ଯାଏ ବନ୍ଦ ରହିବା ପରେ ପୁଣି ଚାଲୁ ହୋଇଥିଲା ଯାହା ଏବେ ମଧ୍ୟ ଚାଲିଛି। ନରୱେର ହାଲଡେନ୍ ମାକ୍ସିମମ୍ ସିକ୍ୟୁରିଟି କାରାଗାର ଏକ ଜଙ୍ଗଲ ମଧ୍ୟରେ ସୁନ୍ଦର ପ୍ରାକୃତିକ ପରିବେଶରେ ରହିଛି। ଏହି କାରାଗାରରେ ବନ୍ଦୀମାନଙ୍କ ପାଇଁ ବ୍ୟକ୍ତିଗତ ଗୋପନୀୟତା ରକ୍ଷାର ସୁଯୋଗ ସାଙ୍ଗକୁ ଅନେକ ଆରାମପ୍ରଦ ବ୍ୟବସ୍ଥା ରହିଛି। ନରୱେ ଆଇନ ଅନୁଯାୟୀ ଜଣେ ଆତଙ୍କବାଦୀ କାର୍ଯ୍ୟକଳାପ, ଗଣହତ୍ୟା, ନରହତ୍ୟା, ବଳାତ୍କାର, ଲୁଣ୍ଠନ, ଡକାୟତି ଆଦି ଯେକୌଣସି ଅପରାଧ କରିଥାଉନା କାହିଁକି ସର୍ବାଧିକ ୨୧ବର୍ଷ କାରାଦଣ୍ଡ ହିଁ ଭୋଗିବ। ନରୱେରେ ୭୭ ଜଣଙ୍କ ଜୀବନ ନେଇଥିବା ଜଣେ ଆତଙ୍କବାଦୀ ମଧ୍ୟ ୨୧ବର୍ଷ ଜେଲ ଦଣ୍ଡାଦେଶ ପାଇ ହାଲଡେନ୍ କାରାଗାରରେ ଅଛି। ଏହି ଜେଲରେ ବନ୍ଦୀମାନେ କୃଷି କ୍ଷେତ୍ରରେ ନିଜ ପସନ୍ଦର କାର୍ଯ୍ୟ କରନ୍ତି. ଫୁଲ, ଫଳଗଛ ଲଗାଇ ତାହାର ଯତ୍ନ ନିଅନ୍ତି, ଘୋଡ଼ା ଚଢ଼ନ୍ତି, ମାଛ ଧରନ୍ତି, ସନବାଥ୍ କରନ୍ତି ଓ ଜେଲ କଟେଜରେ ରହନ୍ତି। ସ୍ୱିଡେନର ସୋଲିନଟୁନା କାରାଗାରରେ ବନ୍ଦୀମାନେ ନିଜସ୍ୱ ପ୍ରକୋଷ୍ଠ, ଆରାମଦାୟକ ବିଛଣା, ୱାସିଂ ମେସିନ, ଟେଲିଫୋନ୍ ଓ ନିଜସ୍ୱ ବାଥରୁମ୍. ସୁବିଧା ପାଇଥାନ୍ତି। ଜର୍ମାନୀର ଜେଭିଏ ଫୁସବିଟେଲ କାରାଗାରରେ ବନ୍ଦୀଙ୍କୁ ଅତ୍ୟଧିକ ସ୍ୱାଧୀନତା ମିଳିଥାଏ। ସୁଇଜରଲ୍ୟାଣ୍ଡରେ ଏପରି କରାଗାର ଅଛି ଯାହାକୁ କଲେଜ୍ ଡର୍ମିଟୋରୀ କୁହାଯାଇପାରେ।ଅଷ୍ଟ୍ରିଆର ଦି ଜଷ୍ଟିସ୍ ସେଣ୍ଟର ଲିଓବେନ୍ କାରାଗାର ହେଉଛି ବିଶ୍ୱର ସବୁଠାରୁ ବିଳାସପୂର୍ଣ୍ଣ କାରାଗାର। ଏଠାରେ ବନ୍ଦୀମାନେ ଘରୋଇ ଆପାର୍ଟମେଣ୍ଟରେ ରହିବା ଭଳି ଚଳନ୍ତି । ୫ତାରକା ହୋଟେଲ ଭଳି ଖାଦ୍ୟ, ବେଡ୍, ବାଥରୁମ, କିଚେନ୍, ଟେଲିଭିଜନ୍ ଆଦି ସବୁ ବନ୍ଦୀଙ୍କୁ ସ୍ୱତନ୍ତ୍ର ଭାବେ ଦିଆଯାଏ। ବନ୍ଦୀ ସମସ୍ତ ପ୍ରକାରର ଡାକ୍ତରୀ ଚିକିତ୍ସା ଓ ସେବା ପାଇଥାନ୍ତି। ବନ୍ଦୀ ଚାହିଁଲେ ଆଉଟଡୋର ଜିମ୍ ଯାଇପାରିବେ, ଏପରିକି ସ୍ପା'କୁ ମଧ୍ୟ ଯାଇପାରିବେ।

## ମାରିବା ପାଇଁ ଚାଲିଛି ମାରଣାସ୍ତ୍ର ପ୍ରତିଯୋଗିତା

# ବିଶ୍ୱର ମହଙ୍ଗା କ୍ଷେପଣାସ୍ତ୍ର

## ଗୋଟିଏର ମୂଲ୍ୟ ୫ ବିଲିୟନ ଟଙ୍କାରୁ ଅଧିକ



### ଟ୍ରାଇଡେଣ୍ଟ କ୍ଷେପଣାସ୍ତ୍ର

ଏହା ବିଶ୍ୱର ସବୁଠାରୁ ମହଙ୍ଗା ବାଲିଷ୍ଟିକ କ୍ଷେପଣାସ୍ତ୍ର। ଗୋଟିଏ ଟ୍ରାଇଡେଣ୍ଟର ମୂଲ୍ୟ ୫, ୩୮, ୯୩, ୬୭, ୭୫୦ ଟଙ୍କା ରହିଛି। ଏହାକୁ ବୁଡ଼ାଜାହାଜରୁ ନିକ୍ଷେପ କରାଯାଇଥାଏ। ଏହା ଆମେରିକା ନୌସେନାର ସବୁଠାରୁ ଉନ୍ନତ ବାଲିଷ୍ଟିକ ମିସାଇଲ। ଏଥିରେ ଥର୍ମୋନ୍ୟୁକ୍ଲିୟର ୱାରହେଡ ଲାଗିଥାଏ। ଏହି କ୍ଷେପଣାସ୍ତ୍ରର ଲମ୍ବ ୪୪ ମିଟର ଏବଂ ଓଜନ ୮୦ ଟନ।



### ଟମ୍‌ହକ୍ କ୍ରୁଜ୍ ମିସାଇଲ

ଏହା ଏକ ଦୀର୍ଘ ଦୂରଗାମୀ ସବସୋନିକ ମିସାଇଲ। ଯେକୌଣସି ପାଣିପାଗରେ ଏହାକୁ ବ୍ୟବହାର କରିହେବ। ପ୍ରଥମେ ଏହାକୁ କମ ଉଚ୍ଚତାରୁ, ମଧ୍ୟମ ଧରଣ ଅସ୍ତ୍ରଶସ୍ତ୍ର ଭାବେ ଡିଜାଇନ କରାଯାଇଥିଲା। ଏହାକୁ ଭୂପୃଷ୍ଠରୁ ଉତ୍‌କ୍ଷେପଣ ପାଇଁ ବ୍ୟବହାର କରାଯାଉଥିଲା। ୧୯୮୩ରୁ ଏହାକୁ ବ୍ୟବହାର କରାଯାଉଛି। ଏହାକୁ ଆମେରିକାର ତିନି ସେନା ବ୍ୟବହାର କରୁଛନ୍ତି। ଏହି କ୍ଷେପଣାସ୍ତ୍ରର ମୂଲ୍ୟ ୧୨, ୪୩, ୬୮, ୫୨୫ ଟଙ୍କା ରହିଛି।



### ପାଟ୍ରିଅଟ କ୍ଷେପଣାସ୍ତ୍ର

ଏହା ଆମେରିକାର ଏକ ଆଣ୍ଟି ବାଲିଷ୍ଟିକ ମିସାଇଲ। ଏହାକୁ ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ କରିହେବ। ୧୯୮୧ରୁ ଏହା ସେବାରେ ଅଛି। ଗଲ୍ଫ (ଉପସାଗରୀୟ ଦେଶ) ଯୁଦ୍ଧରେ ଏହି କ୍ଷେପଣାସ୍ତ୍ରକୁ ବ୍ୟବହାର କରାଯାଇଥିଲା। ଏହାର ସଫଳତା ହାର ୯୭ ପ୍ରତିଶତ ବୋଲି ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜର୍ଜ ବୁଶ୍ ଦାବି କରିଥିଲେ। ତେବେ ପରେ ଏହାର ସଫଳତା ହାର ମାତ୍ର ୧୦ ପ୍ରତିଶତ ବୋଲି ଏକ ଅଧ୍ୟୟନରୁ ଜଣା ପଡ଼ିଥିଲା। ଇସ୍ରାଏଲ ଏହି କ୍ଷେପଣାସ୍ତ୍ରକୁ ନେଇ ଆମେରିକା ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲା। ଆମେରିକାର ବିରୋଧକୁ ଭ୍ରୂକ୍ଷେପ ନ କରି ଇରାକ ବିରୋଧୀ କାର୍ଯ୍ୟାନୁଷ୍ଠାନରେ ଏହାକୁ ସାମିଲ କରିଥିଲା। ଏହି କ୍ଷେପଣାସ୍ତ୍ରର ମୂଲ୍ୟ ୨୪, ୮୭, ୩୭, ୦୫୦ ଟଙ୍କା ରହିଛି।

### ଜେଭଲିନ ମିସାଇଲ

ଏହି ମିସାଇଲକୁ ବ୍ରିଟେନ ବିକଶିତ କରିଥିଲା। ଏହାକୁ ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ କରିହେବ। ଜେଭଲିନ ମିସାଇଲକୁ କାନ୍ଧରେ ରଖି ମଧ୍ୟ ଆକ୍ରମଣ କରାଯାଇପାରିବ। ଜେଭଲିନ ଲାଇଟୱେଟ ମଲ୍ଟିପୁଲ ଲଞ୍ଚରରୁ ମଧ୍ୟ ଲକ୍ଷ୍ୟଭେଦ କରିହେବ। ଗୋଟିଏ ଲଞ୍ଚରରେ ତିନୋଟି କ୍ଷେପଣାସ୍ତ୍ର ଫିଟ୍ କରାଯାଇପାରିବ। ଆଫଗାନିସ୍ତାନ ସୋଭିଏତ ଯୁଦ୍ଧରେ ମୁଜାହିଦିନମାନେ ଏହାକୁ ବ୍ୟବହାର କରିଥିଲେ। ଏହି କ୍ଷେପଣାସ୍ତ୍ରର ମୂଲ୍ୟ ପ୍ରାୟ ୧, ୨୧, ୮୭, ୨୯୨ ଟଙ୍କା ରହିଛି।





### ହାଇସ୍ପିଡ ଆଣ୍ଟି ରେଡିଏସନ ମିସାଇଲ (ହାର୍ମ)

ଏହି କ୍ଷେପଣାସ୍ତ୍ରକୁ ଆମେରିକା ପ୍ରସ୍ତୁତ କରିଛି। ଏହାକୁ ଆକାଶରୁ ଭୂପୃଷ୍ଠକୁ ନିକ୍ଷେପ କରିହେବ। ରାଡ଼ାର ସିଷ୍ଟମରୁ ଆସୁଥିବା ଇଲେକ୍‌ଟ୍ରୋନିକ ଟ୍ରାନ୍ସମିସନ ବିରୋଧରେ ବ୍ୟବହାର ପାଇଁ ହାର୍ମକୁ ପ୍ରସ୍ତୁତ କରାଯାଇଥିଲା। ଏହା ଏୟାର କ୍ରୁ ଠାରୁ ବହୁତ କମ୍ ସୂଚନା ପାଇଲେ ମଧ୍ୟ ରାଡାର ଆଣ୍ଟିନା କିମ୍ବା ଟ୍ରାନ୍ସମିଟରର ସନ୍ଧାନ କରିପାରିବ। ଆକ୍ରମଣ କରି ତାହାକୁ ନଷ୍ଟ କରିଦେବ। ପ୍ରଥମ ଥର ପାଇଁ ୧୯୮୫ରେ ଏହାକୁ ବ୍ୟବହାର କରାଯାଇଥିଲା। ଉପସାଗରୀୟ ଯୁଦ୍ଧ, କୋସୋଭ ଯୁଦ୍ଧ, ଇରାକ ଯୁଦ୍ଧ ଏବଂ ୨୦୧୧ର ଲିବିୟା ଯୁଦ୍ଧରେ ଏହାର ବହୁଳ ବ୍ୟବହାର ହୋଇଥିଲା। ଏକ ହାଇସ୍ପିଡ ଆଣ୍ଟି ରାଡିଏସନ ମିସାଇଲ ମୂଲ୍ୟ ୨,୩୫,୪୫, ୫୧୭ ଟଙ୍କା ରହିଛି।

### ଏମଆରଏଏସ୍‌ଏମ ମିସାଇଲ

ମିଡିୟମ ରେଞ୍ଜ ଏୟାର ଟୁ ସରଫେସ କ୍ରୁଜ ମିସାଇଲ (ଏମଆରଏଏସଏମ)ର ମୂଲ୍ୟ ୪, ୭୧, ୭୩, ୯୪୦ ଟଙ୍କା ରହିଛି। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଏହି କ୍ଷେପଣାସ୍ତ୍ର କେବେ ବି ସକ୍ରିୟ ସେବାରେ ପ୍ରବେଶ କରିପାରେ ନାହିଁ। ଏହି କ୍ଷେପଣାସ୍ତ୍ରର ଅନ୍ୟ ଏକ ପ୍ରକାର ଭର୍ସନରେ ଏଜିଏମ ୧୦୯ ଏଚ୍/ଏଲ୍ କୋଡ୍ ବ୍ୟବହାର କରାଯାଇଥାଏ। ଏହି କ୍ଷେପଣାସ୍ତ୍ରରେ ଟର୍ବୋଜେଟ ଇଞ୍ଜିନ ଲାଗିଛି।




### ହେଲିଫାୟାର ମିସାଇଲ

ସେନା ଗାଡ଼ିକୁ ନିଶାଣ କରିବା ପାଇଁ ଏହି କ୍ଷେପଣାସ୍ତ୍ର ପ୍ରସ୍ତୁତ କରାଯାଇଥିଲା। ତେବେ ଭୂପୃଷ୍ଠରୁ ଆକାଶକୁ ଆକ୍ରମଣ ପାଇଁ ଏହାକୁ ମଧ୍ୟ ବ୍ୟବହାର କରାଯାଉଛି। ଏହାକୁ ସମୁଦ୍ର ମଧ୍ୟ ଆକ୍ରମଣ କରାଯାଇପାରିବ। ୧୯୮୦ ଦଶକରେ ଅନେକ ଯୁଦ୍ଧରେ ହେଲିଫାୟାର ମିସାଇଲ ବ୍ୟବହାର କରାଯାଇଥିଲା। ଏହାର ମୂଲ୍ୟ ୫୬,୩୭,୬୫୯ ଟଙ୍କା ରହିଛି।



ଛାୟାଗୀତି

# ଷାଠିଏ ଦଶକର ଚଳଚ୍ଚିତ୍ର ଗୀତ ଲୋକଗୀତର ସ୍ୱର୍ଶ



ସୂର୍ଯ୍ୟ ଦେଓ

ଷାଠିଏ ଦଶକର ଓଡ଼ିଆ ଚଳଚ୍ଚିତ୍ର ଗୀତରେ ପ୍ରାଚୀନ ଓଡ଼ିଆ ପଦାବଳୀର ପ୍ରଭାବ ଯେମିତି ଥିଲା, ଓଡ଼ିଆ ଲୋକଗୀତର ସ୍ୱର୍ଶ ମଧ୍ୟ ସେମିତି ଥିଲା। 'ଲକ୍ଷ୍ମୀ' ଚଳଚ୍ଚିତ୍ରରେ ସାରଦା ପ୍ରସନ୍ନ ନାୟକଙ୍କ ରଚିତ 'ଚଢ଼େୟା ଚଢ଼େୟାଣୀ' ଓ ଓଡ଼ିଆ ନାନାବାୟା ଗୀତ ଅନୁସରଣରେ 'ଝୁଲ୍‌ରେ ହାତୀ ଝୁଲ୍', 'ନୂଆବୋଉ' ଚଳଚ୍ଚିତ୍ରରେ ଗୁରୁକୃଷ୍ଣ ଗୋସ୍ୱାମୀଙ୍କ ରଚିତ ରଜଦୋଳି ଗୀତ 'ଯା'ରେ ମନ ଦୋଳି ଉଡ଼ିଯା' ଏହାର ଅନ୍ୟତମ ଉଦାହରଣ। ତେବେ ଏହି ସମୟ ସୀମାରେ ଚଳଚ୍ଚିତ୍ରରେ ସ୍ଥାନିତ ଅଧିକାଂଶ ଜୀବନଧର୍ମୀ ଓ ପ୍ରଣୟଗୀତ ରଚନାରେ ବଙ୍ଗୀୟ ପ୍ରଭାବକୁ ଅସ୍ୱୀକାର କରିହୁଏ ନାହିଁ। ୧୯୫୫ରେ ମୁକ୍ତିପ୍ରାପ୍ତ ବଙ୍ଗଳା ଚଳଚ୍ଚିତ୍ର 'ସବାର ଉପରେ'ରେ ଗୌରୀ ପ୍ରସନ୍ନ ମଜୁମଦାର୍‌ଙ୍କ ରଚିତ 'ଘୁମ୍‌ଘୁମ୍ ଚାନ୍ଦ ଚିକିମକି ତାରା'ର ଗଠନ ଶୈଳୀ ଓ ରୂପକଳ୍ପ ଦ୍ୱାରା ଓଡ଼ିଆ ଚଳଚ୍ଚିତ୍ର 'ସୂର୍ଯ୍ୟମୁଖୀ'ର ଗୀତ କେମିତି ପ୍ରଭାବିତ ହୋଇଛି, ତାହାର ସ୍ପଷ୍ଟ ଉଦାହରଣ ନିମ୍ନମତେ ରହିଛି। 'ସୂର୍ଯ୍ୟମୁଖୀ'ର 'ସେଇ ଚୂନାଚୂନା ତାରାଫୁଲେ ଆଜି'ରେ 'ଚୂନାଚୂନା, ଝୁମିଝୁମି, ଚୁମିଚୁମି' ଆଦି ଶବ୍ଦର ଦ୍ୱୈତ ପ୍ରୟୋଗ ଓ 'ସେଇ ଚୁନା ଚୁନା ତାରା ଫୁଲ ଆଜି/ କିଏ ଚୁମି ଚୁମି ଗଲା ହାୟ ହଜି/ କିମ୍ବା ତା'ର ମଧୁ ଛୁଆଁ/ ଆଣେ ଏ ନିଶିଥେ ମାୟା/ ପାରେ ନାହିଁ ମୁହିଁ ବୁଝି/ ହାୟ! ପାଏନା ମୁଁ ତାରେ ଖୋଜି'ର ସଂଗଠନ ଶୈଳୀ ଓ ଉପମା ବ୍ୟବହାର ସହିତ ଗୌରୀ ପ୍ରସନ୍ନ ମଜୁମଦାର୍‌ଙ୍କ 'ଘୁମ୍ ଘୁମ୍ ଚାନ୍ଦ ଚିକିମକି ତାରା/ ଏଇ ମାଧବୀ ରାତି/

ବତାସର ସୁରେ ଶୁନେସି ବଂଶୀ ତାର/ ଫୁଲେ ଫୁଲେ ଏଇ ଛାଡ଼ାନୋ ଯେ ହାସି ତାର' ଗୀତର ତୁଳନା ଯଦି କରାଯାଏ, ତେବେ ଓଡ଼ିଆ ଚଳଚ୍ଚିତ୍ର ଗୀତରେ ବଙ୍ଗୀୟ ପ୍ରଭାବର ଘନତ୍ୱକୁ ଅନୁଭବ କରିହେବ। ବଙ୍ଗୀୟ ପ୍ରଭାବ ଭିତରେ ସୃଜନର ନବ ଉନ୍ମେଷକୁ ମଧ୍ୟ ଏହି ସମୟ ସୀମାରେ ଅସ୍ୱୀକାର କରିହେବ ନାହିଁ। ଭାବକଳ୍ପରେ ନିହିତ ଚିତ୍ରମୟ ବାଙ୍ମୟକୁ ଯଦି ଓଡ଼ିଆ ଚଳଚ୍ଚିତ୍ର ଗୀତରେ ନିରୀକ୍ଷଣ କରାଯାଏ, ତେବେ ମଧ୍ୟ 'ସୂର୍ଯ୍ୟମୁଖୀ'ର ଗୀତ ସ୍ପଷ୍ଟ ହୋଇ ଆସିବ: 'ଏ କୂଳରେ ମିଳନର/ ଚନ୍ଦ୍ରକିରଣ ଝରେ/ ସେ କୂଳରେ ବିରହର/ ଉଆଁସ କାଳିମା ଘେରେ/ ଏ କୂଳରେ ହସେ କିଏ/ ସେ କୂଳରେ କାନ୍ଦେ କିଏ/ ସମୟର ନଈ ବହିଯାଏ/ ଦୁନିଆରେ ସମୟର ନଈ ବହିଯାଏରେ' ବା 'ମୋର ଏଇ ଜନ୍ମେ ଭାଗ୍ୟ ମୋ ପାଇଁ/ ଅଦିନ ଝଞ୍ଜା ହୋଇ/ ଅଧରରୁ ହସ ଆଖିରୁ ସପନ/ ଗଲା ତ ଉଡ଼ାଇ ନେଇ/ କରିଦେଇଗଲା/ ଦୁନିଆରେ ମୋତେ ଚିରଦିନ




ଅସହାୟ' ଗୁରୁକୃଷ୍ଣ ଗୋସ୍ୱାମୀଙ୍କ ରଚିତ ଏଇ ଦୁଇ ଓଡ଼ିଆ ଛାୟାବାଦର ଲୋମହର୍ଷକ ସୂତ୍ରପାତ ହୋଇଛି। ବିରହ ଓ ମିଳନର ଅଦ୍ଭୁତ ଛାୟାବାଦୀ କଳ୍ପନାରେ ମୌଳିକ ଆବେଦନଟି ଜୀବନାନୁଭୂତିରେ ରସାଣିତ, ଆର୍ଦ୍ର ଓ ଅନ୍ତରଙ୍ଗ। ଓଡ଼ିଆ ଚଳଚ୍ଚିତ୍ର ଗୀତରେ ଛାୟାବାଦର ଏମିତି ପରୀକ୍ଷଣ ସେପର୍ଯ୍ୟନ୍ତ ଦୃଶ୍ୟ ହୋଇ ନ ଥିଲା।

'ସୂର୍ଯ୍ୟମୁଖୀ' ଚଳଚ୍ଚିତ୍ର ଆଉ ଏକ ପରୀକ୍ଷାମୂଳକ ଗୀତର ସଂଯୋଜନ ପାଇଁ ସ୍ମରଣୀୟ ହୋଇ ରହିବ। ସେପର୍ଯ୍ୟନ୍ତ ଓଡ଼ିଆ ଚଳଚ୍ଚିତ୍ରରେ 'କୱାଲି'ର ପ୍ରଚଳନ ହୋଇ ନ ଥିଲା। 'କୱାଲି'ର ପ୍ରାଚୀନ ଇତିହାସ ଓ ପରମ୍ପରା ରହିଛି। ଅଷ୍ଟାମ ଶତାବ୍ଦୀରେ ଇରାନ ଓ ଆଫଗାନିସ୍ତାନରୁ ଉଦ୍ଭବ ହୋଇଥିବା 'କୱାଲି' ତ୍ରୟୋଦଶ ଶତାବ୍ଦୀରେ ଭାରତୀୟ ସଙ୍ଗୀତ ସହ ସଂପୃକ୍ତ ହେଲା। ମୁସଲିମ୍ ସନ୍ଥ, ପୀର୍ ଓ ଫକୀର୍‌ଙ୍କ ଦ୍ୱାରା 'କୱାଲି' ରଚନା ଓ ଗାୟନର ସୂତ୍ରପାତ ହୋଇଥିଲା। 'କୱାଲି' ମାଧ୍ୟମରେ ଇଶ୍ୱରଙ୍କ ସହ ସମ୍ବନ୍ଧ ସ୍ଥାପନ ଉଦ୍ଦେଶ୍ୟ ନେଇ ଅଷ୍ଟଦଶ ଶତାବ୍ଦୀରେ ଇରାନ ଓ ଆଫଗାନ୍‌ରେ ଧର୍ମସଭା 'ସମା'ର ଆୟୋଜନ ହେଉଥିଲା। ତ୍ରୟୋଦଶ ଶତାବ୍ଦୀରେ ସୁଫି ସନ୍ଥ ଶେଖ୍ ନିଜାମୁଦ୍ଦିନ ୱଲିୟାଙ୍କ ଦ୍ୱାରା ଭାରତରେ ଧର୍ମସଭା 'ସମା' ଓ 'କୱାଲି' ଭାରତରେ ପ୍ରସାର ହେଲା। ପରେ ସନ୍ଥ ତଥା ସଂଗୀତଜ୍ଞ ଅମୀର ଖୁସ୍ରୋ 'କୱାଲି'ରେ ଭାରତୀୟ ସଙ୍ଗୀତ ଓ ଲୋକଭାଷାର ସମାୟାଜନ କଲେ ଓ ଭାରତୀୟ ସଙ୍ଗୀତ ଶୈଳୀର ଏକ ଅଂଶ ରୂପେ ଏହା ବିସ୍ତାରିତ ହେଲା। ସେହି ଅଂଶତକ କେମିତି ବିସ୍ତରିଗଲା ଓଡ଼ିଆ ଚଳଚ୍ଚିତ୍ରରେ ସେହି ସମ୍ବନ୍ଧରେ ବିସ୍ତୃତ ଚର୍ଚ୍ଚା ଆରଥରକୁ ରହୁ।

# ଦୀପିକାଙ୍କ ପାଇଁ ଅଟକିଲା ଫିଲ୍ମ



ବଲିଉଡ୍ ଆଗଧାଡ଼ିର ଅଭିନେତ୍ରୀ ହେଉଛନ୍ତି ଦୀପିକା ପାଦୁକୋନ୍। ଏବେ ସେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଅଛନ୍ତି। ସେ ମା' ହେବାକୁ ଯାଉଥିବା ଖବର ସାମ୍ନାକୁ ଆସିବା ପରେ ପ୍ରଶଂସକମାନେ ମଧ୍ୟ ବେଶ୍ ଖୁସି ଅଛନ୍ତି। ଏହାରି ଭିତରେ ତାଙ୍କ ପାଇଁ ନୂଆ ପ୍ରୋଜେକ୍ଟରେ ବ୍ରେକ୍ ଲାଗିଛି। ନିର୍ଦ୍ଦେଶକ କରଣ ଜୋହର ଦୀପିକାଙ୍କ ପାଇଁ ତାଙ୍କର ଏକ ନୂଆ ଫିଲ୍ମକୁ ସ୍ଥଗିତ ରଖିଛନ୍ତି। କରଣ ତାଙ୍କ ଆଗାମୀ ସିନେମାରେ ଦୀପିକାଙ୍କୁ ନେବାକୁ ଚାହୁଁଥିଲେ, ମାତ୍ର ଦୀପିକା ଏବେ ମ୍ୟାଟର୍‌ନିଟି ଛୁଟିରେ ଅଛନ୍ତି। ଫଳରେ ସନ୍ତାନ ଜନ୍ମ ପର୍ଯ୍ୟନ୍ତ ସେ ଦୀପିକାଙ୍କୁ ଫିଲ୍ମ ପାଇଁ ଅପେକ୍ଷା କରିବେ ବୋଲି କରଣ କହିଛନ୍ତି। ଅବଶ୍ୟ ଏହି ପ୍ରୋଜେକ୍ଟ କେତେ ଦିନ ପର୍ଯ୍ୟନ୍ତ ସ୍ଥଗିତ ରହିବ, ସେକଥା ଜଣାପଡ଼ି ନାହିଁ। ଗୋଟିଏ ପଟେ ଦୀପିକା ନିଜ ତରଫରୁ ତାଙ୍କୁ ଅପେକ୍ଷା ନ କରିବାକୁ କରଣଙ୍କୁ କହିଥିବା ବେଳେ, କରଣ କିନ୍ତୁ ସେ ହିଁ ଏହି ଫିଲ୍ମ ପାଇଁ ଉପଯୁକ୍ତ ଅଭିନେତ୍ରୀ ବୋଲି ସ୍ପଷ୍ଟ କରିଛନ୍ତି। କରଣଙ୍କ ପାଇଁ ଏହା ପ୍ରଥମ ଘଟଣା ନୁହେଁ, ପୂର୍ବରୁ ଆଲିଆଙ୍କ ଗର୍ଭାବସ୍ଥା ପାଇଁ 'ରକି ଔର୍ ରାଣୀ କି ପ୍ରେମ କାହାଣୀ' ଫିଲ୍ମକୁ ସ୍ଥଗିତ ରଖିଥିଲେ।

# ବିଶ୍ୱର ସବୁଠୁ ଭୟାନକ ସିନେମା !



ବିଶ୍ୱର କୋଣଅନୁକୋଣରେ ହରର ବା ଭୟ ସଂଚାର କରୁଥିବା ଅନେକ ସିନେମା ତିଆରି ହେଉଛି। ଯାହା ବେଶ୍ ଦର୍ଶକୀୟ ଆଦୃତି ମଧ୍ୟ ଲାଭ କରିପାରିଛି। ମାତ୍ର କେତେକ ସିନେମାରେ ଏତେ ଭୟାନକ ଦୃଶ୍ୟ ଥାଏ ଯେ, ଯାହାକୁ ଦେଖିବା ତ ଦୂରର କଥା; ତା' ବିଷୟରେ ଆଲୋଚନା କଲେ ବି ଲୋମଟାଙ୍କୁରି ଉଠେ। ଏଭଳି ହଲିଉଡ୍ ସିନେମା ମଧ୍ୟରେ 'ଗ୍ରଜ', 'ଏନାବେଲ' ଆଦି ଅନ୍ୟତମ। ଏହିକ୍ରମରେ ନିକଟରେ ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସରେ ଗୋଟିଏ ସିନେମା ରିଲିଜ୍ ହୋଇଛି। ଦର୍ଶକ ଏହି ସିନେମାକୁ ଦେଖିଲା ପରେ କହୁଛନ୍ତି ଯେ, ଏହା ବିଶ୍ୱର ସବୁଠାରୁ ଅଧିକ ଭୟସଂଚାରକାରୀ ସିନେମା। ଏହି ସିନେମାକୁ ୧୦୦ ଜଣ ଲୋକଙ୍କ ମଧ୍ୟରେ ଜଣେ ଦେଖିପାରିବେ ବୋଲି ଚର୍ଚ୍ଚା ହେଉଛି। ଦୁର୍ବଳ ହୃଦୟ ତଥା ଡରୁଆ ସ୍ୱଭାବର ଲୋକେ ଏହି ହରର ଫିଲ୍ମ ନ ଦେଖିବା ଭଲ। ରିପୋର୍ଟ ଅନୁସାରେ, ୨୦୧୭ ମସିହାରେ ସ୍ପେନିସ ସିନେମା 'ଭେରୋନିକା' ରିଲିଜ୍ ହୋଇଥିଲା। ତା' ପରବର୍ତ୍ତୀ ବର୍ଷ ଅର୍ଥାତ୍ ୨୦୧୮ ମସିହାରେ ଏହି ସିନେମାକୁ ନେଟ୍‌ଫ୍ଲିକ୍ସରେ ରିଲିଜ କରାଯାଇଥିଲା। ସିନେମାର କାହାଣୀ ୧୯୯୧ ମସିହା, ମାଦ୍ରିଦ୍ ସହରର ଅଟେ। ସିନେମାରେ ଜଣେ ଟିନ୍‌ଏଜ୍ ଝିଅକୁ ନିଜର ଛୋଟ ଭାଇଭଉଣୀର ଦେଖାରେଖା କରିବା ପାଇଁ ଗୋଟିଏ ଘରେ ଛାଡ଼ି ଦିଆଯାଏ। ମାତ୍ର ସେହି ଘରେ ଏମିତି ଅଜବ ଘଟଣା ଘଟେ, ଯାହା ଦ୍ୱାରା ସବୁକିଛି ଉଜୁଡ଼ିବାରେ ଲାଗେ। ସୁପର୍ ନେଚୁରାଲ୍ ଫୋର୍ସ, ଝିଅର ଆଖିପାଖରେ ବୁଲିବାରେ ଲାଗେ। ଆଇଏମ୍‌ଡିବି ଦ୍ୱାରା ଏହି ସିନେମାକୁ ୧୦ରୁ ୬.୨ ରେଟିଂ ମିଳିଛି। ସ୍ପେନିସ ସିନେମା 'ଭେରୋନିକା' ବାସ୍ତବ କାହାଣୀ ଉପରେ ଆଧାରିତ। ଏଷ୍ଟେଫେନିଆ ଗୁଟରେଜ୍ ଲଜାରୋ ନାମକ ଜଣେ ୧୮ ବର୍ଷୀୟ ଯୁବତୀଙ୍କ ଜୀବନର ସତ ଘଟଣାକୁ ନେଇ ଏହି ସିନେମା ନିର୍ମିତ। ଏହି ଯୁବତୀ ଜଣକ ଗୋଟିଏ ଭୟ ଉଦ୍ରେକକାରୀ ଖେଳ ଖେଳୁଥିଲେ। ଆତ୍ମାମାନଙ୍କ ସହ ସେ କଥା ହୋଇ ପାରୁଥଲେ ବୋଲି ଲୋକେ କହନ୍ତି। ୧୯୯୧ ମସିହାରେ ତାଙ୍କର ରହସ୍ୟଜନକ ମୃତ୍ୟୁ ହୋଇଥିଲା।

# ମାୟାନଗରୀର ପ୍ରେମ କାହାଣୀ: ଶାହିଦଙ୍କ ହାତରେ କରିନାଙ୍କ ଟାଟୁ



ବଲିଉଡ୍‌ର ସବୁଠୁ ବେଶୀ ପସନ୍ଦର ଯୋଡ଼ି ମଧ୍ୟରେ ନିଜ ନାଁକୁ ସାମିଲ କରିଥିଲେ ହ୍ୟାଣ୍ଡସମ୍ ହିରୋ ଶାହିଦ କପୁର ଓ ହଟ୍ ଆଣ୍ଡ ବୋଲ୍‌ଡ ଅଭିନେତ୍ରୀ ସୁନ୍ଦରୀ କରିନା। ଯେଉଁ ସମୟରେ ପ୍ରେମକୁ ନେଇ ସମସ୍ତେ ସାର୍ବଜନୀନ କରିବା ପାଇଁ ପଛଘୁଞ୍ଚା ଦେଉଥିଲେ, ସେହି ସମୟରେ ନିଜର ପ୍ରେମକୁ ଏ ପ୍ରେମୀଯୁଗଳ ସର୍ବସାଧାରଣ ସ୍ଥାନରେ ପ୍ରକାଶ କରିବାର ସାହସ ରଖୁଥିଲେ। ୨୦୦୩ ମସିହାରେ ଫିଲ୍ମ 'ଇସ୍କ ଭିସ୍କ'ରେ ଶାହିଦଙ୍କ କ୍ୟୁଟନେସ୍ ଦେଖି କରିନା କପୁର ପାଗଳ ହୋଇଥିଲେ ତାଙ୍କ ପ୍ରେମରେ। ୨୦୦୪ ମସିହାରେ ରିଲିଜ୍ ହୋଇଥିବା ସିନେମା 'ଫିଦା'ରୁ ଉଭୟେ ଡେଟ୍ କରିବା ଆରମ୍ଭ କରିଥିଲେ। ପରେ ସିନେମା 'ଚୁପ୍‌କେ ଚୁପ୍‌କେ', 'ଜବ୍ ୱି ମିଟ୍' ମାଧ୍ୟମରେ ସେମାନଙ୍କ ପ୍ରେମ ଆହୁରି ଦୃଢ଼ ହେବାରେ ଲାଗିଲା। ସେହି ସମୟରେ ଏହି ଯୋଡ଼ିଙ୍କ ଅନସ୍କ୍ରିନ୍ ରୋମାନ୍ସକୁ ଭୂରି ଭୂରି ପ୍ରଶଂସା କରୁଥିଲେ ଦର୍ଶକ। ବିଭିନ୍ନ ପୁରସ୍କାର ଉତ୍ସବ, ଫିଲ୍ମ ପ୍ରିମିୟର ତଥା ବିଭିନ୍ନ କାର୍ଯ୍ୟକ୍ରମରେ କରିନା ଓ ଶାହିଦଙ୍କୁ ଏକାସାଙ୍ଗେ ଦେଖିବାକୁ ମିଳୁଥିଲା। ପ୍ରାୟ ୫ ବର୍ଷ ପର୍ଯ୍ୟନ୍ତ ଉଭୟେ ରୋମାନ୍ସରେ ମଜି ଯାଇଥିଲେ। ଏପରିକି ଶାହିଦଙ୍କୁ ବାହା ହେବା ପାଇଁ କରିନା ଆମିଷ ଆହାର ଛାଡ଼ି ଦେଇଥିଲେ। ସେପଟେ କରିନାଙ୍କ ହ୍ୟାଣ୍ଡସମ୍ ହିରୋ ଶାହିଦ, ତାଙ୍କ ମଣିବନ୍ଧରେ କରିନାଙ୍କ ନାମରେ ଟାଟୁ ମଧ୍ୟ କାଟିଥିଲେ। ଯାହା ପରସ୍ପର ପ୍ରତି ଥିବା ପ୍ରେମର ପ୍ରତିବଦ୍ଧତାକୁ ସୂଚିତ କରୁଥିଲା। ତଥାପି ଏଭଳି ପ୍ରେମୀଯୁଗଳ ବିବାହ ଭଳି ପବିତ୍ର ବନ୍ଧନରେ ବାନ୍ଧି ହୋଇ ପାରିଲେ ନାହିଁ। ୨୦୦୭ ମସିହାରେ ହଠାତ୍ ସେମାନେ ଅଲଗା ହୋଇଗଲେ। ଏ ପ୍ରେମୀ ଯୁଗଳଙ୍କ ମନ ଫାଟାଫଟି ସେମାନଙ୍କ ପ୍ରଶଂସକଙ୍କୁ ନିରାଶ କରିଥିଲା। ତେବେ କାହିଁକି ସେମାନଙ୍କ ପ୍ରେମ ସଂପର୍କରେ ବିଚ୍ଛେଦ ହେଲା? ଏ ପ୍ରଶ୍ନର ଉତ୍ତର ଏବେ ବି ପ୍ରଶ୍ନ ଘେରରେ ରହିଛି। ଶାହିଦ ଓ କରିନା ଶେଷ ଥର ପାଇଁ 'ଜବ୍ ୱି ମିଟ୍' ସିନେମାରେ ନଜର ଆସିଥିଲେ। ବିଚ୍ଛେଦ ପରେ ବି ବହୁମୁଖୀ ଅଭିନେତା ଭାବରେ ଶାହିଦ 'କବିର ସିଂ', 'ହାଇଦର' ଭଳି ସିନେମାରେ ଅଭିନୟ କରି ଗଠନମୂଳକ ପ୍ରଶଂସା ପାଇଛନ୍ତି। ସୁନ୍ଦରୀ କରିନା ମଧ୍ୟ ବଲିଉଡ୍‌ର ଆଗଧାଡ଼ିର ଅଭିନେତ୍ରୀ ତଥା ଫେସନ୍ ଆଇକନ୍ ଭାବେ ନିଜର ସ୍ୱତନ୍ତ୍ର ସ୍ଥାନ ତିଆରି କରି ପାରିଛନ୍ତି।

# ପରଦା ପଛର କାହାଣୀ: ଦୁଇଥର ମଧ୍ୟାନ୍ତର



ବର୍ତ୍ତମାନ ବଲିଉଡ୍ ଚଳଚ୍ଚିତ୍ରଗୁଡ଼ିକରେ ସମୟ ହ୍ରାସ ପାଉଛି। କାରଣ ଦର୍ଶକ ବେଶ୍ ଲମ୍ବା ସମୟର ଫିଲ୍ମ ଦେଖିବାକୁ ପସନ୍ଦ କରୁ ନାହାନ୍ତି। କିନ୍ତୁ ସମୟ ଥିଲା ଯେତେବେଳେ ବେଶ୍ ଲମ୍ବା ଅବଧିର ଚଳଚ୍ଚିତ୍ର ନିର୍ମାଣ କରାଯାଉଥିଲା। ଏହି ଚଳଚ୍ଚିତ୍ରଗୁଡ଼ିକର କାହାଣୀ ଓ ଗୀତ ଏତେମାତ୍ରାରେ ଦର୍ଶକଙ୍କୁ ପ୍ରଭାବିତ କରୁଥିଲା ଯେ, ଲୋକେ ଫିଲ୍ମ ହଲ୍‌ରେ ସିଟ୍‌ରୁ ଉଠୁ ନ ଥିଲେ। ଏଭଳି ଫିଲ୍ମ କଥା ଉଠିଲେ ରାଜ୍‌କପୁରଙ୍କ ନାଁ ଆସିଥାଏ। ସେ ହିଁ ଲମ୍ବା ଅବଧିର ଚଳଚ୍ଚିତ୍ର ନିର୍ମାଣ କରିବା ଟ୍ରେଣ୍ଡ ନେଇ ଆସିଥିଲେ। ତାଙ୍କର ଏଭଳି ଦୁଇଟି ଚଳଚ୍ଚିତ୍ର ରହିଛି, ଯେଉଁଥିରେ ଦୁଇଥର ଇଣ୍ଟରଭାଲ୍ ବା ମଧ୍ୟାନ୍ତର ରହିଥିଲା। ସେହି ଦୁଇଟି ଚଳଚ୍ଚିତ୍ର ହେଲା 'ସଙ୍ଗମ' ଏବଂ 'ମେରା ନାମ ଜୋକର'। 'ସଙ୍ଗମ' ବକ୍ସ ଅଫିସରେ ହିଟ୍ ହୋଇଥିବାବେଳେ 'ମେରା ନାମ ଜୋକର୍' ଫ୍ଲପ୍ ହୋଇଥିଲା। 'ସଙ୍ଗମ'ରେ ରାଜ୍ କପୁର, ରାଜେନ୍ଦ୍ର କୁମାର ଓ ବୈଜୟନ୍ତୀମାଳା ଲିଡ୍ ରୋଲରେ ଦେଖାଯାଇଥିଲେ। ଫିଲ୍ମର ଅବଧି ଥିଲା ୩ ଘଣ୍ଟା ୫୮ ମିନିଟ୍। ସେଥିପାଇଁ ଏଥିରେ ଦୁଇଟି ମଧ୍ୟାନ୍ତର ରଖାଯାଇଥିଲା। ୧୯୬୪ରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମ ସାରା ବିଶ୍ୱରୁ ୮ କୋଟି ଆୟ କରିଥିଲା।

'ସଙ୍ଗମ୍' ବ୍ଲକ୍‌ବଷ୍ଟର୍ ହେବା ପରେ ଏହାର ଛଅବର୍ଷ ପରେ ରାଜ୍‌କପୁର 'ମେରା ନାମ୍ ଜୋକର୍' ଫିଲ୍ମ ନେଇ ଆସିଥିଲେ। ଏହି ଫିଲ୍ମର ସମୟ ଅବଧି ଥିଲା ୪ ଘଣ୍ଟା ୧୮ ମିନିଟ୍। ଏଥିରେ ମଧ୍ୟ ଦୁଇଟି ମଧ୍ୟାନ୍ତର ରଖାଯାଇଥିଲା। କୁହାଯାଏ ୧୯୭୦ରେ ରିଲିଜ୍ ହୋଇଥିବା ଏହି ଫିଲ୍ମଟି ଏକ ଦାର୍ଶନିକ ଫିଲ୍ମ ଥିଲା। ଯାହାକୁ ଦର୍ଶକେ ବୁଝିବା ସହଜ ନ ଥିଲା। ଫିଲ୍ମକୁ ଭଲ ରିଭ୍ୟୁ ମିଳିବା ସତ୍ତ୍ୱେ ବକ୍ସ ଅଫିସ୍‌ରେ ଏହା ଫ୍ଲପ୍ ହୋଇଥିଲା। ଏହି ଫିଲ୍ମ ଯୋଗୁ ରାଜ୍‌କପୁର କିଛି ଦିନ ଅବସାଦଗ୍ରସ୍ତ ହୋଇପଡ଼ିଥିଲେ। କାରଣ ଏହି ଫିଲ୍ମରେ ସେ ଅନେକ ଟଙ୍କା ଲଗାଇଥିଲେ। ଏହା ଫ୍ଲପ୍ ହେବା ପରେ ସେ ଧାର କରଜରେ ବୁଡ଼ି ଯାଇଥିଲେ।



# ମହିଳା ଦିବସରେ ମହାଲଢ଼େଇ

**ଆନ୍ତର୍ଜାତିକ ମହିଳା ଦିବସ ଅର୍ଥାତ୍ ମାର୍ଚ୍ଚ ୮ରେ ପ୍ରେକ୍ଷାଳୟକୁ ଆସିବ ଦୁଇଟି ନୂତନ ଓଡ଼ିଆ ସିନେମା 'ତ୍ରିକନ୍ୟା' ଏବଂ 'ଅପରେସନ୍ ୧୨/୧୭' । ତେବେ ଏହାର ଦିନକ ପୂର୍ବରୁ ମୁକ୍ତିଲାଭ କରିଛି ବର୍ଷା ପ୍ରିୟଦର୍ଶିନୀଙ୍କ ଅଭିନୀତ ବିଗ୍ ବଜେଟ୍ ଫିଲ୍ମ 'ବସ୍' । ଯାହାକି 'ତ୍ରିକନ୍ୟା' ଏବଂ 'ଅପରେସନ୍ ୧୨/୧୭' ସହିତ କଡ଼ା ଟକ୍କର ଦେବ । ଏହି ତିନି ସିନେମାର କାହାଣୀ ଭିନ୍ନ ଭିନ୍ନ ପୃଷ୍ଠଭୂମି ଉପରେ ଆଧାରିତ ଥିବା ବେଳେ ପ୍ରେକ୍ଷାଳୟକୁ ଆସିବା ପୂର୍ବରୁ ଏହା ରୀତିମତ ଚର୍ଚ୍ଚାରେ ରହି ଆସିଛି ।**

## 'ଉଦଣ୍ଡୀ ସୀତା'ରୁ 'ସୀତା'



ଅଶ୍ୱିନୀ ତ୍ରିପାଠୀ ନିର୍ଦ୍ଦେଶିତ ନୂଆ ଓଡ଼ିଆ ସିନେମା 'ଉଦଣ୍ଡୀ ସୀତା' ଦୀର୍ଘଦିନରୁ ଚର୍ଚ୍ଚାରେ ରହି ଆସିଛି । ତେବେ ଏବେ ଏହାର ନାଁ 'ଉଦଣ୍ଡୀ ସୀତା' ପରିବର୍ତ୍ତେ 'ସୀତା' ରଖାଯାଇଛି । ମୁମ୍ବାଇର ସେନ୍‌ସର୍ ବୋର୍ଡ ଦ୍ୱାରା ଏହା ବିନା ଆପତ୍ତିରେ 'ଏୟୁ' ସାର୍ଟିଫିକେଟ୍ ଲାଭ କରିଛି । ସିନେମାର କାହାଣୀ ଚାଷୀ ଆତ୍ମହତ୍ୟାର ନିଛକ କାହାଣୀ ଉପରେ ଆଧାରିତ । ତେବେ ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିବେ ଅଭିନେତ୍ରୀ ଦେବଯାନୀ । ଏହାର ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ । ଅବଶ୍ୟ ରିଲିଜ୍ ପୂର୍ବରୁ ଏହାର ଟିଜର୍‌କୁ ଦର୍ଶକୀୟ ଆଦୃତି ମିଳିପାରିଛି । ସିନେମାଟି ଏପ୍ରିଲ ଶେଷ ସପ୍ତାହରେ ମୁକ୍ତିଲାଭ କରିବ ବୋଲି ଆଶା କରାଯାଉଛି ।

## ମୁକ୍ତି ପାଉଛି
୮ ମାର୍ଚ୍ଚ

ହିନ୍ଦୀ

### ସଇତାନ




**ନିର୍ଦ୍ଦେଶକ:** ବିକାଶ ବାହଲ
**ପ୍ରଯୋଜକ:** ଜ୍ୟୋତି ଦେଶପାଣ୍ଡେ, ଅଭିଷେକ ପାଠକ, ଅଜୟ ଦେବଗନ
**କଳାକାର:** ଅଜୟ ଦେବଗନ, ଆର୍. ମାଧବନ, ମନୋଜ ଆନନ୍ଦ

### ଆଲଫା ବିଟା ଗାମା




**ନିର୍ଦ୍ଦେଶକ:** ଶଙ୍କର ଶ୍ରୀକୁମାର
**ପ୍ରଯୋଜକ:** ମୋନକା ଶଙ୍କର, ମେନକା ଶର୍ମା, ଥୋମାସ, ଜିତିନ୍
**କଳାକାର:** ନିଶାନା, ରୀନା, ଅମିତ କୁମାର

## ତ୍ରିକନ୍ୟା



ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ପ୍ରେକ୍ଷାଳୟକୁ ଆସିବ ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ନୂଆ ଓଡ଼ିଆ ସିନେମା 'ତ୍ରିକନ୍ୟା' । ଭିନ୍ନ ଭିନ୍ନ ସାମାଜିକ ଓ ଭୌଗୋଳିକ ପ୍ରେକ୍ଷାପଟରୁ ଆସିଥିବା ତିନିଜଣ ମହିଳାଙ୍କ କାହାଣୀକୁ ନେଇ ଏହି ସିନେମା ଆଧାରିତ । ଏହାର ପ୍ରଯୋଜନାରେ ଅନୁପମ ପଟ୍ଟନାୟକ ଓ ବର୍ଷା ପଟ୍ଟନାୟକ ଥିବା ବେଳେ ସଂଳାପ ରଚନା କରିଛନ୍ତି ମାନସ ପଢ଼ିଆରୀ । ଚଳଚ୍ଚିତ୍ରର ବିଭିନ୍ନ ମୁଖ୍ୟ ଚରିତ୍ରରେ ଅଛନ୍ତି ମନୋଜ ମିଶ୍ର, ପାର୍ଥସାରଥି, ବର୍ଷା ପଟ୍ଟନାୟକ, ଶ୍ରଦ୍ଧା, ସୁକାନ୍ତ, ନିଭି ପ୍ରମୁଖ । ସେହିପରି ସିନେମାଟିକୁ ଦର୍ଶକେ ଖୁବ୍ ପସନ୍ଦ କରିବେ ବୋଲି ଏହାର ଟିମ୍ ବେଶ୍ ଆଶାବାଦୀ ଅଛି ।

## 'ବବ୍‌ଲି' କରୁଛି ବାୟା



'ତରଙ୍ଗ' ଚ୍ୟାନେଲରେ ପ୍ରସାରିତ ଲୋକପ୍ରିୟ ଧାରାବାହିକ 'ତୁ ମୋ ଆଖିର ତାରା'ର କାହାଣୀ ଏବେ ଭିନ୍ନ ଏକ ମୋଡ଼ରେ ପହଞ୍ଚିଛି । ଅଚାନକ ତାରାର ମୃତ୍ୟୁ ହିଁ ସିରିଏଲ୍ କାହାଣୀରେ ନୂଆ ଟ୍ୱିଷ୍ଟ ଆଣିଛି । ଯଦିଓ ଏବେ କାହାଣୀରେ ତାରାର ଅନୁପସ୍ଥିତି ଦେଖିବାକୁ ମିଳିଛି, ତଥାପି ତାରା ଭଳି ଅବିକଳ ଦେଖାଯାଉଥିବା 'ବବ୍‌ଲି' ଚରିତ୍ର ଏବେ ସମସ୍ତଙ୍କୁ ବାୟା କରିଛି । କରାଟେ କ୍ଲାସ୍‌ରେ କୁନି ତାରିଣୀର ଭେଟ ବବ୍‌ଲି ସହ ହେବା ପରେ ତା'କୁ ସେ ନିଜ ତାରା ବୋଲି ଭାବିଛି । ସେହିପରି କୁନି ତାରିଣୀ ଏ ସମ୍ପର୍କରେ ତରୁଣ ତଥା ଘରର ଅନ୍ୟମାନଙ୍କ ସାମ୍ନାରେ କହିଛି । ଏବେ ତରୁଣ ବବ୍‌ଲିକୁ ଖୋଜିବାରେ ଲାଗିଛି । ତା'ସହ ସେ ସତରେ ତାରା କି ନୁହେଁ, ସେକଥା ଜାଣିବାକୁ ଚେଷ୍ଟା କରିଛି । ଅବଶ୍ୟ ତାରା ଚରିତ୍ର ଭଳି ଏଥିରେ ବବ୍‌ଲିର ଚୁଲ୍‌ବୁଲି ଅଭିନୟକୁ ଦର୍ଶକେ ଖୁବ୍ ପସନ୍ଦ କରୁଛନ୍ତି ।

## ଅପରେସନ୍ ୧୨/୧୭





ସାଇ ଲୁମ୍ବିନୀ ପ୍ରଡକ୍ସନ୍ ନିର୍ମିତ ତଥା ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ ବିଗ୍ ବଜେଟ୍ ସିନେମା 'ଅପରେସନ୍ ୧୨/୧୭' ମାର୍ଚ୍ଚ ୮ ତାରିଖରେ ଆସୁଛି । ଏହି ଫିଲ୍ମରେ ଜଣେ ଯବାନଙ୍କ କାହାଣୀ ଦେଖିବାକୁ ମିଳିବ । ଶୁଭ୍ରା ପଟ୍ଟନାୟକଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରରେ ମୋଟ ୪ଟି ଗୀତ ରହିଛି । ଗୀତିକାର ଅରୁଣ ମନ୍ତ୍ରୀ ଓ ଡକ୍ଟର ନିର୍ମଳ ନାୟକ ଗୀତ ରଚନା କରିଥିବାବେଳେ ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ । ସିନେମାରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଋତୁରାଜ ମହାନ୍ତି, ସତ୍ୟଜିତ୍ ପ୍ରଧାନ, ଅସୀମା ପଣ୍ଡା ଏବଂ ଅନନ୍ୟା ଶ୍ରୀତମ ନନ୍ଦ । ସିନେମାର ମୁଖ୍ୟ ଚରିତ୍ରରେ ଅଛନ୍ତି ଶ୍ରେୟାନ୍ ଏବଂ ଭୂମିକା । ସିନେମାଟିକୁ ଦର୍ଶକେ ଭଲପାଇବେ ବୋଲି ଆଶା ରହିଛି ।

## ବସ୍



ଆର୍.ଆର୍. ସିନେ ପ୍ରଡକ୍ସନ ନିବେଦିତ ତଥା ରମେଶ ବାରିକଙ୍କ ପ୍ରଯୋଜିତ ନାରୀ କୈନ୍ଦ୍ରିକ ସିନେମା 'ବସ୍' ମାର୍ଚ୍ଚ ୭ରେ ମୁକ୍ତିଲାଭ କରିଛି । ଏହି ସିନେମା 'ତ୍ରିକନ୍ୟା' ଓ 'ଅପରେସନ୍ ୧୨/୧୭' ସହିତ ଟକ୍କର ଦେବ । ଦୀର୍ଘଦିନ ପରେ 'ବସ୍' ଫିଲ୍ମ ମାଧ୍ୟମରେ ପରଦାକୁ ଫେରିଛନ୍ତି ଓଲିଉଡ୍ ନାୟିକା ବର୍ଷା ପ୍ରିୟଦର୍ଶିନୀ । ଏଥିରେ ବର୍ଷା ପ୍ରମୁଖ ଚରିତ୍ରରେ ନଜର ଆସିଛନ୍ତି । ସିନେମାର ନିର୍ଦ୍ଦେଶନାରେ ତ୍ରିପତି ସାହୁ ଥିବା ବେଳେ ଫିଲ୍ମର କାହାଣୀ, ଚିତ୍ରନାଟ୍ୟ ଓ ପରିକଳ୍ପନାରେ ବର୍ଷା ଅଛନ୍ତି । ଏହାର ସଂଳାପ ବିଜୟ ମଲ୍ଲ ଲେଖିଛନ୍ତି । ଏଥିରେ ଗୀତିକାର ଡ.ନିର୍ମଳ ନାୟକ ଥିବା ବେଳେ ଗୀତକୁ ସଙ୍ଗୀତରେ ସଜାଇଛନ୍ତି ଅଭିଜିତ୍ ମଜୁମଦାର୍ ।

## "ଗୋଟିଏ ସିନ୍ କରିବାକୁ ୧୨ ଘଣ୍ଟା ନେଇଥିଲି"

**ହିତୈଶା ବାଗ,**
**ଅଭିନେତ୍ରୀ**





**ଏନ୍‌ସିସି କ୍ୟାଡେଟ୍ ଆର୍‌ଡିସି ରିଟର୍ଣ୍ଣ ପାଇଁ ସେ ଓଡ଼ିଶା ସରକାରଙ୍କ ତରଫରୁ ସମ୍ମାନିତ ହୋଇଛନ୍ତି । ରାଷ୍ଟ୍ରପତି ଭବନରେ ମଧ୍ୟ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରି ସମ୍ମାନିତ ହୋଇଛନ୍ତି । ଡିଫେନ୍ସରେ ଯିବାକୁ ପ୍ରସ୍ତୁତି ଚଳାଉଥିଲେ ହେଲେ ଅଭିନୟ ଜଗତକୁ ଟାଣି ହୋଇ ଆସିଲେ । ପ୍ରଥମେ ଧାରାବାହିକ 'ଦୁର୍ଗା'ରେ ଅଭିନୟ ଜୀବନ ଆରମ୍ଭ କରିଥିଲେ । ପରେ ପରେ ସେ ଦର୍ଶକଙ୍କୁ ହିଟ୍ ଧାରାବାହିକ 'ଝିଅ ଆମର ନୂଆ ବୋହୂ' ଭେଟି ଦେଇଥିଲେ । ସେ ଅନେକ ମ୍ୟୁଜିକ୍ ଭିଡିଓ ଓ ଫିଲ୍ମରେ ମଧ୍ୟ ସେ କାମ କରିସାରିଛନ୍ତି । ଏବେ 'ସନ୍ଧ୍ୟା ରାଗିଣୀ' ଧାରାବାହିକରେ ଓଡ଼ିଆ ଘରର ପାରମ୍ପରିକ ଚଳଣି ଓ ଝିଅମାନେ କିପରି ସ୍ୱାଧୀନ ଭାବେ ଜୀବନ ବିତାଉଛନ୍ତି, ତାହାକୁ ନିଜ ଚରିତ୍ର ମାଧ୍ୟମରେ ପ୍ରତିଫଳନ କରୁଛନ୍ତି । କେବଳ ଅଭିନୟ ନୁହେଁ, ବିଭିନ୍ନ କ୍ଷେତ୍ରରେ ସେ ପାରଙ୍ଗମ । ବହୁମୁଖୀ ପ୍ରତିଭାର ଅଧିକାରୀ ଏହି ଅଭିନେତ୍ରୀ ଜଣକ ହେଉଛନ୍ତି ବାଲେଶ୍ୱରର ହିତୈଶା ବାଗ । ଅଭିନୟ ଦୁନିଆରେ ତାଙ୍କର ଯାତ୍ରା କିପରି ରହିଛି, ଜାଣିବା ତାଙ୍କ ମୁହଁରୁ...**

**ଡିଫେନ୍ସ ପାଇଁ ପ୍ରସ୍ତୁତ ହେଉଥିଲେ, କାହିଁକି ରଙ୍ଗିନ୍ ଦୁନିଆରେ ପାଦ ଦେଲେ ?**

● ମୁଁ ଡିଫେନ୍ସରେ ଯିବାକୁ ପଢ଼ାପଢ଼ି କରୁଥିଲି । ହେଲେ ବାଲେଶ୍ୱର ମାଟିର ଅନେକ କଳାକାର ମୋତେ ଏହି ଲାଇନ୍‌ରେ ଆସିବାକୁ ପ୍ରେରଣା ଯୋଗାଇଥିଲେ । ଅନେକ ସମ୍ପର୍କୀୟ ମୋର ଫଟୋକୁ ବିଭିନ୍ନ ଚ୍ୟାନେଲକୁ ପଠାଇଥିଲେ । ତେଣୁ ଏହି ଲାଇନ୍‌କୁ ଟାଣି ହୋଇ ଆସିଲି । ଅଡିସନ୍ ମାଧ୍ୟମରେ ମୋର ପ୍ରଥମ ପ୍ରୋଜେକ୍ଟ ଥିଲା 'ଦୁର୍ଗା' ଧାରାବାହିକ । ଏହା ୬ବର୍ଷ ଯାଏଁ ହିଟ୍ ଶୋ' ସାବ୍ୟସ୍ତ ହୋଇଛି ।

**ଅଭିନୟ କ'ଣ ଜାଣିନଥିଲେ, କାମ କରିବାରେ ଅସୁବିଧା ହେଲାନି?**

● ଜୀବନରେ ଏମିତି କିଛି କାମ ନାହିଁ ଯାହାକୁ କେହି କରିପାରିବେନି । ମୁଁ କେବେ ବି ଷ୍ଟେଜ୍‌ରେ ଡାଇଲଗ୍ କହିନଥିଲି, କି କ୍ୟାମେରାକୁ ସାମନା କରିଥିଲି । ଏପରିକି ଦୁର୍ଗା ଅଡିସନ୍‌ରେ ଚୟନ ହେବା ପରେ ପରେ ମୁଁ କ୍ୟାମେରା ସାମ୍ନାରେ ଡାଇଲଗ୍ ମନେ ରଖିପାରୁନଥିଲି କି କହିପାରୁନଥିଲି । ମୋତେ ଭାରି ଭୟ ଲାଗୁଥିଲା । ଗୋଟିଏ ସିନ୍ ପାଇଁ ୧୨ ଘଣ୍ଟା ସମୟ ନେଇଥିଲି । ହେଲେ ସେଟ୍‌ରେ ଜୟା ସ୍ୱାମୀ, ବ୍ରଜ ସାର୍, ନିର୍ଦ୍ଦେଶକ ମହେଶ ହାଜିରା ସାର୍ ମୋତେ ସାହସ ଦେଇ ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଇଥିଲେ । ସମସ୍ତଙ୍କ ସହଯୋଗରେ ଧାରାବାହିକଟି ସରିବା ବେଳକୁ ମୁଁ ଜଣେ ଅଭିନେତ୍ରୀ ପାଲଟି ଯାଇଥିଲି ।

**ଅଭିନୟ ପାଇଁ ଗାଳି ଖାଇଛନ୍ତି କି?**

● ଏ ଲାଇନ୍‌କୁ ଆସିବା ସମୟରେ ମୁଁ ଅଭିନୟ ବିଷୟରେ ଜାଣିନଥିଲି । ଧାରାବାହିକ ନିର୍ମାତା, ସହକଳାକାର ତଥା ପୂରା ଟିମ୍ ସମସ୍ତେ ତାଗିଦ କରିଛନ୍ତି, ଆଉ ଗାଳି ମଧ୍ୟ କରିଛନ୍ତି । ମାଡ଼ ବି ଖାଇଛି । ମିରର୍‌ରେ ପ୍ରାକ୍ଟିସ୍ କରିଛି । ଗାଳି ଆଉ ମାଡ଼କୁ ଗ୍ରହଣ କରି ଏବେ ଚରିତ୍ରକୁ ଭଲ ଭାବେ ଫୁଟାଇ ପାରୁଛି ।

**ମ୍ୟୁଜିକ୍ ଭିଡିଓ ବିଷୟରେ କ'ଣ କହିବେ?**

● କରୋନା ମହାମାରୀ ଯୋଗୁଁ ଦୁଇବର୍ଷ କାମ କରୁନଥିଲି । ଏହି ସମୟରେ ମୁଁ କେବଳ ମ୍ୟୁଜିକ୍ ଭିଡିଓ ଓ ଥିଏଟର ମୁଭି କରିଥିଲି । 'ଜହ୍ନ ମାମୁଁର ଭାଣିଜି', 'ଟ୍ରୁ ଲଭ୍', 'ମୋ ପ୍ରେମ କାହାଣୀର ତୁ ନାୟିକା' ଏମିତି ଅନେକ ମ୍ୟୁଜିକ୍ ଭିଡିଓ ହିଟ୍ ମଧ୍ୟ ହୋଇଛି ।

**'ସନ୍ଧ୍ୟା ରାଗିଣୀ'ରେ ଆପଣଙ୍କ ଚରିତ୍ର ସମ୍ପର୍କରେ କ'ଣ କହିବେ?**

● 'ସନ୍ଧ୍ୟା ରାଗିଣୀ' ଧାରାବାହିକ ମାଧ୍ୟମରେ ସମାଜରେ ଗାଉଁଲି ଝିଅଟିଏ ଆତ୍ମନିର୍ଭରଶୀଳ ହୋଇ ସ୍ୱାଧୀନ ଭାବେ ବଞ୍ଚିପାରିବ, ତାହା ପ୍ରଦର୍ଶିତ କରିଛୁ । ଏଥିରେ ମୁଁ ସନ୍ଧ୍ୟା ଚରିତ୍ରରେ ନଜର ଆସିଛି । ମାଉସୀର ମୃତ୍ୟୁ ପରେ ତା'ର ଝିଅ ଆମ ଘରେ ରହୁଛି । ଆମେ ଦୁଇ ଭଉଣୀ ପରସ୍ପର ମିଳିମିଶି କେମିତି ଆଗକୁ ବଢ଼ୁଛୁ ତାହା ଏଥିରେ ଦେଖାଯାଉଛି ।

**ଆପଣଙ୍କ ଅନେକ ଭିଡିଓରେ ସୁଦର୍ଶନଙ୍କୁ ଦେଖିବାକୁ ମିଳେ, କାରଣ କ'ଣ?**

● ଏକାଠି କାମ କରିଛୁ । ଯେହେତୁ ଆମ ଭିତରେ ଭଲ ବଣ୍ଡିଂ ରହିଛି, ତେଣୁ ଏକାଠି ଭିଡିଓ କରୁ । ଦର୍ଶକ ଏହାକୁ ଭିନ୍ନ ରୂପରେ ଦେଖୁଛନ୍ତି । ଏତିକି କହିବି ସେ ମୋର ଜଣେ ଭଲ ବନ୍ଧୁ ।

**ଧାରାବାହିକରୁ ମିଳୁଥିବା ପାରିଶ୍ରମିକରେ ସନ୍ତୁଷ୍ଟ ତ?**

● ଅଭିନୟ ଆଉ ଅଭିଜ୍ଞତା ଅନୁସାରେ ପାରିଶ୍ରମିକ ମିଳେ । କେବଳ ଧାରାବାହିକ ମ୍ୟୁଜିକ ଭିଡିଓ ନୁହେଁ, ମୋର ନିଜସ୍ୱ ୟୁଟ୍ୟୁବ୍ ଚ୍ୟାନେଲ ଅଛି । ଯଦିଓ ଏହାକୁ ମୁଁ ବ୍ୟବସାୟ ଦୃଷ୍ଟିରୁ ନୁହେଁ, ଦର୍ଶକଙ୍କ ସହ ଯୋଡ଼ି ରହିବାକୁ ଖୋଲିଥିଲି । ସ୍କିନ୍ କେୟାର୍, ସେଟ୍‌ର ମଜାମସ୍ତି ଓ ମୋ ନିତିଦିନି ବିଷୟରେ ଭିଡିଓ ସେୟାର କରେ । ତେଣୁ ଏଥିରେ ମଧ୍ୟ କୋଲାବରସନ୍ ଓ ଅନ୍ୟାନ୍ୟ ଦିଗରୁ ଅର୍ଥ ଆସେ । ମୁଁ କାମକୁ ଗୁରୁତ୍ୱ ଦିଏ । ଶୂନ୍ୟରୁ କାମ ଆରମ୍ଭ କରିଥିଲି । ଆଜି ଯାହା ମିଳୁଛି ସେଥିରେ ଖୁସି ।

**କେମିତି ଫିଟ୍ ରୁହନ୍ତି?**

● ସୁଟିଂରେ ପୂରା ଦିନ ବିତାଇବାକୁ ପଡୁଥିବାରୁ ଜିମ୍ ଯାଇପାରୁନି । କାମ ନଥିଲେ ଜିମ୍ ଯାଏ?

**ଆପଣଙ୍କ ଆଗାମୀ ଯୋଜନା କ'ଣ?**

● ବ୍ୟବସାୟ କରିବା ସ୍ୱପ୍ନ ରହିଛି । ଏହାକୁ ବହୁତ ଶୀଘ୍ର ପୂରା କରିବି ।

**ଅନ୍ତର୍ଜାତୀୟ ମହିଳା ଦିବସରେ ମହିଳାଙ୍କୁ କ'ଣ ବାର୍ତ୍ତା ଦେବେ?**

● ଆମ ସମାଜରେ ସବୁବେଳେ ମହିଳାମାନଙ୍କ ପାଇଁ ଅନେକ ପ୍ରତିବନ୍ଧକ ଥାଏ । ତେଣୁ ଏସବୁକୁ ଖାତିର ନ କରି ନିଜେ ସ୍ୱାଧୀନ ଭାବେ ବଞ୍ଚି କାମ କରିପାରିବେ । ନିଜେ ଆତ୍ମନିର୍ଭରଶୀଳ ହେବା ସହିତ ସବୁଠି କିପରି ସମ୍ମାନ ପାଇପାରିବେ ତାହାକୁ ଗୁରୁତ୍ୱ ଦେବା ଦରକାର । କାମକୁ ଶହେ ପ୍ରତିଶତ ଦେଲେ ହିଁ ଜଣେ ସଫଳତା ପାଇପାରିବ । ତେଣୁ ଯେଉଁମାନେ ଅଭିନୟ କ୍ଷେତ୍ରକୁ ଆସିବାକୁ ଚାହୁଁଛନ୍ତି, ଟ୍ୟାଲେଣ୍ଟକୁ ଗୁରୁତ୍ୱ ଦିଅନ୍ତୁ । ■

## ବ୍ଲୁ ଲେକ୍‌ରେ ରକ୍ତଭିଜା ଶବ

# ସମ୍ପତ୍ତି ଆଗରେ ସମ୍ପର୍କ ତୁଚ୍ଛ







**ସୁପାରି ଦେଇଥିଲେ ଭାଇ, ଭାଉଜ**



କଥାରେ ଅଛି, କ୍ଷୀର ଯଦି ପିଇବାକୁ ଇଚ୍ଛା ଘରେ ରଖିବ ଗାଈ, କଳି ଯଦି କରି ବସିବ ସାଙ୍ଗରେ ଥିବ ଭାଇ । କିନ୍ତୁ ଅନେକ କ୍ଷେତ୍ରରେ ସମ୍ପତ୍ତିର ଲୋଭ ଆଗରେ ଭାଇ-ଭାଇର ସମ୍ପର୍କ ତୁଚ୍ଛ ହୋଇଯାଏ । ସମ୍ପତ୍ତି ଲୋଭରେ ବଡ଼ଭାଇ ଓ ଭାଉଜ ସାନଭାଇର ଜୀବନ ନେବାକୁ ପଛାଇ ନାହାନ୍ତି ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ । ସାନଭାଇର ଜୀବନ ନେବାକୁ ବଡ଼ଭାଇ ଭାଉଜ ଷଡ଼ଯନ୍ତ୍ର ନାଟକ ରଚନା କରି ସୁପାରି କିଲର୍ ମାଧ୍ୟମରେ ହତ୍ୟା କରିଛନ୍ତି ।

**ବାଲେଶ୍ୱରରୁ ଅସୀମ ମହାପାତ୍ରଙ୍କ ରିପୋର୍ଟ**



୨୦୨୪ ମସିହା ଫେବୃଆରୀ ୫ ତାରିଖରେ ନୀଳଗିରି ଥାନା ଅଧୀନ କାଂଶ ଗ୍ରାମର ଭବାନୀ ଶଙ୍କର ରାଉତ ଏବଂ ତାଙ୍କ ସାଙ୍ଗ ନିରଞ୍ଜନ ମହାପାତ୍ର ଘରୁ ବାହାରି ଆସିବା ପରେ ରାତିରେ ଆଉ ଘରକୁ ଫେରି ନ ଥିଲେ । ପରଦିନ ଅର୍ଥାତ୍ ୬ ତାରିଖ ସକାଳେ ମିତ୍ରପୁର ବ୍ଲୁ ଲେକ୍ ନିକଟ ଜଙ୍ଗଲରେ ରକ୍ତ ଜୁଡୁବୁଡୁ ବାଇକ୍ ସହ ଭବାନୀ ଓ ନିରଞ୍ଜନଙ୍କ ଜୋତା ପଡ଼ିଥିବା ଦେଖିବାକୁ ମିଳିଥିଲା । ମାତ୍ର ସେମାନଙ୍କ କୌଣସି ପତ୍ତା ମିଳି ନ ଥିଲା । ପରେ ପୁଲିସ ଉପସ୍ଥିତିରେ ଅଗ୍ନିଶମ ବିଭାଗ ଏବଂ ଓଡ୍ରାଫ ଟିମ୍ ବହୁ ଖୋଜାଖୋଜି କରିବା ପରେ ଶେଷରେ ଦୁଇଜଣଙ୍କ ମୃତଦେହ ବ୍ଲୁ ଲେକ୍‌ର ଗଭୀର ଜଳ ଭିତରେ ଭାସୁଥିବାର ଦେଖିବାକୁ ମିଳିଥିଲା । ପୁଲିସ ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଏହାକୁ ନେଇ ଭବାନୀଙ୍କ ବଡ଼ଭାଇ ବିଜୟ ନୀଳଗିରି ଥାନାରେ ହତ୍ୟା ଅଭିଯୋଗ ଆଣିଥିଲେ । ବାଲେଶ୍ୱର ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ଏବଂ ନୀଳଗିରି ଏସ୍‌ଡିପିଓଙ୍କ ନେତୃତ୍ୱରେ ଟିମ୍ ଗଠନ କରାଯାଇ ଏହି ଘଟଣାର ତଦନ୍ତ କରାଯାଇଥିଲା । ପ୍ରଥମେ ସୁପାରି ନେଇଥିବା ଜଣେ ଅଭିଯୁକ୍ତ ପୁଲିସ କବ୍‌ଜାକୁ ଆସିବା ପରେ ତାଠାରୁ ଅନ୍ୟମାନଙ୍କ ପତ୍ତା ନେବାରେ ପୁଲିସ ସକ୍ଷମ ହୋଇଥିଲା । ଏହି ହତ୍ୟାକାଣ୍ଡ ପଛରେ ଆଉ କେହି ନୁହେଁ, ବରଂ ନିଜ ବଡ଼ଭାଇର ସମ୍ପୃକ୍ତି ଥିବା ପୁଲିସ ଜାଣିବାକୁ ପାଇଥିଲା । ପୁଲିସର କହିବାନୁଯାୟୀ ସାନଭାଇ ଭବାନୀ ସହ ବିଜୟଙ୍କ ସମ୍ପତ୍ତି ଏବଂ କିଛି ଟଙ୍କାକୁ ନେଇ ଗଣ୍ଡଗୋଳ ହୋଇଥିଲା । ଏହାକୁ ନେଇ ବଡ଼ଭାଇ ବିଜୟ ପୁରୁଣା ବାଲେଶ୍ୱର ଅଞ୍ଚଳର ସୁପାରି କିଲର୍‌ମାନଙ୍କୁ ଯୋଗାଯୋଗ କରିଥିଲା ।

ପ୍ରାୟ ତିନି ମାସ ପୂର୍ବରୁ ସାନଭାଇକୁ ରାସ୍ତାରୁ ହଟାଇବା ପାଇଁ ବଡ଼ଭାଇ ବିଜୟ ଏବଂ ଭାଉଜ ଯୋଜନା କରିଥିଲେ । ଏହାକୁ ନେଇ ସମୁଦାୟ ୧ ଲକ୍ଷ ୭୦ ହଜାର ଟଙ୍କା ସୁପାରି କିଲର୍‌ମାନେ ଦାବି କରିଥିବା ବେଳେ ୧ ଲକ୍ଷ ୪୦ ହଜାର ଟଙ୍କାର ମୂଳଚାଲ୍ ପକ୍କା ହୋଇଥିଲା । ଯୋଜନାବଦ୍ଧ ଭାବେ ଭବାନୀଙ୍କୁ ଭୋଜି କରିବା ବାହାନାରେ ମିତ୍ରପୁର ବ୍ଲୁ ଲେକ୍ ନିକଟକୁ ଡାକିଥିଲେ ବଡ଼ଭାଇ ବିଜୟ । ସେଠାରେ ସେ ପୂର୍ବ ଯୋଜନା ମୁତାବକ ସାନଭାଇକୁ ହତ୍ୟା କରିବା ପରେ ତାଙ୍କ ସାଙ୍ଗରେ ଆସିଥିବା ନିରଞ୍ଜନଙ୍କୁ ମଧ୍ୟ ହତ୍ୟାକରି ପାଣିକୁ ଫିଙ୍ଗି ଦେଇଥିଲେ । ହତ୍ୟା କରିବା ଘଟଣା ନିରଞ୍ଜନ ଜାଣିବା ଏବଂ କଥା କାଳେ ପ୍ରଘଟ ହେବା ଭୟରେ ବିନା ଦୋଷରେ ସୁପାରି କିଲର୍‌ମାନେ ନିରଞ୍ଜନଙ୍କୁ ହତ୍ୟା କରିଥିବା ପୁଲିସ କହିଛି । ଏହି ଘଟଣାରେ ପୁଲିସ ୭ ଜଣଙ୍କୁ ଚିହ୍ନଟ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୬ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ମୃତକଙ୍କ ବଡ଼ଭାଇ ବିଜୟ ଓ ତାଙ୍କ ପତ୍ନୀ ଜ୍ୟୋତ୍ସ୍ନାରାଣୀଙ୍କ ସମେତ ମୁଖ୍ୟ ସୁପାରି କିଲର୍ ପୁରୁଣା ବାଲେଶ୍ୱରର ସୁଚିତ କୁମାର ଦାସ, ପାତ୍ରପଡ଼ାର ବିବେକ ବେହେରା, ଘୋଡ଼ାପଦାର ସୁକାନ୍ତ ରାଉତ । ଗିରଫଙ୍କ ମଧ୍ୟରେ ଜଣେ ମୁଖ୍ୟ ସୁପାରି କିଲର୍ ଗିରଫ ହୋଇଥିବା ବେଳେ ଅନ୍ୟଜଣେ ଏବେ ବି ଫେରାର୍ ଥିବା ପୁଲିସ କହିଛି । ଏହି ସୁପାରି କିଲର୍ ତଥା ମୁଖ୍ୟ ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ମାମଲା ରହିଥିବା ଜଣାପଡ଼ିଛି । ସେମାନଙ୍କ ନିକଟରୁ ଦୁଇଟି ତେଲେଙ୍ଗା କଟୁରି ସମେତ ୬ଟି ମୋବାଇଲ, ତିନୋଟି ମଟର ସାଇକଲ ଏବଂ ନଗଦ ୭୦ ହଜାର ଟଙ୍କା ଜବତ କରିଛି ପୁଲିସ । ଏହାସହ ମୃତ ଦୁଇ ଯୁବକଙ୍କ ମୋବାଇଲ ଫୋନ୍ ମଧ୍ୟ ଜବତ କରାଯାଇଛି । ତେବେ ପାରିବାରିକ କଳହ ଓ କିଛି ଟଙ୍କା ଏବଂ ସମ୍ପତ୍ତି ଲୋଭରେ ଭାଇ ନିଜ ଭାଇକୁ ହତ୍ୟା କରିବାକୁ ମଧ୍ୟ ପଛାଇଲା ନାହିଁ । ଭାଇ ହୋଇ ବି ଭାଇକୁ ସବୁଦିନ ପାଇଁ ରାସ୍ତାରୁ ହଟାଇବା ପାଇଁ ଯୋଜନାକରି ଶେଷରେ ତାକୁ ହତ୍ୟା କରି ନିଜ ଆଡୁ ଚତୁରତାର ସହ ହତ୍ୟା ଅଭିଯୋଗ ଦେବା ଘଟଣା ସମସ୍ତଙ୍କୁ ଚକିତ କରିଛି ।

**କାନ୍ଦିକାନ୍ଦି ଗଡ଼ି ଯାଉଥିଲେ ଷଡ଼ଯନ୍ତ୍ରକାରୀ**

ସମ୍ପତ୍ତିବାଡ଼ିର ଲୋଭରେ ସାନଭାଇକୁ ହତ୍ୟା କରି ସବୁଦିନ ପାଇଁ ବାଟରୁ ହଟାଇବାକୁ ବଡ଼ଭାଇ ବିଜୟ ଓ ଭାଉଜ ଜ୍ୟୋତ୍ସ୍ନାରାଣୀ ରଚିଥିଲେ ବଡ଼ ଷଡ଼ଯନ୍ତ୍ର । ସୁପାରି ଦେଇ ସାନଭାଇ ଭବାନୀକୁ ସବୁଦିନ ପାଇଁ ବାଟରୁ ହଟାଇବା ପରେ ନିଜକୁ ନିର୍ଦ୍ଦୋଷ ବୋଲାଇ ହେବାକୁ ଭାଇଭାଉଜ ରଚିଥିଲେ ନାଟକ । ଦିଅର ଭବାନୀର ମୃତଦେହ ମିଳିବା ପରେ କାନ୍ଦ ବୋବାଳି ଛାଡ଼ି ଭୂଇଁରେ ଲୋଟି ବେହୋସ ହୋଇ ଯାଉଥିଲେ ଭାଉଜ । ଏଭଳି ଅଭିନୟ କରୁଥିଲେ ଯେ, ଯେମିତି ପଡ଼ୋଶୀ ଓ ସମ୍ପର୍କୀୟ ସହଜରେ ଜାଣିପାରିବେ ନାହିଁ ନିଜେ ଭାଇ ଭାଉଜ ହିଁ ହତ୍ୟାକାଣ୍ଡର ମୁଖ୍ୟ ଷଡ଼ଯନ୍ତ୍ରକାରୀ । କିନ୍ତୁ ଆଇନର ହାତ ଏତେ ଲମ୍ବା ଯେ, ହତ୍ୟାର ରକ୍ତଛିଟା ଯାଇ ଶେଷରେ ବଡ଼ ଭାଇ ଓ ଭାଉଜ ଉପରେ ପଡ଼ିଥିଲା । ପୁଲିସ ଅଭିଯୁକ୍ତ ଭାଇ, ଭାଉଜଙ୍କୁ ଗିରଫ କଲା । ବଡ଼ଭାଇ ସୁପାରି ଦେଇ ସାନଭାଇକୁ ହତ୍ୟା କରିବା ନେଇ ପୁଲିସ ସ୍ପଷ୍ଟ ହୋଇଥିଲା ।



---






ଏକ ପକ୍ଷରେ ମଦ୍ୟପ ସ୍ୱାମୀର ନିର୍ଯାତନାରେ ଅତିଷ୍ଠ ହୋଇପଡ଼ିଥିଲା ପତ୍ନୀ । ଅପରପକ୍ଷେ ପୁରୁଷ ବନ୍ଧୁ ସହ ସମ୍ପର୍କ ବି ନିବିଡ଼ି ହୋଇଯାଇଥିଲା । ସମୟ ଏପରି ହେଲା ଯେ, ବିବାହିତା ବାନ୍ଧବୀଙ୍କ ଉପରେ ନିର୍ଯାତନା ସହିପାରିଲାନି ପୁରୁଷ ବନ୍ଧୁ । ଫଳରେ ସୁଯୋଗ ଖୋଜି ବାନ୍ଧବୀର ସ୍ୱାମୀଙ୍କ ତଣ୍ଟିଚିପି ହତ୍ୟାକଲା ପୁରୁଷ ବନ୍ଧୁ । ଏହିଭଳି ଅଭାବନୀୟ ଘଟଣା ଘଟିଛି ବାରିପଦା ସଦର ଥାନା ଅନ୍ତର୍ଗତ କେନ୍ଦୁଆ ଗ୍ରାମରେ ।

**ବାରିପଦା ସହରରୁ ବିଶ୍ୱଜିତ ଭୂୟାଁଙ୍କ ରିପୋର୍ଟ**

# ସହିପାରିଲେନି ପୁରୁଷ ବନ୍ଧୁ

## ନିଶାସକ୍ତ ବନ୍ଧୁକୁ ତଣ୍ଟିଚିପି ହତ୍ୟା

କେନ୍ଦୁଆ ଗ୍ରାମର ଶିବ ଶଙ୍କର ମହାନ୍ତ(୩୫) ନିୟମିତ ମଦ୍ୟପାନ କରି ପତ୍ନୀ ସବିତା ମହାନ୍ତ(୨୪)ଙ୍କୁ ମାର୍‌ପିଟ୍ କରି ଆସୁଥିଲେ । ସ୍ୱାମୀର ନିର୍ଯାତନାର ଶିକାର ପତ୍ନୀ ସବିତା ଏହାର ପ୍ରତିବାଦ କରିବାରେ ଅସମର୍ଥ ଥିଲେ । ପ୍ରକାରାନ୍ତେ ସେହି ଗ୍ରାମର କେରମଘୁଟୁ ସାହିର ସୁଶୀଲ ମାଝୀ(୩୫) ତାଙ୍କ ଘରକୁ ନିୟମିତ ଯିବାଆସିବା କରୁଥିବାରୁ ସବିତାଙ୍କ ସହିତ ତାଙ୍କର ନିବିଡ଼ ସମ୍ପର୍କ ଗଢ଼ିଉଠିଥିଲା । ଅପରପକ୍ଷେ ଶିବ ଶଙ୍କର ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ଆସି ତାଙ୍କୁ ନିୟମିତ ମାର୍‌ପିଟ୍ ଘଟଣା ବଢ଼ି ଚାଲିଥିଲା । ଏ ନେଇ ସବିତା ତାଙ୍କ ପୁରୁଷ ବନ୍ଧୁ ସୁଶୀଲକୁ ବାରମ୍ବାର ଜଣାଉଥିଲେ । ସବିତାଙ୍କୁ ଶିବ ଶଙ୍କର ମାର୍‌ପିଟ୍ କରିବାକୁ ଘଟଣାକୁ ସୁଶୀଲ ସହିପାରୁ ନ ଥିଲେ । ଏଥିପାଇଁ ଉଭୟ ସୁଶୀଲ ଓ ସବିତା ମିଶି ଶିବଶଙ୍କରଙ୍କୁ ଶେଷ କରିଦେବା ନିଷ୍ପତ୍ତି ନେଇଥିଲା । ଗତ ଫେବୃଆରୀ ୯ ତାରିଖରେ ଶିବ ଶଙ୍କରକୁ ରାସ୍ତାରୁ ହଟାଇବାକୁ ସମସ୍ତ ପ୍ରକାର ସୁଯୋଗ ଯେମିତି ଅପେକ୍ଷା କରିଥିଲା ।

ଶିବଶଙ୍କର, ସବିତା, ତାଙ୍କ ପୁଅ ଓ ଭଣଜା ଏକା ସଙ୍ଗେ ସନ୍ଧ୍ୟାରେ ଗାଁ ନିକଟସ୍ଥ ଶରତଚନ୍ଦ୍ରପୁର ଗ୍ରାମର ବଙ୍ଗଳାସାହିକୁ ଡାବୁଲ ତାମ୍‌ସା ନାଚ ଦେଖିଫେରିବା ବେଳକୁ ଶିବଶଙ୍କରଙ୍କୁ ସୁଶୀଲ ଅଟକାଇ ଥିଲେ । ସେ ସୁଶୀଲ ସହିତ ବୁଲାବୁଲି କରି କିଛି ସମୟ ପରେ ଘରକୁ ଯିବେ ବୋଲି କହିବାରୁ ପତ୍ନୀ, ପୁଅ ଓ ଭଣଜା ଘରକୁ ଫେରି ଆସିଥିଲେ । କିନ୍ତୁ ରାତିରେ ଘରକୁ ଫେରି ନ ଥିଲେ ଶିବଶଙ୍କର । ସୁଯୋଗ ଅପେକ୍ଷାରେ ଥିବା ସୁଶୀଲ ଉକ୍ତ ରାତିରେ ଶିବଶଙ୍କରଙ୍କୁ ମଦ୍ୟପାନ କରିବା ପାଇଁ ନିକଟସ୍ଥ ପଡ଼ିଆକୁ ଡାକି ନେଇଥିଲେ । ସେଠାରେ ଦୁହେଁ ମିଶି ରାତିରେ ଗାଁ ପଡ଼ିଆରେ ମଦ୍ୟପାନ କରିଥିଲେ । ଏଥିପରେ ପ୍ରଚୁର ନିଶାସକ୍ତ ଅବସ୍ଥାରେ ଥିବା ଶିବଶଙ୍କରଙ୍କ ତଣ୍ଟିଚିପି ହତ୍ୟା କରିଥିଲା ସୁଶୀଲ୍ । ବିଳମ୍ବିତ ରାତିରେ ଗାଁ ପଡ଼ିଆ ଜନଶୂନ୍ୟ ଥିବା ବେଳେ କେହି ବି ଶିବଶଙ୍କରଙ୍କ ଚିତ୍କାର ଶୁଣି ରକ୍ଷା କରିବାକୁ ବି ଆସିପାରି ନ ଥିଲେ । ହତ୍ୟାକରି ସୁଶୀଲ ସେଠାରୁ ଖସି ପକାଇ ଯାଇଥିବା ବେଳେ ତା'ପରଦିନ ସକାଳୁ ଗାଁ ପଡ଼ିଆରୁ ଶିବଶଙ୍କରଙ୍କ ମୃତଦେହ ପଡ଼ିଥିବାର ସ୍ଥାନୀୟ ଲୋକମାନେ ଦେଖିବାକୁ ପାଇଥିଲେ । ଏନେଇ ପତ୍ନୀ ସବିତାଙ୍କୁ ଗ୍ରାମବାସୀମାନେ ଖବର ଦେଇଥିଲେ । ତେବେ ରବିବାର ରାତିରେ ଶିବଶଙ୍କର ଘରକୁ ପ୍ରତ୍ୟାବର୍ତ୍ତନ କରି ନ ଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କୁ ରାତିରେ ହତ୍ୟାକରି ପଡ଼ିଆରେ ପକାଇଦେଇଥିବାର ନେଇ ପତ୍ନୀ ଅଭିଯୋଗ କରିଥିଲେ । ଏନେଇ ସବିତା ମହାନ୍ତ ବାରିପଦା ସଦର ଥାନାରେ ଫେବୃଆରୀ ୧୦ ତାରିଖରେ ଏକ ଲିଖିତ ଅଭିଯୋଗ କରିଥିଲେ । ସବିତା ଲିଖିତ ଅଭିଯୋଗ କରିବା ସମୟରେ ବି ସୁଶୀଲ ଥାନାରେ ଉପସ୍ଥିତ ରହି ଘଟଣାକ୍ରମକୁ ନଜର କରୁଥାନ୍ତି । ଏହାକୁ ନେଇ ପୁଲିସ ପକ୍ଷରୁ ବାରିପଦା ସଦର ଥାନାରେ କେସ୍ ନମ୍ବର ୩୭/୨୪ରେ ଏକ ହତ୍ୟାକାଣ୍ଡ ମାମଲା ରୁଜୁ କରି ଥାନା ଅଧିକାରୀ ମଧୁସ୍ମିତା ମହାନ୍ତି ତଦନ୍ତ ଆରମ୍ଭ କରିଥିଲେ । ପୁଲିସ ଟିମ୍ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ୍ କରିବା ସହ ନମୁନା ସଂଗ୍ରହ କରି ଲ୍ୟାବ୍‌କୁ ପଠାଇଥିଲେ । ତେବେ ତଦନ୍ତ ରିପୋର୍ଟ, ଲ୍ୟାବ୍ ରିପୋର୍ଟ ଓ ଶବ ବ୍ୟବଚ୍ଛେଦକୁ ନେଇ ପୁଲିସର ସୁଶୀଲ ମାଝୀ ଉପରେ ସନ୍ଦେହ ଘନୀଭୂତ ହୋଇଥିଲା । ସୁଶୀଲ ହିଁ ହତ୍ୟାକାଣ୍ଡ ଭିଆଇଥିବାର ନେଇ ପୁଲିସ ଜାଣିବାକୁ ପାଇଥିଲା । ଏହାକୁ ନେଇ ସୁଶୀଲକୁ ଥାନା ଆଣି ଥାନା ଅଧିକାରୀ ମଧୁସ୍ମିତା ପଚରାଉଚରା କରିବାରୁ ସତ୍ୟ ସାମ୍ନାକୁ ଆସିଥିଲା । ସବିତାଙ୍କ ସହିତ ସମ୍ପର୍କ ପାଇଁ ଶିବଶଙ୍କରକୁ ସେ ହତ୍ୟା କରିଥିବା ସ୍ୱୀକାର କରିଛି ବୋଲି ପୁଲିସ କହିଛି । ସୁଶୀଲକୁ ବାରିପଦା ସଦର ଥାନା ପୁଲିସ ଗିରଫ କରି ଘଟଣାସ୍ଥଳରେ ସିନ୍ ରିକ୍ରିୟେସନ କରିଥିଲା । ସପ୍ତାହକ ମଧ୍ୟରେ ହତ୍ୟାକାଣ୍ଡ ମାମଲାର ସମାଧାନ କରି ହତ୍ୟାକାରୀକୁ ଗିରଫ କରି ଆଇପିସି ୩୦୨/୩୪ ଧାରାରେ ଫେବୃଆରୀ ୧୬ରେ କୋର୍ଟ ଚାଲାଣ କରାଯାଇଛି । ବର୍ତ୍ତମାନ ସୁଶୀଲ ବାରିପଦାସ୍ଥିତ ମଣ୍ଡଳ କାରାଗାରରେ ବିଚାର ବିଭାଗୀୟ ହାଜତରେ ରହିଛି । ହତ୍ୟାପଛରେ କିଛି ବି କାରଣ ଥାଉ କିନ୍ତୁ ଗୋଟିଏ ଛୁଆର ମୁଣ୍ଡରୁ ବାପାର ହାତ ସବୁଦିନ ପାଇଁ ହଟିଗଲା ।



## ବିଏସ୍‌କେୱାଇ 'ନବୀନ କାର୍ଡ' ବଣ୍ଟନ



ଏରସମା, ୬।୩(ସମିସ): ଆଜି ଅପରାହ୍ନରେଏରସମା ବ୍ଲକ ପରିସରରେ ବାଲିକୁଦା ଏରସମା ବିଧାୟକ ରଘୁନନ୍ଦନ ଦାସଙ୍କ ଦ୍ୱାରା ଓଡ଼ିଶା ସରକାରଙ୍କ ବି.ଏସ. କେ.ୱାଇ ନୂଆ ନବୀନ କାର୍ଡ ବଣ୍ଟନ କରିଥିଲେ। ଉତ୍ସବରେ ଏରସମା ବିଡ଼ିଓ ଲମ୍ବୋଦର ଖୁଣ୍ଟିଆ, ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ସମିତି ସଭ୍ୟା ଦେବଜାନି ସେଠୀ, ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ଦୀପ୍ତିରାଣୀ ପ୍ରଧାନ ପ୍ରମୁଖ ଥିଲାବେଳେ ବ୍ଲକ ସଂଯୋଜକ ନଳିନୀରଞ୍ଜନ ମନ୍ତ୍ରୀ ସଂଯୋଜନା କରିଥିଲେ। ଏହି କାର୍ଡ ଦ୍ୱାରା ଜନସାଧାରଣ ସ୍ୱାସ୍ଥ୍ୟ ପାଇଁ ବିଭିନ୍ନ ସୁବିଧା ସୁଯୋଗ ପାଇପାରିବେ ବୋଲି ବିଧାୟକ ଶ୍ରୀ ଦାସ କହିଥିଲେ।

## ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ



ଜଗତସିଂହପୁର, ୬।୩(ସମିସ): ପ୍ରବାଦ ପୁରୁଷ ମହାନ ଜନନାୟକ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜଗତସିଂହପୁର ଥାନା ଛକ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ବିଜୁ ବାବୁଙ୍କ ଜୀବନୀ ସମ୍ପର୍କ ରେ ଆଲୋକପାତ କରିଥିଲେ। ଏହାସହ ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଜଗତସିଂହପୁର ସ୍ଥିତି ଶିଶୁ ଆଶ୍ରମ ପରିସରରେ ଛାତ୍ରଛାତ୍ରୀ ଓ ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଜଗତସିଂହପୁର ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ଜଗତସିଂହପୁର ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ପାରିଷଦ ଗୋଲାମ ଅଲ୍ଲୀ ଖାଁ, ପାରିଷଦ ଦେବାଶିଷ ସ୍ୱାଇଁ, ଅଳସୁଧା ସରପଞ୍ଚ ଭ୍ରମରବର ସ୍ୱାଇଁ, ପିତେଇପୁର ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ବେହେରା, ବିଦୂ ଭୂଷଣ ତ୍ରିପାଠୀ, ପୂର୍ବତନ ପାରିଷଦ ସୁଶାନ୍ତ କୁମାର ସ୍ୱାଇଁ, ଦେବୀ ପ୍ରସାଦ ସାହାଣୀ, ମାଇନର କମ୍ୟୁନିଟି ନେତା ସେକ ରକିବ ଉଦ୍ଦିନ, ସାରଙ୍ଗ ପାଇଟାଳ, ନରେନ୍ଦ୍ର ରାଉତ, ସୁଶୀଲ ପଟ୍ଟନାୟକ, ସଞ୍ଜୟ ପଲାଇ, ପଲ୍ଲୀ ପଞ୍ଚାୟତ ପୂର୍ବତନ ସରପଞ୍ଚ ଉପେନ୍ଦ୍ର ସାହୁ ଉପସ୍ଥିତ ଥିଲେ।

## 'ଘରେ ଘରେ ଶଙ୍ଖ' ଓ 'ପରିବାର ସମ୍ପର୍କ' ଅଭିଯାନ




ଜଗତସିଂହପୁର, ୬।୩(ସମିସ): ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ପଲ୍ଲୀ ପଞ୍ଚାୟତର ମହାକାଳେଶ୍ୱର ପଡ଼ିଆଠାରେ ଜଗତସିଂହପୁର ବିଜୁ ଜନତା ଦଳର ପୂର୍ବତନ ଜିଲ୍ଲା ସଭାପତି ଅମରେନ୍ଦ୍ର ଦାସଙ୍କ ନେତୃତ୍ୱରେ ବିଜେଡିର ପରିବାର ସମ୍ପର୍କ ଅଭିଯାନ ଓ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ସାଧାରଣ ନିର୍ବାଚନରେ କିପରି ବିଜୁ ଜନତା ଦଳ ଅଧିକ ତ୍ୱରାନ୍ୱିତ ହେବ ତା ଉପରେ ପଞ୍ଚାୟତ ସ୍ତରୀୟ ନେତୃତ୍ୱ ମାନଙ୍କ ସହିତ ଆଲୋଚନା କରାଯାଇଥିଲା। ଏଥି ସହିତ ଶ୍ରୀ ଦାସ ରାଜ୍ୟ ସରକାରଙ୍କ ସମସ୍ତ ଜନହିତକର ଯୋଜନା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପଲ୍ଲୀ ପଞ୍ଚାୟତର ବିଜୁ ଜନତା ଦଳ ବରିଷ୍ଠ କର୍ମୀ ବିଜୟ ସିଂ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାମ୍ମାନିତ ଅତିଥିଭାବେ ଜଗତସିଂହପୁର ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ପୂର୍ବତନ ଉପାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ପଲ୍ଲୀ ପଞ୍ଚାୟତ ପୂର୍ବତନ ସରପଞ୍ଚ ଉପେନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ପଲ୍ଲୀ ପାଞ୍ଚାୟତ ସନ୍ତୋଷ କୁମାର ଭୋଇ, ମାନସ ମହାରଣା, ଜଟାଧାରୀ ନାଥ, ସ୍ମୃତିରଞ୍ଜନ ମିଶ୍ର, ଅବିନାଶ ସାହୁ, ସୁଶାନ୍ତ ରଞ୍ଜନ ମଲ୍ଲିକ, ସାରଙ୍ଗ ପାଇଟାଳ, ସେକ ରକିବ ଉଦ୍ଦିନ ଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ।

## ଅବସରପ୍ରାପ୍ତ ପୋଷ୍ଟମାଷ୍ଟରଙ୍କ ପରଲୋକ

ତିର୍ତ୍ତୋଲ, ୬।୩(ସମିସ): ତିର୍ତ୍ତୋଲ ବ୍ଲକ ତୁଳଙ୍ଗ ପଞ୍ଚାୟତ ଶ୍ରୀରାମପୁର ଗ୍ରାମର ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ମଧୁସୂଦନ ମହାପାତ୍ର(୯୬)ଙ୍କ ପଲଲୋକ ହୋଇଯାଇଛି। ସେ କୋଲକତା ଦମଦମସ୍ଥିତ ପୋଷ୍ଟ ଅଫିସରେ ପୋଷ୍ଟମାଷ୍ଟର ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ। ଅବସରପରେ ସେ ଗ୍ରାମ ଶ୍ରୀରାମପୁରକୁ ଆସି ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସହ ଜଡିତ ହୋଇଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ମୃତ୍ୟୁ ଖବର ଶୁଣି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

### ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ

# 'ମାନସିକତାରେ ପରିବର୍ତ୍ତନ ନାରୀଙ୍କୁ ଶିଖରରେ ପହଞ୍ଚାଇପାରିବ'

ଜଗତସିଂହପୁର, ୬।୩(ସମିସ):



ସ୍ଥାନୀୟଆଦିକବି ସାରଳା ଦାସ ସଂସ୍କୃତି ଭବନଠାରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରିଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏବର୍ଷର ବାର୍ତ୍ତା ରହିଛି 'ମହିଳାଙ୍କ ଉପରେ ନିବେଶ କରନ୍ତୁ-ପ୍ରଗତିକୁ ତ୍ୱରାନ୍ୱିତ କରନ୍ତୁ'। ଏହି ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରୀ ମୁଖ୍ୟ ସଚେତକ ତଥା ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି କହିଲେ ଯେ ଶିକ୍ଷାର ପ୍ରକୃତ ଅର୍ଥ ହେଉଛି ନୈତିକ ମୂଲ୍ୟବୋଧର ବିକାଶ। ତେଣୁ ପ୍ରତ୍ୟେକ ଶିକ୍ଷିତ ନାଗରିକ ନିଜର ମାନସିକତାରେ ପରିବର୍ତ୍ତନ ଆଣିବା ଦରକାର, ଯାହାଫଳରେ ସମାଜରେ ନାରୀମାନେ ଉନ୍ନତିର ଶିଖରରେ ପହଞ୍ଚି ପାରିବେ ଓ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ ନାରୀ ଓ ପୁରୁଷଙ୍କୁ ସମାନ୍ତରାଳ ଭାବେ କାର୍ଯ୍ୟ କରି କୁସଂସ୍କାରକୁ ଦୂର କରିବା ପାଇଁ ଚେଷ୍ଟା କରିବାକୁ ପ୍ରେରଣା ଦେଇଥିଲେ। ଜିଲ୍ଲାପାଳ ପାରୁଲ ପଟାୱରି ପ୍ରତ୍ୟେକ ଦିନକୁ ମହିଳାମାନଙ୍କ ଦିନ ବୋଲି ଅଭିହିତ କରିଥିଲେ। ସମାଜରେ, ପରିବାରରେ ସବୁବେଳେ ନାରୀମାନେ ସଶକ୍ତ ଓ ସ୍ୱାବଲମ୍ବୀ ହେବା ଦରକାର। ପ୍ରତ୍ୟେକ ନାରୀ ପାଖରେ ଏକ ଅଦ୍ଭୁତ ଶକ୍ତି ରହିଛି ଯାହା ସମସ୍ତ ନକାରାତ୍ମକ ପରିବେଶରେ ମଧ୍ୟ ସକାରାତ୍ମକ ଚିନ୍ତାଧାରା ଉଦ୍ରେକ କରିବାରେ ସମର୍ଥ ବୋଲି ଜିଲ୍ଲାପାଳ କହିଥିଲେ।

ମୁଖ୍ୟବକ୍ତା ଭାବେ ଯୋଗଦେଇ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁନନ୍ଦା ପାଢ଼ୀ ମାନସିକସ୍ତରରେ ଶକ୍ତ ହୋଇ ଆଇନ ମାଧ୍ୟମରେ ନିଜର ଅଧିକାର ପାଇଁ ଲଢ଼ିବାକୁ ଉପସ୍ଥିତ ମହିଳା ମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନମିତା ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦିବସର ଅଭିପ୍ରାୟ ଉପସ୍ଥାପନ କରିଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ପ୍ରୋଗ୍ରାମ ଅଫିସର ଧନେଶ୍ୱରୀ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ ମନ୍ତବ୍ୟ ରଖିଥିଲେ। ପ୍ରୋଗ୍ରାମ ଅଫିସର ଅଂଶୁପା ସାହୁ ଆନ୍ତର୍ଜାତୀୟ ମହିଳା ଦିବସର ଇତିହାସ ମନେପକାଇଥିଲେ। ଏହି ସମାରୋହରେ ଶ୍ରେଷ୍ଠ ଅଙ୍ଗନବାଡି କେନ୍ଦ୍ର, ଆଇସି ଡିଏସ୍ ସୁପରଭାଇଜରମାନଙ୍କୁ ଅତିଥି ମାନେ ଅର୍ଥ ରାଶି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ 'ବିଜୁ କନ୍ୟା ରତ୍ନ' ଓ 'ବେଟୀ ବଚାଓ, ବେଟୀ ପଢ଼ାଓ' ଅଭିଯାନ ତରଫରୁ ଜିଲ୍ଲାର ଆଶାକର୍ମୀ, ଅଙ୍ଗନବାଡି କର୍ମୀ ଏବଂ ଶିକ୍ଷା ତଥା କ୍ରୀଡା କ୍ଷେତ୍ରରେ ଜିଲ୍ଲାର କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହାଛଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ କମିଟି ଦ୍ୱାରା ସାଧାରଣତନ୍ତ୍ର ଦିବସରେ ଆୟୋଜିତ ହୋଇଥିବା ଆଥଲେଟିକ୍ ପ୍ରତିଯୋଗିତାର କୃତୀ ମହିଳା କର୍ମଚାରୀଙ୍କୁ ଜିଲ୍ଲାପାଳ ପୁରସ୍କୃତ କରିଥିଲେ। ପରିଶେଷରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ୨୨ମୌଜା ଡିଗ୍ରୀ କଲେଜରେ ଛାତ୍ରବୃତ୍ତି ବଣ୍ଟନ

ବିରିଡି, ୬।୩(ସମିସ): ପ୍ରବାଦ ପୁରୁଷ ବିଜୁ ପଟନାୟକଙ୍କ ୧୦୮ ତମ ଜୟନ୍ତୀ ଅବସରରେ ବିରିଡି ବ୍ଲକ ବାଇଶିମଉଜା ଡିଗ୍ରୀ କଲେଜର ୧୮୫ ଜଣ ଛାତ୍ରଛାତ୍ରୀଙ୍କୁ 'ନୂଆ-ଓ' ଛାତ୍ରବୃତି ଅର୍ଥରାଶି ବ୍ୟାଙ୍କ ଖାତାକୁ ଦିଆଯାଇଛି। ଏନେଇ ଅଧ୍ୟକ୍ଷ ଶିଶିର କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପିଲାମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରଯାଇଥିଲା। ଅତିଥି ଭାବେ ପରିଚାଳନା କମିଟିର ସଭାପତି କୈଳାସ ନାଥ ଦାଶ ଅସୁସ୍ଥ କାରଣରୁ ଯୋଗ ଦେଇପାରି ନଥିବାରୁ ତାଙ୍କଦ୍ୱାରା ପ୍ରେରିତ ବାର୍ତ୍ତା ପାଠ କରାଯାଇଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ଛାତ୍ରବୃତି ପ୍ରୋତ୍ସାହନ ରାଶିକୁ ଉଚିତ ମାର୍ଗରେ ବିନିଯୋଗ କରିବାକୁ ଅଧ୍ୟକ୍ଷ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ମନୋଜ ସାମଲ, ଆଶିଷ ମହାପାତ୍ର, ଆରଚିତ ଖଟେଇ, ବିନତା ଦାଶ, ସ୍ୱପ୍ନାରାନୀ ଜେନା, ରିତା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। କଲେଜର ମୋଟ ୧୮୫ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରଯାଇଥିଲା।

## ଗଛରେ ପିଟିହେଲା କାର୍; ୩ ଆହତ

ଏରସମା, ୬।୩(ସମିସ): ଏରସମା ବ୍ଲକ ଅନ୍ତର୍ଗତ କୋଠିଛକଠାରେ ଭାରଶ୍ୟାମ ହରାଇ ଗଛରେ ପିଟି ହେଲା କାର୍। କାର୍‌ରେ ଥିବା ତିନି ଜଣ ଯୁବକଙ୍କୁ ଉଦ୍ଧାର କରି ଏରସମା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି ଗ୍ରାମବାସୀ। କାର୍‌ଟି ଏରସମା ଆଡ଼କୁ ଆସୁଥିବା ବେଳେ ଭରସ୍ୟାମ ହରାଇ ଗଛରେ ପିଟି ହୋଇଥିଲା। ଗାଡ଼ିରେ ତିନି ଜଣ ଯୁବକ ଥିବା ବେଳେ ସେମାନଙ୍କ ପରିଚୟ ମିଳିପାରିନାହିଁ।

## କୁଜଙ୍ଗରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜୟନ୍ତୀ



କୁଜଙ୍ଗ,୬।୩(ସମିସ): କୁଜଙ୍ଗରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜୟନ୍ତୀ ବ୍ଲକ ବିଜେଡି ସଭାପତି ନରେନ୍ଦ୍ର ପରିଡ଼ାଙ୍କ ଅଧ୍ୟକ୍ଷତା ଓ ବ୍ଲକ ଯୁବ ବିଜେଡି ସଭାପତି ଅରୁ ପ୍ରସାଦ ମହାନ୍ତିଙ୍କ ସଞ୍ଚାଳନରେ ଅନୁଷ୍ଠିତ ହୋଇଯାଇଛି। ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଯୋଗଦେବା ସହ ବିଜୁବାବୁ ବିଶ୍ୱାସ ଓ ସାହାସର ପ୍ରତୀକ ଥିଲେ ଓ ହୀନମନ୍ୟତା ତାଙ୍କୁ ଛୁଇଁ ପାରିନଥିଲା ବୋଲି କହିଥିଲେ। ଏହି ଅବସରରେ ବିଧାୟକ ଗତକାଲି କୁଜଙ୍ଗରେ ହୋଇଥିବା କିଛି ଅସନ୍ତୁଷ୍ଟ ନେତା ଓ କର୍ମୀଙ୍କୁ ଇଙ୍ଗିତ କରି ମନରେ ଥିବା କ୍ଷୋଭକୁ ବ୍ୟକ୍ତ କରିବା ସହ ନିନ୍ଦୁକକମାନେ ସବୁ ସହାୟତା ପାଇ ଭୁଲିଯାଆନ୍ତି ଓ ସେମାନଙ୍କ ଜୀବନରେ ଉନ୍ନତି ହୁଏନା ବୋଲି କହିଥିଲେ। ଏହି ଅବସରରେ ବିଶିଷ୍ଟ ଅତିଥିଭାବେ ପୂର୍ବତନ ଏମ୍‌ପି ଡାକ୍ତର କୂଳମଣି ସାମଲ ଯୋଗଦେଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ସମସ୍ତେ ଏକ ମନ, ଏକ ପ୍ରାଣରେ କାମ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ, ଉପାଧ୍ୟକ୍ଷ ଜ୍ଞାନଜିତ ସ୍ୱାଇଁ, ବ୍ଲକ କାର୍ଯ୍ୟକାରୀ ସଭାପତି ସୁଢଳ ସ୍ୱାଇଁ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ପୂର୍ବତନ ସରପଞ୍ଚ ବିଜୟ ଖଟେଇ, ଜିଲ୍ଲାପରିଷଦ ସଭ୍ୟ ରବିନାରାୟଣ ସାହୁ, ପ୍ରମୋଦ ଚରଣ ସ୍ୱାଇଁ, ବରିଷ୍ଠ ନେତା ବାଳକୃଷ୍ଣ ଜେନା, ରଘୁନାଥ ସାହୁ, ଅଜୟ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

● ବିଭିନ୍ନ ଲୋକଙ୍କ ନାମରେ ୧୦୭ରେ ମିଥ୍ୟା ମାମଲା

## ପ୍ରତିବାଦରେ ଧାରଣାରେ ବସିଲେ ଓକିଲ



ଜଗତସିଂହପୁର, ୬।୩(ସମିସ): ଜିଲ୍ଲାରେ ମେଡିକାଲ୍ କଲେଜ୍ ପ୍ରତିଷ୍ଠା କରିବା ପାଇଁ ଚାଲିଥିବା ଆନ୍ଦୋଳନରେ ନବନିର୍ମାଣ ସଂଗଠନର କିଛି ସଂଗଠକ ସାମିଲ ହୋଇଛନ୍ତି। ତେବେ ସେମାନଙ୍କ ନାମରେ ବେଆଇନ୍ ଭାବରେ ୧୦୭ ଦଫାରେ ମାମଲା ରୁଜୁ କରାଯାଇଛି। ଏଥିସହିତ ସାଧାରଣ ନିର୍ବାଚନ ପୂର୍ବରୁ ଜିଲ୍ଲାର ଜନସାଧାରଣଙ୍କ ନାମରେ ପ୍ରଶାସନ ପକ୍ଷରୁ ଫୌଜଦାରୀ ମାମଲା ରୁଜୁ କରାଯାଉଛି। ଏହା ବିରୋଧରେ ଜଗତସିଂହପୁରର ଜଣାଶୁଣା ସମାଜସେବୀ ଆଡ଼ଭୋକେଟ ବାସୁଦେବ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସକାଳ ୧୦ ଟା।ରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ଧାରଣା ଦେଇଥିଲେ।

ଏହି ଧାରଣା ଆନ୍ଦୋଳନରେ ଇସ୍ରୋର ବୈଜ୍ଞାନିକ କିଶୋର ଚନ୍ଦ୍ର ସାହୁ, ଗଗନ ଦାଶ, ଓକିଲ, ଅନନ୍ତ ପରିଡ଼ା, ଓକିଲ, ରଶ୍ମୀରଞ୍ଜନ, ଦେବୀ ପ୍ରସାଦ ମହାରଣା, ସ୍ନେହାଂଶୁ ଜେନା, ଶରତ ମହାପାତ୍ର, ପ୍ରମୋଦ ଦାଶ, କରୁଣାକର ଦଳବେହେରା, ସୁରେଶ ପଟ୍ଟନାୟକ, ନିଗମାନନ୍ଦ ଦାସ, ଶାରଦା ନାୟକ, ଗୋବିନ୍ଦ ଓଝା, ମହେଶ୍ୱର ମହାନ୍ତି, ବିଜୟ ପତି ପ୍ରମୁଖ ବାସୁଦେବଙ୍କୁ ସମର୍ଥନ କରି ଧାରଣାରେ ବସିଥିଲେ।

ଆସନ୍ତା ୧୬ ତାରିଖ ଦିନ ଜଗତସିଂହପୁର ଜିଲ୍ଲାର ଲୋକପ୍ରତିନିଧି ମାନଙ୍କ ଉଦ୍ଦେଶ୍ୟରେ ଗଣତନ୍ତ୍ର ଛକଠାରୁ ଲମ୍ବ ମୁଣ୍ଡିଆ ମାରି, ଆଣ୍ଠେଇ ଆଣ୍ଠେଇ ଗଣତନ୍ତ୍ର ଛକ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆଡ଼ଭୋକେଟ ବାସୁଦେବ, ଦେବୀ ପ୍ରସାଦ ମହାରଣା, ଦେବେନ୍ଦ୍ର ସାହୁ ପ୍ରମୁଖ ଯିବେ ବୋଲି ପ୍ରକାଶ କରିଛନ୍ତି।

## ବିଶିଷ୍ଟ ଚିତ୍ରଶିଳ୍ପୀ ପ୍ରଭୁଚରଣ ଜେନାଙ୍କ ଜୟନ୍ତୀ

ଜଗତସିଂହପୁର, ୬।୩(ସମିସ): : ଜିଲ୍ଲାର ସଦର ମହକୁମା ଠାରେ ବିଶିଷ୍ଟ ଚିତ୍ରଶିଳ୍ପୀ ପ୍ରଭୁଚରଣ ଜେନାଙ୍କ ରାଜ୍ୟସ୍ତରୀୟ ୮୭ ତମ ଜୟନ୍ତୀ ଉତ୍ସବ ଓଡ଼ିଶା ଲଳିତକଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଚିତ୍ରଶିଳ୍ପୀ ପ୍ରଭୁଚରଣ ଜେନା ସ୍ମୃତି ସଂସଦଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ଚରଣ ଜେନା ସ୍ମୃତି ସଂସଦ ସଭାପତି ପ୍ରସିଦ୍ଧ ନାଟ୍ୟକାର ଡ଼ କୈଳାଶ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ସ୍ଥାନୀୟ ଆଦିକବି ଶାରଳା ଦାସ ସଂସ୍କୃତି ଭବନଠାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଯୋଗ ଦେଇ ଚିତ୍ରଶିଳ୍ପୀ ସ୍ୱର୍ଗତ ଜେନାଙ୍କ ଜୀବନଚର୍ଯ୍ୟା ଓ କଳାଜଗତକୁ ଅବଦାନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂ, ଜଗତ୍‌ସିଂହପୁର ବ୍ଲକ ଉପଧକ୍ଷ୍ୟ ରତି ରଞ୍ଜନ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ପୂର୍ବତନ ପୌରାଧ୍ୟକ୍ଷ ତଥା ପ୍ରଭୁ ଚରଣ ଜେନା ସ୍ମୃତି ସଂସଦ କାର୍ଯ୍ୟକାରୀ ସଭାପତି ମଧୁସୂଦନ ସାହୁ, ବରିଷ୍ଠ ଆଇନଜୀବୀ ତଥା ସଂସଦ ଉପଦେଷ୍ଟା ଦୋଳଗୋବିନ୍ଦ ଦାସ ପ୍ରମୁଖ ଯୋଗଦେଇ ଶ୍ରୀଜେନାଙ୍କୁ ହରାଇ ସମଗ୍ର ଓଡ଼ିଶା ଚିତ୍ରକଳା ଜଗତରେ ଏକ ଶୂନ୍ୟ ସ୍ଥାନ ରହିଗଲା ବୋଲି କହିଥିଲେ। ଏହି ଅବସରରେ ସଂସଦ ଦ୍ୱାରା ଚିତ୍ରଶିଳ୍ପୀ ପ୍ରଭୁଚରଣ ଜେନା ସ୍ମୃତି ସମ୍ମାନରେ ଓଡ଼ିଶାର ଦୁଇ ଜଣ ବିଶିଷ୍ଟ ଚିତ୍ରଶିଳ୍ପୀ ପ୍ରବାଳ ମଲ୍ଲିକ ଓ ସସ୍ମିତା କଓମିଲାଙ୍କୁ ଉପଢୌକନ, ମାନପତ୍ର ଓ ସ୍ମୃତି ଫଳକ।

# ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ କୃଷକ ସଚେତନତା

ଜଗତସିଂହପୁର, ୬।୩(ସମିସ):



ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓ.ୟୁ.ଏ.ଟି) ଅଧୀନରେ ଥିବା ଗ୍ରାମୀଣ କୃଷି ମୌସମ ସେବା ଓ କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁରର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଜଳବାୟୁ ପରିବର୍ତ୍ତନ ଓ କୃଷି ଉପରେ ଏହାର ପ୍ରଭାବ ତଥା ପାଣିପାଗ ଭିତ୍ତିକ କୃଷି ପରାମର୍ଶ ଦ୍ୱାରା ଏହାର ସଫଳ ମୁକାବିଲା ସମ୍ବନ୍ଧୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡଃ ଜୀବନଜୀତ୍ ସେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓୟୁଏଟି କୃଷି ପାଣିପାଗ ପ୍ରକଳ୍ପର ମୁଖ୍ୟ ଡଃ ତୁଷାର ରଞ୍ଜନ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇ କୃଷି କ୍ଷେତ୍ରରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ତଥା ଏହାର ସଫଳ ମୁକାବିଲା ପାଇଁ ଓ.ୟୁ.ଏ.ଟି ଦ୍ୱାରା ଜାରି କରାଯାଉଥିବା ସାପ୍ତାହିକ ପାଣିପାଗ ଭିତ୍ତିକ କୃଷି ପରାମର୍ଶକୁ ଗ୍ରହଣ କରି ଚାଷକାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଭାରତୀୟ ପାଣିପାଗ ବିଭାଗର ବୈଜ୍ଞାନିକ ଡଃ ସଞ୍ଜିବ ଦ୍ୱିବେଦୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରାଜ୍ୟରେ ଘଟୁଥିବା ବିଭିନ୍ନ ବାତ୍ୟା, ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟର ଆଗୁଆ ସୂଚନା କିପରି ଉପଲବ୍ଧ କରାଯାଇପାରୁଛି ଏବଂ ତଦନୁସାରେ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଓ.ୟୁ.ଏ.ଟି ଗ୍ରାମୀଣ କୃଷି ମୌସମ ସେବାର ବୈଜ୍ଞାନିକ ଚିନ୍ମୟ କୁମାର ସାହୁ, ଓ.ୟୁ.ଏ.ଟି ଦ୍ୱାରା ଜାରି କରାଯାଉଥିବା କୃଷି ପାଣିପାଗ ସେବା ଉପରେ ଆଲୋକପାତ କରିଥିଲେ। ଆଇ.ଏମ୍.ଡି ର ଗବେଷଣା ସହାୟିକା କୁମାରୀ ପୁଜ୍ୟସ୍ମିତା ନାୟକ ଏବଂ ଓ.ୟୁ.ଏ.ଟିର କୃଷି ପାଣିପାଗ ନିରୀକ୍ଷକ ଗୌରୀଶଙ୍କର ପାଣିଗ୍ରାହୀ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।ଜାତୀୟ ମତ୍ସ୍ୟ ସଂଗଠନ ବୈଷୟିକ ପରାମର୍ଶଦାତା ଡ. ରଶ୍ମିରଞ୍ଜନ ଦାସ ଯୋଗଦେଇ ମତ୍ସ୍ୟ ଚାଷ ସମ୍ବନ୍ଧରେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ପ୍ରଦାନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଦେବାଶିଷ ପଣ୍ଡା ଜଳବାୟୁ ପରିବର୍ତ୍ତନରେ ଫସଲର ରୋଗ ପୋକ ନିୟନ୍ତ୍ରଣ ବିଷୟରେ ଆଲୋଚନା କରିଥିଲେ। କୃଷି ଯନ୍ତ୍ରପାତି ବୈଜ୍ଞାନିକ ଦ୍ୱାରିକା ମୋହନ ଦାସ ଓ ମତ୍ସ୍ୟ ବିଜ୍ଞାନ ସହାୟିକା ସରିତା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ଗୌରୀଶଙ୍କର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## 'ନୂଆ-ଓ' ଛାତ୍ରବୃତ୍ତି ବଣ୍ଟନ



ପାରାଦୀପ, ୬।୩(ସମିସ): ପାରାଦୀପ ମହାବିଦ୍ୟାଳୟ ପକ୍ଷରୁ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ 'ନୂଆ-ଓ' ଛାତ୍ରବୃତ୍ତି ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ପାରିଷଦ ପ୍ରଭାତୀ ନାୟକ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ 'ନୂଆ-ଓ' ଛାତ୍ର ବୃତ୍ତି ପ୍ରମାଣ ପତ୍ର ବଣ୍ଟନ କରିଥିଲେ। ପାରାଦୀପ ମହାବିଦ୍ୟାଳୟ ଅଧ୍ୟକ୍ଷା ଡଃ ଶଶ୍ମିତା ଶତପଥୀ ବୈଠକରେ ପୌରହିତ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନୂଆ-ଓ କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ଗଣେଶ୍ୱର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଅଧ୍ୟାପିକା ଡଃ ସୁଜାତା ମିଶ୍ର ସାର୍ଟିଫିକେଟ ବିତରଣକୁ ପରିଚାଳନା କରିଥିଲେ। ୮୩୪ ଜଣ ଛାତ୍ରଛାତ୍ରୀ 'ନୂଆ-ଓ' ଛାତ୍ରବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ କେପ୍ଟେନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ

# ୧୯୧୯ ଛାତ୍ରଛାତ୍ରୀଙ୍କୁ 'ନୂଆ- ଓ' ଛାତ୍ରବୃତ୍ତି ପ୍ରଦାନ

ଢେଙ୍କାନାଳ, ୬।୩ (ସମିସ) : ସ୍ଥାନୀୟ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ 'ନୂଆ -ଓ' ଛାତ୍ରବୃତ୍ତି କାର୍ଯ୍ୟକ୍ରମରେ ୧୯ଛାତ୍ରଛାତ୍ରୀଙ୍କୁ ନୂଆ- ଓ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ଏହି ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଛାତ୍ରବୃତ୍ତି ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ପୂର୍ଣ୍ଣଚନ୍ଦ୍ର ବରାଳଙ୍କ ଅଧ୍ୟକ୍ଷତାରେ ଅୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ପ୍ରଶାସନିକ ଅଧିକାରୀ ତଥା ନୂଆ ଓ ଓଡ଼ିଶାର ଜିଲ୍ଲା ନୋଡାଲ ଅଫିସର ଡଃ ଦେବାଶିଷ ମହାନ୍ତି, ସଂଯୋଜକ କବି ଶକ୍ତି ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ମଞ୍ଜୁଲତା ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଏହି ଅବସରରେ ମହାବିଦ୍ୟାଳୟର +୩ରୁ ପିଜି ପର୍ଯ୍ୟନ୍ତ ମୋଟ ୨୦୬୬ ଜଣ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୧୯୧୯ ଛାତ୍ରଛାତ୍ରୀଙ୍କୁ ନୂଆ ଓ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ପ୍ରୀୟା ରତନକୁ ୧୦ହଜାର ଟଙ୍କା ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



# ଡ୍ରାଇଭର ସଙ୍ଘ ସଭାପତିଙ୍କୁ ମାଡ଼ମାରି ଯୁବକ ଗିରଫ

ଭୁବନ, ୬।୩ (ସମିସ) : ଢେଙ୍କାନାଳ ଜିଲ୍ଲାର ଭୁବନ ଥାନା ଅନ୍ତର୍ଗତ ଓଡ଼ିଶ ଗ୍ରାମରେ ଗତକାଲି ସନ୍ଧ୍ୟା ସମୟରେ କେତେକ ଦୁର୍ବୃତ୍ତଙ୍କ ମାଡ଼ରେ ଡ୍ରାଇଭର ସଂଘ ସଭାପତି ଗୁରୁତର ହୋଇ ଡାକ୍ତରଖାନରେ ଭର୍ତ୍ତି ହୋଇଥିବା ବେଳେ ଯୁବକଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବାର ଜଣାପଡ଼ିଛି। ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଖଣି ଅଞ୍ଚଳରୁ ନିଜର ବ୍ୟବସାୟିକ କାମ ସାରି ଡ୍ରାଇଭର ସଂଘ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ଘରକୁ ଫେରୁଥିଲେ। ଏହି ସମୟରେ ଓଡ଼ିଶ ଗ୍ରାମ ମଝିରେ ମଟର ସାଇକଲକୁ ଅଟକାଇ ଥିଲେ ନବ ସେନାପତିଙ୍କ ପୁଅ ଯଦୁଆ ସେନାପତି। ତାଙ୍କୁ ଅଟକାଇବା ସହିତ ଏକ ଭୁଜାଲି ଦ୍ୱାରା ମାଡ଼ମାରି ୪ହଜାର ୭ଶହ ଟଙ୍କା ଛଡାଇ ନେଇଥିଲେ। ଖବର ପାଇ ଭୁବନ ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଅଭିଯୁକ୍ତ ଯଦୁଆ ସେନାପତିଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ଗିରଫ କରି ଆଜି କୋର୍ଟଚାଲାଣ କରିଛି।

କପିଳାସରେ ମହାଶିବରାତ୍ରି

# ସଜେଇ ହେଲାଣି ପ୍ରସିଦ୍ଧ ଶୈବପୀଠ

ଗଁଦିଆ, ୬।୩ (ସମିସ) : ରାଜ୍ୟର ପ୍ରସିଦ୍ଧ ଶୈବପୀଠ କପିଳାସରେ ଶୁକ୍ରବାର ମହାଶିବରାତ୍ରି ଜାଗର ଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଜାଗର ପାଇଁ ପ୍ରଶାସନ ଏବଂ ଦେବୋତ୍ତର ବିଭାଗ ତରଫରୁ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଛି। ଚଳିତ ମାସ ୮ ତାରିଖରେ ଦେବ ଦେବ ମହାଦେବଙ୍କ ମହା ଶିବରାତ୍ରି ଓ ଜାଗର ପର୍ବ ଅନୁଷ୍ଠିତ ହେବ। ସେଥିପାଇଁ ସମସ୍ତ ଶୈବପୀଠ ଗୁଡିକ ଚଳଚଞ୍ଚଳ ହୋଇଉଠିଛି। ବିଶ୍ୱ ପ୍ରସିଦ୍ଧ ଶୈବପୀଠ ମାନଙ୍କ ମଧ୍ୟରେ ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକ ଅନ୍ତର୍ଗତ ଦେଓଗାଁ ଗ୍ରାମ ପଞ୍ଚାୟତ ସ୍ଥିତ ପ୍ରସିଦ୍ଧ କପିଳାଶ ପୀଠ ଅନ୍ୟତମ। ଏଠାରେ ମହାପ୍ରଭୁ ଶ୍ରୀ ଶ୍ରୀ ବାବା ଚନ୍ଦ୍ରଶେଖର ବିଦ୍ୟମାନ ଆଗାମୀ ୮ ତାରିଖକୁ ନଜରରେ ରଖି ଜିଲ୍ଲା ପ୍ରଶାସନ ଓ ଦେବୋତ୍ତର ବିଭାଗ ତଥା ଭାରତୀୟ ପ୍ରତ୍ନତାତ୍ତ୍ୱବିଭାଗ ପକ୍ଷରୁ ବିଭିର୍ଣ୍ଣ କାର୍ଯ୍ୟକ୍ରମ ଜୋରସୋରରେ ଆଗେଇ ଚାଲିଛି। ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗ ପକ୍ଷରୁ ମୁଖ୍ୟ ମନ୍ଦିର ଓ ସିଂହଦ୍ୱାରରେ ରଙ୍ଗ କାର୍ଯ୍ୟହୋଇଥିବା ବେଳେ ବେଢ଼ା ଭିତର ପଥର ସୋଲିଂ କାର୍ଯ୍ୟ ସମ୍ପୂର୍ଣ ହୋଇଛି।ସେହିପରି ସେଠାରେ ଥିବା ନାରାୟଣ ମନ୍ଦିର, ବିଶ୍ୱନାଥ ମନ୍ଦିର ରୋଷଘର କପିଳାସ ପାହାଚ ରାସ୍ତା ଓ ଅନ୍ୟାନ୍ୟ ଦେବା ଦେବୀ ଙ୍କର ମନ୍ଦିର ରଙ୍ଗ ଓ ସଫା ସୁତୁରା କାର୍ଯ୍ୟ ଦେବୋତ୍ତର ବିଭାଗ ପକ୍ଷରୁ ଅନ୍ତିମ ପ୍ରର୍ଯ୍ୟାୟରେ ପହଞ୍ଚି ଅଛି।ସେହିପରି ଉକ୍ତ ବିଭାଗ ପକ୍ଷରୁ ମନ୍ଦିର ପ୍ରବେଶ ପଥ ଠାରୁ ଆରମ୍ଭ କରି ଚତୁଃପାର୍ଶ୍ୱର ପରିମଳ ବ୍ୟବସ୍ଥା କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। କପିଳାସ ଛକ ଠାରେ ଥିବା ତୋରଣ ଓ ମୃଗ ବିହାର ପାଖରେ ଥିବା ତୋରଣ, ବୃଷଭ, ଦୁଇଟିର ରଙ୍ଗ ଓ ସଫା ସୁତର କାର୍ଯ୍ୟ ହୋଇଛି। ମହା ଶିବରାତ୍ରିକୁ ଆଖିଆଗରେ ରଖି ଦେବୋତ୍ତର ବିଭାଗ ପକ୍ଷରୁ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ଚାଲିଛି। ଚଳିତବର୍ଷ ଜାଗର ଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବାପାଇଁ ସଶସ୍ତ୍ର ପୁଲିସ ଫୋର୍ସ ମୃତୟନ ହେବେ। ଏହି କାର୍ଯ୍ୟକ୍ରମ କିପରି ଶାନ୍ତି ଶୃଙ୍ଖଳା ଓ ସଫଳତାର ସହିତ ହେବ ସେଥିପାଇଁ ଦୁଇଥର ପ୍ରସ୍ତୁତି ବୈଠକ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଛି ଜିଲ୍ଲାପାଳ ଓ ବରିଷ୍ଠ ଅଧିକାରୀମାନେ ଉକ୍ତ ପୀଠକୁ ଆସି କାର୍ଯ୍ୟ ଅଗ୍ରଗତି ଉପରେ ଅନୁଧ୍ୟାନ କରୁଛନ୍ତି।



# ଭାରତ ସରକାରଙ୍କ ଭାରତ ବ୍ରାଣ୍ଡ ଅଟା ଓ ଡାଲି ବିକ୍ରି

**ଭୁବନ, ୬।୩ (ସମିସ) :** ଢେଙ୍କାନାଳ ଜିଲ୍ଲାର ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଅରବିନ୍ଦ ମାର୍ଗ ଠାରେ ଅବସ୍ଥିତ ଭୁବନ କୃଷକ ଉତ୍ପାଦକ କମ୍ପାନୀ ଲିଃ ପକ୍ଷରୁ ଭାରତ ଅଟା ବିକ୍ରିର ଶୁଭାରମ୍ଭ କରାଯାଇଛି। ସଂଘ ସଭାପତି ଭ୍ରମରବର ଗୁରୁ, ମା' ସିଦ୍ଧ ରାମଚଣ୍ଡି ପାଣି ପଞ୍ଚାୟତ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ନିର୍ବାହୀ ଅଧିକାରୀ ରାଜ କିଶୋର ବେହେରା, ବିଶ୍ୱଜିତ୍ ସାଥୁଆ ମହାପାତ୍ର, ଦିଲ୍ଲୀପ କୁମାର ଗୁରୁ ପ୍ରମୁଖ ଉପସ୍ଥିତି ଥିଲେ। ୧୦କେଜିର ଭାରତ ଅଟା ସୁଲଭ ମୂଲ୍ୟରେ ମିଳିପାରୁଥିବା ସାଧାରଣ ରେ କିଣିବା ପାଇଁ ଗହଳି ଲାଗିଥିବା ଦେଖାଯାଇଛି। ଅଟା ସହ ଭାରତ ଚଣା ଡାଲି ଓରଫ ବୁଟ ଡାଲି ମଧ୍ୟ ୫ କେଜି ପ୍ରତି ପରିବାରକୁ ପ୍ରଦାନ କରାଯାଉଛି। ବିଗତ ଦିନରେ ଏହି ସଂଘ ବୁଟଡାଲି ବିକ୍ରିକରି ସଫଳତା ହାସଲ କରିଥିବା ବେଳେ ଏବେ ଭାରତ ଅଟା ବିକ୍ରି ଶୁଭାରମ୍ଭ କରି ସାଧାରଣ ଜନତାଙ୍କ ଆବଶ୍ୟକତା ପୂରଣରେ ସହାୟକ ହୋଇପାରିବ ବୋଲି କୁହନ୍ତି ସଭାପତି ଭ୍ରମର ଗୁରୁ। ଭୁବନ କୃଷକ ଉତ୍ପାଦକ କମ୍ପାନୀ ଲିଃ କୁ ଏସଏଫଏସି ସହଯୋଗ କରୁଥିବା ବେଳେ ବାସିକ୍ସି କୃଷି ସମୃଦ୍ଧି ଲିମିଟେଡ ବୈଷୟିକ ସହଯୋଗ କରୁଥିବା ଜଣାଯାଇଛି।

# ଇନ୍ଦିପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ପ୍ରଶାସନଙ୍କୁ ଭେଟିଲେ



ଢେଙ୍କାନାଳ, ୬।୩ (ସମିସ) : ଓଡାପଡ଼ା ବ୍ଲକ ଅନ୍ତର୍ଗତ ଇନ୍ଦିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟିର ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକଙ୍କୁ ଭେଟି ବିଦ୍ୟାଳୟର ସମସ୍ୟା ପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ପରିଚାଳନା କମିଟି ସୂତ୍ରରୁ ଜଣାପଡ଼ିଛି ଯେ, ବିଦ୍ୟାଳୟରେ ୫୬୪ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୫୬୪ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୨୨ଜଣ ଛାତ୍ରଛାତୀଙ୍କୁ ଡ୍ରେସ ନିମନ୍ତେ ଅନୁଦାନ ଆସିଛି। ଅନ୍ୟ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଡ୍ରେସ ଆସିନଥିବାରୁ ଛାତ୍ରଛାତ୍ରୀମାନେ ଦୁଃଖ ପ୍ରକାଶ କରିଛନ୍ତି। ଏଥି ନିମନ୍ତେ ପରିଚାଳନା କମିଟି ସଭାପତି ଜ୍ୟୋତି ଶଙ୍କର ନାୟକ, ଉପସଭାପତି ବେବିନା ସାହୁ, ସଦସ୍ୟ ପ୍ରଶାନ୍ତ କୁମାର ବେହେରା, ସୁଧୀର ରଞ୍ଜନ ସାହୁ ମିଳିତ ହୋଇ ଜିଲ୍ଲାପାଳଙ୍କୁ ଭେଟି ଡ୍ରେସ ଯୋଗାଇ ଦେବା ପାଇଁ ନିବେଦନ କରିଛନ୍ତି।

# ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ

**ଭୁବନ, ୬।୩ (ସମିସ) :** ଢେଙ୍କାନାଳ ଜିଲ୍ଲାର ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ କାଳୀବଜାର ଠାରେ ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘ୍ନ ଜେନା ଅତିଥି ଭାବେ ଯୋଗଦେଇଥିଲେ। ନଗର ମଣ୍ଡଳ ମହିଳା ସଭାନେତ୍ରୀ ପୂର୍ବତନ କାଉସିଲର ସରୋଜିନୀ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାରୀନେତ୍ରୀ ଜଲି ଦାସ କାଉନସିଲର ମଞ୍ଜୁଲତା ସେଠୀ, ସସ୍ମିତା ନାୟକ, ରଞ୍ଜିତା ସାହୁଙ୍କ ସହ ନାରୀନେତ୍ରୀ ସବିତା ପୃଷ୍ଟି, ଦମୟନ୍ତୀ ଜେନା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ଯୋଗ ଦେଇଥିଲେ। କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ସଂଯୋଜକ ଜଗବନ୍ଧୁ ପୃଷ୍ଟି, ଡମ୍ବରୁଧର ପାତ୍ର ବାରୁଆଁ ମଣ୍ଡଳ ସଭାପତି ସଞ୍ଜୟ ଦାସ ଭୁବନ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ସମେତ ବହୁ ରାଜନେତା ଯୋଗ ଦେଇଥିଲେ।

# ଶିବରାତ୍ରି ଜାଗର ଉତ୍ସବ ପାଇଁ ପ୍ରସ୍ତୁତି

**କଣିହାଁ, ୬।୩(ସମିସ):** କଣିହାଁ ବ୍ଲକ ଅଞ୍ଚଳର ସମସ୍ତ ଶୈବପୀଠରେ ମହାଶିବରାତ୍ରି ଜାଗର ଉତ୍ସବ ପାଳନ ପାଇଁ ବିଭିନ୍ନ କମିଟି ଓ ଗ୍ରାମବାସୀଙ୍କ ତରଫରୁ ଜୋରଦାର ପ୍ରସ୍ତୁତି ଚାଲିଛି। ବଡ଼ହିରା ଗ୍ରାମ ସ୍ଥିତ ସିଦ୍ଧେଶ୍ୱର ମହାଦେବଙ୍କ ଜାଗର ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ହୋଇଥିବା ବେଳେ ଗ୍ରାମ ସଭାପତି ସୁଧୀଶ କୁମାର ସାହୁ, ବରିଷ୍ଠ ନାଗରିକ ପିତାମ୍ବର ସାହୁ, କାଳନ୍ଦୀ ସାହୁ, ରମେଶ ସାହୁ, ମନ୍ଦିର ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ଡଃ ମହେଶ୍ୱର ପ୍ରଧାନ, ଡିଲେଶ୍ୱର ସାହୁ, ସରୋଜ ସାହୁ, କ୍ଷେତ୍ରବାସୀ ସାହୁ, ଚଗଲା ସାହୁ, ଦୁଷ୍ମନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ସ୍ଥାନୀୟ ମସୁଣୀହତା, ଭୂଇଁପୁର, ଯୋରାଡଙ୍ଗା, ବାଲିପଟା ଗ୍ରାମବାସୀଙ୍କ ସହଯୋଗରେ ଉତ୍ସବ ପୂର୍ବ ବର୍ଷ ଭଳି ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଶ୍ରଦ୍ଧାଳୁଙ୍କ ଶାନ୍ତି ଶୃଙ୍ଖଳାରେ ଦେବ ଦର୍ଶନ ସହିତ ବ୍ରତଧାରୀ ଜାଗର ଜାଳି ଆରାଧନା କରିବା ସୁବ୍ୟବସ୍ଥା ପାଇଁ ଗୁରୁତ୍ୱ ଦିଆଯାଇଥିଲା। ଶୁକ୍ରବାର ଦିନ ୧୦ଟାରେ ଯଜ୍ଞ କାର୍ଯ୍ୟକ୍ରମ ସହିତ ସନ୍ଧ୍ୟାରୁ ମହାଦୀପ ଉଠିବା ସହିତ ନାମ ସଂକୀର୍ତ୍ତନ ପ୍ରାତଃ ୧୦ ଟା ୩୦ରେ ମହାଦୀପ ଦର୍ଶନ ଓ ରାତ୍ର ୧୧ଘଟିକାରେ ପ୍ରସାଦ ସେବନ ବ୍ୟବସ୍ଥା ହେବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିବା କମିଟି ତରଫରୁ ସୂଚନା ମିଳିଛି। ସେହିପରି ବ୍ଲକ ଅଞ୍ଚଳର କାକୁଡ଼ିଆ, ମାଳପଶି, ତାଳପଦା, ବୁରୁବାହାଳ, ଦେନାଳୀ, ଡେରଙ୍ଗ, କଣିହାଁ, ଟାକୁଆ, ଭୀମକାଣ୍ଡ ସହିତ ଅନ୍ୟାନ୍ୟ ଶିବ ମନ୍ଦିର ରେ ବିଭିନ୍ନ ସମୟରେ ନିତୀକାନ୍ତିକୁ ନେଇ ମହାଦୀପ ଉଠିବାର ବିଦ୍ଧି ସମ୍ପନ୍ନ ହେବ ବୋଲି ଜଣାପଡିଛି।

# ବିପଦପୂର୍ଣ୍ଣ ଅବସ୍ଥାରେ ବିଦ୍ୟୁତ୍ ପୋଲ

**ତାଳଚେରସଦର, ୬। ୩(ସମିସ):** ତାଳଚେର ପୌରପରିଷଦରେ ୨୧ ଗୋଟି ୱାର୍ଡ ରହିଥିବା ବେଳେ ବର୍ତ୍ତମାନ ଏଥି ମଧ୍ୟମରୁ କେତେକ ୱାର୍ଡରେ ବିପଦପୂର୍ଣ୍ଣ ଅବସ୍ଥାରେ ଏକାଧିକ ବିଦ୍ୟୁତ୍ ପୋଲ ରହିଥିବା ନଜିର ରହିଛି। ଏହି ପୋଲ ଗୁଡ଼ିକ କାହିଁ କେତେ କାଳରୁ ପୋତା ହୋଇ ଗ୍ରାହକମାନଙ୍କୁ ବିଦ୍ୟୁତ୍ ସେବା ଯୋଗାଇ ଆସୁଛି। ବିଦ୍ୟୁତ୍ ବିଲ୍ କ୍ରମାଗତଭାବେ ବୃଦ୍ଧି ପାଇ ଆସୁଥିବା ବେଳେ କେଉଁ ଅମଳରୁ ଲାଗିଥିବା ପୋଲ ଗୁଡ଼ିକ ପରିବର୍ତନ କରାଯାଉନାହିଁ। ବର୍ତମାନ ଏହି ପୋଲ ଗୁଡ଼ିକ କଳଙ୍କି ଲାଗି ଦୁର୍ବଳ ଅବସ୍ଥାରେ ଝୁଲି ରହିଥିବା ଦେଖିବାକୁ ମିଳିଛି। ଏହି ବିପଦପୂର୍ଣ୍ଣ ପୋଲରେ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ଚଢ଼ି ନିଜ ଜୀବନକୁ ବାଜି ଲଗାଇ ଗ୍ରାହକମାନଙ୍କୁ ସେବା ଯୋଗାଇ ଦେଇଥାନ୍ତି। ମାତ୍ର ସେହି ସମୟରେ ଯଦି କୌଣସି ଅଘଟଣ ଘଟେ, ତେବେ ଏଥିନେଇ କେତେ ଧନ ଜୀବନ ନଷ୍ଟ ହେବ କିଏବା କହିବ ! ବାରମ୍ବାର ଏହି ବିପଦପୂର୍ଣ୍ଣ ପୋଲକୁ ନେଇ ଅଞ୍ଚଳବାସୀ ଅଭିଯୋଗ କରି ଆସୁଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗର ବାବୁଭାୟାମାନେ ଏଥିପ୍ରତି ସାମାନ୍ୟତମ ଦୃଷ୍ଟି ଦେଉ ନଥିବା ଦୁର୍ଭାଗ୍ୟଜନକ ବିଷୟ ହୋଇଛି।



# ଧନ୍ୟବାଦ ସଭାରେ ବିଜେଡି ସାଂଗଠନିକ ସମ୍ପାଦକ

**ଛେଣ୍ଡିପଦା, ୬।୩(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ବରସାହି ପଞ୍ଚାୟତ ଖେଳ ପଡ଼ିଆରେ ଆମ ଓଡ଼ିଶା, ନବୀନ ଓଡ଼ିଶାର ଧନ୍ୟବାଦ କାର୍ଯ୍ୟକ୍ରମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଧନ୍ୟବାଦ କାର୍ଯ୍ୟକ୍ରମରେ ଜରୁରୀ କାର୍ଯ୍ୟ ଥିବାରୁ ୫-ଟି ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଅନୁପସ୍ଥିତ ରହିଥିବା ବେଳେ ନିର୍ଦ୍ଧାରିତ ସମୟ ପୂର୍ବରୁ ବିଜେଡିର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଆସି ବରସାହି ଖେଳ ପଡିଆରେ ପହଞ୍ଚିଥିଲେ। ଏହାପରେ ସେଠାରେ ଉପସ୍ଥିତ ଥିବା ବିଜୁ ଜନତା ଦଳର କର୍ମୀମାନେ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ସାଧାରଣ ସଭା ସ୍ଥଳକୁ ପାଛୋଟି ଆଣିଥିଲେ। ଏହା ପରେ ଶ୍ରୀ ଦାଶ ଜନସାଧାରଣଙ୍କୁ ସମ୍ବୋଧିତ କରିବା ସହିତ ରାଜ୍ୟ ସରକାରଙ୍କର ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ସୁଶାନ୍ତ କୁମାର ବେହେରାଙ୍କ ଉପସ୍ଥିତିରେ ଆଲୋକପାତ କରିଥିଲେ। ଏହା ପରେ ଭିଡିଓ ଆଭାସୀ ମାଧ୍ୟମରେ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ସମବେତ କର୍ମୀଙ୍କୁ ସମ୍ବର୍ଦ୍ଧିତ କରି ମୁଖ୍ୟମନ୍ତ୍ରୀ ଛେଣ୍ଡିପଦା ବ୍ଲକର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପାଇଁ ୫୦ କୋଟି ଅନୁଦାନ ଦେଇଛନ୍ତି। ଅଞ୍ଚଳରେ ବାକିଥିବା ସମସ୍ୟା ଓ ପ୍ରକଳ୍ପ ପାଇଁ ଉପସ୍ଥିତ ଅଧିକାରୀଙ୍କୁ ଦରଖାସ୍ତ ଦେବାକୁ ନିବେଦନ କରିଥିଲେ। ଉକ୍ତ ଦରଖାସ୍ତ ଗୁଡିକର ତ୍ୱରିତ ପଦକ୍ଷେପ ନିଆଯିବା ସହିତ ଆପଣଙ୍କ ମୋବାଇଲକୁ ମେସେଜ ମାଧ୍ୟମରେ ଜଣାଇ ଦିଆଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ ଗତ ଜୁଲାଇ ୧୦ ରେ ୫-ଟି ଅଧ୍ୟକ୍ଷ ଶ୍ରୀ ପଣ୍ଡିଆନ ଛେଣ୍ଡିପଦା ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟପାଇଁ ସାଧାରଣ ଲୋକଙ୍କଠାରୁ ଦରଖାସ୍ତ ଗ୍ରହଣ କରିଥିଲେ। ବିଭିନ୍ନ କାରଣରୁ ଅନେକ ସମସ୍ୟା ପାଇଁ ବିଭିନ୍ନ ଲୋକ ଦରଖାସ୍ତ ଦେଇପାରିନଥିଲେ। ଏ ନେଇ ସ୍ଥାନୀୟ ଜନସାଧାରଣ ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ନେଇ ଶ୍ରୀ ବେହେରା ପୁଣି ଥରେ ଦରଖାସ୍ତ ଗ୍ରହଣ ଓ ଅନୁଦାନ ମଞ୍ଜୁର ପାଇଁ ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷ ଓ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଭେଟି ଦାବି କରିଥିଲେ। ଦାବି ଅନୁଯାୟୀ ବୁଧବାର ଅଭିଯୋଗ ଗ୍ରହଣ କାର୍ଯ୍ୟକ୍ରମ କରିବାକୁ ଶ୍ରୀ.ପାଣ୍ଡିଆନ ପ୍ରତିଶ୍ରୁତି ଦେଇଥିଲେ। ଜରୁରୀ କାର୍ଯ୍ୟଥିବାରୁ ଶେଷ ମୁହୂର୍ତ୍ତରେ ପାଣ୍ଡିଆନଙ୍କ ଗସ୍ତ ବାତିଲ ହୋଇଥିବା ବେଳେ ପ୍ରଣବ ପ୍ରକାଶ ଦାସ ପହଞ୍ଚି ଦାୟିତ୍ୱ ତୁଲେଇଥିଲେ। ଏହି କାର୍ଯ୍ୟକ୍ରମରେ ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରାଙ୍କୁ ନିର୍ବାଚନ ମଣ୍ଡଳୀ ଲୋକଙ୍କ ଠାରୁ ଦରଖାସ୍ତ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ପର୍ଯ୍ୟବେକ୍ଷକ କୁନବିହାରୀ ଦାସ, ସହ ପର୍ଯ୍ୟବେକ୍ଷକ ନେପୁ ଦାଶ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ସାହୁ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ଗଡ଼ନାୟକ, ଜିଲ୍ଲା ପରିଷଦ ସଭ୍ୟା ଭାନୁପ୍ରିୟା ପ୍ରଧାନ, ଜୋନ ପର୍ଯ୍ୟବେକ୍ଷକ ଅମ୍ବିକା ବେହେରା, ସନ୍ତୋଷ ଦେହୁରୀ, ଦିଲୀପ କୁମାର ସାହୁ, ସରପଞ୍ଚ ଅମରେଶ ନାଥ, ପୂର୍ବତନ ସରପଞ୍ଚ ବିଜୟ କୁମାର ଗଡ଼ନାୟକ, ସୌଭାଗ୍ୟ ପ୍ରାଧନ, ଲୋସନ କୁମାର ସାହୁ, ମାନସ ରଞ୍ଜନ ସାହୁଙ୍କ ସମେତ ବହୁ ନିର୍ବାଚିତ ଜନ ପ୍ରତିନିଧି, ଦଳୀୟ କର୍ମୀ ଓ ଖମାର ସ୍ପୋର୍ଟ୍ସ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



# ଆନ୍ତର୍ଜାତିକ ମହିଳା ସପ୍ତାହ ପାଳିତ

ଢେଙ୍କାନାଳ, ୬।୩ (ସମିସ) : ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲଠାରେ ଆନ୍ତର୍ଜାତିକ ମହିଳା ଦିବସ ଓ ସପ୍ତାହ ପାଳିତ ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅନିତା ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିତା ଶର୍ମା ମହିଳାମାନେ ଆର୍ଥିକ ସ୍ୱାବଲମ୍ବୀ ହେବା ସହିତ ନିଜର ସ୍ୱାର୍ଥପ୍ରତି ସର୍ବାଧିକ ଯତ୍ନବାନ ହେବାକୁ କହିଥିଲେ। ସମାଜ ମଙ୍ଗଳ ଅଧିକାରୀ ରେଣୁବାଳା ନନ୍ଦ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସସ୍ମିତା ସାହୁ, ମିଶନ ଶକ୍ତିର ଡିପିସି ସେଫାଳି ସ୍ୱାଗତିକା ଶ୍ରେଷ୍ଠ ଓଡ଼ିଶା ଗଠନରେ ନାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲ୍ଲାରେ ପୋଷଣ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ସିଡିପିଓ, ସୁପର ଭାଇଜର, ଅଙ୍ଗନୱାଡି କର୍ମୀ, ସାମାଜିକ କର୍ମୀ, ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଅଷ୍ଟପ୍ରହର ନାମଯଜ୍ଞ

**ଢେଙ୍କାନାଳ, ୬।୩ (ସମିସ) :** ସଦର ବ୍ଲକ ଅନ୍ତର୍ଗତ ଡେରାସିଂହ ବାରଦା ଗ୍ରାମରେ ୧୪ତମ ଅଷ୍ଟପ୍ରହର ନାମଯଜ୍ଞ ପାଳିତ ହୋଇଯାଇଅଛି। ଗତ ୫ ତାରିଖରେ କଳସ ଯାତ୍ରା ସହ କୁଞ୍ଜରେ ଠାକୁରଙ୍କୁ ସ୍ଥାପନ ଓ ଅଖଣ୍ଡ ଦୀପ ସ୍ଥାପନ କରାଯାଇ ଅଧିବାସ ପୂଜା ଆରମ୍ଭ ହୋଇଥିଲା। ୬ ତାରିଖରେ ପ୍ରତ୍ୟୁଷରୁ ନାମ ସଂକୀର୍ତ୍ତନ ଆରମ୍ଭ ହୋଇ ଅହୋରାତ୍ର ଆଖପାଖ ଅଞ୍ଚଳରୁ ପ୍ରାୟ ୧୫ ମଣ୍ଡଳୀ ଦ୍ୱାରା ନାମ ସଂକୀର୍ତ୍ତନ ଓ ପ୍ରସାଦସେବନ ହୋଇଥିଲା। ୭ ତାରିଖରେ ନଗର କୀର୍ତ୍ତନ ସହିତ ଦଧିହାଣ୍ଡି ଭଙ୍ଗାଯିବ। ପୂଜକ ରତ୍ନମଣି ଶତପଥୀ ଓ କର୍ତ୍ତା ଜୟକୃଷ୍ଣ ସ୍ୱାଇଁ ସମସ୍ତ ପୂଜା କାର୍ଯ୍ୟକୁ ସୂଚାରୁ ରୂପେ ସମାପନ କରିଥିଲେ। ୱାର୍ଡମେମ୍ବର ମନୋଜ କୁମାର ମହାନ୍ତି, ସଭାପତି ବରୁଣ ପ୍ରଧାନଙ୍କ ସହିତ ବହୁ ଗ୍ରାମବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଇଣ୍ଟେଲିଜେଣ୍ଟ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବଇଣ୍ଡା, ୬। ୩(ସମିସ): ଶିଶୁଟିଏ ପ୍ରଥମେ ନିଜ ପରିବାରଠାରୁ କଥା କହିବା ଶିଖିଥାଏ। ଶିଶୁର ପ୍ରଥମ ଶିକ୍ଷକ ହେଲେ ପିତା ମାତା` ତେଣୁ ନିଜ ପରିବାରରେ ପ୍ରଥମେ ଶିଶୁଙ୍କୁ ଭଲ ଶିକ୍ଷା ଦିଆଯାଉ। ବିଦ୍ୟାଳୟରେ ଶିଶୁଙ୍କୁ ଉତ୍ତମ ବ୍ୟବହାର ସାଙ୍ଗକୁ ଭଲ ଶିକ୍ଷା ଦେଲେ ଶିଶୁ ଭଲ ମଣିଷ ହୋଇପାରିବ ବୋଲି ମଙ୍ଗଳବାର ଦି କିଶୋରନଗର ବ୍ଲକ ବଇଣ୍ଡାର ଇଣ୍ଟେଲିଜେଣ୍ଟ ପ୍ଲେ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷା ସେବିସ୍ମିତା ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବଇଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ସରୋଜ କୁମାର ନନ୍ଦ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ସୁନୀଲ କୁମାର ବିଶ୍ୱାଳ, ମନ୍ଦାକିନୀ ବିଶ୍ୱାଳ, ସିଦ୍ଧାର୍ଥ ଶଙ୍କର ପ୍ରଧାନ ଯୋଗ ଦେଇଥିଲେ। ଲୁସି ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ସୁଷମା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ଗଁଦିଆ ପଞ୍ଚାୟତ ସମିତି ବୈଠକ

# ଗଁଦିଆ ଓ ଯୋରନ୍ଦାକୁ ଏନ୍ଏସି କରିବା ପାଇଁ ପ୍ରସ୍ତାବ ପାରିତ

ଗଁଦିଆ, ୬।୩ (ସମିସ) : ଢେଙ୍କାନାଳ ଜିଲ୍ଲାର ଗଁଦିଆ ପଞ୍ଚାୟତ ସମିତିର ୫ମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଁଦିଆ ଓ ଯୋରନ୍ଦାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ପାଇଁ ପଞ୍ଚାୟତ ସମିତି ବୈଠକରେ ପ୍ରସ୍ତାବ ପାରିତ ହୋଇଯାଇଛି। ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ସଦର ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ସଭ୍ୟସଭ୍ୟାମାନଙ୍କର ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ଅବଗତ ହୋଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଗଁଦିଆ ବ୍ଲକ ଅଧ୍ୟକ୍ଷା, ସାଂସଦଙ୍କ ପ୍ରତିନିଧି ସୁଧାଂଶୁ ଶେଖର ରାଉତ, ବିଡିଓ ପ୍ରଦୀପ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଗଁଦିଆ ବ୍ଲକର ଗଁଦିଆ ବଜାର ଅଞ୍ଚଳ ଓ ଯୋରନ୍ଦା ବଜାର ଅଞ୍ଚଳକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ପାଇଁ ଆଜି ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହିତ ହୋଇଛି। ଗଁଦିଆ ପଞ୍ଚାୟତ ସମିତି ବୈଠକରେ ଗଁଦିଆ ବ୍ଲକର ସମସ୍ତ ୨୯ଟି ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ଯୋଗଦେଇଥିଲେ ମଧ୍ୟ ବିଜେପି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟମାନେ ସରକାରଙ୍କ ଦ୍ୱାରା ଘୋଷିତ ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ତାଲିକାରେ ଗଁଦିଆର ନାମ ପ୍ରକାଶ ପାଇ ନଥିବାରୁ ଆଜିର ବୈଠକରୁ ଉଠି ଚାଲିଯାଇଥିଲେ। ବୈଠକରେ ଗ୍ରୀଷ୍ମ ପ୍ରବାହ ଦୃଷ୍ଟିରୁ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇ ତୁରନ୍ତ ପ୍ରତିକାର ପାଇଁ ସ୍ଥିର ହୋଇଛି। ବିଦ୍ୟୁତ ବିଭାଗ ସମେତ ଅନେକ ବିଭାଗର ଅଧିକାରୀମାନେ ବୈଠକରେ ଅନୁପସ୍ଥିତ ଯୋଗୁଁ ବିଧାୟକ ଓ ସଭ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିବା ସହିତ କାର୍ଯ୍ୟାନୁଷ୍ଠାନ ପାଇଁ ବୈଠକରେ ପ୍ରସ୍ତାବ ପାଳିତ ହୋଇଛି। ସାମାଜିକ ସୁରକ୍ଷା ଅଧିକାରୀ ବକ୍ତବ୍ୟ ରଖିଥିଲେ ଯେ, ଜିଲ୍ଲାରେ ସର୍ବାଧିକ ମଧୁବାବୁ ପେନସନରେ ଗଁଦିଆ ବ୍ଲକ ୨୮୨୯ଜଣଙ୍କୁ ଚୟନ କରାଯାଇଛି। ଯୋରନ୍ଦାକୁ ଏନ୍ଏସି ମାନ୍ୟତା ପାଇଁ ୧ ନଂ ଜିଲ୍ଲା ପରିଷଦ ସଭ୍ୟ ବିଶ୍ୱନାଥ ଚିନ୍ନରା ପ୍ରସ୍ତାବ ଦେଇଥିଲେ। ସମସ୍ତ ୨୯ଟି ପଞ୍ଚାୟତରେ ବିପର୍ଯ୍ୟୟ ପରିଚାଳନା ବୈଠକ କରାଯିବା ପାଇଁ ଶୋରିଷିଆପଦା ସରପଞ୍ଚ ପ୍ରଦୀପ କୁମାର ରାଉତ ପ୍ରସ୍ତାବ ଦେଇଥିଲେ। ଚଟିଘର ଫରେଷ୍ଟ ଚେକ୍ ଗେଟ ଠାରେ ସନ୍ଧ୍ୟା ୬ ଟା ପରେ ଗାଡ଼ିଗୁଡ଼ିକୁ ଅଟକ ରଖାଯାଉଥିବାରୁ ଟ୍ରକ ଡ୍ରାଇଭରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତନଖି ପରେ ଗାଡ଼ିଗୁଡ଼ିକୁ ଗନ୍ତବ୍ୟ ସ୍ଥଳକୁ ଛାଡି ଦେବା ପାଇଁ ସେ ଦାବି କରିଥିଲେ। ସରକାରଙ୍କ ପକ୍ଷରୁ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଚାଲୁ ରହିଥିବାରୁ ଖୁବ୍ ଶୀଘ୍ର ଶିକ୍ଷକ ଅଭାବ ଦୂର ହେବ ବୋଲି ବିଧାୟକ ସଭ୍ୟ ସଭ୍ୟାମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଲାଉଲେଇ ପଞ୍ଚାୟତ ସରପଞ୍ଚଙ୍କ ପ୍ରସ୍ତାବକୁ ସମ୍ମାନ ଜଣାଇ ଲାଉଲେଇ ପଞ୍ଚାୟତର ପାନୀୟ ଜଳର ଉତ୍ସ ଥିବା କୂଅକୁ ତୁରନ୍ତ ଖୋଳିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ବିଧାୟକ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦୂରକରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଯୁଗାନ୍ତକାରୀ ବିଜୁ ସ୍ୱାସ୍ଥ୍ୟ କାର୍ଡ ଦ୍ୱାରା ଗଁଦିଆ ବ୍ଲକରେ ୧୦୧୦ ଜଣ ଉପକୃତ ହୋଇଥିବା ପ୍ରକାଶ କରିବା ସହିତ ଆଜି ଗଁଦିଆ ବ୍ଲକରେ ବିଏସକେୱାଇ ନବୀନ କାର୍ଡର ବଣ୍ଟନ ଶୁଭାରମ୍ଭ ହେଉଥିବା ପ୍ରକାଶ କରିଥିଲେ।



ସକାଳ THE SAKALA



www.sakalaepaper.com

## ମତ୍ସ୍ୟଜୀବୀ ମହାସଂଘ ବୈଠକରେ ନିଷ୍ପତ୍ତି

# ଦାବି ପୂରଣ ନହେଲେ ଭୋଟ ବର୍ଜନ

**■ ୬ ଦଫା ସମ୍ବଳିତ ଦାବିପତ୍ର ସରକାରଙ୍କୁ ପ୍ରଦାନ କରିଥିଲେ**

ପାରାଦ୍ୱୀପ, ୬।୩(ସମିସ): କୌଳିକ ବୃତ୍ତିକୁ ନେଇ ସାମୂହିକ ଭାବରେ ୧୪ ଲକ୍ଷ ମତ୍ସ୍ୟଜୀବୀ ପରିବାର କରିବେ ଭୋଟ ବର୍ଜନ। ଅନେକ ଦିନ ହେବ ବିଭିନ୍ନ ସମସ୍ୟାକୁ ନେଇ ରାଜ୍ୟସରକାରଙ୍କୁ ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିବା ସହିତ ଭୁବନେଶ୍ୱର ଲୋୟର ପିଏମଜି ଠାରେ ୩୦ହଜାର ମତ୍ସ୍ୟଜୀବୀ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପରେ ମଧ୍ୟ ସରକାର ଶୁଣୁନାହାନ୍ତି। ଯାହାକୁ ନେଇ ଓଡ଼ିଶା ଉପକୂଳ ଯାନ୍ତ୍ରିକ ଓ ପାରମ୍ପରିକ ମତ୍ସ୍ୟଜୀବୀ ମହାସଂଘ ତରଫରୁ ଆଗାମୀ ସାଧାରଣ ନିର୍ବାଚନରେ ସାମୂହିକ ଭୋଟ ବର୍ଜନ କରିବାକୁ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି।

ଓଡ଼ିଶା ସମୁଦ୍ର ଉପକୂଳରେ ରହିଥିବା ୧୪ ଲକ୍ଷରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ପରିବାର ସମୁଦ୍ରରୁ ମାଛମାରି ନିଜର ପରିବାର ପ୍ରତିପୋଷଣ କରନ୍ତି। ଏହା ସହିତ ସବୁଠାରୁ ବୃହତ ମତ୍ସ୍ୟଶିଳ୍ପ ପାରାଦୀପରେ ରହିଥିବାବେଳେ ଏହି ମତ୍ସ୍ୟଶିଳ୍ପରେ ଲକ୍ଷ ଲକ୍ଷ ପରିବାର ପ୍ରତ୍ୟକ୍ଷ ଓ



ପରୋକ୍ଷରେ ଜୀବିକା ନିର୍ବାହ କରିଥାନ୍ତି। ଧୀରେ ଧୀରେ ବୃଦ୍ଧି ପାଉଥିବା ଶିଳ୍ପସଂସ୍ଥା କାରଣରୁ ଆଜି ମତ୍ସ୍ୟଶିଳ୍ପ ବିପଦରେ। ବିଭିନ୍ନ ଶିଳ୍ପସଂସ୍ଥାରୁ ନିର୍ଗତ ରାସାୟନିକ ବର୍ଜ୍ୟଜଳକୁ ଅବାଧରେ ସମୁଦ୍ରମଧ୍ୟକୁ ଛଡା ଯାଉଥିବାରୁ ଉପକୂଳରେ ମାଛବଂଶ ଲୋପ ପାଇବାକୁ ବସିଛି। ଏହା ସହିତ ବର୍ଷକରେ ୬ ମାସ ଅଲିଭରିଡ୍‌ଲେ କଇଁଛ ପାଇଁ ଉପକୂଳ ସମୁଦ୍ରରେ ମାଛ ମାରିବାରେ କଟକଣା ଲଗାଯାଉଥିବା ସମୟରେ ବନବିଭାଗର ମନମାନିର ଶିକାର ହେଉଛନ୍ତି ଉଭୟ ବୋଟ ମାଲିକ ଓ ମତ୍ସ୍ୟଜୀବୀ। ଯାହାକୁ ନେଇ ଚିନ୍ତା ପ୍ରକାଶ କରିଛି ଉପକୂଳ ଯାନ୍ତ୍ରିକ ଓ ପାରମ୍ପରିକ ମତ୍ସ୍ୟଜୀବୀ ମହାସଂଘ। ଶିଳ୍ପସଂସ୍ଥା ମାନଙ୍କରୁ ନିର୍ଗତ ରାସାୟନିକ ବର୍ଜ୍ୟଜଳ କୁ ସମୁଦ୍ର ମଧ୍ୟକୁ ନ ଛାଡିବା ଏବଂ କଇଁଛ କଟକଣା ସମୟରେ ଅବଧି ୧୦ କିଲୋମିଟର ରଖିବା ସହିତ ଏହାର ସୀମା ନିର୍ଦ୍ଧାରିତ କରିବାକୁ ମତ୍ସ୍ୟଜୀବୀ ମହାସଂଘ ତରଫରୁ ଦାବି କରାଯାଉଥିଲେ ମଧ୍ୟ ସରକାର ଶୁଣୁନାହାନ୍ତି। ଗୋଟିଏ ପଟେ ଉପକୂଳ ଅଞ୍ଚଳ ରେ ମାଛବଂଶ ଲୋପ ପାଇବା କାରଣରୁ ମତ୍ସ୍ୟଜୀବୀ କ୍ଷତିରେ ପଡୁଥିବା ବେଳେ ଡିଜେଲ ସହିତ ବିଭିନ୍ନ ଅନୁସଙ୍ଗିକ ସାମଗ୍ରୀ ମୂଲ୍ୟବୃଦ୍ଧି ଉଭୟ ମତ୍ସ୍ୟଜୀବୀ ଓ ବୋଟ ମାଲିକଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି। ବିଭିନ୍ନ ଦାବିନେଇ ଗତ ଫେବୃଆରୀ ୨୭ ତାରିଖରେ ଭୁବନେଶ୍ୱର ଲୋୟର ପିଏମଜିଠାରେ ୩୦ ହଜାର ମତ୍ସ୍ୟଜୀବୀ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳିପାରିନାହିଁ। ଯାହାକୁ ନେଇ ପାରାଦ୍ୱୀପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆଗାମୀ ସାଧାରଣ ନିର୍ବାଚନରେ ଉପକୂଳ ଅଞ୍ଚଳରେ ରହିଥିବା ୧୪ ଲକ୍ଷ ମତ୍ସ୍ୟଜୀବୀ ପରିବାର ସାମୂହିକ ଭାବରେ ଭୋଟ ବର୍ଜନ କରିବା ସହିତ ଉପକୂଳ ଅଞ୍ଚଳରେ ରହିଥିବା ମତ୍ସ୍ୟବିଭାଗ କାର୍ଯ୍ୟାଳୟରେ ତାଲା ପକାଇବାକୁ ଚେତାବନୀ ଦେଇଛନ୍ତି।

ସାମ୍ବାଦିକ ସମ୍ମିଳନୀରେ ଅଲ୍ ଓଡ଼ିଶା ଫେଡରେସନ ସଭାପତି କାମେଶ୍ୱର ନାରାୟଣ ପ୍ରହରାଜ, ଉପସଭାପତି ନରେନ୍ଦ୍ର ବିହାରୀ ଦାସ, ସାଧାରଣ ସମ୍ପାଦକ ଶ୍ରୀକାନ୍ତ ପରିଡ଼ା, ଜଏଣ୍ଟ ସେକ୍ରେଟାରୀ ଅରବିନ୍ଦ ସ୍ୱାଇଁ, କୋଷାଧ୍ୟକ୍ଷ ଚନ୍ଦ୍ର ଶେଖର ମହାନ୍ତି, ଓଡ଼ିଶା ପାରମ୍ପରିକ ମତ୍ସ୍ୟଜୀବୀ ସଂଘର ସଭାପତି ପ୍ରସନ୍ନ ବେହେରା, ବାଲେଶ୍ୱର ସଂଘର ଲକ୍ଷ୍ମୀଧର ସ୍ୱାଇଁ, ଧାମରା ସଂଘର ଅଭିମନ୍ୟୁ ରାଉତଙ୍କ ସମେତ ଓଡ଼ିଶା ବିଭିନ୍ନ ବେସ୍‌ର କର୍ମକର୍ତ୍ତା ଓ ପ୍ରତିନିଧି ଉପସ୍ଥିତ ଥିଲେ।

---

**● ସଫଳ ହେଲା ସାମାଜିକ କର୍ମୀଙ୍କ ପ୍ରୟାସ**

## ବୃଦ୍ଧ ଦମ୍ପତିଙ୍କୁ ମିଳିଲା ବାର୍ଦ୍ଧକ୍ୟ ଭତ୍ତା



କେନ୍ଦ୍ରାପଡ଼ା, ୬।୩(ସମିସ): ସାମାଜିକ କର୍ମୀଙ୍କ ପ୍ରୟାସ ଯୋଗୁ ଆଜି ବୃଦ୍ଧ ଦମ୍ପତ୍ତି ଭତ୍ତା ପାଇଛନ୍ତି। ସେମାନଙ୍କର ବହୁ ପତୀକ୍ଷାର ଅନ୍ତ ଘଟିଛି। ମହାକାଳପଡ଼ା ବ୍ଲକ ବରକନ୍ଧା ପଞ୍ଚାୟତ ଷାଠିଏବାଟି ଗ୍ରାମର ବୃଦ୍ଧ ଦମ୍ପତି ଗଜେନ୍ଦ୍ର ଦାସ ଓ ତାଙ୍କ ପତ୍ନୀ ଭାରତୀ ଦାସଙ୍କୁ ମଧୁବାବୁ ପେନସନ ଯୋଜନାରେ ବାର୍ଦ୍ଧକ୍ୟ ଭତ୍ତା ମିଳିଛି। ଗଜେନ୍ଦ୍ରଙ୍କ ବୟସ ୭୪ ବର୍ଷ ହୋଇଥିବାବେଳେ ଭାରତୀଙ୍କ ବୟସ ୬୮। ବୟସ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ସରକାରୀ ସହାୟତାରୁ ବଞ୍ଚିତ ଥିଲେ ବୃଦ୍ଧ ଦମ୍ପତ୍ତି। ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସଦସ୍ୟ ନିର୍ମଳ ପ୍ରଧାନ ଏନେଇ ଏକ ଭିଡିଓ ଜରିଆରେ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାରର ଦୃଷ୍ଟି ଆକର୍ଷଣ କରିଥିଲେ। ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର ତରଫରୁ ପ୍ରୟାସ ଆରମ୍ଭ କରାଯାଇଥିଲା। ପ୍ରଭାତ ରଞ୍ଜନ ଜେନା, ସୁବ୍ରତ ସେଠୀ, ହରେକୃଷ୍ଣ ପାତ୍ର, ବିଭୂତି ରାଉତ, ଅନୁପ କୁମାର ରାଉତ ପ୍ରମୁଖ ଏ ଘଟଣାକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାର, ମୁଖ୍ୟମନ୍ତ୍ରୀ, କେନ୍ଦ୍ରାପଡ଼ା ଜିଲ୍ଲାପାଳ, ମୋ ସରକାର '୫-ଟି' ଓ ମହାକାଳପଡ଼ା ବିଡ଼ିଓଙ୍କୁ ଟ୍ୱିଟର ମାଧ୍ୟମରେ ଜଣାଇଥିଲେ। ପ୍ରଜ୍ଞାପରମିତା ପ୍ରଧାନ ଏବଂ କୁନା ଦିଗଲ ମଧ୍ୟ ପ୍ରୟାସ ଆରମ୍ଭ କରିଥିଲେ। ମହାକାଳପଡ଼ା ବିଡ଼ିଓ ମଧ୍ୟ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତତସମ୍ବଳିତ ଚିଠି ମଧ୍ୟ ବିଭାଗ ତରଫରୁ ଜଣାଇ ଦିଆଯାଇଥିଲା। ଏହାପରେ ବୃଦ୍ଧ ଦମ୍ପତିଙ୍କ ବାସଭବନରେ ଅଧିକାରୀ ପହଞ୍ଚି ସରକାରଙ୍କ ବର୍ଦ୍ଧିତ ଭତ୍ତା ଟଙ୍କା ୧୦୦୦ ଲେଖାଏଁ ପ୍ରଦାନ କରିଛନ୍ତି।

## ଏନ୍‌ଜେଡବ୍ଲ୍ୟୁର ୪ଦିନିଆ ସାମାଜିକ ସେବା ଶିବିର



ଜଗତସିଂହପୁର, ୬।୩(ସମିସ): ସଦେଇପୁର ଠାରେ ଆଖଣ୍ଡଳମଣି ମହାଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏନ୍‌ଜେଡବ୍ଲୁ (ଓପନ ୟୁନିଟ), ଭାରତ ସ୍କାଉଟ ଆଣ୍ଡ ଗାଇଡ୍ ତରଫରୁ ୪ ଦିନିଆ ସାମାଜିକ ସେବା ଶିବିର ଅନୁଷ୍ଠିତ ହୋଇଥିଲା। ଏ ଶିବିରରେ ଏନ୍‌ଜେଡବ୍ଲ୍ୟୁର ୬ଜଣ ରୋଭର୍ ଓ ୫ଜଣ ରେଞ୍ଜର ଯୋଗଦେଇ ପ୍ରଥମେ ଫ୍ଲାଗ ସେରିମନି କରିଥିଲେ। ଏହାପରେ ପିଲାମାନେ ଲୋକମାନଙ୍କୁ କଳସ ଯାତ୍ରା ଓ ନଗର କୀର୍ତ୍ତନରେ ନେବାରେ ସାହାଯ୍ୟ କରିଥିଲେ। ଲୋକମାନଙ୍କୁ ଦହି ପଣା ବାଣ୍ଟି ଥିଲେ। ମନ୍ଦିର ଚର୍ତୁପାର୍ଶ୍ୱ ସଫା ସହ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ଲୋକମାନଙ୍କୁ ବୁଝାଇଥିଲେ। ଶିବିରରେ ଶିବିର ପ୍ରମୁଖ ବିଜୟ କୁମାର ରଥ, ଶିବିର ପରିଚାଳକ ଆଶୁତୋଷ ପଣ୍ଡା ଓ ରେଞ୍ଜର ଲିଡର ବୀଣା ଦେଇ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ଆଖଣ୍ଡଳମଣି ପୂଜା କମିଟି ତରଫରୁ ରୋଭର ଓ ରେଞ୍ଜରମାନଙ୍କୁ ପୁରସ୍କୃତ କରାଯାଇଥିଲା। ମନ୍ଦିର କମିଟିର ମୁଖ୍ୟ ନିରଞ୍ଜନ ପଣ୍ଡା ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ।

## ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ପାଇଁ କଳସ ଯାତ୍ରା



ଏରସମା, ୬।୩(ସମିସ): ଏରସମା ବ୍ଲକ ପଏଦା ପଞ୍ଚାୟତର ଚମ୍ପାହାଟ ଡିହସାହିରେ ଥିବା ଚମ୍ପେଶ୍ୱର ମନ୍ଦିର ପରିସରରେ ଆଜିକୁ ବହୁବର୍ଷ ଧରି ନୂତନ କରି ନିର୍ମାଣ କରାଯାଉଥିଲା ରାମ ମନ୍ଦିର। ମଙ୍ଗଳବାର ପ୍ରାଣ ପ୍ରତିଷ୍ଠା ପାଇଁ ଅଞ୍ଚଳର ୫୪ ମହିଳାମାନଙ୍କୁ ନେଇ ଏକ ବିଶାଳ କଳସ ଶୋଭାଯାତ୍ରା ହୋଇଥିଲା। ଏହି କାର୍ଯ୍ୟକ୍ରମ ୩ଦିନ ଧରି ଚାଲୁ ରହିବ। ଶେଷଦିନ ୭ ତାରିଖରେ ମହାପ୍ରସାଦ ସେବନ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ପ୍ରାଣ ପ୍ରତିଷ୍ଠା ପାଇଁ ସ୍ଥାନୀୟ ଯୁବକ ବିପିନ ବିହାରୀ ସ୍ୱାଇଁ ଓ ତାଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ସ୍ୱାଇଁ କର୍ତ୍ତା ରହିଥିଲେ। ପଣ୍ଡିତ କୈଳାସ ଚନ୍ଦ୍ର ଦାସ ଓ ଶିବ ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ଏହି ପୂଜା ୩ଦିନ ଧରି ଚାଲିବ। ପ୍ରଦୀପ୍ତ କିଶୋର ପରିଡ଼ା, ନିତ୍ୟାନନ୍ଦ ସ୍ୱାଇଁ, ସୁରେନ୍ଦ୍ର ସ୍ୱାଇଁ, ଶ୍ୟାମ ସୁନ୍ଦର ସାହୁ, ଗୁରୁ ଚରଣ ବେହେରା, ରଞ୍ଜିତ କୁମାର ସ୍ୱାଇଁ, ଦେବନ୍ଦ୍ର ନାଥ ସ୍ୱାଇଁ, ମାନଓ ବିଶ୍ୱାଳ, ଚକ୍ରଧର ବିଶ୍ୱାଳ, ଭରତ ଚନ୍ଦ୍ର ପରିଡ଼ାଙ୍କ ସହ ଶହଶହ ଭକ୍ତ ସହେଯାଗ କରୁଛନ୍ତି।

---

## ଜେଜେଙ୍କ ଶୁଦ୍ଧିକ୍ରିୟାବେଳେ ନଦୀରେ ବୁଡ଼ି ନାତି ନିଖୋଜ

ଆଳି, ୬।୩(ସମିସ): ଜେଜେଙ୍କ ଦଶାହରେ ନଦୀରେ ବୁଡି ନାତି ନିଖୋଜ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଆଳି ମଙ୍ଗରାଜପୁର ଗ୍ରାମରେ। ନିଖୋଜ ଯୁବକ ଜଣକ ହେଲେ ଉକ୍ତ ଗ୍ରାମର ରାକେଶ ଗିରି।



ସୂଚନା ଅନୁଯାୟୀ, ଆଳି ଥାନା ଅନ୍ତର୍ଗତ ସଂସିଧା ମଙ୍ଗରାଜପୁର ଗ୍ରାମର ସୁଶାନ୍ତ ଗିରିଙ୍କ ବାପା ପୁରୁଷୋତ୍ତମ ଗିରିଙ୍କର ଦେହାନ୍ତ ପରେ ବୁଧବାର ଦଶକ୍ରିୟା ଥିଲା। ଏଥିନିମନ୍ତେ ପରିବାର ଆତ୍ମୀୟମାନେ ଘର ନିକଟରେ ଥିବା କାଣୀ ନଦୀ କୂଳରେ ଶୁଦ୍ଧି ହେଉଥିଲେ। ଶୁଦ୍ଧିକ୍ରିୟା ଚାଲିଥିବାବେଳେ ସୁଶାନ୍ତ ଗିରିଙ୍କ ଦୁଇପୁଅ ଓ ପୁତୁରା ଶୁଦ୍ଧି ହୋଇସାରି ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ତିନି ଭାଇ ନଦୀରେ ଆଗପଛ ହୋଇ ବୁଡିଯିବା ସମୟରେ ଦୁଇ ଜଣ ଉଦ୍ଧାର ହୋଇଥିବା ବେଳେ ସୁଶାନ୍ତଙ୍କ ବଡ଼ପୁଅ ରାକେଶ ନଦୀ ଗର୍ଭକୁ ଚାଲି ଯାଇଥିଲେ। ରାକେଶଙ୍କୁ ବାପା ସୁଶାନ୍ତ ଅନେକ ଚେଷ୍ଟା କରି ମଧ୍ୟ ନଦୀ ଗର୍ଭରୁ ଉଦ୍ଧାର କରିପାରିନଥିଲେ। ପରିବାର ଲୋକଙ୍କ ସହ ଗ୍ରାମବାସୀ ଓ ଦମକଳ କର୍ମଚାରୀମାନେ ପହଞ୍ଚି ନଦୀରେ ବୋଟ ସାହାଯ୍ୟରେ ଖୋଜିଥିଲେ। ଖବର ଲେଖାହେବାବେଳକୁ ସନ୍ଧ୍ୟା ସୁଦ୍ଧା ରାକେଶଙ୍କୁ ଉଦ୍ଧାର କରାଯାଇପାରିନାହିଁ। ରାକେଶ ଦିଲ୍ଲୀରେ ରହି ପାଠ ପଢୁଥିବା ବେଳେ ନଦୀ ପହଁରା ଶିଖିନଥିଲେ। ଫଳରେ ଗାଧୋଇବାବେଳେ ବୁଡି ଯାଇଥିଲେ। ଜେଜେଙ୍କ ଦଶରେ ନାତିଙ୍କ ଏପରି ମୃତ୍ୟୁ ଅଞ୍ଚଳରେ ଶୋକର ବାତାବରଣ ସୃଷ୍ଟି କରିଛି।

## ସ୍ୱଚ୍ଛତା ପାଇଁ ରାଜନଗର ଓ ମହିଁଷାସୁର ପଞ୍ଚାୟତ ପୁରସ୍କୃତ



ରାଜନଗର, ୬।୩(ସମିସ): ପଞ୍ଚାୟତରାଜ ଦିବସ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମରେ ସ୍ୱଚ୍ଛତା ପାଇଁ ବିଭିନ୍ନ ପଞ୍ଚାୟତକୁ ପୁରସ୍କୃତ କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଡିଆରଡିଏ ସମ୍ମିଳନୀ କକ୍ଷରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ଏଡିଏମ ନିଲୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ରାଜନଗର ବ୍ଲକର ରାଜନଗର ପଞ୍ଚାୟତକୁ ସ୍ୱଚ୍ଛତା ପାଇଁ ମାନପତ୍ର ସହ ଦେଢ ଲକ୍ଷ ଟଙ୍କା ଓ ଏହି ବ୍ଲକର ମହିଁଷାସୁର ପଞ୍ଚାୟତକୁ ୧ ଲକ୍ଷ ୨୫ ହଜାର ଟଙ୍କା ଏବଂ ଡେରାବିଶ ବ୍ଲକ ଗୁଲାରହାଟ ପଞ୍ଚାୟତକୁ ୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ରାଜନଗର ପଞ୍ଚାୟତ ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର, ନାଏବ ସରପଞ୍ଚ ବାଇଧର ସେଠୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ସେଠୀ, ଜିଆରଏସ ଇତିଶ୍ରୀ ମିଶ୍ର ରାଜନଗର ପଞ୍ଚାୟତ ପାଇଁ ପୁରସ୍କାର ଗ୍ରହଣ କରିଥିବା ବେଳେ ମହିଁଷାସୁର ପଞ୍ଚାୟତ ସରପଞ୍ଚ ଅଶୋକ କୁମାର ମହାନ୍ତି, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ୟୋତି ରଞ୍ଜନ ସାମଲ, ଜିଆରଏସ ସରୋଜିନୀ ରାଉତ ପୁରସ୍କାର ଗ୍ରହଣ କରିଥିଲେ।

## ପଞ୍ଚାୟତ ସମିତି ପକ୍ଷରୁ ପଞ୍ଚାୟତିରାଜ ଦିବସ ପାଳିତ

ରାଜନଗର, ୬।୩(ସମିସ): ରାଜନଗର ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି।



ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ମୁଖ୍ୟ ଅତିଥି, ଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅତୁଳ ବଳ ମୁଖ୍ୟବକ୍ତା, ୩୦ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାଃ. ରଶ୍ମିରଞ୍ଜନ ମହାନ୍ତି, ସିଡିପିଓ ସନ୍ତୋଷିନୀ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୁ ବାବୁଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିବା ସହ ରାଜନଗର ମାଟି ବିଜୁ ବାବୁଙ୍କୁ ଦେଇଥିବା ରାଜନୈତିକ ଜୀବନ୍ୟାସ ସମ୍ପର୍କରେ କହିଥିଲେ। ଏହି ଅବସରରେ ଅଧ୍ୟକ୍ଷ ପ୍ରଫେସର ବଳ, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ଓ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାଃ. ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ୯ ମାସ ହେଲା ଦରମା ନପାଇ ଏମ୍‌ବିକେ ଓ ସିଆର୍‌ପି ହତାଶ



ରାଜକନିକା, ୬।୩(ସମିସ): ରାଜ୍ୟ ସରକାର ମହିଳା ମାନଙ୍କୁ ଆତ୍ମ ନିର୍ଭରଶୀଳ ଓ ସ୍ୱାବଲମ୍ବୀ କରିବାକୁ ବହୁ ଯୋଜନା କରିଥିବାବେଳେ କେତେକ ସ୍ଥାନରେ ପ୍ରଶାସନିକ ଅଧିକାରୀଙ୍କ ମନମାନି ଯୋଗୁ ବହୁ ମହିଳା ହଇରାଣ ହେଉଥିବା ନେଇ ଏକ ଉଦାହରଣ ଆଜି ଦେଖିବାକୁ ମିଳିଛି। ରାଜକନିକା ବ୍ଲକର ପଧାନପଡ଼ା ପଞ୍ଚାୟତର ୭ଜଣ ସିଆରପି ଓ ଜଣେ ଏମ୍‌ବିକେ ଦୀର୍ଘ ୯ମାସ ହେବ ଦରମା ପାଉନଥିବା ଆଜି ରାଜକନିକା ବିଡ଼ିଓଙ୍କୁ ଭେଟିବାକୁ ଆସି ବିଡ଼ିଓଙ୍କ ଅନୁପସ୍ଥିତିରେ ନିରାଶ ହୋଇ ଫେରିଥିବା ଦେଖିବାକୁ ମିଳିଛି। ଚାକିରି କରିବେ ଦରମା ପାଇଁ ନିଜ ପରିବାର ପ୍ରତିପୋଷଣ କରିବା ଆଶାରେ ଏହି ମହିଳା ମାନେ ସରକାରୀ ନିୟମ ମୁତାବକ ବିବେଚିତ ହୋଇ ଚାକିରି କାମ ମଧ୍ୟ କଲେ କିନ୍ତୁ ସରକାରୀ ନିୟମ ଅନୁଯାୟୀ ପାରିଶ୍ରମିକ ନପାଇ ଏବେ ହତାଶ ହୋଇ ନିଜ ପରିବାର ପ୍ରତିପୋଷଣ କରିବା ଚିନ୍ତାରେ ଭାଙ୍ଗି ପଡ଼ିଥିବା କହିଛନ୍ତି ଏମବିକେ ପ୍ରଭାସିନୀ ନାୟକ ଓ ସିଆରପି କବିତା ବେହୁରିଆ, ଝୁମିନା ମଲିକ, ମଧୁସ୍ମିତା ମଲିକ, ଗୀତାରାଣୀ ନାୟକ, ରଞ୍ଜିତା ଦାସ, ସ୍ନେହଲତା ଦାସ, ମାଧବୀ ଦାସ। ତେବେ ଜିଏଲ୍‌ଏଫ ସେମାନଙ୍କ ଚାକିରୀକୁ ସ୍ଥାୟୀ କରି ନାହାଁନ୍ତି। ତାଙ୍କୁ ନୋଟିସ କରାଯାଇଛି ଯଦି ତୁରନ୍ତ ଜିପିଏଲ କାର୍ଯ୍ୟାନୁଷ୍ଠାନ ନନିଅନ୍ତି ତେବେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜକନିକା ବିଡ଼ିଓ ପୃଥ୍ୱୀରାଜ ପରିଡ଼ା ପ୍ରତିକ୍ରିୟାରେ କହିଛନ୍ତି।

**ଚୋରଙ୍କ ଟାର୍ଗେଟରେ ବଡ଼ବାବୁ**

## ଅତିରିକ୍ତ ତହସିଲଦାରଙ୍କ ସରକାରୀ କ୍ୱାର୍ଟର୍ସରୁ ଚୋରି

ରାଜକନିକା, ୬।୩(ସମିସ): କନିକା ତହସିଲର ଅତିରିକ୍ତ ତହସିଲଦାର ଦୀନେଶ କୁମାର ପ୍ରଧାନଙ୍କ ସରକାରୀ ବାସଭବନରୁ ଚୋରି ହୋଇଛି। ଅତିରିକ୍ତ ତହସିଲଦାର ପ୍ରଧାନ ୧୫ ଦିନ ହେବ କେନ୍ଦ୍ରାପଡ଼ା ଜିଲ୍ଲା ଅଫିସକୁ ନିର୍ବାଚନ ଡ୍ୟୁଟି ପାଇଁ ଡେପୁଟେସନରେ ଯାଇଥିବା ବେଳେ ଏହି ଚୋରି ହୋଇଛି। ଏହି କ୍ୱାର୍ଟର୍ସରେ ସବରେଜିଷ୍ଟ୍ରାର ଷ୍ଟାଫ ଅଶୋକ ନାୟକ ରହୁଥିବା ବେଳେ ସେ ସୋମବାର ଅଫିସ ସାରି ଘରକୁ ପଳେଇବା ପରେ ଆଜି ସନ୍ଧ୍ୟାରେ ଆସି ଦେଖିବା ବେଳକୁ କ୍ୱାର୍ଟର୍ସ ତଡା ଯାଇ



ଜିନିଷ ପତ୍ର ଫୋପଡ଼ା ହୋଇଛି। ଗୋଟିଏ ଗ୍ୟାସ ସିଲିଣ୍ଡର ଓ ଗୋଟିଏ ଆଟାଚ ଚୋରି ଯାଇଥିବା ବେଳେ ଆଜି ଆଡିସିନାଲ ତହସିଲଦାର ଚୋରି ବାବଦରେ ଲିଖିତ ଏତଲା ଦେବେ ବୋଲି ସୂଚନା ମିଳିଛି। ତେବେ କିଛିଦିନ ପୂର୍ବରୁ ରାଜକନିକା ବିଡ଼ିଓଙ୍କ ସରକାରୀ ବାସଭବନରୁ ଚୋରି ହୋଇଥିବା ବେଳେ ଆଜି ଅତିରିକ୍ତ ତହସିଲଦାରଙ୍କ କ୍ୱାର୍ଟର୍ସରୁ ଚୋରି ପୋଲିସର ପାରିବାପଣିଆକୁ ପଦାରେ ପକାଇଛି। ଥାନା ଅଞ୍ଚଳରେ ଦୈନିକ ଲୁଟତରାଜ ଛିନ୍‌ତାଇ ଭଳି ମାମଲା ବଢୁଥିବା ବେଳେ ପୁଲିସ ହାତବାନ୍ଧି ବସିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

---

**'ବାର୍ଦ୍ଧକ୍ୟରେ ହସ ଫୁଟାଉଛି ମଧୁବାବୁ ପେନ୍‌ସନ'**

## ୫୦୦ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିଲେ ମନ୍ତ୍ରୀ

ମହାକାଳପଡ଼ା, ୬।୩(ସମିସ): ବାର୍ଦ୍ଧକ୍ୟରେ ମୁହଁରେ ହସ ଫୁଟାଉଛି ମଧୁବାବୁ ପେନସନ ଯୋଜନା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଅନୁଭବ କରି ଭତ୍ତା ରାଶି ବୃଦ୍ଧି କରିବା ସହିତ ଷାଠିଏ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ବୟସ୍କଙ୍କୁ ଭତ୍ତା ଦେବାର ବ୍ୟବସ୍ଥା କରି ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ମଧୁବାବୁ ପେନସନ ଯୋଜନାରେ ଯିଏ ଭତ୍ତା ପାଇଁ ଆବେଦନ କରିଛନ୍ତି ସେମାନେ ସମସ୍ତେ ଭତ୍ତା ପାଉଛନ୍ତି ବୋଲି ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ସମବାୟ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି। ମହାକାଳପଡ଼ା ବ୍ଲକ ଯଦୁପୁର ଗ୍ରାମ ମେଲଣ ପଡ଼ିଆରେ ଅନୁଷ୍ଠିତ ମେଗା ଭତ୍ତା ବଣ୍ଟନ ମେଳାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ନାୟକ ଯୋଗଦେଇ ମେଳାରେ ଭତ୍ତା



ବଣ୍ଟନ କରିଥିଲେ। ମହାକଳପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା କଳ୍ପନା ରାଉତ, ବିଡ଼ିଓ ସାଗର କୁମାର ନନ୍ଦ, ଜିଲ୍ଲାପରିଷଦ ସଦସ୍ୟା ଅନୁରାଧା ସ୍ୱାଇଁ, ସୁବୋଧ ଲେଙ୍କା, ଟିକରପଙ୍ଗା ସରପଞ୍ଚ ଜ୍ୟୋତିରଞ୍ଜନ ଖଟୁଆ, ତେରଗାଁ ସରପଞ୍ଚ ବିଦ୍ୟାଧର ସ୍ୱାଇଁ, ଜୟଚନ୍ଦ୍ରପୁର ସରପଞ୍ଚ ପିୟଙ୍କା ସାମଲ, ଗଡ଼ରୋମିତ ସରପଞ୍ଚ ପ୍ରିୟଙ୍କା ସାମଲ, ପାଟଲିପଙ୍କ ସରପଞ୍ଚ ରଶ୍ମି ଦାସ, ଖୁରୁଷିଆ ସରପଞ୍ଚ ପୂର୍ଣଚନ୍ଦ୍ର ରାଉତ, ତିଖିରୀ ସମିତି ସଭ୍ୟା ଅରୁଣା ରାଉତ, ପ୍ରାକ୍ତନ ଉପାଧ୍ୟକ୍ଷ ରଶ୍ମିରଞ୍ଜନ ମହାପାତ୍ର, ଯଦୁପୁର ସରପଞ୍ଚ, ସମବାୟ ସମିତି ସମ୍ପାଦକ ଅଜିତ କୁମାର ସାମନ୍ତରାୟ, ଛାତ୍ରନେତା ହେମନ୍ତ କୁମାର ସାହୁ, ଯୁବନେତା ଧର୍ମପଦ ଦାସ, ଦୀପକ ବେହେରା, ସମ୍ପନ୍ନା ପତି ପ୍ରମୁଖ ଉପସ୍ଥିତ ଥିଲେ।

## ପମ୍ପ୍ ହାଉସ୍‌କୁ ବିଦ୍ୟୁତ୍ ସଂଯୋଗ କରି ପାନୀୟ ଜଳ ଯୋଗାଣ ଦାବି

ଡେରାବିଶ, ୬।୩(ସମିସ): ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତ୍ତାମୂଳଠାରେ ଓଭର ହେଡ୍ ଟାଙ୍କି ନିର୍ମାଣ କାମ ଶେଷ ହେବା ସହ ଗ୍ରାମକୁ ପାଇପ୍ ସଂଯୋଗ ହୋଇଯାଇଛି। ହେଲେ ପ୍ରତି ପରିବାରକୁ ପାନୀୟଜଳ ପହଞ୍ଚିବାର ଆଶା ମଉଳିବାରେ ଲାଗିଛି। ସରକାରଙ୍କ ବସୁଧା ଯୋଜନା ଅନୁସାରେ ପ୍ରତିଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଅର୍ତ୍ତାମୂଳଠାରେ ଓଭରହେଡ୍ ଟାଙ୍କି ନିର୍ମାଣ କାର୍ଯ୍ୟ ତିନିମାସ ତଳୁ ଶେଷ ହୋଇଯାଇଛି ଏବଂ ଗ୍ରାମରେ ପାଇପ୍ ବିଛାଯାଇ ପ୍ରତି ଘର ପାଇଁ ଟ୍ୟାପ୍‌ର ବ୍ୟବସ୍ଥା ବି ହୋଇ ସାରିଛି। ହେଲେ ପମ୍ପହାଉସ୍‌କୁ ବିଦ୍ୟୁତ୍ ସଂଯୋଗ ହୋଇନଥିବାରୁ ଏହି ପ୍ରକଳ୍ପଟି କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏହି ପ୍ରକଳ୍ପଟି କାର୍ଯ୍ୟକ୍ଷମ ହେଲେ ପଞ୍ଚାୟତ ଅଧୀନ ଅର୍ତ୍ତାମୂଳ ଓ ଖାନନଗର ରାଜସ୍ୱ ଗ୍ରାମର ତିନୋଟି ୱାର୍ଡ଼ର ଜନସାଧାରଣ ଉପକୃତ ହୋଇପାରିବେ ତୁରନ୍ତ ଏହି ପ୍ରକଳ୍ପଟିକୁ ବିଦ୍ୟୁତ୍ ସଂଯୋଗ କରି ଆରମ୍ଭ କରିବା ପାଇଁ ଅର୍ତ୍ତାମୂଳ ଗ୍ରାମର ଅନଙ୍ଗ କୁମାର ସ୍ୱାଇଁ, ପ୍ରଶନ୍ନ ବଳ ଓ ଅଭୟ କୁମାର ନାୟକ ପ୍ରମୁଖ ଦାବି କରିଛନ୍ତି।

**ତାତିର ପ୍ରକୋପ ବଢୁଛି**



ଆଜି ବାହୁଡ଼ିଥିଲେ

# କର୍ମବୀର ଗୌରୀଶଙ୍କର



ଓଡ଼ିଆ ଭାଷା ସାହିତ୍ୟ ଓ ସାମ୍ବାଦିକତା ଜଗତ ପ୍ରତି କର୍ମବୀର ଗୌରୀଶଙ୍କର ରାୟଙ୍କର ରହିଛି ଅତୁଳନୀୟ ଯୋଗଦାନ । ତାଙ୍କ ଦ୍ୱାରା ପ୍ରକାଶିତ 'ଉତ୍କଳ ଦୀପିକା' ଥିଲା ପ୍ରଥମ ଓଡ଼ିଆ ସମ୍ବାଦପତ୍ର । ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ଦେବା ପାଇଁ ଯେଉଁ କେତେଜଣ ବରେଣ୍ୟ ଓଡ଼ିଆ ଆଗଧାଡ଼ିରେ ଥିଲେ, ସେମାନଙ୍କ ଭିତରେ କର୍ମବୀର ଗୌରୀଶଙ୍କର ଅନ୍ୟତମ । ସବୁବେଳେ ସେ କର୍ମରେ ବିଶ୍ୱାସ କରୁଥିଲେ । ତାଙ୍କ ନିଷ୍ପାପର କର୍ମପାଇଁ ତାଙ୍କୁ 'କର୍ମବୀର' ଆଖ୍ୟା ଦିଆଯାଇଥିଲା । ୧୮୩୮ ମସିହା ଜୁଲାଇ ୧୩ ତାରିଖରେ କଟକ ଜିଲ୍ଲା ଅସୁରେଶ୍ୱର ଅନ୍ତର୍ଗତ ଦୀକ୍ଷିତପଡ଼ା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଗାଁ ଚାଟଶାଳୀରେ ପ୍ରାଥମିକ ଶିକ୍ଷା ଶେଷ କରିବା ପରେ କଟକରେ ହାଇସ୍କୁଲ ଏବଂ ପରେ ଉଚ୍ଚଶିକ୍ଷା ପାଇଁ ହୁଗୁଳି ଯାଇଥିଲେ । ଶିକ୍ଷା ଶେଷ ହେବା ପରେ ସେ ପ୍ରଥମେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକତା କରୁଥିଲେ । ମାସକୁ ୨୦ଟଙ୍କା ବେତନ ପାଉଥିଲେ । ଶିକ୍ଷକତା ଛାଡ଼ି କଟକ କମିସନରଙ୍କ କାର୍ଯ୍ୟାଳୟରେ କିରାଣି ଚାକରି କରିଥିଲେ । ଗୌରୀଶଙ୍କର ଓ ତାଙ୍କର ଘନିଷ୍ଠ ସହଯୋଗୀ ବିଚିତ୍ରାନନ୍ଦ ଦାସଙ୍କ ଉଦ୍ୟମରେ ୧୮୬୪ ମସିହାରେ କଟକରେ ପ୍ରିଣ୍ଟିଂ କମ୍ପାନି ଗଢିଥିଲେ । ୪ ଅଗଷ୍ଟ ୧୮୬୬ରେ ପ୍ରଥମ ଓଡ଼ିଆ ଖବରକାଗଜ 'ଉତ୍କଳ ଦୀପିକା' ପ୍ରକାଶିତ ହୋଇଥିଲା । ଏହା ପ୍ରଥମେ ସାପ୍ତାହିକ ଭାବେ ପ୍ରକାଶିତ ହେଉଥିଲା । ଗୌରୀଶଙ୍କର ପ୍ରାୟ ୫୨ ବର୍ଷ ଏହାର ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ । ବଙ୍ଗୀୟ ପରିବାରରେ ଜନ୍ମ ହୋଇଥିଲେ ସୁଦ୍ଧା ସେ ଓଡ଼ିଆକୁ ମାତୃଭାଷା ଭାବେ ଗ୍ରହଣ କରିଥିଲେ । ବ୍ୟକ୍ତିଗତ ଜୀବନରେ ଗୌରୀଶଙ୍କର ଥିଲେ ଉଦାରବାଦୀ । ଜୀବନର ମଧ୍ୟାହ୍ନରେ ବ୍ରାହ୍ମ ଧର୍ମ ଗ୍ରହଣ କରିଥିଲେ । ତାଙ୍କର ଦେହର ରଙ୍ଗ ଥିଲା ତୋଫା, ଓ ସେ ମୋଟା ନିଶ ରଖୁଥିଲେ । ଦୈନିକ ଦଣ୍ଡ ବୈଠକୀ, କୁସ୍ତି କସରତ କରୁଥିଲେ, କାଠଯୋଡ଼ି ନଦୀରେ ସନ୍ତରଣ କରୁଥିଲେ । ଶୃଙ୍ଖଳା ଓ ନିୟମାନୁବର୍ତ୍ତିତା ଥିଲା ତାଙ୍କର ବିଶେଷ ଗୁଣ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବା ପୂର୍ବରୁ ୧୯୧୭ ମସିହା ଆଜିର ଦିନରେ ତାଙ୍କର ପରଲୋକ ଘଟିଥିଲା ।

# ମୁଣ୍ଡରେ ଖେଳୁଛି ମୀନ

ସାଧାରଣତଃ ଆକ୍ୱାରିୟମ୍ ପାଇଁ ଆକ୍ୱାରିୟମ୍ ଟ୍ୟାଙ୍କ ଥିବା ବେଳେ କେହି କେହି କାଚ ତଥା ପ୍ଲାଷ୍ଟିକ୍ ବୋତଲରେ ମଧ୍ୟ ସୁନ୍ଦର ସୁନ୍ଦର ମାଛକୁ ଛାଡ଼ି ଆକ୍ୱାରିୟମ୍‌ର ମଜା ନିଅନ୍ତି । ତେବେ କେହି କେବେ କେଶ ଆକ୍ୱାରିୟମ୍ ଦେଖି ନ ଥିବେ କିମ୍ବା ଏଭଳି କିଛି ସମ୍ଭବ ବୋଲି କେହି ପରିକଳ୍ପନା ହୁଏତ କରି ନ ଥିବେ । କିନ୍ତୁ ଏବେ ଏଭଳି ଏକ ଆକ୍ୱାରିୟମ୍ ଦେଖିବାକୁ ମିଳିଛି । ଅବଶ୍ୟ ଏଭଳି ଏକ ବିଚିତ୍ର ଘଟଣା ଜଣେ ଯୁବତୀଙ୍କଠାରେ ଦେଖିବାକୁ ମିଳିଛି । ଯିଏ ନିଜ କେଶରେ ତିଆରି କରିଛନ୍ତି ନିଆରା ଧରଣର ଆକ୍ୱାରିୟମ୍ । ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ଭିଡିଓରୁ ଦେଖିବାକୁ ମିଳୁଛି, ଜଣେ ଯୁବତୀ ପାର୍ଲରରେ ଆରାମରେ ବସି ମୋବାଇଲ ଦେଖୁଛନ୍ତି । ସେଲୁନ୍‌ର ଦୁଇ ଜଣ ହେୟାର୍ ଷ୍ଟାଇଲିଷ୍ଟ ମହିଳାଙ୍କ କେଶରେ ଜେଲି ବା ୱାକ୍ସ ଭଳି କିଛି ଜିନିଷ ଲଗାଇ ତାହାକୁ ଏକ ପାତ୍ରର ଆକାର ପ୍ରଦାନ କରିଛନ୍ତି । ତାଙ୍କ କେଶ ଶୁଖିଯିବା ପରେ ତାହା କଠିନ ହୋଇଛି ଏବଂ ତାହା ଭିତରେ ପାଣି ଭର୍ତ୍ତି କରାଯାଇ ସୁନେଲି ରଙ୍ଗର ଛୋଟ ଛୋଟ ମାଛ ଛଡ଼ା ଯାଇଛି । ଏହିପରି ଭାବେ ସମ୍ପୃକ୍ତ ଯୁବତୀ ନିଜ କେଶ ମାଧ୍ୟମରେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବାରେ ସଫଳ ହୋଇଛନ୍ତି ।



ତେବେ ଏହାକୁ ନେଇ ଯୁବତୀ ଜଣକ ଆଦୌ ଅସହଜ ଅନୁଭବ କରି ନାହାନ୍ତି । ଯୁବତୀ ଜଣକର ଭିଡିଓକୁ ଅନେକ ପସନ୍ଦ କରିଥିବା ବେଳେ କେତେଜଣ ଏହାକୁ ନାପସନ୍ଦ କରିଛନ୍ତି । ଏଭଳି କରିବା କେଶ ପାଇଁ କ୍ଷତିକାରକ ତଥା କେଶକୁ ସଫା କରିବା ସହଜ ନୁହେଁ ବୋଲି ଅନେକ ମତ ଦେଇଛନ୍ତି ।

# କ୍ରୀସ୍‌ମାସ୍‌ରେ 'ସୀତାରେ ଜମିନ୍ ପର୍'



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅମିର୍ ଖାନ୍ ତାଙ୍କର ଆଗାମୀ ଚଳଚ୍ଚିତ୍ର 'ସୀତାରେ ଜମିନ୍ ପର୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି । ଅମିର୍ ଶେଷ ଥର ପାଇଁ 'ଲାଲ୍ ସିଂହ ଚଡ୍ଢା'ରେ ଦେଖାଯାଇଥିଲେ । ଏହି ଫିଲ୍ମ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା । ଏଥିରେ ଅମିର୍‌ଙ୍କ ସହ କରିନା କପୁର ଦେଖାଯାଇଥିଲେ । ଏବେ ଅମିର୍ ପୁଣି ଥରେ ଏକ ହିଟ୍ ଫିଲ୍ମ ଦେଇ ପୁଣି ଥରେ ଟ୍ରାକ୍‌କୁ ଫେରିବାକୁ ଚେଷ୍ଟା କରୁଛନ୍ତି । ତେବେ ଏହି ଫିଲ୍ମ କ୍ରୀସ୍‌ମାସ୍ ଅବସରରେ ପ୍ରେକ୍ଷାଳୟକୁ ଆସିବ । ଏଥିରେ ଅମିର୍ ବିପକ୍ଷରେ ଜେନେଲିଆ ଡିସୁଜା ଦେଖାଯିବେ । ତେବେ ଫିଲ୍ମର ଥିମ୍ 'ତାରେ ଜମିନ୍ ପର୍' ଭଳି ହେବ ବୋଲି ନିକଟରେ ଅମିର୍ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ସୂଚନା ଦେଇଛନ୍ତି । ଅବଶ୍ୟ ଏହି ଫିଲ୍ମ ପୂର୍ବରୁ ଅମିର୍ ଅନ୍ୟ ଦୁଇ ତିନୋଟି ଫିଲ୍ମରେ ଦେଖାଯିବେ । ଯେଉଁଥିରେ ତାଙ୍କ ଭୂମିକା ବେଶ୍ ଛୋଟ ରହିବ । ଏହାବାଦ୍ ଅମିର୍ 'ଅତି ସୁନ୍ଦର' ନାମରେ ଏକ ଫିଲ୍ମ ନିର୍ମାଣ କରୁଛନ୍ତି । ଏଥିରେ ମଧ୍ୟ ତାଙ୍କର ଏକ ଛୋଟ ଭୂମିକା ରହିଛି ।

## ଆଜିର ଦିନରେ

- ୧୮୭୫- ଆଲେକ୍‌ଜାଣ୍ଡାର୍ ଗ୍ରାହମ୍‌ବେଲ୍ ଟେଲିଫୋନ୍ ଉଦ୍ଭାବନ କରିଥିଲେ ।
- ୧୯୦୭-ଫିନ୍‌ଲ୍ୟାଣ୍ଡରେ ମହିଳାଙ୍କୁ ମତଦାନ ଅଧିକାର ମିଳିଲା ।
- ୧୯୬୧- ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କ ଦେହାନ୍ତ ।
- ୧୯୬୯ - ଗୋଲ୍ଡା ମେୟର ଇସ୍ରାଏଲର ପ୍ରଧାନମନ୍ତ୍ରୀ ହେଲେ ।

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ବଡ଼ ଦାୟିତ୍ୱ ମିଳିପାରେ । ଭଲ କାମ କରି ପ୍ରଶଂସିତ ହୋଇପାରନ୍ତି । ବ୍ୟବସାୟୀଙ୍କ ପାଇଁ ଆଜି ଦିନଟି ଅତ୍ୟନ୍ତ ଭଲ । ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ ।

**ବୃଷ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ପାରିବାରିକ ଜୀବନ ସୁଖମୟ ହେବ । ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ । ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ । ଆର୍ଥିକ ମାମଲାରେ ସୁଧାର ଆସିବ । ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ ।

**କର୍କଟ:** ପରିବାର ଲୋକଙ୍କୁ ସମୟ ଦେବେ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ ।

**ସିଂହ:** କର୍ମ ଚଞ୍ଚଳ ରହିବେ । ମନ ପ୍ରଫୁଲ୍ଲିତ ରହିବ । ଆୟଠୁ ବ୍ୟୟ ଅଧିକ ହେବେ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଘର ପାଇଁ ନୂଆ ଜିନିଷ କିଣିବେ । ଅଚାନକ ହଇରାଣରେ ପଡ଼ିପାରନ୍ତି ।

**କନ୍ୟା:** ରାଜନୀତିରେ ସାମିଲ ହେବେ । ଆର୍ଥିକ ସ୍ଥିତିରେ ସୁଧାର ଆସିବ । ବନ୍ଧୁ ମିଳନ ଯୋଗ ରହିଛି । ନିଜ ଲୋକ ଶତ୍ରୁ ସାଜିବେ । ଅଫିସ୍ କାର୍ଯ୍ୟପାଇଁ ଅଚାନକ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି ।

**ତୁଳା:** ଅଫିସ୍‌ରେ ଆପଣଙ୍କ କାମକୁ ସମସ୍ତେ ପ୍ରଶଂସା କରିବେ । ବିଦ୍ୟାର୍ଥୀ ମାନେ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି । ଉଧାର ଦେଇଥିବା ଟଙ୍କା ଫେରିପାଇବାରେ ବିଫଳ ହେବେ ।

**ବିଛା:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ମନ ପ୍ରସନ୍ନ ରହିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**ଧନୁ:** ନିବେଶରୁ ଲାଭ ମିଳିବ । କାର୍ଯ୍ୟରୁ ଆଶାଜନକ ଫଳ ମିଳିବ । ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ଆଇନଜୀବୀଙ୍କ ପାଇଁ ଆଜି ଦିନଟି ଅତ୍ୟନ୍ତ ଶୁଭ ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବ୍ୟବସାୟରେ କ୍ଷତି ଘଟିବ । ସକାରାତ୍ମକ ଚିନ୍ତା ରଖି ପୁନଶ୍ଚ ନୂଆ କାମ ଆରମ୍ଭ କରନ୍ତୁ । ଘରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଧାର୍ମିକ କାର୍ଯ୍ୟ କରିବେ । ସମାଜରେ ମାନ ପ୍ରତିଷ୍ଠା ବଢ଼ିବ । ସମାଜସେବାରେ ନିଜକୁ ନିୟୋଜିତ କରିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ । ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ ।

## ସୁଶ୍ରୀ

# ବ୍ଲଗର୍‌ରୁ ବ୍ୟବସାୟୀ ମଧୁସ୍ମିତା

ଆଜିର ମହିଳା ନିଜକୁ ଆର୍ଥିକ ସଶକ୍ତ କରିବା ଦିଗରେ ଆଗକୁ ବଢୁଛନ୍ତି । କିଏ ଚାଷ ବାସ ତ କିଏ ବ୍ୟବସାୟ କରି ସଫଳ ହେଉଛନ୍ତି । ସେମିତି ଜଣେ ମହିଳା ହେଲେ ମଧୁସ୍ମିତା ବଳିଆରସିଂହ । ଯିଏ କି ଚାହିଁଥିଲେ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିବାକୁ । ଯଦିଓ ତାଙ୍କର କୌଣସି ବଡ଼ ବ୍ୟବସାୟ ପ୍ରତି ଆକାଂକ୍ଷା ନଥିଲା । କିନ୍ତୁ, ସ୍ୱପ୍ନ ଥିଲା କିଛି ନା କିଛି ବ୍ୟବସାୟ କରି ସ୍ୱାବଲମ୍ବୀ ହେବା । ସେ ପ୍ରଥମେ ଅନ୍‌ଲାଇନ୍‌ରେ ରିସେଲିଂ ବ୍ୟବସାୟ କଲେ, ପରେ ୟୁଟ୍ୟୁବ୍ ବ୍ଲଗ୍ ମାଧ୍ୟମରେ ବ୍ୟବସାୟ ଓ ଶେଷରେ ଇନ୍‌ଷ୍ଟାଗ୍ରାମ୍‌ରେ ଲେହେଙ୍ଗା ବ୍ୟବସାୟ ତାଙ୍କୁ ସଫଳତାର ସ୍ୱାଦ ଚଖାଇଛି ।



### ପିଲାବେଳୁ ବ୍ୟବସାୟ ପ୍ରତି ରୁଚି

ପାଠପଢ଼ା ସମୟରେ ହିଁ ମଧୁସ୍ମିତା ଅନ୍‌ଲାଇନ୍ ପ୍ଲାଟଫର୍ମ 'ମିଶୋ'ରେ ରିସେଲିଂ ବ୍ୟବସାୟ ଆରମ୍ଭ କରିଥିଲେ । ଲୋକମାନେ ଅଧିକ ସଂଖ୍ୟାରେ ଅର୍ଡର ମଧ ନେଉଥିଲେ । କିନ୍ତୁ ସେ ବିବାହ ବନ୍ଧନରେ ବାନ୍ଧି ହେବା ପରେ ଏହି ବ୍ୟବସାୟ ବନ୍ଦ ରଖିଥିଲେ । ପରେ ୨୦୧୯ ମସିହାରେ ନିଜର ଏକ ୟୁଟ୍ୟୁବ୍ ଚ୍ୟାନେଲ ଖୋଲି ସେଥିରେ ନିଜ ବ୍ଲଗ୍ ମାଧ୍ୟମରେ ଘରୋଇ ଚାଲିଚଳଣି, ବୁଲାବୁଲି ସାଙ୍ଗକୁ ଶାଢ଼ି, ଡ୍ରେସ୍ ଆଦି ବିକ୍ରିବଟା କଲେ । କିନ୍ତୁ ଏଥିରେ ତାଙ୍କୁ ଏତେ ସଫଳତା ମିଳିପାରି ନ ଥିଲା । ଫଳରେ ସେ କିଛି ନୂଆ କରିବା ଆଶାରେ ୟୁଟ୍ୟୁବରେ ଲେହେଙ୍ଗା ବ୍ୟବସାୟ ଆରମ୍ଭ କରିଥିଲେ ।

### ଲେହେଙ୍ଗା ବ୍ୟବସାୟରୁ ସଫଳତା

ରାଜ୍ୟ ବାହାରୁ ଲେହେଙ୍ଗା ଆଣି ଘରେ ବିକ୍ରି କରିବା ଏତେ ସହଜ ନଥିଲା । ତଥାପି ମଧୁସ୍ମିତା ରିସ୍କ ନେଇ ବାହାରୁ ଲେହେଙ୍ଗା ମଗାଇଲେ । ଲେହେଙ୍ଗାର ଦାମ୍ ଲେଖି ବିକ୍ରି ନିମନ୍ତେ ୟୁଟ୍ୟୁବ୍‌ରେ ସେୟାର କଲେ । ଯାହାକୁ ଗ୍ରାହକମାନେ ଖୁବ୍ ପସନ୍ଦ କରିଥିଲେ । ଧୀରେ ଧୀରେ ୟୁଟ୍ୟୁବ୍ ମାଧ୍ୟମରେ ଯୋଗାଯୋଗ କରି ଗ୍ରାହକମାନେ ଲେହେଙ୍ଗା କିଣିଲେ । ଗ୍ରାହକଙ୍କ ଚାହିଦା ବଢ଼ିବାରୁ ସେ ଇନ୍‌ଷ୍ଟାଗ୍ରାମ୍‌ରେ 'ତ୍ରିଦେବ ଫେଶନ' ନାମରେ ଏକ ଆକାଉଣ୍ଟ ଖୋଲି ୨୦୨୩ ମସିହାରେ ଏହି ବ୍ୟବସାୟ ଆରମ୍ଭ କରିଥିଲେ । ଯେଉଁଥିରେ ସେ ମାତ୍ର ୩୦ ହଜାର ଟଙ୍କା ନିବେଶ କରିଥିଲେ । କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଲେହେଙ୍ଗାର ଚାହିଦା ବଢ଼ିବାରୁ ସେ ସପ୍ତାହକୁ ଦୁଇ, ତିନି ଲକ୍ଷ ଟଙ୍କାର ଲେହେଙ୍ଗା ମଗାଉଛନ୍ତି ।

**ଆଗାମୀ ଦିନର ଲକ୍ଷ୍ୟ**

**ଯଦିଓ ଏବେ ଅଳ୍ପ ପୁଞ୍ଜି ନିବେଶ କରି ବ୍ୟବସାୟ କରୁଛନ୍ତି, କିନ୍ତୁ ପରବର୍ତ୍ତୀ ସମୟରେ ଏକ ହୋଲ୍‌ସେଲ୍ ଦୋକାନ ଖୋଲି ଏହାକୁ ଆଗକୁ ନେବା ପାଇଁ ଇଚ୍ଛା ରଖିଛନ୍ତି ।**

### ଗ୍ରାହକଙ୍କ ପସନ୍ଦ

ତାଙ୍କ କହିବାନୁଯାୟୀ, ଲେହେଙ୍ଗା ପିନ୍ଧିବାକୁ ସମସ୍ତେ ଭଲପାଉ ଥିଲେ ହେଁ ବଜାରରେ ଏହାର ମୂଲ୍ୟ ଅଧିକ ଥିବାରୁ ସମସ୍ତଙ୍କ ପକ୍ଷେ ଏହାକୁ କିଣିବା ସମ୍ଭବ ହୋଇ ନ ଥାଏ । ତେଣୁ ସମସ୍ତଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଅପେକ୍ଷାକୃତ କମ୍ ମୂଲ୍ୟରେ ସେ ଏହି ଲେହେଙ୍ଗା ବିକ୍ରି କରୁଛନ୍ତି । ତାଙ୍କ ପାଖରେ ୧୫୦୦ ଟଙ୍କାରୁ ଆରମ୍ଭ କରି ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଲେହେଙ୍ଗା ରହିଛି । ବିଭିନ୍ନ ଲେହେଙ୍ଗା ମଧ୍ୟରେ ମହାରାଣୀ, ରାଜୱାଡି ଓ ସାଜ୍‌ନି ଆଦି ଲେହେଙ୍ଗାର ଚାହିଦା ଅଧିକ ରହିଛି । ଲେହେଙ୍ଗା କିଣିବାକୁ ପ୍ରତିଦିନ ଅନେକ ଗ୍ରାହକ ଘରକୁ ଆସନ୍ତି । ସେମାନଙ୍କ ସକାରାତ୍ମକ ପ୍ରତିକ୍ରିୟା ସବୁଠୁ ନିଆରା ବୋଲି ସେ କହିଛନ୍ତି ।

### ଘର କାମ ସହ ବ୍ୟବସାୟ

ମଧୁସ୍ମିତାଙ୍କୁ ବ୍ୟବସାୟରେ ତାଙ୍କ ଶାଶୂ ଓ ସ୍ୱାମୀ ସହାୟତା କରିଥାନ୍ତି । ଯେଉଁଥିପାଇଁ ସେ ଘରର ସମସ୍ତ କାର୍ଯ୍ୟ କରି ଏହି ବ୍ୟବସାୟ ଚଳାଇପାରୁଥିବା କହିଛନ୍ତି ।

# ଖରାଦିନେ ହାଲୁକା ମେକ୍‌ଅପ୍



**ଧୀରେ ଧୀରେ ଗରମ ଅନୁଭୂତ ହେଲାଣି । ତେଣୁ ଖରାଦିନେ ଅତ୍ୟଧିକ ଝାଳ ବାହାରୁଥିବାରୁ ଅଧିକ ମେକ୍‌ଅପ୍ ନେବା ସମ୍ଭବ ନୁହେଁ । କିନ୍ତୁ ତ୍ୱଚାକୁ ସୁନ୍ଦର କରିବା ପାଇଁ ଜଣେ ହାଲୁକା ମେକ୍‌ଅପ୍ କରିପାରିବେ ।**

### ଲଗାନ୍ତୁ ଗ୍ରାଫିକ୍ ଆଇଲାଇନର୍

ଗ୍ରାଫିକ୍ ଆଇଲାଇନର୍ ମେକ୍‌ଅପ୍‌କୁ ଏକ ଭିନ୍ନ ଲୁକ୍ ଦେଇଥାଏ । ତେଣୁ ମିନିମାଲ୍ ମେକ୍‌ଅପ୍ କରି ଆଖିକୁ ହାଇଲାଇଟ୍ କରିବାକୁ ଚାହୁଁଥାନ୍ତି, ତେବେ ଏହି ଗ୍ରାଫିକ୍ ଆଇଲାଇନର୍ ଲଗାଇ ପାରିବେ ।

### ପିଙ୍କ୍ ଟୋନ୍ ଲୁକ୍

ଏହା ଏପରି ଏକ ମେକଅପ୍ ଲୁକ୍, ଯାହାକୁ ବିଭିନ୍ନ ପ୍ରକାର ଆଉଟ୍‌ଫିଟ୍ ସାଙ୍ଗରେ ନେଇପାରିବେ । ଯଦି ମନୋକ୍ରୋମ ମେକ୍‌ଅପ୍ ଲୁକ୍ ଚାହୁଁଛନ୍ତି, ତେବେ ଏହି ପିଙ୍କ୍ ସେଡ୍ ଚୟନ କରିପାରିବେ ।

### ସଫ୍ଟ ସ୍ମୋକି ଆଇ ମେକ୍‌ଅପ୍

ସାଧାରଣତଃ କଳାରଙ୍ଗ ଆଇସ୍ୟାଡୋରେ ସ୍ମୋକିଆଇ ମେକ୍‌ଅପ୍ କରାଯାଇଥାଏ । କିନ୍ତୁ ହାଲୁକା ରଙ୍ଗର ସ୍ମୋକି ଆଇ ମେକ୍‌ଅପ୍ କରିବାକୁ ଚାହୁଁଥିଲେ, ବ୍ରାଉନ୍ ଆଇସେଡ୍ ବ୍ୟବହାର କରିପାରିବେ । ଏହା ସହିତ ମ୍ୟାଚିଙ୍ଗ୍ ଲିପ୍‌ଷ୍ଟିକ୍ ମଧ୍ୟ ଲଗାଇପାରିବେ । ଯାହା ଗାଢ଼ରଙ୍ଗ ମହିଳାଙ୍କୁ ଖୁବ୍ ସୁନ୍ଦର ମାନିଥାଏ ।

### ଗ୍ଲିଟର୍ ଲୁକ୍

ପାର୍ଟି ଫଙ୍କ୍‌ସନ୍‌ରେ ଗ୍ଲିଟର ଲୁକ୍ ଖୁବ୍ ସୁନ୍ଦର ଦେଖାଯାଏ । ତେଣୁ ଏପରି ହାଲୁକା ମେକ୍‌ଅପ୍ ଚାହୁଁଥିଲେ ଆଖିରେ ଆଇସ୍ୟାଡୋ ଲଗାଇବା ପରେ ସେଥିରେ ଗ୍ଲିଟର ଲଗାଇପାରିବେ ।

# ଗୁଡ଼ ମଖାନା




### ଆବଶ୍ୟକ ସାମଗ୍ରୀ

ମଖାନା – ଏକ କପ୍, ଘିଅ – ଏକ ଚାମଚ, ଗୁଡ଼- ଅଧା କପ, ବେକିଙ୍ଗ୍ ସୋଡ଼ା - ଅଧା ଚାମଚ, ରାଶି – ଦୁଇ ଚାମଚ, ପାନମହୁରୀ- ଅଧା ଚାମଚ, ଗୋଲମରିଚ ଗୁଣ୍ଡ - ଅଧା ଚାମଚ, କଳା ଲୁଣ- ଅଧା ଚାମଚ

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚୁଲା ଲଗାଇ କଡ଼େଇ ବସାନ୍ତୁ । ସେଥିରେ ଘିଅ ପକାନ୍ତୁ । ଘିଅ ତରଳିବା ପରେ ମଖାନା ପକାଇ କିଛି ସମୟ ଭାଜନ୍ତୁ । ମଖାନା ଭାଜି ହୋଇଗଲା ପରେ ତାହାକୁ ପ୍ଲେଟରେ କାଢ଼ି ରଖନ୍ତୁ । ସେହି କଡ଼େଇରେ ଅଳ୍ପ ଘିଅ ପକାଇ ସେଥିରେ ଗୁଡ଼ ପକାନ୍ତୁ । ଗୁଡ଼କୁ ଧିମା ଆଞ୍ଚରେ ବସାଇ ତରଳାନ୍ତୁ । ଗୁଡ଼ ତରଳିବା ପରେ ସେଥିରେ ଅଳ୍ପ ବେକିଂ ସୋଡ଼ା ଦିଅନ୍ତୁ । ଯାହା ଗୁଡ଼କୁ ପତଳା କରିବାରେ ସହାୟକ ହୋଇଥାଏ । ଏହାପରେ ଭଜା ମଖାନାକୁ ଦିଅନ୍ତୁ । ସେଥିରେ ରାଶି, ପାନମହୁରୀ ଓ ଗୋଲମରିଚ ଗୁଣ୍ଡ ଓ କଳାଲୁଣ ପକାଇ ଭଲଭାବେ ଗୋଳାନ୍ତୁ । ଏହା ଅଠାଳିଆ ହୋଇ ଜମାଟ ବାନ୍ଧିଲା ପରେ ଏହାକୁ ଏକ ପ୍ଲେଟ୍‌ରେ କାଢ଼ି ଦିଅନ୍ତୁ । ଅଳ୍ପ ଥଣ୍ଡା ହୋଇଯିବା ପରେ ମଖାନାକୁ ପ୍ଲେଟ୍‌କୁ କାଢ଼ି ପରଷନ୍ତୁ । ପ୍ରସ୍ତୁତ ହୋଇଗଲା 'ଗୁଡ଼ ମଖାନା ।'



ପ୍ରଜ୍ଞା ପରମିତା ବେହେରା, ପୁରୀ

ପ୍ୟାରିସ୍ ଅଲିମ୍ପିକ୍ସ ହକି କାର୍ଯ୍ୟସୂଚୀ ଜାରୀ

# ନ୍ୟୁଜିଲାଣ୍ଡ ବିପକ୍ଷରୁ ଭାରତର ଅଭିଯାନ



ପ୍ୟାରିସ୍,୬ ।୩(ଏଜେନ୍ସି)

ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ପାଇଁ ପୁରୁଷ ହକି ଟୁର୍ଣ୍ଣାମେଣ୍ଟର କାର୍ଯ୍ୟସୂଚୀ ବୁଧବାର ଜାରୀ ହୋଇଛି । ଅଲିମ୍ପିକ୍ସ ଅସନ୍ତା ଜୁଲାଇ ୨୬ରୁ ଆରମ୍ଭ ହୋଇ ଅଗଷ୍ଟ ୧୧ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି । ପ୍ୟାରିସ୍‌ରେ ଏକ ସ୍ୱତନ୍ତ୍ର କାର୍ଯ୍ୟସୂଚୀରେ ଅନ୍ତର୍ଜାତୀୟ ଅଲିମ୍ପିକ୍ସ ପରିଷଦ (ଆଇଓସି) ଅଧ୍ୟକ୍ଷ ଥୋମାସ ବାକ ଓ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ଅଧ୍ୟକ୍ଷ ତୟାବ ଇକ୍ରାମ ଏହି କାର୍ଯ୍ୟସୂଚୀ ଘୋଷଣା କରିଥିଲେ। ହକି ଟୁର୍ଣ୍ଣାମେଣ୍ଟ ଜୁଲାଇ ୨୭ରୁ ଆରମ୍ଭ ହୋଇ ଅଗଷ୍ଟ ୮ ତାରିଖରେ ଶେଷ ହେବ। ଟୁର୍ଣ୍ଣାମେଣ୍ଟର ସବୁ ମ୍ୟାଚ୍ କଲୋମ୍ବେସର ୱାଇଭେସ୍-ଦୁ- ମାନୋଇର ଷ୍ଟାଡିୟମରେ ଖେଳାଯିବ।

ହକି ଟୁର୍ଣ୍ଣାମେଣ୍ଟରେ ୧୨ ପୁରୁଷ ଓ ୧୨ଟି ମହିଳା ଦଳ ଅଂଶଗ୍ରହଣ କରିବେ। ୨୭ ତାରିଖରୁ ଭାରତୀୟ ପୁରୁଷ ଦଳ ଅଭିଯାନ ଆରମ୍ଭ କରିବ। ଏଥର କିନ୍ତୁ ଭାରତୀୟ ମହିଳା ହକି ଦଳ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଥିଲା। ରାଞ୍ଚିରେ ଅନୁଷ୍ଠିତ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟରେ ମହିଳା ଦଳ ଶ୍ରେଷ୍ଠ ୩ ସ୍ଥାନରେ ରହିବାରେ ବିଫଳ ହୋଇ ଅଲିମ୍ପିକ୍ସ ଟିକଟ ହାସଲରୁ ବଞ୍ଚିତ ହୋଇଥିଲା।

## ପୁଲ୍ ବି'ରେ ଭାରତ

ପୁରୁଷ ହକିରେ ଭାରତ ପୁଲ ବି'ରେ ସାମିଲ ହୋଇଛି। ପୁଲ ଏ ଓ ବି'ରେ ୬ଟି ଲେଖାଏ ଦଳ ସ୍ଥାନ ପାଇଛନ୍ତି। ଭାରତକୁ ବାଦ୍ ଦେଲେ ପୁଲ ବି'ରେ ବେଲଜିୟମ, ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ ଓ ଆୟର୍ଲାଣ୍ଡ ରହିଛି। ସେହିପରି ପୁଲ୍ ଏ'ରେ ନେଦରଲାଣ୍ଡସ, ସ୍ପେନ୍, ଜର୍ମାନୀ, ଫ୍ରାନ୍ସ, ଗ୍ରେଟ୍ ବ୍ରିଟେନ ଓ ଦକ୍ଷିଣ ଆଫ୍ରିକା ସାମିଲ ରହିଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ ପରସ୍ପରକୁ ଥରେ ଲେଖାଏ ଭେଟିବେ। ପ୍ରତ୍ୟେକ ପୁଲର ଶ୍ରେଷ୍ଠ ୪ଟି ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ଜୁଲାଇ ୨୭ ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ, ୨୯ରେ ଆର୍ଜେଣ୍ଟିନାକୁ, ୩୦ରେ ଆୟର୍ଲାଣ୍ଡକୁ, ଅଗଷ୍ଟ ୧ରେ ବେଲଜିୟମକୁ ଓ ୨ରେ ଅଷ୍ଟ୍ରେଲିଆକୁ ଭେଟିବ।

ଅଲିମ୍ପିକ୍ସର ପଦକ ରାଉଣ୍ଡ ଅଗଷ୍ଟ ୮ରୁ ଆରମ୍ଭ ହେବ ବୋଲି କୁହାଯାଇଛି। ୮ ତାରିଖରେ ହିଁ ଫାଇନାଲ ଓ କାଂସ୍ୟ ପଦକ ପାଇଁ ମ୍ୟାଚ୍ ଖେଳାଯିବ। ଅଗଷ୍ଟ ୪ରେ କ୍ୱାର୍ଟର ଫାଇନାଲ ଖେଳାଯିବ। ସେମିଫାଇନାଲରେ ୬ ତାରିଖରେ ଆୟୋଜନ ହେବ। ଗତ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ବେଲଜିୟମ ପୁରୁଷ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲା।

### ଭାରତୀୟ ହକି ଦଳ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ବିପକ୍ଷ |
|---|---|---|
| ୨୭/୭ | ପ୍ରଥମ | ନ୍ୟୁଜିଲାଣ୍ଡ |
| ୨୯/୭ | ଦ୍ୱିତୀୟ | ଆର୍ଜେଣ୍ଟିନା |
| ୩୦/୭ | ତୃତୀୟ | ଆୟର୍ଲାଣ୍ଡ |
| ୧/୮ | ଚତୁର୍ଥ | ବେଲଜିୟମ |
| ୨/୮ | ପଞ୍ଚମ | ଅଷ୍ଟ୍ରେଲିଆ |

ବିସିସିଆଇ ଭିଜି ଟ୍ରଫି

# ପୂର୍ବାଞ୍ଚଳ ଦଳରେ ଓଡ଼ିଶାରୁ ୯

**ଭୁବନେଶ୍ୱର, ୬ ।୩ (ସମିସ):** ବିସିସିଆଇ ଆନୁକୂଲ୍ୟରେ ଆୟୋଜିତ ବିଶ୍ୱବିଦ୍ୟାଳୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା ଭିଜି ଟ୍ରଫିର ଆଗାମୀ ସଂସ୍କରଣ ଲାଗି ବୁଧବାର ପୂର୍ବାଞ୍ଚଳ ଦଳ ଘୋଷିତ ହୋଇଛି। ଘୋଷିତ ୧୫ ଜଣିଆ ଦଳରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ୯ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟରୁ ୫ଜଣ ଖେଳାଳି ରହିଛନ୍ତି। ଏହି ଖେଳାଳିମାନେ ହେଲେ ମରୋଜୁ ପ୍ରଶାନ୍ତ, ପ୍ରାର୍ଥ ସାରଥୀ ନାୟକ, ନୀତୀଶ ନିରଞ୍ଜନ ସାମନ୍ତରାୟ, ସୂର୍ଯ୍ୟକାନ୍ତ ଭୂତିଆ ଓ ସୁଭାଶିଷ ସାହୁ। ସେହିଭଳି ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସୂଜଲ ସିଂ ଓ ଶ୍ରେଷ୍ଠ ସିଂ ରହିଛନ୍ତି। ରେଭେନ୍‌ଶା ଓ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଜଣେ ଲେଖାଏ ଖେଳାଳି ଏହି ଦଳରେ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଉତ୍କଳର ସୌରଭ ଗୌଡ଼ା ଓ ରେଭେନ୍‌ଶାର ରମଣ ଦାସ। ଅପରପକ୍ଷରେ ଏହି ୧୫ ଜଣିଆ ଦଳରେ ମଗଧ ବିଶ୍ୱବିଦ୍ୟାଳୟରୁ ୨, ବର୍ଦ୍ଧମାନ, ଦିବ୍ରୁଗଡ଼, ଗୌହାଟୀ ଓ ତ୍ରିପୁରା ବିଶ୍ୱବିଦ୍ୟାଳୟରୁ ଜଣେ ଲେଖାଏ ଖେଳାଳି ରହିଛନ୍ତି। କିଟ୍‌ର ମରୋଜୁ ପ୍ରଶାନ୍ତଙ୍କୁ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ଆସାମର ଗୌହାଟୀଠାରେ ମାର୍ଚ୍ଚ ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ସମ୍ମାନଜନକ ଭିଜି ଟ୍ରଫି ଖେଳାଯିବ। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ସାଂସଦ ଅଚ୍ୟୁତ ସାମନ୍ତ ମନୋନୀତ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବିହାରକୁ ୮ ୱିକେଟରେ ହରାଇଲା ଓଡ଼ିଶା

**କଟକ,୬।୩(ସମିସ):** ଝାଡ଼ଖଣ୍ଡର ରାଞ୍ଚିରେ ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଯାଇଛି। ଏଥିରେ ଓଡ଼ିଶା ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ରାଖାଲ କୁମାର ସେଠୀଙ୍କ ନେତୃତ୍ୱାଧିନ ଓଡ଼ିଶା ୮ ୱିକେଟରେ ବିହାରକୁ ହରାଇଛି। ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବିହାର ସମସ୍ତ ୱିକେଟ ହରାଇ ୮୫ ରନ କରିଥିଲା। ୟାକର ୟୁନିସ ସର୍ବାଧିକ ୨୧ ରନ କରିଥିଲେ। ଓଡ଼ିଶା ପକ୍ଷରୁ ରାଜେଶ କୁମାର ପ୍ରଧାନ ଏବଂ ମହମ୍ମଦ ସୋହେଲ ଖାନଙ୍କୁ ୩ଟି ଲେଖାଏ ୱିକେଟ ମିଳିଥିଲା। ଜବାବରେ ୧୧.୨ ଓଭରରେ ଦୁଇ ୱିକେଟ ହରାଇ ଓଡ଼ିଶା ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଓଡ଼ିଶା ପକ୍ଷରୁ ସୋମନାଥ ଦାସ ସର୍ବାଧିକ ୩୩ ରନ, ଭରତ ପଣ୍ଡା ୨୮ ଏବଂ ଦେବେନ୍ଦ୍ର ମେହେର ୧୬ ରନ କରିଥିଲେ। ୩ ରନ ବିନିମୟରେ ୩ ୱିକେଟ ଅକ୍ତିଆର କରିଥିବା ରାଜେଶ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ଗୁଜରାଟ ଜାଏଣ୍ଟ୍ସର ପ୍ରଥମ ବିଜୟ

**ନୂଆଦିଲ୍ଲୀ,୬ ।୩(ଏଜେନ୍ସି):** ଚଳିତ ମହିଳା ପ୍ରିମିଅର୍ ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ଗୁଜରାଟ ଜାଏଣ୍ଟ୍ସ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ବୁଧବାର ଏଠାରେ ଅନୁଷ୍ଠିତ ତ୍ରୟୋଦଶ ମୁକାବିଲାରେ ଗୁଜରାଟ ଜାଏଣ୍ଟ୍ସ ୧୯ ରନରେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ଦୁଇ ଓପନର୍ ବେଥ୍ ମୁନୀ (୫୧ ବଲରେ ଅପରାଜିତ ୮୫ ରନ) ଓ ଲୌରା ୱଲଭର୍ଡ଼ଟ (୪୫ ବଲରେ ୭୬ ରନ)ଙ୍କ ଅର୍ଦ୍ଧଶତକୀୟ ପାଳି ବଳରେ ୫ ୱିକେଟ୍‌ରେ ୧୯୯ ରନର ବିଶାଳ ସ୍କୋର କରିଥିଲା। ପ୍ରଥମ ୱିକେଟ୍ ଭାଗୀଦାରିରେ ଏହି ଦୁଇ ଖେଳାଳି ୧୩ ଓଭରରୁ ୧୪୦ ରନ ସଂଗ୍ରହ କରି ଏକ ଦୃଢ଼ ମୂଳଦୁଆ ପକାଇଥିଲେ। ଜବାବରେ ୨୦୦ ରନର ବିଶାଳ ଲକ୍ଷ୍ୟକୁ ପିଛା କରି ବାଙ୍ଗାଲୋର ୮ ୱିକେଟ୍ ହରାଇ ୧୮୦ ରନ କରିବାକୁ ସମର୍ଥ ହୋଇଥିଲା। ଜର୍ଜିଆ ୱେରହାମ ୪୮, ଅଧିନାୟିକା ସ୍ମୃତି ମନ୍ଧାନା ୨୪, ରିଚା ଘୋଷ ୩୦, ଏଲିସେ ପେରୀ ୨୪ ରନର ଉପଯୋଗୀ ପାଳି ଖେଳିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଗୁଜରାଟ ୫ମ ମ୍ୟାଚରୁ ପ୍ରଥମ ବିଜୟ ସହ ୨ ପଏଣ୍ଟ ପାଇ ଖାତା ଖୋଲିଛି। ସେହିଭଳି ବାଙ୍ଗାଲୋର ୬ଷ୍ଠ ମ୍ୟାଚ୍‌ରୁ ୬ ପଏଣ୍ଟ ପାଇଛି।

# ଦ୍ୱିତୀୟ ଟି-୨୦ରେ ବାଂଲାଦେଶ ବିଜୟୀ

**ସିଲ୍‌ହଟ୍, ୬ ।୩ (ଏଜେନ୍ସି):** ସ୍ଥାନୀୟ ସିଲ୍‌ହଟ୍ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ୨ୟ ଟି-୨୦ ମ୍ୟାଚରେ ଘରୋଇ ବାଂଲାଦେଶ ୮ ୱିକେଟ୍‌ରେ ଶ୍ରୀଲଙ୍କାକୁ ହରାଇଦେଇଛି। ଏଥିସହ ୩ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ୧-୧'ର ବରାବର୍‌ସ୍ଥିତିକୁ ଚାଲିଆସିଛି। ପୂର୍ବରୁ ଅନୁଷ୍ଠିତ ପ୍ରଥମ ମ୍ୟାଚକୁ ଶ୍ରୀଲଙ୍କା ୩ ୱିକେଟ୍‌ରେ ଜିତିଥିଲା। ଫଳରେ ଶନିବାର ଖେଳାଯିବାକୁ ଥିବା ନିର୍ଣ୍ଣାୟକ ୩ୟ ମ୍ୟାଚ୍‌ରେ ବିଜୟୀ ଦଳ ସିରିଜ ହାତେଇବ। ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ଶ୍ରୀଲଙ୍କା ୫ ୱିକେଟ୍‌ରେ ୧୬୫ ରନର ସମ୍ମାନଜନକ ସ୍କୋର କରିପାରିଥିଲା। ଦଳ ପକ୍ଷରୁ କାମିନ୍ଦୁ ମେଣ୍ଡିସ ୩୭, ୱିକେଟ୍‌ରକ୍ଷକ କୁଶଲ ମେଣ୍ଡିସ ୩୬, ଆଞ୍ଜେଲୋ ମାଥ୍ୟୁସ ୩୨*, ଅଧିନାୟକ ଚରିଥ ଆସଲେଙ୍କା ୨୮* ରନ କରିଥିଲେ। ଜବାବରେ ଘରୋଇ ବାଂଲାଦେଶ ନାଜମୁଲ ହୋସେନ ସାଣ୍ଟୋ ୫୩ ରନର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ୧୧ ବଲ୍ ଓ ୮ ୱିକେଟ୍ ବଳକା ଥାଇ ବିଜୟୀ କରାଇଥିଲେ। ତୋହ୍ୱିଦ ହୃଦୟ (୩୨*), ଲିଟନ ଦାସ (୩୬) ଓ ସୌମ୍ୟ ସରକାର (୨୬) ମଧ୍ୟ ଉପଯୋଗୀ ପାଳି ଖେଳିଥିଲେ। ମଥିସ ପତିରାଣା ୨ଟି ୱିକେଟ୍ ନେଇଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ।

● ଏଜି ଆନ୍ତଃ ବିଭାଗୀୟ କ୍ରିକେଟ୍

# ବୁଢ଼ାବଳଙ୍ଗ ଚାମ୍ପିଅନ, ସୁବର୍ଣ୍ଣରେଖା ରନର୍ସଅପ୍



ଟ୍ରଫି ସହ ଚାମ୍ପିଅନ ବୁଢ଼ାବଳଙ୍ଗ ଦଳର ଖେଳାଳିମାନେ

ଭୁବନେଶ୍ୱର, ୬ ।୩ (ସମିସ)

ମହାଲେଖାକାର କାର୍ଯ୍ୟାଳୟ ଅଡିଟ୍ ଓ ଏକାଉଣ୍ଟସ ରିକ୍ରେସନ କ୍ଲବ ଆନୁକୂଲ୍ୟରେ ତିନିଦିନିଆ ଏଜି ଆନ୍ତଃ ବିଭାଗୀୟ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ପୁରୁଣା ଏଜି କଲୋନୀ ଖେଳ ପଡ଼ିଆଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବୁଢ଼ାବଳଙ୍ଗ ଦଳ ଚାମ୍ପିଅନ ହୋଇଛି।

ଏହି ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ପ୍ରମୁଖ ନଦୀ ଅନୁସାରେ ଦଳଗୁଡ଼ିକର ନାମିତ କରାଯାଇଥିଲା। ଫାଇନାଲ ମ୍ୟାଚରେ ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ସାମ୍ନାସାମ୍ନି ହୋଇଥିଲେ। ଏଥିରେ ବୁଢ଼ାବଳଙ୍ଗ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୩ ୱିକେଟ୍ ହରାଇ ୯୮ ରନ ସଂଗ୍ରହ କରିଥିଲା। ଜବାବରେ ସବୁର୍ଣ୍ଣରେଖା ସମସ୍ତ ୱିକେଟ୍ ହରାଇ ୯୧ ରନ କରିବାକୁ ସମର୍ଥ ହୋଇଥିଲା। ଫଳରେ ବୁଢ଼ାବଳଙ୍ଗ ଦଳ ଚାମ୍ପିଅନ ଆଖ୍ୟା ଲାଭ କରିଥିଲା।

ଉଦ୍‌ଯାପନୀ ଉତ୍ସବରେ କଲ୍ୟାଣ ଅଧିକାରୀ ଅଶୋକ ଚନ୍ଦ୍ର ପଣ୍ଡା, ଏଜି ରିକ୍ରେସନ କ୍ଲବର ସାଧାରଣ ସମ୍ପାଦକ ଭି ଆନନ୍ଦ ଭଟ୍ଟ, ଉପମହାଲେଖାକାର ସୁଶ୍ରୀ ତାନ୍ୟା ଆମ୍ବସ୍ତା, ସଚିନ କ୍ରିଷ୍ଣା କୌଶିକ ଓ ବିମଳେଶ କୁମାର ଅତିଥିଭାବେ ଯୋଗଦେଇଥିଲେ ପୁରସ୍କାର ପ୍ରଦାନ କରିଥିଲେ। ସରୋଜ କୁମାର ବାରିକ, ଦୀପ୍ତିରଞ୍ଜନ ଜେନା, ସୁମିତୋଷ ପ୍ରହରାଜ, ଜଗନ୍ନାଥ ଦାସ, ସୌଭାଗ୍ୟ ମହାନ୍ତି, ଶିବନାଥ ମହାପାତ୍ର ଓ ସୁରେଶ ମହାନ୍ତି ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ୫୨ତମ ଜାତୀୟ ମହିଳା ହ୍ୟାଣ୍ଡବଲ୍‌ରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର, ୬ ।୩ (ସମିସ)

ଜାତୀୟ ମହିଳା ହ୍ୟାଣ୍ଡବଲ୍ ପ୍ରତିଯୋଗିତାର ୫୨ତମ ସଂସ୍କରଣ ଉତ୍ତର ପ୍ରଦେଶର ହଥରସ୍‌ଠାରେ ଚଳିତ ମାସ ୭ରୁ ଆରମ୍ଭ ହେବାକୁ ଯାଉଛି। ଏହି ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ୧୮ ଜଣିଆ ଓଡ଼ିଶା ଦଳ ଉତ୍ତର ପ୍ରଦେଶ ଅଭିମୁଖେ ଯାତ୍ରା କରିସାରିଛି। ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ୍ ସଂଘର ସମ୍ପାଦକ ଙ୍ଗ ମାନସ କୁମାର ସିଂ, ସଭାପତି ବିପ୍ଳବ ଚୌଧୁରୀ ଓ କୋଷାଧ୍ୟକ୍ଷ ସିତେନ୍ଦ୍ର ନାଥ ଦାସ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଣୟ କୁମାର ମହାନ୍ତି ପ୍ରଶିକ୍ଷକ ଓ ସାଗରିକା ନନ୍ଦ ମ୍ୟାନେଜର ଭାବେ ଦଳ ସହ ଗସ୍ତ କରିଛନ୍ତି।

**ଓଡ଼ିଶା ଦଳ :** ସ୍ମୃତିରେଖା ରାଉତରାୟ, ସ୍ୱର୍ଣ୍ଣଲତା ପ୍ରଧାନ, ଜୟନ୍ତୀ ବିଶ୍ୱାଳ, ମହାମାୟା ମହାନ୍ତି, ସନ୍ଧ୍ୟାରାଣୀ ଦାସ, ବର୍ଷା ସେଠୀ, ବର୍ଷାରାଣଇ ବେହେରା, ଜ୍ୟୋତି ପାତ୍ର, ଆଦ୍ୟାଶା ଦାସ, ରାଣୀକର୍ଣ୍ଣା ରାଉତ, ପୂଜା ସ୍ୱାଇଁ, ଗୁଡଲି ଶତପଥୀ, ସସ୍ମିତା ପ୍ରଧାନ, ବର୍ଷା ପ୍ରିୟଦର୍ଶିନୀ ବାରିକ, ବିଷ୍ଣୁପ୍ରିୟା ନନ୍ଦ, ମମତା ନାୟକ, ସମୀକ୍ଷା ମଣ୍ଡଳ, ଅସୀମା ଜେଠୀ।



# ନିଖିଳ ଓପନ୍ ସ୍ନୁକର; କ୍ୱାର୍ଟର ଲାଇନ୍‌ଅପ୍ ଚୂଡ଼ାନ୍ତ





**ଭୁବନେଶ୍ୱର, ୬ ।୩ (ସମିସ):** ଏଠାରେ ଚାଲିଥିବା ନିଖିଳ ଓପନ୍ ୬ ରେଡ୍‌ବଲ୍ ସ୍ନୁକାର ଚାମ୍ପିଅନସିପ୍‌ର କ୍ୱାର୍ଟର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ଗୁରୁବାର ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲରେ ସୁବ୍ରତ ଦାସ-ଆକାଶ ମହାପାତ୍ର, ଉଦ୍ଧାସ ମହାପାତ୍ର-କୁନାଲ ଅଗ୍ରୱାଲ, ସିଦ୍ଧାର୍ଥ ସେନ-ଆଶୁତୋଷ ପାଢ଼ୀ, ସୌଭାଗ୍ୟ ବେହେରା-ରାକେଶ ରୋଶନ ପ୍ରଧାନ ସାମ୍ନାସାମ୍ନି ହେବେ। ଏଥିପୂର୍ବରୁ ବୁଧବାର ଖେଳାଯାଇଥିବା ପ୍ରି-କ୍ୱାର୍ଟର ମୁକାବିଲାରେ ସୁବ୍ରତ ଦାସ ୪-୦ ଫ୍ରେମରେ ଚିରଞ୍ଜୀବ ସିଂଙ୍କୁ, ଆକାଶ ୪-୨ରେ ଗୋବିନ୍ଦ ରାଓଙ୍କୁ, ଉଦ୍ଧାସ ୪-୨ରେ ସୁଭାଶିଷ ସେଠୀଙ୍କୁ, କୁନାଲ ୪-୧ରେ ପି. ବିବେକଙ୍କୁ, ଆଶୁତୋଷ ୪-୦ରେ ଆକ୍ରମ ଖାନଙ୍କୁ, ସୌଭାଗ୍ୟ ୪-୦ରେ ଗୋବିନ୍ଦ ଶର୍ମାଙ୍କୁ ଓ ରାକେଶ ରୋଶନ ୪-୨ ଫ୍ରେମରେ ଅମୀୟ ରଞ୍ଜନଙ୍କୁ ହରାଇଛନ୍ତି।

# ସିନ୍ଧୁ, ଶ୍ରୀକାନ୍ତଙ୍କ ବିଜୟ ଅଭିଯାନ

**ପ୍ୟାରିସ୍,୬ ।୩(ଏଜେନ୍ସି):** ଏଠାରେ ଚାଲିଥିବା ଫ୍ରେଞ୍ଚ୍ ଓପନ୍ ସୁପର ୭୫୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ବିଶ୍ୱର ୨୪ ନଂ ଭାରତୀୟ ଖେଳାଳି କିଦାମ୍ବି ଶ୍ରୀକାନ୍ତ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ବୁଧବାର ପ୍ରଥମ ରାଉଣ୍ଡ ମୁକାବିଲାରେ ଶ୍ରୀକାନ୍ତ ବିଶ୍ୱର ୧୪ ନଂ ଖେଳାଳି ଚାଇନିଜ ତାଇପେର ଚୋଉ ତିଏନ ଚେନ୍‌ଙ୍କୁ ୨୧-୧୫, ୨୦-୨୨, ୨୧-୮ରେ ପରାସ୍ତ କରି ବିପର୍ଯ୍ୟୟ ଘଟାଇଛନ୍ତି। ଦୁଇ ଖେଳାଳି ଏପର୍ଯ୍ୟନ୍ତ ପରସ୍ପରକୁ ୭ଥର ଭେଟିଥିବା ବେଳେ ଶ୍ରୀକାନ୍ତ ଏଥିସହ ତୃତୀୟ ବିଜୟ ହାସଲ କରିଛନ୍ତି। ଅନ୍ୟଏକ ମ୍ୟାଚ୍‌ରେ ଚୀନ୍‌ର ଲୁ ଗୁଆଙ୍ଗ ଜୁ ୨୧-୧୭, ୨୧-୧୭ରେ ଭାରତର ଏଚ୍‌ଏସ୍ ପ୍ରଣୟଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ସେହିପରି ମହିଳା ଏକକରେ ପିଭି ସିନ୍ଧୁ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ସିନ୍ଧୁ ୨୦-୨୨, ୨୨-୨୦, ୨୧-୧୯ରେ କାନାଡାର ମାଇକେଲେ ଲିଙ୍କୁ ହରାଇଛନ୍ତି। ମଙ୍ଗଳବାର ପୁରୁଷ ଯୋଡି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଏବଂ ମହିଳା ଯୋଡି ତ୍ରିଶା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ମଧ୍ୟ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଅଗ୍ରଗତି କରିଥିଲେ। ସେହିପରି ପୁରୁଷ ଏକକରେ ଲକ୍ଷ୍ୟ ସେନ୍ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଅଗ୍ରଗତି କରିଥିଲେ।

# ମୁମ୍ବାଇ-ବିଦର୍ଭ ରଣଜୀ ଫାଇନାଲ

ନାଗପୁର,୬ ।୩(ଏଜେନ୍ସି)

● ଡିଫେଣ୍ଡିଂ ଚାମ୍ପିଅନ ମଧ୍ୟପ୍ରଦେଶ ବିଦା

● ଯଶ ରାଠୋର ଶ୍ରେଷ୍ଠ ଖେଳାଳି

ଦେଶର ସର୍ବବୃହତ୍ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫିର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ରବିବାରଠାରୁ ଆରମ୍ଭ ହେବାକୁ ଥିବା ଫାଇନାଲ ମ୍ୟାଚ୍‌ରେ ମୁମ୍ବାଇ ଓ ବିଦର୍ଭ ପରସ୍ପରକୁ ଭେଟିବେ। ଫାଇନାଲ ମ୍ୟାଚ୍ ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ଖେଳାଯିବ। ବୁଧବାର ଶେଷ ହୋଇଥିବା ପ୍ରଥମ ସେମିଫାଇନାଲରେ ବିଦର୍ଭ ୬୨ ରନରେ ଗତଥରର ଚାମ୍ପିଅନ ମଧ୍ୟ ପ୍ରଦେଶକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ସେହିପରି ପୂର୍ବରୁ ମୁମ୍ବାଇ ଦ୍ୱିତୀୟ ସେମିଫାଇନାଲରେ ଦୁଇଥର ଚାମ୍ପିଅନ ତାମିଲନାଡୁକୁ ଗୋଟିଏ ପାଳି ଓ ୭୦ ରନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ପାଳିରେ ୧୪୧ ରନର ଲଢୁଆ ଶତକୀୟ ପାଳି ଖେଳିଥିବା ବିଦର୍ଭ ମଧ୍ୟକ୍ରମ ବ୍ୟାଟର ଯଶ ରାଠୋର ମୁକାବିଲାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏସନ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ସେମିରେ ଟସ୍ ଜିତି ବିଦର୍ଭ ପ୍ରଥମ ପାଳିରେ ୫୬.୪ ଓଭରରେ ୧୭୦ ରନକରି ଅଲଆଉଟ ହୋଇଥିଲା। ଜବାବରେ ମଧ୍ୟପ୍ରଦେଶ ୯୪.୩ ଓଭରରେ ୨୫୨ ରନକରି ଅଲଆଉଟ ହେବା ସହ ୮୨ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ପାଳିରେ ପ୍ରତ୍ୟାବର୍ତ୍ତନ କରି ବିଦର୍ଭ ଦମ୍‌ଦାର ପ୍ରଦର୍ଶନ କରି ମଙ୍ଗଳବାର ଚତୁର୍ଥ ଦିବସରେ ୧୦୧.୩ ଓଭରରେ ୪୦୨ ରନକରି ଆଉଟ ହୋଇଥିଲା। ଫଳରେ ମଧ୍ୟପ୍ରଦେଶ ସମ୍ମୁଖରେ ୩୨୧ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା।



ଫାଇନାଲ୍‌ରେ ପ୍ରବେଶ ପରେ ଉତ୍ସାହିତ ବିଦର୍ଭ ଖେଳାଳି

## ମଧ୍ୟ ପ୍ରଦେଶ ୨୫୮ରେ ଅଲଆଉଟ

ଜବାବରେ ମଧ୍ୟପ୍ରଦେଶ ବୁଧବାର ପଞ୍ଚମ ତଥା ଶେଷ ଦିବସରେ ୮୧.୩ ଓଭରରେ ୨୫୮ ରନକରି ଅଲଆଉଟ ହେବା ସହ ପରାସ୍ତ ହୋଇଥିଲା। ଅସମାପ୍ତ ଦ୍ୱିତୀୟ ପାଳି ସ୍କୋର ୨୨୮/୬ରୁ ଖେଳ ଆରମ୍ଭ କରି ମଧ୍ୟପ୍ରଦେଶ ଅଲଆଉଟ ହୋଇଥିଲା। ଓଭରନାଟ୍ ବ୍ୟାଟର ସାରାଂଶ ଜୈନ ୧୬ରୁ ଖେଳ ଆରମ୍ଭ କରି ୨୫ ରନରେ ଆଉଟ ହୋଇଥିଲେ। ସେହିପରି କୁମାର କାର୍ତ୍ତିକେୟ ଓ ଅନୁଭବ ଅଗ୍ରୱାଲ ଖାତା ଖୋଲିପାରି ନଥିବା ବେଳେ କୁଲୱନ୍ତ ଖେଜ୍ରୋଲିୟା ୧୧ ରନକରି ଆଉଟ ହୋଇଥିଲେ ଓ ଆଭେସ ଖାନ୍ ୮ ରନକରି ଅପରାଜିତ ରହିଥିଲେ। ପୂର୍ବରୁ ଓପନର ଯଶ ଦୁବେ ଦଳ ତରଫରୁ ସର୍ବାଧିକ ୯୪, ହର୍ଷ ଗୱାଲି ୬୭ର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ବୋଲିଂରେ ବିଦର୍ଭ ପାଇଁ ଯଶ ଠାକୁର, ଅକ୍ଷୟ ୱାଖରେ ୩ଟି ଲେଖାଏ, ଆଦିତ୍ୟ ସରୱାତେ ଓ ଆଦିତ୍ୟ ଠାକରେ ଦୁଇଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ବିଦର୍ଭ ପ୍ରଥମ ପାଳିରେ ପଛରେ ପଡିଥିଲେ ମଧ୍ୟ ଦ୍ୱିତୀୟ ପାଳିରେ ଯଶ ରାଠୋରଙ୍କ ଶତକ, ଅମନ ମୋଖାଡ ଓ ଅଧିନାୟକ ଅକ୍ଷୟ ୱାଦେକରଙ୍କ ଅର୍ଦ୍ଧଶତକ ପାଳି ବଳରେ ୪୦୨ ରନର ବିଶାଳ ସ୍କୋର ଛିଡା କରି ପ୍ରତ୍ୟାବର୍ତ୍ତନ କରିଥିଲା। ପ୍ରଥମ ପାଳିରେ ଅଗ୍ରଣୀ ହାସଲ କରିଥିଲେ ମଧ୍ୟ ମଧ୍ୟ ପ୍ରଦେଶ ଏହାର ଫାଇଦା ଉଠାଇପାରି ନଥିଲା। ଦ୍ୱିତୀୟ ପାଳିରେ ମଧ୍ୟ ପ୍ରଦେଶର ଅନୁଭବ ଅଗ୍ରୱାଲ ୫ ୱିକେଟ ସଫଳତା ପାଇଥିଲେ ମଧ୍ୟ ଏହା କାମରେ ଆସି ନଥିଲା। ସେହିପରି ମଧ୍ୟପ୍ରଦେଶ ପାଇଁ ପ୍ରଥମ ପାଳିରେ ଓପନର ହିମାଂଶୁ ମନ୍ତ୍ରୀ ୧୨୬ ରନର ଶତକୀୟ ପାଳି ଖେଳିଥିଲେ।

### ଧର୍ମଶାଳାରେ ପ୍ରଥମ ଦିନରେ ବର୍ଷା ଆଶଙ୍କା

# ଭାରତ-ଇଂଲଣ୍ଡ ଅନ୍ତିମ ଲଢ଼େଇ ଆଜିଠୁ

**ଧର୍ମଶାଳା,୬ ।୩(ଏଜେନ୍ସି)**



ଭାରତ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ଗୁରୁବାରଠାରୁ ୫ମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। ସ୍ଥାନୀୟ ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏସନ (ଏଚ୍‌ପିସିଏ) ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ହାଇପ୍ରୋଫାଇଲ ସିରିଜର ଅନ୍ତିମ ମ୍ୟାଚ୍ ଉପରେ ସାରା ବିଶ୍ୱର ନଜର ରହିଛି। ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ୩-୧ରେ ଅଗ୍ରଣୀ ହୋଇ ଆଗୁଆ ସିରିଜ ହାତେଇ ନେଇସାରିଛି। କିନ୍ତୁ ଭାରତ ବିଜୟ ସହ ଅଧିକ ବ୍ୟବଧାନରେ ସିରିଜ ହାତେଇବା ଲକ୍ଷ୍ୟରେ ରହିଛି। ସେହିପରି ଇଂଲଣ୍ଡ ଏହି ମ୍ୟାଚ୍ ଜିତି ସାନ୍ତ୍ୱନାମୂଳକ ବିଜୟ ସହ ସ୍ୱଦେଶ ଫେରିବା ଲକ୍ଷ୍ୟରେ ରହିଛି। ଭାରତୀୟ ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ପ୍ରତ୍ୟାବର୍ତ୍ତନ କରିବେ। ଚତୁର୍ଥ ଟେଷ୍ଟରେ ତାଙ୍କୁ ବିଶ୍ରାମ ଦିଆଯାଇଥିଲା। ସିରିଜରେ ଏପର୍ଯ୍ୟନ୍ତ ବିଫଳ ରହିଥିବା ମଧ୍ୟକ୍ରମ ବ୍ୟାଟର ରଜତ ପଟିଦାରଙ୍କ ବଦଳରେ ଦେବଦତ୍ତ ପଡିକାଲଙ୍କୁ ପଦାର୍ପଣ କରିବାର ସୁଯୋଗ ଦିଆଯାଇପାରେ। ଗୁରୁବାର ପ୍ରଥମ ଦିବସରେ କ୍ରିକେଟ ପ୍ରଶଂସକଙ୍କ ଲାଗି ଭଲ ଖବର ନାହିଁ। ପ୍ରଥମ ଦିନରେ ୮୨ ପ୍ରତିଶତ ବର୍ଷା ଆଶଙ୍କା ରହିଛି। ତାପମାତ୍ରା ୯ରୁ ୬ ଡିଗ୍ରି ସେଲସିୟସ ରହିପାରେ। ସେହପରି ଘଣ୍ଟାପ୍ରତି ୬ କିଲୋମିଟର ବେଗରେ ପବନ ବହିବ ଓ ଏହା ପ୍ରଥମ ଦିନର ଖେଳକୁ ଯଥେଷ୍ଟ ପ୍ରଭାବିତ କରିବ। ବୋଲିଂ ଓ ବ୍ୟାଟିଂରେ ପ୍ରଦର୍ଶନକୁ ସୁଧାରିବା ନେଇ ଇଂଲଣ୍ଡ ଟିମ୍ ମ୍ୟାନେଜମେଣ୍ଟ ଚନ୍ତିତ ଥିବ। ଏହି ମ୍ୟାଚ୍ ଜିତିଲେ ଭାରତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଅଙ୍କ ସାରଣୀରେ ତା'ର ଶୀର୍ଷ ସ୍ଥାନକୁ ଆହୁରି ଦୃଢ କରିବାକୁ ପ୍ରୟାସ କରିବ। ଫଳରେ କୋହଲା ପାଗରେ ଏହି ମ୍ୟାଚ୍ ରୋମାଞ୍ଚକ ଓ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

**ପଞ୍ଚମ ଟେଷ୍ଟ**
**ମ୍ୟାଚ୍ ଆରମ୍ଭ:** ସକାଳ ୯.୩୦
**ସ୍ଥାନ:** ଏଚ୍‌ପିସିଏ ଷ୍ଟାଡିୟମ, ଧର୍ମଶାଳା
**ସିଧାପ୍ରସାରଣ:** ସ୍ପୋର୍ଟ୍ସ ୧୮ ନେଟ୍‌ୱର୍କ

ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ୩ଟି ମ୍ୟାଚ୍ ଖେଳି ୨.୮୭ ଇକୋନୋମି ରେଟ୍‌ରେ ୧୭ଟି ୱିକେଟ ହାସଲ କରିଛନ୍ତି। ଇଂଲଣ୍ଡ ସ୍ପିନର ଟମ୍ ହର୍ଟଲି ଦଳ ତରଫରୁ ସର୍ବାଧିକ ୨୦ ୱିକେଟ ଓ ଜ୍ୟାକ କ୍ରାଲି ଦଳ ତରଫରୁ ସର୍ବାଧିକ ୩୨୮ ରନ ସଂଗ୍ରହ କରିଛନ୍ତି।

## ପିଚ୍ ଦ୍ରୁତ ବୋଲରଙ୍କୁ ସୁହାଇବ

ଧର୍ମଶାଳାର ଏହି ପିଚ୍‌ରେ ପାରମ୍ପରିକ ଭାବେ ଦ୍ରୁତ ବୋଲରଙ୍କୁ ଅଧିକ ସହାୟତା ମିଳିଥାଏ। ଏଠାରେ ଅନୁଷ୍ଠିତ ୨୦ଟି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଦ୍ରୁତ ବୋଲରଙ୍କୁ ୬୧.୬୯ ପ୍ରତିଶତ ୱିକେଟ ମିଳିଛି। ସ୍ପିନରଙ୍କୁ ମୋଟ୍ ୨୪୮ଟି ୱିକେଟରୁ ମାତ୍ର ୯୫ଟି ୱିକେଟ ମିଳିଛି। ବଲ୍ ସିମ୍ ସହିତ ସୁଇଙ୍ଗ ହେବ। ଏହାର ଅର୍ଥ ହେଲା ଦୁଇ ଦଳ ଜଣେ ଲେଖାଏ ଅତିରିକ୍ତ ଦ୍ରୁତ ବୋଲରଙ୍କୁ ନେଇ ପଡିଆକୁ ଓହ୍ଲାଇବାର ସମ୍ଭାବନା ରହିଛି। ପୂର୍ବରୁ ଧର୍ମଶାଳାରେ ମାତ୍ର ଗୋଟିଏ ଟେଷ୍ଟ ଖେଳାଯାଇଛି। ଏଥିରେ ଭାରତ ବିଜୟୀ ହୋଇଥିଲା। ୨୦୧୭ରେ ଆଜିଙ୍କ୍ୟ ରାହାଣେଙ୍କ ନେତୃତ୍ୱରେ ଭାରତ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା।

**ସମ୍ଭାବ୍ୟ ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଯଶପ୍ରୀତ ବୁମ୍‌ରା (ଉପ-ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଶୁବମାନ ଗିଲ, ରଜତ ପଟିଦାର, ସର୍ଫରାଜ ଖାନ୍, ଧ୍ରୁବ ଜୁରେଲ (ୱିକେଟକିପର), କେଏସ୍ ଭରତ (ୱିକେଟକିପର), ଦେବଦତ୍ତ ପଡିକାଲ, ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ମହମ୍ମଦ ସିରାଜ, ମୁକେଶ କୁମାର ଓ ଆକାଶ ଦୀପ।
**ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶ:** ବେନ୍ ଷ୍ଟୋକ୍ସ (ଅଧିନାୟକ), ଜ୍ୟାକ କ୍ରାଲି, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ୍, ଜନି ବେୟାରଷ୍ଟୋ, ବେନ୍ ଫୋକ୍ସ, ଟମ୍ ହର୍ଟଲି, ମାର୍କ ଉଡ, ଜେମ୍ସ ଆଣ୍ଡରସନ ଓ ସୋଏବ ବସିର।

## ଘରୋଇ ମାଟିରେ ଭାରତ ଆଗରେ

ଭାରତ ଓ ଇଂଲଣ୍ଡ ଏପର୍ଯ୍ୟନ୍ତ ପରସ୍ପରକୁ ୧୩୫ଟି ଟେଷ୍ଟରେ ଭେଟିଛନ୍ତି। ଏଥିରେ ଭାରତ ୩୪ ଓ ଇଂଲଣ୍ଡ ୫୧ଟି ଟେଷ୍ଟରେ ବିଜୟୀ ହୋଇଛି। କିନ୍ତୁ ଘରୋଇ ମାଟିରେ ଭାରତର ରେକର୍ଡ ଅଧିକ ଭଲ ରହିଛି। ଘରୋଇ ମାଟିରେ ଭାରତ ୬୮ଟି ମ୍ୟାଚ୍‌ରେ ଇଂଲଣ୍ଡକୁ ଭେଟିଥିବା ବେଳେ ଏଥିରୁ ୨୫ଟି ଜିତିଛି, ୧୫ଟି ହାରିଛି ଓ ୨୮ଟି ମ୍ୟାଚ୍ ଅମୀମାଂସିତ ରହିଛି।

## ଜୟସ୍ୱାଲ ସର୍ବାଧିକ ରନ୍ ସ୍କୋରର

ସିରିଜରେ ଏପର୍ଯ୍ୟନ୍ତ ଭାରତୀୟ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ସର୍ବାଧିକ ରନ୍ ସ୍କୋରର ବିବେଚିତ ହୋଇଛନ୍ତି। ୪ଟି ମ୍ୟାଚ୍ ଓ ୮ଟି ପାଳିରୁ ସେ ୯୩.୫୭ ହାରରେ ୬୫୫ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ଦୁଇଟି ଦ୍ୱିଶତକ ସାମିଲ ରହିଛି। ସେହିପରି

## ରେକର୍ଡକୁ ଅପେକ୍ଷା

ଏହି ଟେଷ୍ଟ ମ୍ୟାଚ୍‌ରେ ଏକାଧିକ ରେକର୍ଡ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ଇଂଲଣ୍ଡ ଅଭିଜ୍ଞ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଆଉ ଦୁଇ ୱିକେଟ ହାସଲ କଲେ ଟେଷ୍ଟରେ ୭୦୦ ୱିକେଟ ପୂରଣ କରିବେ। ମୁଥିଆ ମୁରଲୀଧରନ (୮୦୦) ଓ ଶେନ୍ ୱାର୍ଣ୍ଣ (୭୦୮)ଙ୍କ ପରେ ତୃତୀୟ ବୋଲର ଓ ବିଶ୍ୱର ପ୍ରଥମ ଦ୍ରୁତ ବୋଲର ଭାବେ ସେ ଏହି ମାଇଲଖୁଣ୍ଟ ଅତିକ୍ରମ କରିବେ। ସେହିପରି ଭାରତୀୟ ସ୍ପିନ୍ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଆଉ ୮ ୱିକେଟ ହାସଲ କଲେ ୩୦୦ ୱିକେଟ ପୂରଣ କରିବେ। ଭାରତର ସପ୍ତମ ବୋଲର ଭାବେ ସେ ୩୦୦ ୱିକେଟ ପୂରଣ କରିବେ। ସେହିପରି ଜୟସ୍ୱାଲ ଆଉ ୨୯ ରନ ସଂଗ୍ରହ କଲେ ଟେଷ୍ଟରେ ୧୦୦୦ ରନ ପୂରଣ କରିବେ। ସେ ଏପର୍ଯ୍ୟନ୍ତ ୮ଟି ମ୍ୟାଚ୍ ଖେଳି ୧୫ଟି ପାଳିରୁ ୯୭୧ ରନ ସଂଗ୍ରହ କରିଛନ୍ତି।

# ୧୦୦ ଟେଷ୍ଟ: ଅଶ୍ୱିନ ୧୪ତମ ଭାରତୀୟ

**ଧର୍ମଶାଳା,୬ ।୩(ଏଜେନ୍ସି)**



ଗୁରୁବାର ଏଠାରେ ୫ମ ଟେଷ୍ଟ ଖେଳି ଭାରତୀୟ ଅଭିଜ୍ଞ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ କ୍ୟାରିୟରର ୧୦୦ତମ ଟେଷ୍ଟ ଖେଳିବେ। ସେ ୧୪ତମ ଭାରତୀୟ ଓ ବିଶ୍ୱର ୭୭ତମ ଖେଳାଳି ଭାବେ ଟେଷ୍ଟ ଖେଳିବାରେ ଶତକ ହାସଲ କରିବେ। ଭାରତର ୯୨ ବର୍ଷର ଟେଷ୍ଟ ଇତିହାସରେ ଅଶ୍ୱିନ ୫ମ ବୋଲର ଭାବେ ୧୦୦ କିମ୍ବା ତା'ଠାରୁ ଅଧିକ ସଂଖ୍ୟାରେ ଟେଷ୍ଟ ଖେଳିବେ। ପୂର୍ବରୁ ଅନିଲ କୁମ୍ବଲେ, କପିଳଦେବ, ଇଶାନ୍ତ ଶର୍ମା ଓ ହରଭଜନ ସିଂ ଏହି ଉପଲବ୍ଧି ହାସଲ କରିଛନ୍ତି। ଅଶ୍ୱିନଙ୍କୁ ବାଦ୍ ଦେଲେ ଇଂଲଣ୍ଡ ଜନି ବେୟାରଷ୍ଟୋ ମଧ୍ୟ ୧୦୦ତମ ଟେଷ୍ଟ ଖେଳିବେ। ସେ ୧୭ତମ ଇଂଲଣ୍ଡ ଖେଳାଳି ଭାବେ ଏହି ମାଇଲ୍‌ଖୁଣ୍ଟ ଛୁଇଁଛନ୍ତି। ଅଶ୍ୱିନ ୯୯ଟି ଟେଷ୍ଟ ଖେଳି ଏପର୍ଯ୍ୟନ୍ତ ୫୦୭ଟି ୱିକେଟ ହାସଲ କରିଛନ୍ତି। ୫୦୦ ୱିକେଟ ନେବାରେ ସେ ଦ୍ୱିତୀୟ ବୋଲର ସାବ୍ୟସ୍ତ ହୋଇଛନ୍ତି। ପୂର୍ବରୁ କିମ୍ବଦନ୍ତୀ ସ୍ପିନର ଅନିଲ କୁମ୍ବଲେ ୧୦୫ ଟେଷ୍ଟ ଖେଳି ୫୦୦ ୱିକେଟ ହାସଲ କରିଥିଲେ। ସବୁଠାରୁ କମ୍ ଟେଷ୍ଟ ଖେଳି ୫୦୦ ୱିକେଟ ନେବାରେ ସେ ଦ୍ୱିତୀୟ ଖେଳାଳି ବିବେଚିତ ହୋଇଛନ୍ତି। ପୂର୍ବରୁ ଶ୍ରୀଲଙ୍କାର ମୁଥିଆ ମୁରଲୀଧରନ ସବୁଠରୁ କମ୍ ଟେଷ୍ଟ (୮୭) ଖେଳି ୫୦୦ ୱିକେଟ ପୂରଣ କରିଥିଲେ।

**୧୦୦ ଟେଷ୍ଟ ଖେଳିବାରେ ଇଂଲଣ୍ଡ ସର୍ବାଗ୍ରେ**

ଟେଷ୍ଟ ଇତିହାସରେ ବିଶ୍ୱରେ ଇଂଲଣ୍ଡର ସର୍ବାଧିକ ଖେଳାଳି ୧୦୦ଟି ଟେଷ୍ଟ ଖେଳିଛନ୍ତି। ଏପର୍ଯ୍ୟନ୍ତ ୧୬ଜଣ ଇଂଲଣ୍ଡ ଖେଳାଳି ଏହି ଉପଲବ୍ଧି ହାସଲ କରିଛନ୍ତି। ଏହି ତାଲିକାରେ ଅଷ୍ଟ୍ରେଲିଆ ଦ୍ୱିତୀୟ, ଭାରତ ତୃତୀୟ, ୱେଷ୍ଟଇଣ୍ଡିଜ ଚତୁର୍ଥ, ଦକ୍ଷିଣ ଆଫ୍ରିକା ୫ମ, ଶ୍ରୀଲଙ୍କା ଷଷ୍ଠ, ପାକିସ୍ତାନ ୭ମ ଓ ନ୍ୟୁଜିଲାଣ୍ଡ ୮ମ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆର ୧୫, ଭାରତର ୧୩, ୱେଷ୍ଟଇଣ୍ଡିଜର ୯, ଦକ୍ଷିଣ ଆଫ୍ରିକାର ୮, ଶ୍ରୀଲଙ୍କାର ୬, ପାକିସ୍ତାନର ୫ ଓ ନ୍ୟୁଜିଲାଣ୍ଡର ୪ ଖେଳାଳି ଏପର୍ଯ୍ୟନ୍ତ ୧୦୦ତମ ଟେଷ୍ଟ ଖେଳିସାରିଛନ୍ତି।

# ପଦକ ବିଜେତାଙ୍କୁ ମିଳିବ ସରକାରୀ ଚାକିରି

**ଖେଲୋ ଇଣ୍ଡିଆ ଗେମ୍ସ**

**ନୂଆଦିଲ୍ଲୀ,୬ ।୩(ଏଜେନ୍ସି):** ଏବେ ଖେଲୋ ଇଣ୍ଡିଆ ଗେମ୍ସ ପଦକ ବିଜେତାଙ୍କୁ ସରକାରୀ ଚାକିରି ମିଳିବ। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଏନେଇ ବୁଧବାର ବଡ଼ ଘୋଷଣା କରିଛନ୍ତି। କ୍ରୀଡ଼ାର ପ୍ରଚାର, ପ୍ରସାର ଓ ଉନ୍ନତି ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି। କ୍ରୀଡାକୁ ଆଗକୁ ବଢାଇବା ପାଇଁ କ୍ୟାରିୟର ଅପସନ ବା ବିକଳ୍ପ ଭାବେ ଗ୍ରହଣ କରିବାକୁ ଏପରି ନିଷ୍ପତ୍ତି ନିଆଯାଇଛି। କ୍ରୀଡ଼ା ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୋଜନାର ହିଁ ଏହା ଅଂଶବିଶେଷ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହା ଖେଲୋ ଇଣ୍ଡିଆ ଗେମ୍ସର ଅନ୍ତର୍ଗତ ଯୁବ, ବିଶ୍ୱବିଦ୍ୟାଳୟ, ପାରା ଓ ଶୀତକାଳୀନ କ୍ରୀଡ଼ାର ପଦକ ବିଜେତାଙ୍କୁ ସରକାରୀ ଚାକିରି ଦେବାରେ ସହାୟ ହେବ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଖେଲୋ ଇଣ୍ଡିଆ କ୍ରୀଡ଼ା ୨୦୧୮ରେ ଆରମ୍ଭ କରାଯାଇଥିଲା। ଦେଶରେ କ୍ରୀଡ଼ା ପ୍ରତିଭା ଚିହ୍ନଟ ଓ ବିକାଶ ପାଇଁ କେନ୍ଦ୍ର ସରକାର ଏହି ବୈପ୍ଳବିକ ପଦକ୍ଷେପ ନେଇଥିଲେ। ଖେଲୋ ଇଣ୍ଡିଆ ଗେମ୍ସ ଯୋଜନାରେ ସରକାର ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ (କେଆଇୱାଇଜି), ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ (କେଆଇୟୁଜି), ଖେଲୋ ଇଣ୍ଡିଆ ୱିଣ୍ଟର ଗେମ୍ସ (କେଆଇଡବ୍ଲ୍ୟୁଜି) ଆୟୋଜନ କରୁଛନ୍ତି। ଚଳିତ ବର୍ଷ ସରକାରଖେଲୋଇଣ୍ଡିଆପାରାଗେମ୍ସରଆରମ୍ଭକରିଛନ୍ତି।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA

# TETRAHEDRON

## RESIDENTIAL COACHING FOR NEET & JEE

TANGI, CUTTACK - 754022, Mob.: 8093064522, 8093064525

## 54 MBBS ADMISSION IN 2023

**Mark 697**
AIR-208
AIIMS DELHI (2021)
SUSHREE SANGITA SAHOO
Mob.: 9810975701

**Mark 680**
AIR-905
AIIMS BBSR (2021)
DEVASIS SAHOO
Mob.: 9861492793

**MENTOR**
**Mr. Tridib Behera**
**Cell : 7008222977**

- 54 MBBS Admission Exclusively
- 9 Students Admitted in SCB MCH, Cuttack
- 13 Students Admitted in MKCG, Berhampur
- 5 Students Admitted in VIMSAR, Burla

**Mark - 675**
ASHIRBAD BISWAL
Roll No. : 3605030545
Mob. : 7846821473
AIIMS, GORAKHPUR (2023)

**Mark - 670**
ANUPAM NAYAK
Roll No. : 3605010259
Mob. : 7205755502
JEE PERCENTILE : 99.0928262
AIIMS, KALYANI (2023)

**Mark - 665**
SATYAJIT NAYAK
Mob. : 8260601336
AIIMS, RAIPUR (2022)

**Mark - 665**
SHAKTI PRASAD
Roll No. : 3605070477
Mob. : 6371842561
SCBMCH, CUTTACK

**Mark - 663**
AVIPSA SWAIN
Roll No. : 3605100832
Mob. : 9437217263
SCBMCH, CUTTACK

**Mark - 661**
BISWAJIT SAMAL
Roll No. : 3605050405
Mob. : 9692697220
SCBMCH, CUTTACK

**Mark - 660**
HIMANSHU S. ROUT
Roll No. : 3605010049
Mob. : 8917466145
SCBMCH, CUTTACK

**Mark - 660**
AMRITANSU JENA
Roll No. : 3605020190
Mob. : 7609987352
SCBMCH, CUTTACK

**Mark - 659**
SOUMYA R. SWAIN
Roll No. : 3605060436
Mob. : 9861085592
SCBMCH, CUTTACK

**Mark - 657**
MONALISA BEURIA
Roll No. : 3605100465
Mob. : 7008893424
SCBMCH, CUTTACK

**Mark - 651**
SRUTILEKHA MISHRA
Roll No. : 3605100705
Mob. : 9437952412
SCBMCH, CUTTACK

**Mark - 650**
SUBHAM SATYAPRAKASH
Roll No. : 3605030163
Mob. : 6372582435
SCBMCH, CUTTACK

**Mark - 645**
ABDUL MATIN KHAN
Roll No. : 3605020326
Mob. : 7325903584
MKCG, BERHAMPUR
FRESHER

**Mark - 620**
JIJNASU PARIDA
Roll No. : 3605030197
Mob. : 9938736055
FMMCH, BALASORE
FRESHER

**Mark - 531**
PRADIP (SC)
Roll No. : 3605020214
Mob. : 6370349510
MKCG, BERHAMPUR
FRESHER

## OUR IIT RESULTS

JANMEJAYA PANDA
Mob. : 8249878451
IIT MADRAS (Mechanical) - 2020

**AIR-3283**
TAPAS BEHERA
Mob. : 8093064525
IIT KHARAGPUR-2022

**AIR-4409**
ADITYA NARAYAN
Mob. : 7606949749
IIT DELHI-2022

**AIR-5446**
BISMAY BIBHOR BEHERA
Mob. : 7077212667
IIT PATNA-2023

ADMISSION FOR SUMMER COURSE *CLOSED*

One Year NEET & JEE Coaching Starts
From 18th & 27th March-2024

**In 2024 we are expecting 100 to 130 MBBS Admission**

*THANKS* ODISHA FOR YOUR TRUST & SUPPORT

## JEE MAIN PHASE -I RESULTS -2024

**99.68 Percentile**
JIJNASU
Mob. : 9938736055

**99.33 Percentile**
KAMALAKANTA
Mob. : 9938258607

**98.86 Percentile**
OMM PRAKASH
Mob. : 9776045460

**98.66 Percentile**
SWAGATIKA
Mob. : 7381845430

**98.48 Percentile**
SANDIP
Mob. : 9438234295

**98.22 Percentile**
BAIRIGANJAN
Mob. : 9114346196

**98.12 Percentile**
PARESH
Mob. : 9861968691

**98.12 Percentile**
JYOTIRANJAN
Mob. : 7605917464

**98.07 Percentile**
SAMIR
Mob. : 9692768097

**98.06 Percentile**
SUBHRANSHU
Mob. : 7683928035

**98.00 Percentile**
RAHUL
Mob. : 8658045383

Tetrahedron Tangi | Tetrahedrongroup | www.tetrahedrontangi.com | tetrahedronjuniorcollege@gmail.com / tetrahedronwomenshss@gmail.com